RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-76 ◆TUESDAY ◆9 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୭୬ ◆ମଙ୍ଗଳବାର ◆୯ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ଝିଅ ପାଇଁ କମେଡି ଫିଲ୍ମ କରିବାକୁ ଚାହୁଁଛନ୍ତି ଆଲିଆ

▶ପୃଷ୍ଠା ୧୧ ଦେଖନ୍ତୁ...

# ନେପାଳ ଅଶାନ୍ତ
# ସେନା ଗୁଳିରେ ୨୦ ମୃତ


## ଓଲି ସରକାର ବିରୋଧୀ ଆନ୍ଦୋଳନ ଉଗ୍ର; ସଂସଦରେ ପଶିଲେ ବିକ୍ଷୋଭକାରୀ

■ **କାଠମାଣ୍ଡୁ, ୮।୯(ଏଜେନ୍ସି):** ନେପାଳରେ ଭୟଙ୍କର ଅଶାନ୍ତି ଦେଖାଦେଇଛି । ଓଲି ସରକାରଙ୍କ ଦୁର୍ନୀତି, ପ୍ରିୟାପ୍ରୀତି ତୋଷଣ ସହିତ ସାମାଜିକ ଗଣମାଧ୍ୟମ ଉପରେ କଟକଣାକୁ ବିରୋଧ କରି ହଜାର ହଜାର ସଂଖ୍ୟାରେ ଯୁବ ଆନ୍ଦୋଳନକାରୀ ଆଜି ରାସ୍ତାକୁ ଓହ୍ଲାଇଛନ୍ତି । ସରକାର ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ସଂସଦ ଆଡ଼କୁ ମାର୍ଚ୍ଚ କରିଛନ୍ତି । ସେମାନଙ୍କୁ ଅଟକାଇବା ଲାଗି ସରକାର ଜାରି କରିଥିବା ନିଷେଧାଜ୍ଞାକୁ ଖାତିର ନକରି ସେମାନେ ସଂସଦ ଭବନ ଆଡ଼କୁ ମାଡ଼ିଯାଇଛନ୍ତି । ଅନେକ ଆନ୍ଦୋଳନକାରୀ ସଂସଦରେ ପଶିଥିବାର ଖବର ମଧ୍ୟ ମିଳିଛି । ପରିସ୍ଥିତି ଅଣାୟତ୍ତ ହେଉଥିବା ଦେଖି ସୁରକ୍ଷା ବାହିନୀ ଗୁଳିମାଡ଼ କରିବାରୁ ୨୦ ଜଣ ଆନ୍ଦୋଳନକାରୀ ପ୍ରାଣ ହରାଇଥିବା ବେଳେ ୨୫୦ରୁ ଅଧିକ ଆହତ ହୋଇଥିବା ଖବର ମିଳିଛି । ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ରାଜଧାନୀ କାଠମାଣ୍ଡୁ ସମେତ ବିଭିନ୍ନ ଅଞ୍ଚଳରେ ସେନା ମୁତୟନ କରାଯାଇଛି । କର୍ଫ୍ୟୁ କଟକଣା ଜାରି କରାଯିବା ସହିତ ଗଣ୍ଡଗୋଳକାରୀଙ୍କୁ ଦେଖିବାମାତ୍ରେ ଗୁଳି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପକ୍ଷରେ ଦେଶରେ ଅଶାନ୍ତି ପାଇଁ ନୈତିକତା ଦୃଷ୍ଟିରୁ ଓଲି ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଛନ୍ତି ଗୃହ ମନ୍ତ୍ରୀ ରମେଶ ଲେଖାକ୍ ।


### ଇସ୍ତଫା ଦେଲେ ଗୃହମନ୍ତ୍ରୀ
### ବିହାରର ୭ ଜିଲ୍ଲା ସୀମା ସିଲ୍

ମିଳିଥିବା ସୂଚନା ଅନୁଯାୟୀ ଦୁର୍ନୀତିକୁ ନେଇ ପ୍ରଧାନମନ୍ତ୍ରୀ କେପି ଓଲିଙ୍କ ସରକାର ବିରୋଧରେ ଦେଶବ୍ୟାପୀ ଭୀଷଣ ଅସନ୍ତୋଷ ପ୍ରକାଶ ପାଇଛି । ସରକାର ଦୁର୍ନୀତି ପ୍ରିୟାପ୍ରୀତି ତୋଷଣରେ ଲିପ୍ତ ରହିଥିବାରୁ ଏହାକୁ ହଟାଇବା ଲାଗି ବିରୋଧୀ ଦଳ ପକ୍ଷରୁ ମଧ୍ୟ ଅଭିଯାନ ଆରମ୍ଭ ହୋଇଛି । ଯୁବଗୋଷ୍ଠୀ ସାମାଜିକ ଗଣମାଧ୍ୟମ ଜରିଆରେ ସରକାର ବିରୋଧରେ ▶ପୃଷ୍ଠା-୭






# ଉପରାଷ୍ଟ୍ରପତି ନିର୍ବାଚନ ଆଜି



## ସିପି ରାଧାକୃଷ୍ଣନ ବନାମ୍ ବି ସୁଦର୍ଶନ ରେଡ୍ଡୀ

■ **ନୂଆଦିଲ୍ଲୀ, ୮।୯(ଏଜେନ୍ସି):** କିଏ ହେବେ ଭାରତର ନୂଆ ଉପରାଷ୍ଟ୍ରପତି? ଏନ୍‌ଡିଏର ସିପି ରାଧାକୃଷ୍ଣନ ନା ଇଣ୍ଡିଆ ବ୍ଲକ୍‌ର ବି ସୁଦର୍ଶନ ରେଡ୍ଡୀ? ଆସନ୍ତାକାଲି ହେବାକୁ ଯାଉଥିବା ଦେଶର ୧୭ତମ ଉପରାଷ୍ଟ୍ରପତି ନିର୍ବାଚନରେ ଏହା ସ୍ପଷ୍ଟ ହୋଇଯିବ । ସଂସଦ ଭବନରେ ମଙ୍ଗଳବାର ସକାଳ ୧୦ଟାରୁ ମତଦାନ ଆରମ୍ଭ ହୋଇ ୫ଟା ପର୍ଯ୍ୟନ୍ତ ଚାଲିବ । ଏହାପରେ ଭୋଟଗଣତି ହେବ ଏବଂ ସନ୍ଧ୍ୟାରେ ହିଁ ଫଳାଫଳ ଘୋଷଣା ହୋଇଯିବ ।

ଲୋକସଭା ଏବଂ ରାଜ୍ୟସଭା ସାଂସଦଙ୍କୁ ନେଇ ଗଠିତ ଇଲେକଟୋରାଲ କଲେଜର ସଦସ୍ୟମାନେ ଉପରାଷ୍ଟ୍ରପତି ନିର୍ବାଚନରେ ଭାଗ ନେବେ । ଏବେ ଲୋକସଭା ଏବଂ ରାଜ୍ୟସଭାର ମୋଟ୍ ସଭ୍ୟସଂଖ୍ୟା ୭୮୧ ଥିବାବେଳେ ଜିତିବା ପାଇଁ ଜଣେ ପ୍ରାର୍ଥୀଙ୍କୁ ୩୯୧ଟି ଭୋଟ୍ ଆବଶ୍ୟକ । ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ପାଖରେ ୪୨୫ ସଭ୍ୟଙ୍କ ସମର୍ଥନ ଥିବାରୁ




ଏହାର ପ୍ରାର୍ଥୀ ରାଧାକୃଷ୍ଣନ ବିଜୟୀ ହେବାର ସମ୍ଭାବନା ଅଧିକ । ୱାଇଏସ୍‌ଆର୍‌ପିର ୧୧ ଜଣ ସାଂସଦ ମଧ୍ୟ ରାଧାକୃଷ୍ଣନଙ୍କୁ ସମର୍ଥନ ଘୋଷଣା କରିଥିବାରୁ ସମର୍ଥକଙ୍କ ସଂଖ୍ୟା ୪୩୬କୁ ବୃଦ୍ଧି ପାଇଛି । ଅନ୍ୟପକ୍ଷରେ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ୍ ସଭ୍ୟସଂଖ୍ୟା ୩୧୨ ରହିଥିବା ବେଳେ ଆପ୍‌ର ୧୨ ଜଣ ସାଂସଦ ସୁଦର୍ଶନ ରେଡୀଙ୍କୁ ସମର୍ଥନ ଘୋଷଣା କରିଛନ୍ତି । ତେଣୁ ବିରୋଧୀ ପ୍ରାର୍ଥୀଙ୍କ ସପକ୍ଷରେ ୩୨୪ ସଭ୍ୟଙ୍କ ସମର୍ଥନ ରହିଛି । ସୁତରାଂ, ସରକାରୀ ମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ଆବଶ୍ୟକତା ଠାରୁ ୪୫ଟି ଅଧିକ ଭୋଟ୍ ଥିବା ବେଳେ ବିରୋଧୀ ପ୍ରାର୍ଥୀଙ୍କ ପାଖରେ ୬୭ଟି ଭୋଟ୍ କମ୍ ରହିଛି । ଏହି ନିର୍ବାଚନରେ ବିଜେଡି ଏବଂ ବିଆରଏସ୍ ମତଦାନରୁ ବିରତ ରହିବେ ବୋଲି ଘୋଷଣା କରିଛନ୍ତି । ସଂସଦରେ ବିଜେଡିର ୭ ଜଣ ଏବଂ ବିଆର୍‌ଏସ୍‌ର ୪ ଜଣ ସଦସ୍ୟ ଅଛନ୍ତି ।

ଉଭୟ ସରକାରୀ ଓ ବିରୋଧୀ ଦଳ ନିର୍ବାଚନ ପୂର୍ବରୁ ମକଡ୍ରିଲ୍ କରିଛନ୍ତି । ଭୋଟ୍ ଯେମିତି ନାକଚ ନ ହୁଏ, ସେଥିଲାଗି ସାଂସଦମାନଙ୍କୁ ତାଲିମ୍ ଦେଇଛନ୍ତି । ୨୦୧୭ରେ ୧୧ଟି ଭୋଟ୍ ନାକଚ ହୋଇଥିବା ବେଳେ ୨୦୨୨ରେ ୧୫ ଏବଂ ୧୯୯୭ରେ ସର୍ବାଧିକ ୪୬ଟି ଭୋଟ୍ ନାକଚ ହୋଇଥିଲା । ଉପରାଷ୍ଟ୍ରପତି ନିର୍ବାଚନରେ ମତଦାନ ପାଇଁ ଦଳମାନଙ୍କ ପକ୍ଷରୁ ହୁଇପ୍ ଜାରି କରାଯିବାର ବ୍ୟବସ୍ଥା ନାହିଁ । ତେଣୁ ମତଦାନ ବେଳେ କ୍ରସ୍‌ଭୋଟିଂ ହେବା ନେଇ ସନ୍ଦେହ ପ୍ରକାଶ ପାଇଛି ।

ସୂଚନାଯୋଗ୍ୟ, ଗତ ଜୁଲାଇ ▶ପୃଷ୍ଠା-୭

**ଉପରାଷ୍ଟ୍ରପତି ନିର୍ବାଚନ** ନବୀନ ନେଲେ ବଡ଼ ନିଷ୍ପତ୍ତି

# ମତଦାନରୁ ବିରତ ରହିବ ବିଜେଡି

■ **ଭୁବନେଶ୍ୱର, ୮।୯ (ସମିସ):** ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନରେ ମତଦାନରୁ ବିରତ ରହିବ ବିଜେଡି । ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ଏପରି ବଡ଼ ନିଷ୍ପତ୍ତି ନେଇଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ବିଜେଡି ସଂସଦୀୟ ଦଳ, ପିଏସି ସଦସ୍ୟ ତଥା ବରିଷ୍ଠ ନେତାଙ୍କ ସହ ଆଲୋଚନା ପରେ ନବୀନ ଏହି ନିଷ୍ପତ୍ତି ନେଇଛନ୍ତି । ବିଜେଡି ରାଜ୍ୟସଭା ସଂସଦୀୟ ଦଳ ନେତା ଡ. ସସ୍ମିତ ପାତ୍ର ସୋମବାର ନୂଆଦିଲ୍ଲୀରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି ।



### ଏନ୍‌ଡିଏ-ଇଣ୍ଡିଆ ମେଣ୍ଟ ଠାରୁ ସମଦୂରତ୍ୱ ନୀତି ବଜାୟ
### ରାଜ୍ୟସ୍ୱାର୍ଥ ଆଗ; ଆବଶ୍ୟକ ହେଲେ ପ୍ରସଙ୍ଗ ଭିତ୍ତିକ ସମର୍ଥନ

ଡ. ପାତ୍ର କହିଛନ୍ତି ଯେ ଦଳର ବରିଷ୍ଠ ନେତା, ପିଏସି ସଦସ୍ୟ ଏବଂ ସାଂସଦମାନଙ୍କ ସହ ବିଚାରବିମର୍ଶ କରିବା ପରେ ଦଳର ସଭାପତି ନବୀନ ପଟ୍ଟନାୟକ ଏହି ନିଷ୍ପତ୍ତି ନେଇଛନ୍ତି । ତେଣୁ ଆସନ୍ତାକାଲି ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡିର ୭ ଜଣ ରାଜ୍ୟସଭା ସାଂସଦ ମତଦାନ କରିବେ ନାହିଁ । ଉଭୟ ଏନ୍‌ଡିଏ ଏବଂ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟଠାରୁ ବିଜେଡି ସମଦୂରତ୍ୱ ରକ୍ଷା କରି ଆସିଛି । ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଆବଶ୍ୟକସ୍ଥଳେ ବିଜେଡି ପ୍ରସଙ୍ଗଭିତ୍ତିକ ସମର୍ଥନ ମଧ୍ୟ ପ୍ରଦାନ କରିଛି । ତେଣୁ ବର୍ତ୍ତମାନ ପରିସ୍ଥିତି ଦୃଷ୍ଟିରୁ ରାଜ୍ୟସ୍ୱାର୍ଥକୁ ଆଗରେ ରଖି ନବୀନ ଏପରି ନିଷ୍ପତ୍ତି ନେଇଛନ୍ତି । ଓଡ଼ିଶାର ବିକାଶ ସହ ରାଜ୍ୟର ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ବିଜୁ ଜନତା ଦଳ ସର୍ବଦା ଚେଷ୍ଟିତ ବୋଲି ।ସେ କହିଛନ୍ତି । ଡ. ପାତ୍ର କହିଛନ୍ତି, ରାଜ୍ୟର ସ୍ୱାର୍ଥ ▶ପୃଷ୍ଠା-୭

# ପରଲୋକରେ ବିଧାୟକ ରାଜେନ୍ଦ୍ର ଢୋଲକିଆ

■ **ନୂଆପଡ଼ା, ୮।୯ (ସମିସ):** ନୂଆପଡ଼ା ବିଧାୟକ ତଥା ବିଜେଡି ନେତା ରାଜେନ୍ଦ୍ର ଢୋଲକିଆ ଆଉ ନାହାନ୍ତି । ୬୯ବର୍ଷ ବୟସରେ ତାଙ୍କର ପରଲୋକ ଘଟିଛି । ସୋମବାର ପୂର୍ବାହ୍ନ ୧୦ଟାରେ ଚେନ୍ନାଇସ୍ଥିତ ଏକ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷନିଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କ ବିୟୋଗରେ ନୂଆପଡ଼ା ଜିଲ୍ଲା ସମେତ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି । ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜଙ୍କ ସମେତ ▶ପୃଷ୍ଠା-୭



### ଆଜି ଚେନ୍ନାଇରୁ ଆସିବ ମରଶରୀର
### ଶୋକ ବ୍ୟକ୍ତକଲେ ମୋହନ, ନବୀନ

### ଆସୁଛି ଆଉ ଏକ ଲଘୁଚାପ

# ୧୧ରୁ ବଢ଼ିବ ବର୍ଷା

■ **ଭୁବନେଶ୍ୱର, ୮।୯ (ସମିସ):** ଆସନ୍ତା ୧୧ ତାରିଖରୁ ରାଜ୍ୟରେ ପୁଣିଥରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବ । ୧୩-୧୪ ତାରିଖ ବେଳକୁ କେନ୍ଦ୍ରୀୟ ତଥା ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ମାତ୍ରାଧିକ ପ୍ରଭାବ ଦକ୍ଷିଣ ଓଡ଼ିଶାରେ ପଡ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି । ୧୧ ତାରିଖରେ ମାଲକାନଗିରି ଓ କୋରାପୁଟରେ ସବୁଠୁ ଅଧିକ ବର୍ଷା ଆଶଙ୍କା ରହିଥିବା ବେଳେ ମୟୂରଭଞ୍ଜ, କେନ୍ଦୁଝର, ରାୟଗଡ଼ା, ଗଜପତି ଓ ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ ।



ଓଡ଼ିଶା ଉପରେ ମୌସୁମୀ ଟ୍ରଫ୍ ସହିତ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ରହିଛି । ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାଜନିତ ସ୍ଥିତି ସୃଷ୍ଟି ହେଉଛି । ଆଜି ପାରଳାଖେମୁଣ୍ଡିରେ ସର୍ବାଧିକ ୫୨ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଦାରିଙ୍ଗବାଡ଼ିରେ ୧୧ମିମି ଓ ଚାନ୍ଦବାଲିରେ ୧୦ ମିମି ବର୍ଷା ରେକର୍ଡ ହୋଇଛି । ଏହି ସ୍ଥିତି ଆଗକୁ ମଧ୍ୟ ଜାରି ▶ପୃଷ୍ଠା-୭

# ‘ଉତ୍କଳ’ ହଷ୍ଟେଲ୍‌ରୁ ବିଦାହେଲେ ଅଣଛାତ୍ର

■ **ଭୁବନେଶ୍ୱର, ୮।୯ (ସମିସ):** ବାଣୀବିହାର ହଷ୍ଟେଲ୍‌କୁ ଅଣଛାତ୍ରମୁକ୍ତ କରିବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଶାସନ ଅଣ୍ଟା ଭିଡ଼ିଛି । କୁଳପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଣଛାତ୍ରଙ୍କ ଦଖଲରେ ଥିବା ୧୬୦ରୁ ଅଧିକ ରୁମ୍‌କୁ ସୋମବାର ଖାଲି କରାଯାଇଛି ।

### ମୁତୟନ ହୋଇଥିଲେ ୭ ପ୍ଲାଟୁନ ପୁଲିସ୍ ଫୋର୍ସ ଓ ୨୦ ଅଫିସର
### ପୁଣି ହଷ୍ଟେଲ୍ ଫେରିଲେ ଅଣଛାତ୍ରଙ୍କୁ ବାନ୍ଧିବ ପୁଲିସ୍

ପ୍ରଥମେ ସର୍ବାଧିକ ପ୍ରଭାବିତ ୩ ନମ୍ବର ବା ଫକୀରମୋହନ ଛାତ୍ରାବାସକୁ ଖାଲି କରାଯାଇଥିବା ବେଳେ ପର୍ଯ୍ୟାୟକ୍ରମେ ୨ନମ୍ବର, ୧ନମ୍ବର ଓ ୫ନମ୍ବର ହଷ୍ଟେଲ୍‌ରୁ ଅଣଛାତ୍ରଙ୍କୁ ଉଚ୍ଛେଦ କରାଯାଇଛି । ବ୍ୟାପକ ପୁଲିସ୍ ଫୋର୍ସ ମୁତୟନ କରି ଜବରଦଖଲ ହୋଇଥିବା ସମସ୍ତ ରୁମ୍‌କୁ ଖାଲି କରାଯାଇଛି । ଆଗକୁ ଅଣଛାତ୍ରଙ୍କ କବ୍‌ଜାରୁ କ୍ୟାମ୍ପସ୍‌କୁ ସମ୍ପୂର୍ଣ୍ଣ ମୁକ୍ତ କରିବା ପାଇଁ ଏକାଧିକ ପଦକ୍ଷେପ ସହ ହଷ୍ଟେଲ୍‌ରେ ସଂସ୍କାର ଆଣିବାକୁ କୁଳପତି ପ୍ରଫେସର୍ ଯଜ୍ଞେଶ୍ୱର ଦଣ୍ଡପାଟ ଗୁରୁତ୍ୱାରୋପ କରିଛନ୍ତି । ଅଣଛାତ୍ରଙ୍କୁ ହଷ୍ଟେଲ୍ ଖାଲି କରିବାକୁ ଏକାଧିକଥର ନୋଟିସ୍ ଦେବା ପରେ ମଧ୍ୟ ସୁଫଳ ନ ମିଳିବାରୁ ସୋମବାର ସକାଳୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ▶ପୃଷ୍ଠା-୭

## ଖାଲି ହେଲା ଜବରଦଖଲ ହୋଇଥିବା ୧୬୦ରୁ ଅଧିକ ରୁମ୍




# ଆଜିଠୁ ଏସିଆ କପ୍ କ୍ରିକେଟ

■ **ଦୁବାଇ,୮।୯ (ଏଜେନ୍ସି):** ଏସିଆ କପ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆସନ୍ତାକାଲି(ମଙ୍ଗଳବାର)ଠାରୁ ୟୁଏଇରେ ଆରମ୍ଭ ହେବ । ସେପ୍ଟେମ୍ବର ୨୮ ତାରିଖ ଯାଏଁ ଦୁବାଇ ଓ ଆବୁଧାବିରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେଇଛନ୍ତି । ଗ୍ରୁପ୍ ଏ’ରେ ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ, ହଂକଂ ଏବଂ ଗ୍ରୁପ୍-ବି’ରେ ଭାରତ, ପାକିସ୍ତାନ, ୟୁଏଇ, ଓମାନ ସ୍ଥାନ ପାଇଛନ୍ତି । ଗ୍ରୁପ୍ ପର୍ଯ୍ୟାୟରେ ଗୋଟିଏ ଦଳ ଅନ୍ୟ ଦଳ ସହ ଥରେ ଲେଖାଏଁ ଖେଳିବ । ପ୍ରତ୍ୟେକ ଗ୍ରୁପ୍‌ରୁ ଦୁଇଟି ଶ୍ରେଷ୍ଠ ଦଳ ସୁପର-୪’କୁ ଯିବେ । ସୁପର-୪ରେ ୪ଟି ଦଳ ଥରେ ଲେଖାଏଁ ଅନ୍ୟ ଦଳ ସହ ଖେଳିବେ । ଏଥିରେ ଶ୍ରେଷ୍ଠ ବିବେଚିତ ଦୁଇ ଦଳ ସେପ୍ଟେମ୍ବର ୨୮ ରେ ଫାଇନାଲ ମ୍ୟାଚ୍ ଖେଳିବେ ।




ଆଫଗାନିସ୍ତାନ ଓ ହଂକଂ ମଧ୍ୟରେ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ । ଭାରତୀୟ ସମୟ ରାତି ୮ଟାରୁ ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କରେ ଟୁର୍ଣ୍ଣାମେଣ୍ଟର ସିଧାପ୍ରସାରଣ ହେବ । ସୋନି ଲାଇଭ୍ ଓ ଜିଓହଟ୍‌ଷ୍ଟାରରେ ମଧ୍ୟ ମ୍ୟାଚ୍‌ର ଲାଇଭ୍ ଷ୍ଟ୍ରିମିଂ ଦେଖିହେବ । ଡିଫେଣ୍ଡିଂ ଚାମ୍ପିଅନ ଭାରତ ପ୍ରଥମେ ୧୦ରେ ୟୁଏଇ, ୧୪ରେ ପାକିସ୍ତାନ ଓ ୧୯ ତାରିଖରେ ଓମାନ ସହ ଖେଳିବ ।

# ‘ଦାଦନ’ ଫାଶରୁ ମୁକୁଳି ପାରୁନି ଗଞ୍ଜାମ

■ **ବ୍ରହ୍ମପୁର, ୮।୯ (ସମିସ):** ପେଟପାଟଣା ପାଇଁ ଗଞ୍ଜାମରୁ ପ୍ରତିଦିନ ଶହଶହ ଶ୍ରମିକ ପଡ଼ୋଶୀ ରାଜ୍ୟମାନଙ୍କୁ ଦାଦନ ଖଟିବାକୁ ଯାଉଛନ୍ତି । ଦୀର୍ଘ ବର୍ଷ ହେଲା, ଗଞ୍ଜାମ ପାଇଁ ଏହା ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଥିବା ବେଳେ ଏହାକୁ ରୋକା ଯାଇପାରୁନାହିଁ । ଗତ ନିର୍ବାଚନ ସମୟରେ ଦାଦନ ରୋକିବା ପାଇଁ ବିଜେପି ନେତାମାନେ ବଡ଼ବଡ଼ ପ୍ରତିଶ୍ରୁତି ଦେଇଥିଲେ । ଦାଦନମୁକ୍ତ ଗଞ୍ଜାମ ଗଠନ ପାଇଁ ଭାଷଣରେ କହି ବୁଲିଥିଲେ । ଖାଲି ସେତିକି ନୁହେଁ; ବିଭିନ୍ନ ସମୟରେ ମନ୍ତ୍ରୀ ଓ ବିଧାୟକମାନେ ଗଞ୍ଜାମକୁ ଦାଦନମୁକ୍ତ କରିବା ସହ ପ୍ରବାସୀ ଶ୍ରମିକଙ୍କ ଦୁଃଖ ଲାଘବ କରିବା ପାଇଁ ଭାଷଣ ମଧ୍ୟ ଦେଉଛନ୍ତି । ହେଲେ, ‘ଦାଦନମୁକ୍ତ ଗଞ୍ଜାମ’ କେବଳ ଭାଷଣ ଓ ପ୍ରତିଶ୍ରୁତି ମଧ୍ୟରେ ରହିଯାଇଥିବା ଅଭିଯୋଗ ହୋଇଛି । ଜିଲ୍ଲାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉ ନ ଥିବାରୁ ଅଧିକରୁ ଅଧିକ ସଂଖ୍ୟାରେ ଲୋକ ଦାଦନ ପାଇଁ ବାହାର ରାଜ୍ୟକୁ ଯାଉଛନ୍ତି । ବିଶେଷକରି ଗଞ୍ଜାମର ଯୁବପିଢ଼ିମାନେ ଅଧିକ ଦାଦନ କଷଣ ▶ପୃଷ୍ଠା-୭



### ଦୁଇ ବର୍ଷରେ ଗଲାଣି ୫୪ରୁ ଅଧିକ ପ୍ରବାସୀ ଶ୍ରମିକଙ୍କ ଜୀବନ
### ଶ୍ରମ ବିଭାଗ ନିକଟରେ ନାହିଁ ପ୍ରବାସୀ ଶ୍ରମିକଙ୍କ ସଠିକ ତଥ୍ୟ

## ହାଇଦ୍ରାବାଦରେ ପୁଣି ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ



■ **ପାତ୍ରପୁର, ୮।୯ (ସମିସ):** ହାଇଦ୍ରାବାଦରେ ପୁଣି ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ, ପାତ୍ରପୁର ବ୍ଲକ୍ ବାଦପୁର ପଞ୍ଚାୟତ ରାଜପୁର ଗ୍ରାମର ବାୟା ଦଳେଇଙ୍କ ପୁଅ ବିଜୟ ଦଳେଇ । ସୂଚନାନୁସାରେ, ବିଜୟ ହାଇଦ୍ରାବାଦର ଏକ ଘରୋଇ କମ୍ପାନୀରେ କାମ କରୁଥିବା ବେଳେ ରବିବାର କମ୍ପାନୀ ବନ୍ଦ ଥିଲା । ବିଜୟ ନିତ୍ୟକର୍ମ ▶ପୃଷ୍ଠା-୭

## କଶ୍ମୀରରେ ଏନ୍‌କାଉଣ୍ଟର, ୨ ଆତଙ୍କବାଦୀ ନିହତ

କୁଲଗାମ୍, ୮।୯ (ଏଜେନ୍ସି): ଜମ୍ମୁ-କଶ୍ମୀର କୁଲଗାମର ଗୁଦ୍ଦାର ଜଙ୍ଗଲରେ ସୋମବାର ସକାଳୁ ସେନା ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଚାଲିଛି। ଏହାକୁ ସେନା 'ଅପରେସନ ଗୁଦ୍ଦାର' ନାମ ଦେଇଛି। ଗୁଳି ବିନିମୟରେ ଲସ୍କର-ଇ-ତୋଏବାର ଦୁଇଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଏଥିରେ ଦୁଇଜଣ ଜେସିଓ ଯବାନ ମଧ୍ୟ ଆହତ ହୋଇଛନ୍ତି। ଆତଙ୍କବାଦୀ ଲୁଚି ରହିଥିବା ସୂଚନା ପାଇବା ପରେ ପୁଲିସ, ସେନାର ୯ଆର୍‌ଆର୍ ଓ ସିଆର୍‌ପିଏଫ୍ ମିଳିତ ଭାବେ ଏହି ଅଞ୍ଚଳରେ ତଲାସୀ ଅଭିଯାନ ଆରମ୍ଭ କରିଥିଲା। ଆତଙ୍କବାଦୀମାନେ ଗୁଳି ଚଳାଇବା ପରେ ସେନା ତରଫରୁ ଜବାବ ଦିଆଯାଇଥିଲା। ନିହତ ହୋଇଥିବା ଜଣେ ଆତଙ୍କବାଦୀର ପରିଚୟ ମିଳିଛି। ସେ ସୋପିୟାନରେ ରହୁଥିବା ଅହମ୍ମଦ ଡାର ବୋଲି ପୁଲିସ କହିଛି। ସେ ଲସ୍କର-ଇ- ତୋଏବା ସହିତ ଜଡିତ ଥିଲା ଓ ୨୦୨୩ରୁ ସକ୍ରିୟ ଥିଲା। ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ସୁରକ୍ଷା ଏଜେନ୍ସି ତରଫରୁ ଜାରି କରାଯାଇଥିବା ୧୪ ଜଣିଆ ତାଲିକାରେ ଅହମ୍ମଦ ଡାର ନାମ ଥିଲା। ଏବେ ମଧ୍ୟ ଗୁଦ୍ଦାର ଜଙ୍ଗଲରେ ୩ରୁ ୪ ଜଣ ଆତଙ୍କବାଦୀ ଲୁଚି ରହିଛନ୍ତି। ଦୁଇପଟୁ ଗୁଳି ବିନିମୟ ଚାଲିଛି। ଅତିରିକ୍ତ ସୁରକ୍ଷାବଳ ସେଠାକୁ ପଠାଯାଇଛି। ସେପଟେ ଜମ୍ମୁର ଆରଏସ୍ ପୁରା ସେକ୍ଟର ନିକଟସ୍ଥ ଅନ୍ତର୍ଜାତୀୟ ସୀମାରେ ଜଣେ ପାକିସ୍ତାନ ଅନୁପ୍ରବେଶକାରୀକୁ ଗିରଫ କରାଯାଇଛି। ସେ ପଞ୍ଜାବର ସିରାଜ ଖାନ୍ ବୋଲି ଜଣାଯାଇଛି। ତାଙ୍କୁ ରବିବାର ଅଟ୍ରି ପୋଷ୍ଟ ନିକଟ୍‌ରେ ଗିରଫ କରାଯାଇଥିଲା। ତା ପାଖରୁ କିଛି ପାକିସ୍ତାନୀ ମୁଦ୍ରା ଜବତ କରାଯାଇଛି।

## ଜେରୁଜେଲମରେ ଆତଙ୍କବାଦୀ ଆକ୍ରମଣ; ୬ ମୃତ

ଜେଲ ଅଭିଭ୍, ୮।୯ (ଏଜେନ୍ସି): ଉତ୍ତର ଜେରୁଜେଲମର ଏକ ବ୍ୟସ୍ତବହୁଳ ଛକରେ ସୋମବାର ଆତଙ୍କବାଦୀ ଆକ୍ରମଣ ହୋଇଛି। କିଛି ଆତଙ୍କବାଦୀ ରାମୋଟ ଜଙ୍କସନ୍‌ରେ ଏକ ବସ୍ ଓ କାର୍ ଉପରକୁ ପ୍ରବଳ ଗୁଳି ବର୍ଷଣ କରିଥିଲେ। ଏଥିରେ ୬ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୬ ଜଣଙ୍କ ସ୍ଥିତି ସଙ୍କଟାପନ୍ନ ରହିଛି। ବସ୍‌ରେ ଯିବାକୁ ଅପେକ୍ଷା କରିଥିବା ଲୋକଙ୍କ ଉପରେ ଆତଙ୍କବାଦୀମାନେ ଗୁଳିବର୍ଷା କରିଥିଲେ ବୋଲି ପୁଲିସ କହିଛି। ଦୁଇଜଣ ଆତଙ୍କବାଦୀ ପୁଲିସ ଗୁଳିରେ ନିହତ ହୋଇଛନ୍ତି। ଶହେରୁ ଊର୍ଦ୍ଧ୍ୱ ଇସ୍ରାଏଲ ସୈନିକ ଘଟଣାସ୍ଥଳରେ ପହଞ୍ଚି ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି। ଏହି ଘଟଣାରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଇସ୍ରାଏଲ ଏକାଧିକ ସ୍ଥାନରେ ଓ ଭିନ୍ନ ଭିନ୍ନ ଶତ୍ରୁଙ୍କ ବିରୋଧରେ ଯୁଦ୍ଧ ଲଢୁଛି ବୋଲି ସେ କହିଛନ୍ତି। ଏହି ଆକ୍ରମଣକୁ ସେ ନିନ୍ଦା କରିଛନ୍ତି।

## ଭାରତ-ବାଂଲା ସୀମାରୁ ୫ କୋଟିର ସୁନା ଜବତ

କୋଲକାତା, ୮।୯ (ଏଜେନ୍ସି): ଭାରତ-ବାଂଲାଦେଶ ସୀମାବର୍ତ୍ତୀ ପଶ୍ଚିମବଙ୍ଗର ନଦିଆ ଜିଲ୍ଲାରୁ ୫ କୋଟି ଟଙ୍କାର ସୁନା ବିସ୍କୁଟ୍ ଜବତ କରାଯାଇଛି। ବର୍ଡର ସିକ୍ୟୁରିଟି ଫୋର୍ସ (ବିଏସ୍‌ଏଫ୍) ଏହି ସୁନା ବିସ୍କୁଟ୍‌ଗୁଡିକ ଜବତ କରିବା ସହ ଜଣେ ଚୋରା ଚାଲାଣକାରୀକୁ ଗିରଫ କରିଛି ବୋଲି ସୋମବାର ଅଧିକାରୀମାନେ ସୂଚନା ଦେଇଛନ୍ତି। ସ୍ୱତନ୍ତ୍ର ସୂଚନା ଆଧାରରେ ବିଏସ୍‌ଏଫ୍‌ର ସାଉଥ ବେଙ୍ଗଲ ଫ୍ରଣ୍ଟିୟର ଶନିବାର ସୁନ୍ଦର ବର୍ଡର ପୋଷ୍ଟ ନିକଟରେ ଏହି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଗିରଫ କରି ତାଙ୍କଠାରୁ ୩୫ଟି ସୁନା ବିସ୍କୁଟ ଜବତ କରିଥିଲା। ଅଭିଯୁକ୍ତର ଘର ଧନତାଲା ଥାନା ଅଞ୍ଚଳର ହରିତାଲାପରା ଗାଁରେ ବୋଲି ପୁଲିସ କହିଛି। ସେ ସୀମା ଆରପଟୁ ସୁନା ଚୋରା ଚାଲାଣ କରିଥାଏ ବୋଲି ସ୍ୱୀକାର କରିଛି। ଅଧିକ ତଦନ୍ତ ହେଲେ ଆହୁରି କିଛି ତଥ୍ୟ ସାମ୍ନାକୁ ଆସିବ ବୋଲି ପୁଲିସ କହିଛି। ଭାରତ- ବାଂଲା ସୀମାରେ ଗତ କିଛି ଦିନ ମଧ୍ୟରେ ତୃତୀୟଥର ପାଇଁ ଏଭଳି ସୁନା ଚୋରା ଚାଲାଣକାରୀକୁ ଗିରଫ କରାଯାଇଛି।

## ସ୍ତ୍ରୀ ସାମ୍ନାରେ ସ୍ୱାମୀଙ୍କୁ ହତ୍ୟା

ଝାନସୀ, ୮।୯ (ଏଜେନ୍ସି): ଝାନସୀରେ ଦିନ ଦ୍ୱିପହରରେ ଏକ ଲୋମହର୍ଷଣକାରୀ ହତ୍ୟାକାଣ୍ଡ ଘଟିଛି। ସୋମବାର ଜଣେ ପତ୍ନୀଙ୍କ ସାମ୍ନାରେ ତାଙ୍କ ପତିଙ୍କୁ ଅତି ନିର୍ମମ ଭାବେ ଗୁଳିକରି ହତ୍ୟା କାରାଯାଇଛି। ସିପରୀ ବଜାର ଥାନା ଅଞ୍ଚଳର ଭୋଜଲା ଗାଁରେ ଏହି ଘଟଣା ଘଟିଛି। ପୂର୍ବତନ ଗାଁ ମୁଖିଆ ଓ ତାଙ୍କ ପରିବାର ଲୋକେ ଚାରୋଟି ଗୁଳିମାରି ଅରବିନ୍ଦ ଯାଦବ ନାମକ ଏହି ବ୍ୟକ୍ତିଙ୍କୁ ହତ୍ୟା କରିଛନ୍ତି। ଅରବିନ୍ଦଙ୍କୁ ବଞ୍ଚାଇବାକୁ ଆସିବାରୁ ସେମାନେ ତାଙ୍କ ପତ୍ନୀଙ୍କୁ ଚାପୁଡା ମାରିବା ସହ ଧକ୍କା ଦେଇ ତଳେ ପକାଇ ଦେଇଥିଲେ। ଉଲ୍ଲେଖଥାଉ କି, ୬ ବର୍ଷ ପୂର୍ବେ ଅରବିନ୍ଦଙ୍କ ସମେତ ଅନ୍ୟ କେତେଜଣ ଲୋକ ଏହି ପୂର୍ବତନ ଗାଁ ମୁଖିଆଙ୍କ ଦାଦାଙ୍କୁ ହତ୍ୟା କରିଥିଲେ।

## ଦୁଷ୍କର୍ମୀକୁ ୨୫ ଲକ୍ଷ ଟଙ୍କା ଦେବେ ମଧ୍ୟପ୍ରଦେଶ ସରକାର

ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ଦୁଷ୍କର୍ମ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ସୋହନ ସିଂକୁ ମଧ୍ୟପ୍ରଦେଶ ସରକାର ଏବେ ୨୫ ଲକ୍ଷ ଟଙ୍କା ପ୍ରଦାନ କରିବେ। ଅଭିଯୁକ୍ତଙ୍କୁ ଅଧିକ ୪ ବର୍ଷ ୭ ମାସ ଜେଲରେ ରଖିବା କାରଣରୁ କ୍ଷତିପୂରଣ ବାବଦକୁ ସୁପ୍ରିମକୋର୍ଟ ସରକାରଙ୍କୁ ଏହି ପରିମାଣର ଅର୍ଥ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସାଗର ଜିଲ୍ଲାରେ ଘଟିଥିବା ଏହି ଘଟଣାରେ ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ ହୋଇଥିଲା। କିନ୍ତୁ ଦଣ୍ଡ ଭୋଗିସାରିବା ସତ୍ତ୍ୱେ ମଧ୍ୟ ତାକୁ ଜେଲ୍‌ରୁ ଖଲାସ କରାଯାଇ ନଥିଲା। ଜେଷ୍ଟିସ ଜେବି ପାର୍ଦିୱାଲା ଓ ଜଷ୍ଟିସ୍ କେ ଭି ବିଶ୍ୱନାଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେବା ସହ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ଏହା ଏକ ଗମ୍ଭୀର ତ୍ରୁଟି ତଥା ପ୍ରଶାସନିକ ବିଫଳତା। ଏହା କଦାପି ସ୍ୱୀକାର ଯୋଗ୍ୟ ନୁହଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଟ୍ରାଏଲ କୋର୍ଟ ସୋହନଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ। କିନ୍ତୁ ଏହାପରେ ହାଇକୋର୍ଟ ଏହି ଦଣ୍ଡକୁ କମ୍ କରି ୭ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ।

## ଏସି ବିସ୍ଫୋରଣ: ଶ୍ୱାସରୁଦ୍ଧ ହୋଇ ଝିଅ ସହ ଦମ୍ପତି ମୃତ



ଫରିଦାବାଦ୍, ୮।୯ (ଏଜେନ୍ସି): ହରିୟାଣା ଫରିଦାବାଦର ଗ୍ରୀନ୍‌ଫିଲ୍ଡ କଲୋନୀରେ ସୋମବାର ଭୋର ୩ଟାରେ ବଡ ଅଘଟଣ ଘଟିଛି। ଏଠାକାର ଏକ ୪ ମହଲା କୋଠାର ପ୍ରଥମ ମହଲାରେ ଏୟାର କଣ୍ଡିସନ (ଏସି)ର କମ୍ପ୍ରେସର ଫାଟି ନିଆଁ ଲାଗିଯାଇଛି। ଏହାର ଧୂଆଁ ଦ୍ୱିତୀୟ ମହଲାରେ ପଶିଥିଲା। ଫଳରେ ସେଠାରେ ରହୁଥିବା ଜଣେ ଦମ୍ପତି ଓ ତାଙ୍କ ଝିଅ ଶ୍ୱାସ ରୁଦ୍ଧ ହୋଇ ମୃତ୍ୟୁବରଣ କରିଛନ୍ତି। ତେବେ ଅନ୍ୟ ପ୍ରକୋଷ୍ଠରେ ଶୋଇଥିବା ପୁଅ ଝରକାରୁ ଡେଇଁ ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ। କିନ୍ତୁ ତାଙ୍କ ଅବସ୍ଥା ଗୁରୁତର ରହିଛି। ସଚିନ, ପତ୍ନୀ ରିଙ୍କୁ କପୁର ଓ ଝିଅ ସୁଜାନ ଜୀବନ ବଞ୍ଚାଇବାକୁ ଛାତ ଉପରକୁ ଯିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଗେଟ୍ ବନ୍ଦ ଥିବାରୁ ସେମାନେ ଛାତ ଉପରକୁ ଯାଇ ପାରିନଥିଲେ। ସଚିନ ଷ୍ଟକ୍ ଟ୍ରେଡିଂରେ କାମ କରୁଥିଲେ।

ନିଆଁ ଲାଗିବା ପରେ ପଡୋଶୀ ଦମକଳକୁ ସୂଚନା ଦେଇଥିଲେ। ଦମକଳ ବାହିନୀ ସେଠାରେ ପହଞ୍ଚିବା ପୂର୍ବରୁ ୩ ଜଣ ପ୍ରାଣ ହରାଇ ସାରିଥିଲେ। ହସ୍ପିଟାଲରେ ଡାକ୍ତର ଏହି ୩ ଜଣଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପୁଲିସ ମୃତଦେହଗୁଡିକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏକ ବଡ଼ ବିସ୍ଫୋରଣ ଶବ୍ଦ ଶୁଣିବା ପରେ ଆମେ ଉଠିପଡ଼ିଥିଲୁ ବୋଲି ପଡୋଶୀମାନେ କହିଛନ୍ତି। ଗତ ୫ ବର୍ଷ ହେବ ଏହି ପରିବାର ଉକ୍ତ କୋଠାରେ ରହୁଥିଲେ। ସଚିନ କିଛିଦିନ ତଳେ ଏସି ଠିକ୍ କରିଥିଲେ ବୋଲି ଜଣେ ପଡୋଶୀ କହିଛନ୍ତି।

## ରାଜନୈତିକ ଲଢେଇ ପାଇଁ କୋର୍ଟକୁ ବ୍ୟବହାର କରନି

ନୂଆଦିଲ୍ଲୀ,୮।୯ (ଏଜେନ୍ସି): ସୁପ୍ରିମକୋର୍ଟ ସୋମବାର ତେଲଙ୍ଗାନା ବିଜେପିକୁ ତୀବ୍ର ସମାଲୋଚନା କରିଛନ୍ତି। ଏହା ସହିତ କଡ଼ା ଚେତାବନୀ ମଧ୍ୟ ଦେଇଛନ୍ତି। ରାଜନୈତିକ ଲଢେଇ ପାଇଁ ସୁପ୍ରିମକୋର୍ଟଙ୍କୁ ବ୍ୟବହାର ନ କରିବା ଉଚିତ ବୋଲି କହିଛନ୍ତି। ସମାଲୋଚନାକୁ ସହିବା ପାଇଁ ନେତା ମୋଟା ଚମଡାର ହେବା ଉଚିତ। ନେତାଙ୍କ ପାଖରେ ସମାଲୋଚନା ସହିବାର ଦକ୍ଷତା ରହିବା ଜରୁରୀ ବୋଲି ପ୍ରଧାନ ବିଚାରପତି ବିଆର ଗଭାଇ, ଜଷ୍ଟିସ ବିନୋଦ ଚନ୍ଦ୍ରନ, ଅଥୁଲ ଏସ ଚନ୍ଦୁରକରଙ୍କ ଖଣ୍ଡପୀଠ କହିଛନ୍ତି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କ ବିରୋଧରେ ଦାଏର ବିଜେପି ନେତାଙ୍କ ଆବେଦନ ଉପରେ ଶୁଣାଣି କରି ସୁପ୍ରିମକୋର୍ଟ ସୋମବାର ଏହି ଟିପ୍ପଣୀ ଦେଇଛନ୍ତି। ୨୦୨୪ ଲୋକସଭା ନିର୍ବାଚନ ପ୍ରଚାର ସମୟରେ ରେଭନ୍ତ କହିଥିଲେ ଯେ ଯଦି ବିଜେପି ୪୦୦ ଆସନ ଜିତେ ତେବେ ସଂରକ୍ଷଣ ସମାପ୍ତ କରିଦେବ। ଏହାକୁ ନେଇ ତେଲଙ୍ଗାନା ବିଜେପି ସାଧାରଣ ସମ୍ପାଦକ ଭେଙ୍କଟେଶ୍ୱରଲୁ ଦାବି କରିଥିଲେ ଯେ ଏହା ଦ୍ୱାରା ଦଳର ଛବି ଖରାପ ହୋଇଛି। ତେଣୁ ସେ ରେଡ୍ଡୀଙ୍କ ବିରୋଧରେ ମାନହାନୀ ମାମଲା ରୁଜୁ କରିଥିଲେ। ତେବେ ପୂର୍ବରୁ ତେଲଙ୍ଗାନା ହାଇକୋର୍ଟ ଏହି ମାମଲାକୁ ଖାରଜ କରିଦେଇଥିଲେ। ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏବେ ସୁପ୍ରିମକୋର୍ଟ ମଧ୍ୟ ଏହି ଆବେଦନକୁ ଖାରଜ କରିଦେଇଛନ୍ତି।

### ବିହାର ଏସ୍‌ଆଇଆର୍‌କୁ ନେଇ ନିର୍ବାଚନ କମିଶନଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

# ଭୋଟର ତାଲିକା ପାଇଁ ଆଧାର ବୈଧ



ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ବିହାରର ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ (ଏସଆଇଆର)କୁ ନେଇ ସୁପ୍ରିମକୋର୍ଟ ସୋମବାର ନିର୍ବାଚନ କମିଶନଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ବାରମ୍ବାର ନିର୍ଦ୍ଦେଶ ଦେବା ସତ୍ତ୍ୱେ ଆଧାର କାର୍ଡକୁ କାହିଁକି ପରିଚୟ ପ୍ରମାଣପତ୍ର ଭାବେ ଗ୍ରହଣ କରୁନାହାଁ ବୋଲି ଇସିଙ୍କୁ ପଚାରିଛନ୍ତି। ଏହାକୁ ତତ୍କାଳ ଜରୁରୀ ପ୍ରମାଣପତ୍ର ଭାବେ ସ୍ୱୀକାର କର ବୋଲି କହିଛନ୍ତି। ଭୋଟର ଯାଞ୍ଚ ପ୍ରକ୍ରିୟାରେ ନୂଆ ନାମ ଯୋଡ଼ିବା କିମ୍ବା ବାଦ୍ ଦେବା ପାଇଁ ଅନ୍ୟ ୧୧ ପ୍ରମାଣପତ୍ର ଭଳି ଆଧାରକୁ ବୈଧ ତାଲିକାରେ ସାମିଲ କରିବାକୁ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ଆଧାର ପରିଚୟର ପ୍ରମାଣପତ୍ର, କିନ୍ତୁ ନାଗରିକତାର ନୁହେଁ। ଆଧାର କାର୍ଡକୁ ନେଇ ଯଦି ଇସିଙ୍କ କିଛି ଆଶଙ୍କା ରହିଛି ତେବେ ତାହାର ଯାଞ୍ଚ କରାନ୍ତୁ। ଭୋଟର ତାଲିକାରେ ବେଆଇନ ପ୍ରବାସୀ ସାମିଲ ହୁଅନ୍ତୁ ବୋଲି କେହି ଚାହୁଁ ନାହାନ୍ତି। କେବଳ ପ୍ରକୃତ ନାଗରିକଙ୍କୁ ହିଁ ଭୋଟ ଦେବାର ଅଧିକାର ମିଳିବ। ଯେଉଁ ଲୋକ ଜାଲ୍ ପ୍ରମାଣପତ୍ର ଆଧାରରେ ଭୋଟର ଥିବା ଦାବି କରୁଛନ୍ତି, ତାଙ୍କୁ ତାଲିକାରୁ ବାଦ୍ ଦିଆଯାଉ ବୋଲି ଖଣ୍ଡପୀଠ କହିଥିଲେ।

ଶୁଣାଣି ସମୟରେ ଇସିଙ୍କ ପକ୍ଷରୁ ବରିଷ୍ଠ ଓକିଲ ରାକେଶ ଦ୍ୱିବେଦୀ କରିଥିବା ଦାବିକୁ ଏଡାଇ ଦେଇଥିଲେ।

**ଆଧାର ପରିଚୟର ପ୍ରମାଣପତ୍ର; ନାଗରିକତାର ନୁହେଁ**

**ଆଧାରର ସଠିକତା ଯାଞ୍ଚ କରିପାରିବେ କମିସନ୍**

ସେ କହିଥିଲେ ଯେ ଏବେ ସୁଦ୍ଧା ୯୯.୬ ପ୍ରତିଶତ ଭୋଟର ନିଜର ପ୍ରମାଣପତ୍ର ଦାଖଲ କରିସାରିଛନ୍ତି। ଏଭଳି ସ୍ଥିତିରେ ଆଧାରକୁ ବୈଧ ପ୍ରମାଣ ଭାବେ ସାମିଲ କରିବାର କୌଣସି କାରଣ ନାହିଁ ବୋଲି କହିଥିଲେ। ସେହିପରି ଜାଲ୍ ଆଧାର ପ୍ରସଙ୍ଗ ଉଲ୍ଲେଖ କରିବାରୁ ଏହାର ଯାଞ୍ଚ କରି ପ୍ରକୃତ ନାଗରିକଙ୍କୁ ତାଲିକାର ସାମିଲ କରାଯାଉ ବୋଲି ସୁପ୍ରିମକୋର୍ଟ କହିଥିଲେ। ଏହା ସହିତ ଆଧାର କାର୍ଡକୁ ନିର୍ବାଚନ ଅଧିକାରୀ ଗ୍ରହଣ କରୁ ନ ଥିବା ଅଭିଯୋଗ ଉପରେ ସର୍ବୋଚ୍ଚ ନ୍ୟାୟାଳୟ ଇସିଙ୍କୁ ଜବାବ ମାଗିଛନ୍ତି। ବିହାର ନିର୍ବାଚନର କିଛି ମାସ ପୂର୍ବରୁ ଚାଲିଥିବା ଏହି ଏସଆଇଆର ପ୍ରକ୍ରିୟାକୁ ବିରୋଧୀ ଦଳଗୁଡିକ ବିରୋଧ କରୁଛନ୍ତି। ଶୁଣାଣି ସମୟରେ ବରିଷ୍ଠ ଓକିଲ କପିଲ ସିବଲ କହିଥିଲେ ଯେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଇସି ଆଧାରକୁ ସ୍ୱୀକାର କରୁନାହାନ୍ତି। ଏବେ ବି ୬୫ ଲକ୍ଷ ଲୋକଙ୍କ ଆଧାରକୁ ସ୍ୱୀକାର କରାଯାଉନି। ୧୧ ପ୍ରମାଣପତ୍ର ମଧ୍ୟରୁ ଗୋଟିଏକୁ ଗ୍ରହଣ କରିବା ପାଇଁ ବିଏଲଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଧାର ସ୍ୱୀକାର କରୁଥିବା ଅଧିକାରୀଙ୍କୁ ଦଣ୍ଡ ଦିଆଯାଉଛି। କାରଣ ଦର୍ଶାଅ ନୋଟିସ ମଧ୍ୟ ଜାରି କରାଯାଉଛି। ଏହା ଉପରେ କୋର୍ଟ ନୋଟିସ ଉପସ୍ଥାପନ କରିବାକୁ କହିଥିଲେ। ତେବେ ଏଭଳି ରିପୋର୍ଟ ଆମ ପାଖରେ ନାହିଁ ବୋଲି ଇସିଙ୍କ ଓକିଲ ଦର୍ଶାଇ ଥିଲେ। ଆସନ୍ତା ୧୫ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

## ଉତ୍ତରାଖଣ୍ଡରେ ପୁଣି ଭୂସ୍ଖଳନ | ହରିଦ୍ୱାର- ଋଷିକେଶ ରେଳପଥ କ୍ଷତିଗ୍ରସ୍ତ



ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ଉତ୍ତର ଭାରତରେ ମୌସୁମୀ ବର୍ଷାର ପ୍ରଭାବ କମିନାହିଁ। ହରିଦ୍ୱାର-ଋଷିକେଶ ରେଳ ରୁଟ୍ ଉପରେ ସୋମବାର ସକାଳେ ଭୂସ୍ଖଳନ ହୋଇଛି। ପାହାଡ଼ ଉପରୁ ବଡ଼ବଡ଼ ପଥର ଖଣ୍ଡ ଖସି ଆସି ରେଳପଥରେ ଥିବା ଲୁହାର ଢ଼ାଞ୍ଚା ଉପରେ ପଡ଼ିଥିଲା। ଫଳରେ ଏହି ରୁଟ୍‌ରେ ରେଳ ଯାତାୟତ ବାଧାପ୍ରାପ୍ତ ହୋଇଛି। କେତୋଟି ଟ୍ରେନ୍ ଟ୍ରାକ୍‌ରେ ଅଟକି ରହିଛି। ରୁଟ୍ ଉପରେ ପଡ଼ିଥିବା ଆବର୍ଜନାକୁ ଟ୍ରକ୍ ମାଧ୍ୟମରେ ଉଠାଯାଉଛି।

ସେପଟେ ରାଜସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଫଳରେ କେତେକ ଅଞ୍ଚଳରେ ବନ୍ୟା ଆସିଛି। ନଦୀ ଓ ନାଳଗୁଡିକରେ ପାଣି ଉଚ୍ଛୁଳୁଛି। ଫଳରେ ରାଜସ୍ଥାନର ୮ଟି ଜିଲ୍ଲା ଯଥା ଉଦୟପୁର, ସଲୁମ୍ବର, ଜାଲୋର, ଡୁଙ୍ଗରପୁର, ସିରୋହି, ବାରମେର, ଜୟସାଲମେର ଓ ବାଲୋତ୍ରାରେ ସ୍କୁଲଗୁଡିକୁ ବନ୍ଦ କରିଦିଆଯାଇଛି। ଉଦୟପୁରରେ ଜାତୀୟ ରାଜପଥରେ ଭୂସ୍ଖଳନ ହୋଇଛି। ସେହିପରି ଇତିହାସର ସବୁଠାରୁ ବଡ଼ ବନ୍ୟାର ସମ୍ମୁଖୀନ ହୋଇଥିବା ପଞ୍ଜାବର ୨୩ଟି ଜିଲ୍ଲାରେ ୨ ହଜାର ଗାଁ ଏବେ ମଧ୍ୟ ଜଳମଗ୍ନ ହୋଇ ରହିଛି। ଏହି ରାଜ୍ୟର ୩ ଲକ୍ଷ ୮୪ ହଜାର ଲୋକ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛନ୍ତି। ୧୨ଟି ଜିଲ୍ଲାରେ ଏପର୍ଯ୍ୟନ୍ତ ୪୬ ଲୋକ ବର୍ଷା ଓ ବନ୍ୟା କାରଣରୁ ମୃତ୍ୟୁବରଣ କରିଛନ୍ତି। ପଞ୍ଜାବରେ ୨୯୬.୪ ମିମି ବର୍ଷା ହୋଇଛି। ଦୀର୍ଘ ୧୨ ଦିନ ପରେ ସୋମବାର ଏହି ରାଜ୍ୟରେ ସ୍କୁଲ କଲେଜ ଖୋଲିଛି।

**ପଞ୍ଜାବରେ ୧୨ ଦିନ ପରେ ଖୋଲିଲା ସ୍କୁଲ, କଲେଜ**

**ହିମାଚଳରେ ୮୨୪ ସଡ଼କ ବନ୍ଦ**

**ତାଜମହଲ ପର୍ଯ୍ୟନ୍ତ ମାଡ଼ିଆସିଲା ଯମୁନା ପାଣି**

ସେହିପରି ଉତ୍ତର ପ୍ରଦେଶରେ ହାଥିନୀ କୁଣ୍ଡ ବ୍ୟାରେଜ୍‌ରେ ପାଣି ଛଡ଼ା ଯିବା ଫଳରେ ମଥୁରା ବୃନ୍ଦାବନରେ ସ୍ଥିତି ବିଗିଡିଯାଇଛି। ରାଧାବଲ୍ଲଭ ମନ୍ଦିରରେ ପାଣି ପଶିଛି। ବାଙ୍କେ ବିହାରୀ ମନ୍ଦିରର ୧୦୦ମି ଦୂରରେ ବନ୍ୟା ଜଳ ପ୍ରବାହିତ ହେଉଛି। ତାଜମହଲ ପର୍ଯ୍ୟନ୍ତ ଯମୁନା ପାଣି ମାଡ଼ି ଆସିଛି। ରାଜ୍ୟରେ ଏପର୍ଯ୍ୟନ୍ତ ୬୪୪.୯ ମିମି ବର୍ଷା ହୋଇଛି। ତେବେ ଏଠାରେ ହାରାହାରି ବର୍ଷା ୬୪୧. ୪ ମିମି ହୋଇଥାଏ। ଅନ୍ୟପଟେ ବର୍ଷା ଓ ଭୂସ୍ଖଳନ କାରଣରୁ ହିମାଚଳ ପ୍ରଦେଶରେ ୨ଟି ଜାତୀୟ ରାଜପଥ ସମେତ ୮୨୪ ସଡ଼କ ବନ୍ଦ ରଖାଯାଇଛି। ଏଥିରୁ ଅଧିକାଂଶ ସଡ଼କ ଗତ ୧୦ ଦିନ ହେବ ବନ୍ଦ ରହିଛି। ରାଜ୍ୟରେ ଏଥର ମୌସୁମୀରେ ସାମାନ୍ୟଠାରୁ ୪୫ ପ୍ରତିଶତ ଅଧିକ ବର୍ଷା ହୋଇଛି। ଗୁଜରାଟର ସାବରମତୀ ନଦୀରେ ବନ୍ୟା ଆସିବା କାରଣରୁ ଖେଡା- ଧୋଲକା ରାଜପଥ ବୁଡିଯାଇଛି। ଉତ୍ତରପ୍ରଦେଶର କାନପୁରରେ ପ୍ରବଳ ବର୍ଷା ହେବା କାରଣରୁ ସଡ଼କ ଉପରେ ପାଣି ବହୁଛି। ଜମ୍ମୁ-କଶ୍ମୀର ଅନନ୍ତନାଗରେ କେନ୍ଦ୍ରୀୟ ଦଳ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିଛନ୍ତି। ପଞ୍ଜାବର ଫାଜିଲକାରୁ ଏନ୍‌ଡିଆରଏଫ୍‌ର ଉଦ୍ଧାରକାରୀ ଦଳ ୨୦୦୦ ଲୋକଙ୍କୁ ଉଦ୍ଧାର କରିଛି। ବିହାରରେ ଆଗାମୀ ୭ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି। ଦିଲ୍ଲୀରେ ଯମୁନାର ଜଳସ୍ତର ଖସିଛି। ଛତିଶଗଡ଼ର ୧୭ରେ ଜିଲ୍ଲରେ ବର୍ଷା ହେବା ନେଇ ସତର୍କତା ଜାରି କରାଯାଇଛି। ଉତ୍ତରପ୍ରଦେଶରେ ଗତ ୨୪ ଘଣ୍ଟାରେ ୭୩ ପ୍ରତିଶତ ବର୍ଷା କମ୍ ହୋଇଛି।

## ୧୯୬୫ ଯୁଦ୍ଧରେ ପାକିସ୍ତାନର ରଣନୈତିକ ପରାଜୟ ହୋଇଥିଲା

ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହାବାଜ ସରିଫ୍ ୧୯୬୫ ଯୁଦ୍ଧରେ ଭାରତକୁ ପାକିସ୍ତାନ କଡ଼ା ଜବାବ ଦେଇଥିଲା ବୋଲି ମନ୍ତବ୍ୟ ଦେବା ପରେ ସାମାଜିକ ଗଣମାଧ୍ୟମ ଏକ୍ସ ତଥା ଟୁଇଟର ଏହାକୁ ଖଣ୍ଡନ କରିଛି। ଶାହାବାଜଙ୍କୁ ଜବାବ ଦେଇ ଏକ୍ସ ତା'ର କମ୍ୟୁନିଟି ପୋଷ୍ଟରେ ଉଲ୍ଲେଖ କରିଛି ଯେ, ୧୯୬୫ରେ ହୋଇଥିବା ଯୁଦ୍ଧରେ ପାକିସ୍ତାନ ଭାରତଠାରୁ ରଣନୈତିକ ଓ ରାଜନୈତିକ ଭାବେ ପରାସ୍ତ ହୋଇଥିଲା। କଶ୍ମୀରରେ ବିଦ୍ରୋହକୁ ଉସକାଇବାକୁ ପାକିସ୍ତାନ ରଣନୈତିକ ପ୍ରୟାସ କରିଥିଲା। କିନ୍ତୁ ଭାରତ ଏହାର କଡ଼ା ଜବାବ ଦେଇଥିଲା ଓ ଶେଷରେ ପାକସ୍ତାନକୁ ତା'ର ରଣନୀତି ବଦଳାଇବାକୁ ପଡ଼ିଥିଲା। ପାକିସ୍ତାନ ଶାନ୍ତି ଚାହୁଁଥିବା ବେଳେ ଭାରତ ଆମକୁ ଉସୁକାଉଛି ବୋଲି ଶାହାବାଜ କହିଥିଲେ। ୧୯୬୫ ଯୁଦ୍ଧକୁ ଦ୍ୱିତୀୟ କଶ୍ମୀର ଯୁଦ୍ଧ ବୋଲି କୁହାଯାଇଥାଏ। ଏହା କଶ୍ମୀରର ବିବାଦୀୟ ଅଞ୍ଚଳକୁ ନେଇ ସଞ୍ଚାଳନ ହୋଇଥିଲା। ଏହି ଯୁଦ୍ଧ ଅଗଷ୍ଟ ୧ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୨୩ ପର୍ଯ୍ୟନ୍ତ ଚାଲିଥିଲା।

### ଗୃହପାଳିତ ପଶୁଙ୍କ ଚୋରାଚାଲାଣ ବଢୁଛି

## ମୁମ୍ବାଇ ବିମାନବନ୍ଦର ଦେଇ ସର୍ବାଧିକ ଚାଲାଣ

ମୁମ୍ବାଇ, ୮।୯ (ଏଜେନ୍ସି): ଭାରତରେ ବିଦେଶୀ ଗୃହପାଳିତ ପଶୁଙ୍କ ଚାହିଦା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଏଗୁଡିକ ମଧ୍ୟରେ ବିଦେଶୀ ପ୍ରଜାତିର କୁକୁର ଏବଂ ଅନ୍ୟ ପଶୁ ସାମିଲ ଅଛନ୍ତି। ଏହି ଚାହିଦା ଯୋଗୁଁ ଚୋରା ଚାଲାଣ ହୁ ହୁ ହୋଇ ବଢ଼ି ଚାଲିଛି। ଏହା ସହିତ ସଂକ୍ରମଣ ବିପଦ ମଧ୍ୟ ବୃଦ୍ଧି ପାଉଛି। ଗତ ୫ ବର୍ଷରେ ଜୀବିତ ପଶୁପକ୍ଷୀଙ୍କ ଆମଦାନୀ ଚାରି ଗୁଣ ବୃଦ୍ଧି ପାଇ ୪୫ ହଜାରରୁ ଅଧିକ ହୋଇଛି। ଏହା ସତ୍ତ୍ୱେ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ ହେଉନି ଏବଂ ଯାଞ୍ଚ କରାଯାଉ ନାହିଁ। ସରକାର ମଧ୍ୟ ଏଥିପାଇଁ ଉତ୍ତରଦାୟିତ୍ୱ ଧାର୍ଯ୍ୟ କରୁନାହାନ୍ତି। ଗତ ଜୁଲାଇରେ ଜଣେ ପଶୁ ଅଧିକାର କର୍ମୀ ମୁମ୍ବାଇ ବିମାନବନ୍ଦରକୁ ଏହି ଚୋଚାଚାଲାଣର କେନ୍ଦ୍ର ଭାବେ ଅଭିହତ କରିଥିଲେ। ଏ ନେଇ ମହାରାଷ୍ଟ୍ର ସରକାରଙ୍କୁ କାର୍ଯ୍ୟାନୁଷ୍ଠାନ ନେବାକୁ ନିବେଦନ କରିଥିଲେ। ଏହା ପରେ ଅଗଷ୍ଟରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ନିର୍ଦ୍ଦେଶ ଜାରି କରିଥିଲା। ଏବେ ବିମାନରେ କୌଣସି ଅଘୋଷିତ ଜୀବିତ ପଶୁ ମିଳିଲେ ତାହାକୁ ତୁରନ୍ତ ଆସିଥିବା ଦେଶକୁ ପଠାଇ ଦିଆଯିବ। ଏୟାରଲାଇନ ହିଁ ଏହାର ଦାୟିତ୍ୱ ନେବ। ଏହା ସହିତ କର୍ମଚାରୀଙ୍କୁ ଚିହ୍ନଟ ଏବଂ କାଗଜପତ୍ର ଯାଞ୍ଚର ପ୍ରଶିକ୍ଷଣ ଦେବା ମଧ୍ୟ ବାଧ୍ୟତାମୂଳକ କରିଦିଆଯାଇଛି। ସୂଚନା ଅନୁଯାୟୀ ୨୦୨୦-୨୧ରେ ୩,୧୯୮, ୨୦୨୧-୨୨ରେ ୪, ୩୩୬, ୨୦୨୨-୨୩ରେ ୪, ୭୨୫, ୨୦୨୩-୨୪ରେ ୭, ୭୩୩, ୨୦୨୪-୨୫ରେ ୧୫, ୭୯୪ ଏବଂ ୨୦୨୫ରେ ୯, ୩୧୦ ପଶୁପକ୍ଷୀ ଆମଦାନୀ ହୋଇଛି। ବିଦେଶୀରୁ ଆସୁଥିବା ପଶୁଙ୍କ ମଧ୍ୟରେ କୁକୁର, ବିଲେଇ, ମକାଓ ଏବଂ ଆଫ୍ରିକା ଶୁଆ, ବିରଳ ପ୍ରଜାତିର ପକ୍ଷୀ, ଏଣ୍ଡୁଅ, ସାପ ଏବଂ ରଙ୍ଗବେରଙ୍ଗର ମାଛ ଭାରତ ଅଣାଯାଉଛି।

## ଜମ୍ମୁ-କଶ୍ମୀର ଆପ୍ ବିଧାୟକ ଗିରଫ

ଜମ୍ମୁ, ୮।୯ (ଏଜେନ୍ସି):ଜମ୍ମୁ-କଶ୍ମୀରରେ ଆମ ଆଦମୀ ପାର୍ଟି (ଆପ୍)ର ଏକମାତ୍ର ବିଧାୟକ ମେହରାଜ ମଲିକ (୩୭)ଙ୍କୁ ସୋମବାର ଗିରଫ କରାଯାଇଛି। ଡୋଡା ଜିଲ୍ଲାରେ ଆଇନ ଶୃଙ୍ଖଳାକୁ ପ୍ରଭାବିତ କରିଥିବା ଅଭିଯୋଗରେ ଜନ ସୁରକ୍ଷା ଆଇନ (ପିଏସଏ) ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ପ୍ରଥମ ଥର ପାଇଁ ଜଣେ କାର୍ଯ୍ୟରତ ବିଧାୟକଙ୍କୁ ପିଏସଏ ଅଧିନରେ ଗିରଫ କରାଯାଇଛି। ବିନା ଦଫା କିମ୍ବା ଟ୍ରାଏଲ ଜଣେ ବ୍ୟକ୍ତିଙ୍କୁ ୨ ବର୍ଷ ପର୍ଯ୍ୟନ୍ତ ହେପାଜତରେ ରଖିବାକୁ ଏହି ଆଇନ ଅନୁମତି ଦେଉଛି। ସୂଚନା ଅନୁଯାୟୀ ଦିନକ ତଳେ ଡୋଡା ଡିସିଙ୍କ ବିରୋଧରେ ମଲିକ ଆପତ୍ତିଜନକ ଟିପ୍ପଣୀ ଦେଇ ଅଭଦ୍ର ଭାଷାରେ ଗାଳି କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ଜଣେ ବ୍ୟକ୍ତି ଭଡ଼ା ବାବଦ ଅର୍ଥ ଦେଇ ନ ଥିବା ଅଭିଯୋଗ କରି ସେ ଏପରି କରିଥିଲେ। ମାତ୍ର ଏହାକୁ ବିରୋଧ କରି ସରକାରୀ କର୍ମଚାରୀମାନେ ବିକ୍ଷୋଭ କରିଥିଲେ।

## ରାହୁଲ ଗାନ୍ଧୀଙ୍କ ଓକିଲଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ମାନହାନୀ ମାମଲାରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଓକିଲ ଥିବା ଫିରୋଜ ପଠାନ ଆତ୍ମହତ୍ୟା କରିଛନ୍ତି। ସେ କିଛି ଦିନ ହେଲା ଅବସାଦଗ୍ରସ୍ତ ଥିଲେ। ସେ ଗତ ଚାରି ତାରିଖରେ ପ୍ରଥମେ ନିଜ ଜୁନିଅରଙ୍କୁ ଫୋନ୍ କରିଥିଲେ ଏବଂ ପରେ ତାପି ନଦୀକୁ ଡେଇଁ ଜୀବନ ହରାଇ ଥିଲେ। ମାରୋଲି ଥାନା ଇନ୍ସପେକ୍ଟର ଧର୍ମେଶ ପଟେଲ ଏହି ସୂଚନା ଦେଇଛନ୍ତି। ସେ ଗୁଜୁରାଟ ନବସାରି ଜିଲ୍ଲାର ମାରୋଲି ଥାନା ଅଞ୍ଚଳରେ ରହୁଥିଲେ। ବିଜେପି ବିଧାୟକ ପୂର୍ଣ୍ଣେଶ ମୋଦୀଙ୍କ ଅଭିଯୋଗ ପରେ ଗାନ୍ଧୀଙ୍କ ବିରୋଧରେ ରୁଜୁ ହୋଇଥିବା ମାନହାନୀ ମାମଲାରେ ପ୍ରତିନିଧିତ୍ୱ କରୁଥିବା କଂଗ୍ରେସର ଆଇନଗତ ଦଳର ସେ ସଦସ୍ୟ ଥିଲେ। ସୂତ୍ର ଅନୁଯାୟୀ ଘଟଣାସ୍ଥଳରୁ ପଠାନଙ୍କ କୌଣସି ସୁଇସାଇଡ ନୋଟ ମିଳିନାହିଁ।

## ଭାରତ ଗଠନ କରିବ 'ସ୍ପେସିଆଲ ଫୋର୍ସ'

ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ଆମେରିକା, ରୁଷ୍ ଏବଂ ଇସ୍ରାଏଲ ଭଳି ଭାରତୀୟ ସେନା 'ସ୍ପେସିଆଲ ଫୋର୍ସ' ଗଠନ କରିବାକୁ ଯାଉଛି। ଏଥିପାଇଁ ଏଲିଟ କମାଣ୍ଡୋ ଫୋର୍ସର ଯୁଗ୍ମ ଯୁଦ୍ଧ ସିଦ୍ଧାନ୍ତ ପ୍ରସ୍ତୁତ କରାଯାଇଛି। ଏହା ସେନାର ସ୍ପେସିଆଲ ଫୋର୍ସ, ବାୟୁସେନାର ଗରୁଡ କମାଣ୍ଡୋ ଫୋର୍ସ ଏବଂ ନୌସେନାର ମାର୍କୋସ କମାଣ୍ଡୋଙ୍କ ପାଇଁ ପ୍ରସ୍ତୁତ ହୋଇଛି। 'ଅପରେସନ ସିନ୍ଦୂର' ପରେ ତିନି ସେନାର ଏଲିଟ ଫୋର୍ସ ଗଠନ ନେଇ ଆଭିମୁଖ୍ୟ ସ୍ପଷ୍ଟ କରାଯାଇଥିଲା। ଏହି ଯୁଦ୍ଧ ସିଦ୍ଧାନ୍ତରେ ଶତ୍ରୁ ଦେଶ ପଠାଇଥିବା ଆତଙ୍କବାଦୀ, ଭାରତ ବିରୋଧୀ କାର୍ଯ୍ୟାନୁଷ୍ଠାନର ମୁକାବିଲା, ଯୁଦ୍ଧ ସ୍ଥିତିରେ କମାଣ୍ଡୋ କି ପଦକ୍ଷେପ ନେବ, ଏହାର ଭୂମିକା କ'ଣ ରହିବ ତାହା ସ୍ପଷ୍ଟ କରାଯାଇଛି। ଶତ୍ରୁ ଦେଶରେ ପଶି ଲକ୍ଷ୍ୟ ହାସଲ କ୍ଷମତା ବିକଶିତ କରିବା ଏହି ସ୍ପେସିଆଲ କମାଣ୍ଡୋର ଉଦ୍ଦେଶ୍ୟ। ଏହା ସହିତ ଶତ୍ରୁର ଗୁରୁତ୍ୱପୂର୍ଣ୍ଣ ଠିକଣାରେ ଆକ୍ରମଣ କରି ଅର୍ଥବ୍ୟବସ୍ଥାକୁ ଧ୍ୱସ୍ତ ଏବଂ ଯୁଦ୍ଧ କ୍ଷମତାକୁ ହ୍ରାସ କରିବ।

ସକାଳ
THE SAKALA



# ଆରମ୍ଭ ହେଲା ପିତୃପକ୍ଷ



ପୁରୀ,୮।୯ (ସମିସ): ସୋମବାରଠାରୁ ଆରମ୍ଭ ହୋଇଛି ପିତୃପକ୍ଷ। ଏହା ୧୫ଦିନ ଅର୍ଥାତ୍ ମହାଳୟା ପର୍ଯ୍ୟନ୍ତ ଚାଲିବ। ପିତୃପକ୍ଷରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଓ ପିଣ୍ଡଦାନ କରାଯାଇଥାଏ। ଏଥିଲାଗି ଶ୍ରୀକ୍ଷେତ୍ରରେ ଅନେକ ଶ୍ରଦ୍ଧାଳୁ ବିଭିନ୍ନ ତୀର୍ଥ ପୁଷ୍କରିଣୀ ଏବଂ ମହୋଦଧିରେ ତିଳତର୍ପଣ ଏବଂ ପିଣ୍ଡଦାନ କରିଛନ୍ତି। ପିତୃପକ୍ଷର ପ୍ରଥମ ଦିନରେ ତୀର୍ଥରାଜ ମହୋଦଧି, ଶ୍ୱେତଗଙ୍ଗା, ମାର୍କଣ୍ଡ, ଇନ୍ଦ୍ରଦ୍ୟୁମ୍ନ ଓ ନରେନ୍ଦ୍ର ପୁଷ୍କରିଣୀରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଦେଖିବାକୁ ମିଳିଛି। ସେମାନେ ସ୍ନାନ କରି ତିଳତର୍ପଣ କରିଛନ୍ତି। ଧାର୍ମିକ ଗ୍ରନ୍ଥ ଅନୁସାରେ ପାରିବାରିକ କଲ୍ୟାଣ ଏବଂ ପିତୃପୁରୁଷଙ୍କ ଆତ୍ମାଶାନ୍ତି ପାଇଁ ପିତୃପକ୍ଷରେ ଶ୍ରାଦ୍ଧ କର୍ମ କରିବା ଉଚିତ। ବିଧିପୂର୍ବକ ଶ୍ରାଦ୍ଧ କଲେ ପିତୃପୁରୁଷ ଆଶୀର୍ବାଦ କରିଥା'ନ୍ତି। ବିଶ୍ୱାସ ରହିଛି, ଏହି ପକ୍ଷରେ ପିତୃଗଣ କୌଣସି ନା କୌଣସି ରୂପରେ ଆମ୍ଭମାନଙ୍କ ପାଖକୁ ଆସନ୍ତି ଏବଂ ଆଶୀର୍ବାଦ ପ୍ରଦାନ କରିଥା'ନ୍ତି। ଏହି ପିତୃପୁରୁଷଙ୍କୁ ଦୀପାବଳି ଅମାବାସ୍ୟା ଦିନ ଅନ୍ଧାରରେ ଆସି ଆଲୁଅରେ ଯାଅ ବୋଲି କୁହାଯାଇ ବିଦାୟ ଦିଆଯାଏ।

ଭାଦ୍ରବ ପୂର୍ଣ୍ଣିମାରୁ ପିତୃପକ୍ଷ ଆରମ୍ଭ ହୋଇ ଆଶ୍ୱିନ ମାସ ଅମାବାସ୍ୟା ପର୍ଯ୍ୟନ୍ତ ଚାଲିବ। ଏହାକୁ ଅପରପକ୍ଷ ମଧ୍ୟ କୁହାଯାଏ। ଏହି ୧୫ ଦିନ ପର୍ଯ୍ୟନ୍ତ ପିତୃପକ୍ଷଙ୍କୁ ସନ୍ତୁଷ୍ଟ କରିବା ପାଇଁ ପ୍ରୟାସ କରାଯାଇଥାଏ। ବିଶ୍ୱାସ ରହିଛି, ଏହି ସମୟରେ ସମସ୍ତ ପିତୃପୁରୁଷ ଶ୍ରାଦ୍ଧ, ପିଣ୍ଡଦାନକୁ ଅପେକ୍ଷା କରିଥା'ନ୍ତି। ଏଣୁ ଶ୍ରଦ୍ଧାର ସହ ଏହି ସମୟରେ ରୀତିନୀତି ଅନୁସାରେ ଶ୍ରାଦ୍ଧ କରାଯାଇଥାଏ। ପିତୃପୁରୁଷମାନେ ସେମାନଙ୍କ ବଂଶଧରମାନଙ୍କ ଦ୍ୱାରା କରାଯାଇଥିବା ତର୍ପଣ, ଶ୍ରାଦ୍ଧ ଏବଂ ପିଣ୍ଡଦାନ ଇତ୍ୟାଦିରେ ସନ୍ତୁଷ୍ଟ ହୋଇ ବଂଶବୃଦ୍ଧି, ସୁଖ ଏବଂ ସମୃଦ୍ଧତା ପାଇଁ ଆଶୀର୍ବାଦ କରିଥା'ନ୍ତି। ଏହି ଅପରପକ୍ଷ ବା ପିତୃପକ୍ଷ ସମୟରେ ଅନେକ ନିୟମ ନିଷ୍ଠା ରହିଛି। ପିତୃପକ୍ଷରେ ଖିଅର ହେବା ସମ୍ପୂର୍ଣ୍ଣ ନିଷିଦ୍ଧ ରହିଥିବା ବେଳେ ଏହି ସମୟରେ ନଖ ମଧ କଟାଯିବା ବାରଣ ରହିଛି। ଏପରିକି, ଅପର ପାଗରେ ଅର୍ଥାତ୍ ବାହାରେ ଭୋଜନ କରିବା ସମ୍ପୂର୍ଣ୍ଣ ନିଷିଦ୍ଧ ଅଟେ। ସେହିପରି ତିଳତର୍ପଣ, ଶ୍ରାଦ୍ଧ ଓ ପିଣ୍ଡଦାନ କରିବା ସମୟରେ ସମ୍ପୂର୍ଣ୍ଣ ଶୁଦ୍ଧପୁତ ଭାବେ ରହିବାର ବିଧି ମଧ୍ୟ ରହିଛି।

# ଜଳପ୍ରପାତରେ ବୁଡ଼ି ଯୁବକ ନିଖୋଜ

କେନ୍ଦୁଝର/ଘଟଗାଁ, ୮।୯ (ସମିସ): କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅଧୀନ ଗୁଣ୍ଡିଚାଘାଗି ଜଳପ୍ରପାତରେ ବୁଡ଼ି ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକଜଣଙ୍କ ହେଲେ, ବାଲେଶ୍ୱର ଜିଲ୍ଲା ସୋର ଥାନା ଅନ୍ତର୍ଗତ ବର୍ଦ୍ଧନା ଗ୍ରାମର ଦେବେଶ ବେହେରା। ଦେବେଶ ଆଜି ସପରିବାର ଘଟଗାଁ ମା' ତାରିଣୀଙ୍କ ପୀଠକୁ ଆସିଥିଲେ। ସେଠାରେ ମା'ଙ୍କୁ ଦର୍ଶନ କରିବା ପରେ ଘଟଗାଁ ନିକଟସ୍ଥ ଗୁଣ୍ଡିଚାଘାଗି ଜଳପ୍ରପାତ ବୁଲିବାକୁ ଯାଇଥିଲେ। ସେଠାରେ ସେ ଗାଧୋଇବା ପାଇଁ ଜଳପ୍ରପାତ ଭିତରେ ପଶିଥିବା ବେଳେ ପାଣି ସୁଅରେ ଭାସି ଯାଇଥିଲେ। ଖବର ପାଇ ଘଟଗାଁ ଅଗ୍ନିଶମବାହିନୀ ଘଟଣାସ୍ଥଳରେ



ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। କିନ୍ତୁ ସନ୍ଧ୍ୟା ସୁଦ୍ଧା ତାଙ୍କ ପତ୍ତା ନ ମିଳିବାରୁ ଉଦ୍ଧାର କାର୍ଯ୍ୟକୁ ଆଜି ପାଇଁ ସ୍ଥଗିତ ରଖାଯାଇଛି।

କେନ୍ଦୁଝର ଜିଲ୍ଲାରେ ଅନେକଗୁଡ଼ିଏ ମନୋରମ ଜଳପ୍ରପାତ ରହିଛି। ବିଭିନ୍ନ ସମୟରେ ଏଗୁଡ଼ିକରେ ଜଳବୁଡ଼ି ଭଳି ଦୁଃଖଦ ଘଟଣା ଘଟୁଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ଜଳପ୍ରପାତ ନିକଟରେ ସୂଚନା ଫଳକ ଲଗାଯାଇଥିଲେ ହେଁ ଲୋକେ ତାହାକୁ ଅଣଦେଖା କରୁଥିବାରୁ ଦୁର୍ଘଟଣା ଘଟୁଛି ବୋଲି କୁହାଯାଉଛି। ଆଗାମୀ ଦିନରେ ପର୍ଯ୍ୟଟନ ଋତୁ ଆସୁଥିବାରୁ ପ୍ରଶାସନ ପକ୍ଷରୁ ଏହି ଜଳପ୍ରପାତଗୁଡ଼ିକରେ ସୁରକ୍ଷାକର୍ମୀ ନିଯୁକ୍ତି କରିବାକୁ ଦାବି ହେଉଛି।

# ଗାଈ ପେଟରୁ ବାହାରିଲା ୫୦ କେଜି ପଲିଥିନ୍

ବ୍ରହ୍ମପୁର, ୮।୯ (ସମିସ): ରାଜ୍ୟରେ ପଲିଥିନ ବ୍ୟାଗ୍ ଓ ପ୍ଲାଷ୍ଟିକ ବ୍ୟବହାରକୁ ସରକାରଙ୍କ ପକ୍ଷରୁ ନିଷିଦ୍ଧ କରାଯାଇଥିବା ବେଳେ ବ୍ରହ୍ମପୁରରେ ଏଥିରେ ବ୍ୟତିକ୍ରମ



ଦେଖିବାକୁ ମିଳିଛି। ଏହାଦ୍ୱାରା ପରିବେଶ ନଷ୍ଟ ହେବା ସହ ନିରୀହ ପ୍ରାଣୀ ଯନ୍ତ୍ରଣା ଭୋଗି ମୃତ୍ୟୁବରଣ ମଧ୍ୟ କରୁଛନ୍ତି। ରାସ୍ତାରେ ପଡ଼ି ଯନ୍ତ୍ରଣାରେ ଛଟପଟ ହେଉଥିବା ଏକ ଗାଈର ଅସ୍ତ୍ରୋପଚାର ପରେ ପେଟରୁ ପ୍ରାୟ ୫୦ କେଜି ଓଜନର ପଲିଥିନ ଉଦ୍ଧାର କରାଯାଇଛି। ସୂଚନାଯୋଗ୍ୟ, ହିଲପାଟଣା ବଡ଼ସାହି ମୁଖ୍ୟ ରାସ୍ତାରେ କିଛି ଦିନ ଧରି ଗୋଟିଏ ଗାଈ ପଡ଼ି ଯନ୍ତ୍ରଣାରେ ଛଟପଟ ହେଉଥିବା ଅଞ୍ଚଳବାସୀଙ୍କ ନଜରକୁ ଆସିଥିଲା। ଘଟଣାକୁ ନେଇ ସ୍ଥାନୀୟ କର୍ପୋରେଟର୍ ସଂଜିତ ପାଣିଗ୍ରାହୀ ଓ ପ୍ରାଣୀପ୍ରେମୀ ଲଲାଟେନ୍ଦୁ ଚୌଧୁରୀଙ୍କୁ ଅବଗତ କରିଥିଲେ। ଉଭୟ ଘଟଣାସ୍ଥଳରେ ପହଞ୍ଚି ଗାଈର ଚିକିତ୍ସା ପାଇଁ ପ୍ରାଣୀ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଗାଈଟିର ପେଟରେ ପଲିଥିନ ଥିବା ଚିକିତ୍ସକ ଜାଣିପାରିଥିଲେ। ପରେ ଅସ୍ତ୍ରୋପଚାର କରି ପ୍ରାୟ ୫୦ କେଜି ଓଜନର ପଲିଥିନ ବାହାର କରାଯାଇଥିଲା। ଅସ୍ତ୍ରୋପଚାର ବେଳେ ଡା. ସତ୍ୟନାରାୟଣ କର, ଚିକିତ୍ସାଳୟର କର୍ମଚାରୀ ହରି ଚନ୍ଦ୍ର ନାୟକ ଓ ରାମଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡିର ନବନିଯୁକ୍ତ ଯୁବ, ଛାତ୍ର ସଭାପତିଙ୍କ ଦାୟିତ୍ୱ ଗ୍ରହଣ

# ନବୀନଙ୍କୁ ପୁଣି ମୁଖ୍ୟମନ୍ତ୍ରୀ କରିବା ପାଇଁ ସଂକଳ୍ପ







ଭୁବନେଶ୍ୱର, ୮।୯ (ସମିସ): ନବନିଯୁକ୍ତ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ ଓ ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସକାଳେ ବିଜୁ ଯୁବ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳର ହଜାର ହଜାର କର୍ମୀ ବିମାନବନ୍ଦର ଛକରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଶତାଧିକ ଯୁବ ଛାତ୍ର କର୍ମୀଙ୍କ ସହ ଏକ ପଟୁଆରରେ ଉଭୟ ଶଙ୍ଖଭବନରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟ ଯୁବ ଓ ଛାତ୍ର ବିଜେଡି ସଭାପତି ରାଜ୍ୟ ସରକାରଙ୍କ ବିରୋଧରେ ରଣହୁଙ୍କାର ଦେଇଛନ୍ତି। ରାଜ୍ୟ ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛନ୍ତି। ସ୍ୱାସ୍ଥ୍ୟ ସେବାଠାରୁ ଆରମ୍ଭ କରି ଆଇନଶୃଙ୍ଖଳା, ନାରୀ ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହାକୁ ନେଇ ଉଭୟ ଯୁବ ଓ ଛାତ୍ର ସଂଗଠନ ନିଜର ସ୍ୱର ଶାଣିତ କରିବ। ନବୀନ ପଟ୍ଟନାୟକଙ୍କୁ ପୁଣିଥରେ ମୁଖ୍ୟମନ୍ତ୍ରୀ କରିବା ପର୍ଯ୍ୟନ୍ତ ନିରନ୍ତର ସଂଗ୍ରାମ ଜାରି ରହିବ ବୋଲି ଉଭୟ ସଭାପତି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଏହି ଅବସରରେ ଯୁବ ବିଜେଡି ସଭାପତି ଶ୍ରୀ ସାହୁ କହିଥିଲେ ଯେ ରାଜ୍ୟରେ ବେକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଶାସନ ବ୍ୟବସ୍ଥା ଭୁଶୁଡ଼ି

- ରାଜ୍ୟ ସରକାରଙ୍କ ବିରୋଧରେ ଦେଲେ ରଣହୁଙ୍କାର
- ସରକାରଙ୍କ ବିଫଳତାକୁ ନେଇ ଶାଣିତ ହେବ ସ୍ୱର
- ରାଜ୍ୟରେ ମୋହନ ସରକାର ନୁହେଁ; ଦହନ ସରକାର

ପଡ଼ିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ପରିବର୍ତ୍ତେ ଆୟୁଷ୍ମାନ ଯୋଜନା ଲାଗୁ ହେବା ପରେ ଏହା ଏକ ଅଭିଶାପ ପାଲଟିଛି। ରାଜ୍ୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ଲଜ୍ଜିତ ଓ ନିନ୍ଦିତ ହେଉଛି। ବିଜୁ ଯୁବ ଜନତା ଦଳ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ସ୍ୱର ଉଠାଇବ। ନବୀନ ବାବୁଙ୍କୁ ଆଉଥରେ ମୁଖ୍ୟମନ୍ତ୍ରୀ କରିବା ପର୍ଯ୍ୟନ୍ତ ନିରନ୍ତର ସଂଗ୍ରାମ ଜାରି ରଖିବ।

ସେହିପରି ଇପ୍ସିତା ସାହୁ କହିଥିଲେ, ରାଜ୍ୟରେ ଛାତ୍ରଛାତ୍ରୀମାନଙ୍କ ସ୍ୱାର୍ଥ ପ୍ରତି ସରକାର ଧ୍ୟାନ ଦେଉନାହାନ୍ତି। ଛାତ୍ରୀମାନେ ଆଜି ରାଜ୍ୟରେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ରାଜ୍ୟରେ ମୋହନ ସରକାର ନୁହେଁ, ଦହନ ସରକାର ଚାଲିଛି ବୋଲି ସେ କଡ଼ା ସମାଲୋଚନା କରିଥିଲେ। ରାଜ୍ୟରେ ଗୋଟିଏ ପରେ ଗୋଟିଏ ଛାତ୍ରୀ ଦହନର ଶିକାର ହେଉଛନ୍ତି, କିନ୍ତୁ ରାଜ୍ୟ ସରକାର ଏହାର ପ୍ରତିକାର ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି। ତେଣୁ ବିଜୁ ଛାତ୍ର ଜନତା ଦଳ ରାଜ୍ୟର ଛାତ୍ରଛାତ୍ରୀଙ୍କ ସ୍ୱାର୍ଥରକ୍ଷା ପାଇଁ ଜୋରଦାର୍ ଲଢ଼େଇ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ ଦାସବର୍ମା, ପ୍ରତାପ ଜେନା, ପ୍ରମିଳା ମଲ୍ଲିକ, ଅତନୁ ସବ୍ୟସାଚୀ ନାୟକ, ଡ. ଅମର ପଟ୍ଟନାୟକ, ପ୍ରଣବ ବଳବନ୍ତରାୟ, ପ୍ରୀତିରଞ୍ଜନ ଘଡ଼େଇ, ସ୍ନେହାଙ୍ଗିନୀ ଛୁରିଆ, ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ସୁଲୋଚନା ଦାସ, ମନ୍ମଥ ରାଉତରାୟ, ବିଜୟ ନାୟକ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ରାଜେନ୍ଦ୍ର ସାହୁ, ଅମରେଶ ପତ୍ରୀ, ଭୃଗୁ ବକ୍ସିପାତ୍ର, ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ସୁମିତ୍ରା ଜେନା, କସ୍ତୁରୀ ମହାପାତ୍ର, ଲୋପାମୁଦ୍ରା ବକ୍ସିପାତ୍ର ଏବଂ ବହୁ ଯୁବ ଓ ଛାତ୍ର ନେତା ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିର ଜମିରୁ ଜବରଦଖଲ ଉଚ୍ଛେଦ ଆଦେଶ କାଏମ

କଟକ, ୮।୯ (ସମିସ): କେବଳ ଦୀର୍ଘ ଦଶନ୍ଧି ଧରି ଦଖଲରେ ରହିଥିବା ତଥା ଭୋଟର୍ ପରିଚୟପତ୍ର, ଆଧାର କାର୍ଡ, ରାସନ କାର୍ଡ ଏବଂ ବିଦ୍ୟୁତ୍ ବିଲ୍ ଭଳି ପରିଚୟପତ୍ର ଆଧାରରେ ଜବରଦଖଲକାରୀ ମାଲିକାନା ଦାବି କରିପାରିବେ ନାହିଁ। ଏହି ପ୍ରକାରର ଦଲିଲଗୁଡ଼ିକ ଜଣେ ବ୍ୟକ୍ତିଙ୍କ ବାସସ୍ଥାନର ପ୍ରମାଣକୁ

**ଦଖଲ କିମ୍ବା ଆଧାରକାର୍ଡ ବଳରେ ସମ୍ପତ୍ତିର ମାଲିକାନା ଦାବି କରାଯାଇପାରିବ ନାହିଁ: ହାଇକୋର୍ଟ**

ପ୍ରତିଫଳିତ କରେ। କିନ୍ତୁ ମାଲିକାନା ନେଇ ଜବରଦଖଲକାରୀଙ୍କୁ ଆଇନଗତ ଅଧିକାର ପ୍ରଦାନ କରେ ନାହିଁ ବୋଲି ହାଇକୋର୍ଟ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି। ଏଥିସହ ପୁରୀ ଶ୍ରୀଜଗନ୍ନାଥଙ୍କ ଜମିରୁ ଉଚ୍ଛେଦ ପାଇଁ ତହସିଲଦାରଙ୍କ ତରଫରୁ ଜାରି ଉଚ୍ଛେଦ ଆଦେଶକୁ ହାଇକୋର୍ଟ କାଏମ ରଖିବା ସହ ଆବେଦନଟିକୁ ଖାରଜ କରିଦେଇଛନ୍ତି। ବିଷ୍ଣୁପ୍ରସାଦ ସାହୁ ଓ ଅନ୍ୟମାନଙ୍କ ତରଫରୁ ଦାୟର ଆବେଦନକୁ ଖାରଜ କରି ଜଷ୍ଟିସ ଡ. ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ଆବେଦନକାରୀମାନେ ୫୦ବର୍ଷରୁ ଅଧିକ ସମୟ ଧରି ସମ୍ପତ୍ତି ଦଖଲରେ ରଖିଥିବା ତଥା ଉକ୍ତ ସମ୍ପତ୍ତି ସହ ଜଡ଼ିତ ସେମାନଙ୍କ ଭୋଟର୍ ପରିଚୟପତ୍ର, ଆଧାରକାର୍ଡ, ରାସନ୍ କାର୍ଡ ଏବଂ ବିଦ୍ୟୁତ୍ ବିଲ୍ ଭଳି ପରିଚୟପତ୍ର ରହିଥିଲେ ସୁଦ୍ଧା ଏହି ଦସ୍ତାବିଜଗୁଡ଼ିକୁ ଜମି ମାଲିକାନା ପାଇଁ ଉପକରଣ ଭାବେ ଗ୍ରହଣ କରାଯାଇପାରିବ ନାହିଁ ବୋଲି କହିଛନ୍ତି ଅଦାଲତ।

କଟକ ସଦର ତହସିଲ ହାଟସାହି ଅଞ୍ଚଳର ଆବେଦନକାରୀମାନେ ଶ୍ରୀଜଗନ୍ନାଥଙ୍କ ଅମୃତମଣୋହି ସମ୍ପତ୍ତି ଦଖଲରେ ଥିବା ବେଳେ ଗତ ୨୦୨୪ ଜାନୁଆରି ୧୨ରେ ଅତିରିକ୍ତ ତହସିଲଦାରଙ୍କ ପକ୍ଷରୁ ଉଚ୍ଛେଦ ନୋଟିସ୍ ଜାରି ହୋଇଥିଲା। ସେହିଭଳି ଶ୍ରୀମନ୍ଦିର ପ୍ରଶାସକଙ୍କ ପକ୍ଷରୁ ଜମି ବନ୍ଦୋବସ୍ତ ପାଇଁ ଆବେଦନକାରୀଙ୍କ ପ୍ରତିନିଧିତ୍ୱକୁ ପ୍ରତ୍ୟାଖ୍ୟାନ କରିଦିଆଯାଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୦୨-୦୩ର ନୀତି ଅନୁସାରେ ଆବେଦନକାରୀମାନେ ସର୍ତ୍ତାବଳୀ ପୂରଣ କରୁ ନଥିବାରୁ ସେମାନଙ୍କ ଦଖଲକୁ ନିୟମିତ କରିବା ପାଇଁ ହୋଇଥିବା ଆବେଦନ ପ୍ରତ୍ୟାଖାନ କରାଯାଇଥିଲା ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜବାବ ଦାଖଲ କରାଯାଇଥିଲା।

# ଇଣ୍ଡିଆ ହାବିଟାଟ୍ ସେଣ୍ଟରର ପ୍ରଦର୍ଶନୀ ବୁଲିଲେ ନବୀନ

ଭୁବନେଶ୍ୱର, ୮।୯ (ସମିସ): ଦିଲ୍ଲୀର ଇଣ୍ଡିଆ ହାବିଟାଟ୍ ସେଣ୍ଟରରେ ଚାଲିଥିବା 'ଭୋୟଜେସ୍, ଦି ଆନ୍ସିଏଣ୍ଟ ମେରିଟାଇମ୍ ସିଲ୍କ ରୁଟ୍' କଳା ପ୍ରଦର୍ଶନୀକୁ ବୁଲି ଦେଖିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଦିଲ୍ଲୀ ଗସ୍ତରେ ଥିବା ନବୀନ ଏଠାରେ ପ୍ରଦର୍ଶିତ ହେଉଥିବା ବିଭିନ୍ନ କଳାକୃତି ଦେଖିବା ସହ ପ୍ରଦର୍ଶନକାରୀଙ୍କୁ ବେଶ୍ ପ୍ରଶଂସା କରିଛନ୍ତି। ଏ ସମ୍ପର୍କରେ ନବୀନ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ ପ୍ରସିଦ୍ଧ କଳା ସଂରକ୍ଷକ ଜୟା ମଣିଙ୍କ ଦ୍ୱାରା ସଂଗୃହୀତ ଏହି ପ୍ରଦର୍ଶନୀ ଦକ୍ଷିଣ ଏସିଆର ଉପକୂଳବର୍ତ୍ତୀ ଅଞ୍ଚଳ, ଓଡ଼ିଶା ଏବଂ ଅନ୍ୟାନ୍ୟ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକ ମଧ୍ୟରେ କଳା ଏବଂ ସଂସ୍କୃତିର ସଂଯୋଗକୁ ଏକ ସୂତ୍ରରେ ଯୋଡ଼ିବା ପାଇଁ ପ୍ରେରଣା ଦେବ। ପ୍ରସିଦ୍ଧ ଶିଳ୍ପୀ ସୁରେଶ ମୁଥୁକୁଲମ୍ ଏବଂ ବୟନଶିଳ୍ପୀ ଗୁଞ୍ଜନ ଜୈନଙ୍କୁ ଏହି ପ୍ରଦର୍ଶନୀ ପାଇଁ ନବୀନ ଧନ୍ୟବାଦ ଜଣାଇଛନ୍ତି। ଏହା ଶତାବ୍ଦୀର କଳା, ସଂସ୍କୃତି ଏବଂ ସମୃଦ୍ଧ ହସ୍ତତନ୍ତ ପରମ୍ପରା ମାଧ୍ୟମରେ ଆମ ଇତିହାସକୁ ବିସ୍ତାର କରିବା ଏବଂ ଆମର ଗୌରବମୟ ସାମୁଦ୍ରିକ ଐତିହ୍ୟକୁ



ପୁନର୍ଜୀବିତ କରିବା ପାଇଁ ପ୍ରେରଣା ଦେବ ବୋଲି ନବୀନ ନିଜ ଏକ୍ସରେ ଉଲ୍ଲେଖ କରିଛନ୍ତି।

## ଶ୍ରୀମନ୍ଦିର ପରିଚାଳନା କମିଟିରେ ଖୁଣ୍ଟିଆ ସେବକଙ୍କ ପ୍ରତିନିଧିତ୍ୱ ପ୍ରସଙ୍ଗ

# ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଲେ ହାଇକୋର୍ଟ

କଟକ,୮।୯ (ସମିସ): ୨୦୨୧ରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିରେ ଖୁଣ୍ଟିଆ ସେବକଙ୍କ ପ୍ରତିନିଧିତ୍ୱ ପ୍ରସଙ୍ଗକୁ ନେଇ ଖୁଣ୍ଟିଆ ନିଯୋଗ ପକ୍ଷରୁ ରୁଜୁ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ଆଇନ ବିଭାଗର ଗତ ୨୦୨୫ ଅଗଷ୍ଟ ୨୬ର ବିଜ୍ଞପ୍ତି ଅନୁସାରେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଗଠନ ହୋଇସାରିଥିବାରୁ ଅଦାଲତ ଏହି ମାମଲାର ଅନ୍ତ ଘଟାଇଛନ୍ତି। ଯଦି ଆବେଦନକାରୀଙ୍କ ଉକ୍ତ କମିଟିକୁ ନେଇ କିଛି ଅଭିଯୋଗ ରହିଥାଏ, ତେବେ ସେ ଉପଯୁକ୍ତ ଫୋରମରେ ଆବେଦନ କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି। ଖୁଣ୍ଟିଆ ନିଯୋଗ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ କେ.ଆର. ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମନ୍ଦିର ପରିଚାଳନା କମିଟିକୁ ନିର୍ଦ୍ଦିଷ୍ଟ ନିଯୋଗର ସେବକଙ୍କୁ ବାରମ୍ବାର ମନୋନୀତ କରାଯାଉଥିବା ବେଳେ ଖୁଣ୍ଟିଆ ନିଯୋଗକୁ ଅଣଦେଖା କରାଯାଉଛି ବୋଲି ଦର୍ଶାଇ ଗତ ୨୦୨୧ରେ ହାଇକୋର୍ଟରେ ଏହି ମାମଲା ରୁଜୁ ହୋଇଥିଲା। ନିକଟରେ ସରକାର ଏହି କମିଟି ଗଠନ କରିଥିଲେ ସୁଦ୍ଧା ଏହା ପୁରୁଣା ଢାଞ୍ଚାରେ ହୋଇଛି ଓ ଏଥିରେ ଖୁଣ୍ଟିଆ ସେବକଙ୍କୁ ଉପଯୁକ୍ତ ପ୍ରତିନିଧିତ୍ୱ ମିଳିନାହିଁ ବୋଲି ଆବେଦନକାରୀ ସାନି ଅଭିଯୋଗ କରିଥିଲେ। ଯେହେତୁ ନୂତନ କମିଟି ଗଠନ ହୋଇସାରିଛି, ଏଣୁ ଆବେଦନକାରୀ ତାଙ୍କର ଅଭିଯୋଗ ଉପଯୁକ୍ତ ଫୋରମ୍‌ରେ କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି।

# ଯୁବକଙ୍କୁ ହାଣି ଲୁଟିଲେ

ଜଳେଶ୍ୱର, ୮।୯ (ସମିସ): ଜଳେଶ୍ୱର ଥାନା ଅନ୍ତର୍ଗତ ୬୦ନଂ ଜାତୀୟ ରାଜପଥର ଜମାଲପୁର ବାଇପାସ୍ ନିକଟରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରି ଦୁର୍ବୃତ୍ତମାନେ ଟଙ୍କା ଓ ମୋବାଇଲ୍ ଲୁଟି ନେଇଛନ୍ତି। ସୁଗୋ ପଞ୍ଚାୟତ ବାଣିଦା ଗ୍ରାମର ସୁଦର୍ଶନ ମହାନ୍ତିଙ୍କ ପୁଅ ଅରୁଣ ମହାନ୍ତି ରାଜଘାଟସ୍ଥିତ ମା' ତାରିଣୀ ହୋଟେଲରେ କାର୍ଯ୍ୟ ସାରି ରବିବାର ରାତି ପ୍ରାୟ ୧୦ଟାରେ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଜାତୀୟ ରାଜପଥ ଜମାଲପୁର ବାଇପାସ୍ ନିକଟରେ ୩ଜଣ ଦୁର୍ବୃତ୍ତ ଏକ ଧାରୁଆ ଅସ୍ତ୍ରରେ ଅରୁଣର ହାତକୁ ହାଣି ତାଙ୍କଠୁ ଟଙ୍କା ମୋବାଇଲ୍ ନେଇ ଚମ୍ପଟ ମାରିଥିଲେ। ସଙ୍କଟାପନ୍ନ ଅବସ୍ଥାରେ ଅରୁଣଙ୍କୁ ଜି.କେ ଭଟ୍ଟର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ହସ୍ପିଟାଲ ଏବଂ ଅଧିକ ରକ୍ତସ୍ରାବ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

# ନେତୃତ୍ୱର ଭ୍ରୂଣହତ୍ୟା କରୁଛନ୍ତି ସରକାର: ଭକ୍ତ

ଭୁବନେଶ୍ୱର, ୮।୯ (ସମିସ): ଛାତ୍ର ଜୀବନରୁ ଯିଏ ରାଜନୀତି କରି ପରବର୍ତ୍ତୀ ସମୟରେ ନେତା ହୁଏ, ସେ ହିଁ ପ୍ରକୃତ ରାଷ୍ଟ୍ର ନିର୍ମାଣକାରୀ। ଛାତ୍ର ରାଜନୀତି ସଂଘର୍ଷରେ କଷ୍ଟସହିଷ୍ଣୁତା, ଆତ୍ମବିଶ୍ୱାସ, ପାରସ୍ପରିକ ସହଯୋଗ, ସେବା ମନୋଭାବ, ଦେଶପ୍ରେମ, ଶୃଙ୍ଖଳା ଆଦି ମୂଲ୍ୟବାନ ଶିକ୍ଷା ଓ ଅଭିଜ୍ଞତା ହାସଲ ହୋଇଥାଏ। ଏଭଳି ଛାତ୍ର



ଯେତେବେଳେ ରାଜନୀତିକୁ ଆସେ, ସିଏ ଦେଶ ପାଇଁ ଚିନ୍ତା କରେ। ମାତ୍ର ସରକାର ଛାତ୍ର ନିର୍ବାଚନ ବନ୍ଦ କରି ନେତୃତ୍ୱର ଭ୍ରୂଣ ହତ୍ୟା କରୁଛନ୍ତି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ସୋମବାର କଂଗ୍ରେସ ଭବନରେ ଛାତ୍ର ସଂସଦ ନିର୍ବାଚନ ପ୍ରସଙ୍ଗରେ ଭକ୍ତ କହିଛନ୍ତି ଯେ ସେ ନିଜେ ୧୯୮୫ ମସିହା ବିଧାନସଭା ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିଲେ। ତେଣୁ ଛାତ୍ରସଂସଦ ନିର୍ବାଚନ ଅତିଶୀଘ୍ର ଘୋଷଣା କରି ଏକ ସୁସ୍ଥ ଶିକ୍ଷାନୁଷ୍ଠାନ ବାତାବରଣ ସହ ଭାଇଚାରାର ପୁନଃପ୍ରତିଷ୍ଠା କରିବାକୁ ସେ ଦାବି କରିଛନ୍ତି।

ପିସିସିର ମୁଖ୍ୟ ମୁଖପାତ୍ର ଅରବିନ୍ଦ ଦାସ ପ୍ରାରମ୍ଭିକ ସୂଚନା ଦେଇ କହିଥିଲେ, କଲେଜ ଓ ବିଶ୍ୱବିଦ୍ୟାଳୟ ନିର୍ବାଚନ ଭାରତୀୟ ଗଣତନ୍ତ୍ରର ଅନୁଡ଼ିଶାଳ। ଅତୀତରେ ସାରା ରାଜ୍ୟର ଛାତ୍ରସଂସଦ ନିର୍ବାଚନରୁ ବହୁତ ବଡ଼ବଡ଼ ନେତା ସୃଷ୍ଟି ହୋଇଛନ୍ତି। ସେମାନେ ପରବର୍ତ୍ତୀ ସମୟରେ କେବଳ ରାଜନୀତି ନୁହେଁ, ବିଭିନ୍ନ କ୍ଷେତ୍ରରେ ରାଜ୍ୟ ଓ ଦେଶର ନେତୃତ୍ୱ ନେଇଛନ୍ତି। ଛାତ୍ର ସଂସଦ ନିର୍ବାଚନ ବିଷୟରେ ଠିକଣା ସମୟରେ ନିଷ୍ପତ୍ତି ନେବୁ ବୋଲି ଶିକ୍ଷାମନ୍ତ୍ରୀ

**ତୁରନ୍ତ ଛାତ୍ର ସଂସଦ ନିର୍ବାଚନ ପାଇଁ ଦାବି କଲା କଂଗ୍ରେସ**

କହିଥିଲେ। ଗତବର୍ଷ ଠିକଣା ସମୟ ପାଇଥିଲେ, କିନ୍ତୁ କିଛି କଲେନି। ଦଶହରା ଛୁଟି ପୂର୍ବଦିନ ନିର୍ବାଚନ ହୁଏ, ସମୟ ପାଖେଇ ଆସିଲାଣି, ହେଲେ ଶିକ୍ଷା ବିଭାଗ କାହିଁକି କୌଣସି ପଦକ୍ଷେପ ନେଉନାହିଁ ବୋଲି କଂଗ୍ରେସ ପ୍ରଶ୍ନ କରିଛି। ତେଣୁ ବିଳମ୍ବ ନ କରି ଶୀଘ୍ର ଛାତ୍ର ସଂସଦ ନିର୍ବାଚନ କରାଯାଉ ବୋଲି ସେ କହିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଦେବାଶିଷ ପଟ୍ଟନାୟକ, ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦର ପୂର୍ବତନ ସଭାପତି ମନୋଜ ବିଶ୍ୱାଳ, ପିସିସି ମୁଖପାତ୍ର ଡ. ମନୀଷା ଦାସପଟ୍ଟନାୟକ, ମୁଖପାତ୍ର ଅଶୋକ ସ୍ୱାଇଁ, ମୁଖପାତ୍ର ଓ ଛାତ୍ରନେତା ବିଭୂତି ମହାପାତ୍ର ଓ ଛାତ୍ରନେତା ଆଦିତ୍ୟ ପ୍ରିତମ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

## ୬ ଦିନ ପରେ ଭିତରକନିକାରୁ ନିଖୋଜ ମା'-ପୁଅ ଉଦ୍ଧାର

# ଜଙ୍ଗଲରେ ଭୋକ ଉପାସରେ ୫ଦିନ

ରାଜନଗର,୮।୯ (ସମିସ): କାଳ ହେଲା କଙ୍କଡ଼ା ଧରିବା। କଙ୍କଡ଼ା ଖୋଜୁଖୋଜୁ ଘଞ୍ଚ ଜଙ୍ଗଲରେ ବାଟବଣା ହୋଇଗଲେ ମା'-ପୁଅ। ବାହାରିବାକୁ ଯେତେ ଚେଷ୍ଟା କଲେ ବି ବାହାରିପାରିଲେ ନାହିଁ। ଜଙ୍ଗଲ ଭିତରେ ସେମିତି ୫ଦିନ ଧରି ଅଖିଆ ଅପିଆ ପଡ଼ି ରହିଲେ। ଭିତରକନିକା ଜଙ୍ଗଲରେ ଗତ ୫ ଦିନ ଧରି ନିଖୋଜ ଥିବା ମା'-ପୁଅଙ୍କୁ ଆଜି ବନ ବିଭାଗ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ବନବିଭାଗର ୧୦ଟି ଟିମ୍‌ରେ ପ୍ରାୟ ୧୦୦ଜଣ ଆଜି ସକାଳୁ ତନଖି ପ୍ରକ୍ରିୟା ଆରମ୍ଭ କରିଥିଲେ। ଘଞ୍ଚ ଜଙ୍ଗଲ ମଧ୍ୟରେ ଥିବା ମା'-ପୁଅଙ୍କୁ ଗୋଟିଏ ଟିମ ଠାବ କରିଥିଲା। ଜଙ୍ଗଲ ମଧ୍ୟରେ ଗାଁଠାରୁ ପ୍ରାୟ ୨୦ କି.ମି ଦୂରରେ ମା'-ପୁଅଙ୍କୁ ଠାବ କରାଯାଇଥିଲା। ଦୁଇଜଣଙ୍କୁ ଜଙ୍ଗଲ ମଧ୍ୟରୁ ଉଦ୍ଧାର କରି ବୋଟ୍ ଯୋଗେ କୂଳକୁ ଅଣାଯାଇଥିବା ଜଣାପଡ଼ିଛି। ସେମାନେ ହେଲେ, ରାଜନଗର ଥାନା ଅନ୍ତର୍ଗତ ଗୁପ୍ତି ପଞ୍ଚାୟତ ଦେବେନ୍ଦ୍ରନାରାୟଣପୁର ଗ୍ରାମର ଦିଲ୍ଲୀପ ମିର୍ଦ୍ଧାଙ୍କ ପତ୍ନୀ ଅଞ୍ଜନା ମିର୍ଦ୍ଧା ଓ ତାଙ୍କ ପୁଅ ରତିକାନ୍ତ ମିର୍ଦ୍ଧା।



ସୂଚନାନୁଯାୟୀ, ବୁଧବାର ଅଞ୍ଜନା ଓ ପୁଅ ରତିକାନ୍ତ ସହ ସେହି ଗାଁର ଅହଲ୍ୟ ମଣ୍ଡଳ ଓ ତାଙ୍କ ପୁଅ ଭିତରକନିକା ଜାତୀୟ ଉଦ୍ୟାନକୁ କଙ୍କଡ଼ା ଧରିବାକୁ ଯାଇଥିଲେ। ସେମାନେ ୫ ଦିନ ପାଇଁ ରାସନ୍ ସାମଗ୍ରୀ, ଚାଉଳ ଓ ହାଣ୍ଡି ନେଇ ଜଙ୍ଗଲ ମଧ୍ୟକୁ ଯାଇଥିଲେ। ଗାଁଠାରୁ ଜଙ୍ଗଲ ଭିତରକୁ ପ୍ରାୟ

- କାଳ ହେଲା କଙ୍କଡ଼ା ଧରିବା
- ବନ ବିଭାଗର ୧୦ଟି ଟିମ୍‌ର ତନଖି

୧୮ କି.ମି ଦୂରରେ ଥିବା ହାବଳ ଫରେଷ୍ଟ ବ୍ଲକ୍‌ର ପିମ୍ପଳା ପୋଖରୀ ନିକଟରେ ୪ଜଣ ପହଞ୍ଚିଥିଲେ। ସେଠାରେ ରୋଷେଇ କରି ଖାଇବା ପରେ ଅଲଗାଅଲଗା ଦିଗରେ କଙ୍କଡ଼ା ଧରିବାକୁ ଯାଇଥିଲେ। ମାତ୍ର ଜଙ୍ଗଲ ଭିତରେ ଅଞ୍ଜନା ଓ ରତିକାନ୍ତ ବାଟବଣା ହୋଇଯାଇଥିଲେ। ସେମାନଙ୍କୁ ଖୋଜାଖୋଜି କରି ନପାଇ ଗୁରୁବାର ଦିନ ଅହଲ୍ୟ ଓ ତାଙ୍କ ପୁଅ ଘରକୁ ଫେରିଥିଲେ। ପରିବାରଲୋକଙ୍କୁ ଜଣାଇବା ପରେ ପରିବାରଲୋକେ ଜଙ୍ଗଲ ମଧ୍ୟକୁ ଯାଇ ଖୋଜାଖୋଜି କରିଥିଲେ। ନ ପାଇବାରୁ ବନ ବିଭାଗକୁ ଜଣାଇଥିଲେ। ଶନିବାର ୨୦ଜଣ ବନ କର୍ମଚାରୀ ଜଙ୍ଗଲରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନଥିଲେ। ଜଙ୍ଗଲ ଭିତରେ ନାଳରେ ପଶି ଯାଇଥିବାରୁ କୁମ୍ଭୀର ଆକ୍ରମଣ କିମ୍ବା ବାଘ୍‌ହା ଆକ୍ରମଣ ଆଶଙ୍କା ସୃଷ୍ଟି ହୋଇଥିଲା।

ଆଜି ବନ ବିଭାଗର ୪ଟି ବୋଟ୍ ଓ ୬ଟି ଡଙ୍ଗା ମାଧ୍ୟମରେ ବନ ବିଭାଗର ୪୦ଜଣ କର୍ମଚାରୀ ଓ ୬୦ଜଣ ସ୍ଥାନୀୟ ଲୋକ ଜଙ୍ଗଲ ମଧ୍ୟରେ ତନଖି କରିଥିଲେ। ଦିନ ପ୍ରାୟ ୩ଟା ବେଳେ ମାଙ୍କୁଆ ନାଳ ନିକଟରେ ବୋଟ୍ ଶବ୍ଦ ଶୁଣି ମା'-ପୁଅ ଡାକ ପକାଇଥିଲେ। ଡାକ ଶୁଣି ବୋଟ୍‌କୁ ନଦୀ ନିକଟରେ ରଖି ଜଙ୍ଗଲ ମଧ୍ୟକୁ ଯିବା ପରେ ନିଘଞ୍ଚ କଣ୍ଟା ଜଙ୍ଗଲ ମଧ୍ୟରେ ମା'-ପୁଅ ଗୋଟିଏ ସ୍ଥାନରେ ଥିବା ଦେଖିଥିଲେ। ଦୁଇଜଣଙ୍କୁ ଉଦ୍ଧାର କରି ନଦୀ ମଧ୍ୟରେ କୂଳକୁ ଆଣିବାକୁ ୪ଘଣ୍ଟା ଲାଗିଥିଲା। ସେମାନଙ୍କୁ ଉଦ୍ଧାର ପରେ ବୋଟ୍‌ରେ ତାଙ୍କୁ ଖାଇବାକୁ ଦିଆଯାଇଥିଲା। ୫ ଦିନ ଧରି କିଛି ଖାଇ ନ ଥିବାରୁ ସେମାନେ ଠିକ୍ ଭାବେ କଥା କହିପାରୁନାହାନ୍ତି। ସେମାନେ କୂଳରେ ପହଞ୍ଚିବା ପରେ ଚିକିତ୍ସା ପାଇଁ ପ୍ରଥମେ ଗୁପ୍ତି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।







# ପାର୍ବଣରେ ବାସି ଓ ଭେଜାଲ ଖାଦ୍ୟ ଚିନ୍ତା

କଟକ, ୮।୯ (ସମିସ)

ଏବେ ଚାଲିଛି ପାର୍ବଣ ଋତୁ। ପାର୍ବଣ ପାଇଁ ସାରା ରାଜ୍ୟ ହେଲାଣି ଉତ୍ସବ ମୁଖର। ଗଣେଶ ପୂଜାରୁ ଆରମ୍ଭ ହୋଇ କାର୍ତ୍ତିକେଶ୍ୱର ପୂଜାରେ ସରୁଥିବା ପାର୍ବଣ ଋତୁରେ ରାସ୍ତା କଡରେ ବିକ୍ରି ହେଉଥିବା ଖାଦ୍ୟ ସାମଗ୍ରୀର ପସରା ଖୋଲିଥାଏ। ହେଲେ ଏହି ସମୟରେ ବିଭିନ୍ନ ସ୍ଥାନରେ ଭେଜାଲ ତଥା ଅପମିଶ୍ରିତ ଖାଦ୍ୟ ନମୂନା ଯାଞ୍ଚ ପାଇଁ ନାହିଁ ଆବଶ୍ୟକ ଭିତ୍ତିଭୂମି। ଖାଦ୍ୟ ସୁରକ୍ଷା ବିଭାଗର ଚଢଉ ବେଳେ ନମୂନାର ତ୍ୱରିତ ପରୀକ୍ଷା ନିମନ୍ତେ ମୋବାଇଲ ଫୁଡ ଟେଷ୍ଟିଂ ଲାବୋରୋଟାରୀ (ଭ୍ରାମ୍ୟମାଣ ପରକ୍ଷାଗାର) ମାତ୍ର ଗୋଟିଏ ରହିଛି। ଫଳରେ ବିଭିନ୍ନ ସମୟରେ ଅପମିଶ୍ରିତ ଖାଦ୍ୟ ଯାଞ୍ଚ ପ୍ରକ୍ରିୟା ସଠିକ ଢଙ୍ଗରେ ସମ୍ପାଦନ ହୋଇପାରୁ ନାହିଁ। ହାଇକୋର୍ଟ ମଧ୍ୟ କଟକ ମହାନଗର ନିଗମ ପାଇଁ ସ୍ଥାୟୀ ଭ୍ରାମ୍ୟମାଣ ପରୀକ୍ଷାଗାରର ଉପଲବ୍ଧତା ଉପରେ ରିପୋର୍ଟ ତଲବ କରିଥିଲେ। ସମଗ୍ର ରାଜ୍ୟ ପାଇଁ କେବଳ ଗୋଟିଏ ଭ୍ରାମ୍ୟମାଣ ଖାଦ୍ୟ ପରୀକ୍ଷଣ ପରୀକ୍ଷାଗାର ଭୁବନେଶ୍ୱର ମହାନଗର ନିଗମ ପାଇଁ ଉପଲବ୍ଧ ଥିବା ନେଇ ଖାଦ୍ୟ ସୁରକ୍ଷା ନିର୍ଦ୍ଦେଶକ ମଧ୍ୟ ହାଇକୋର୍ଟରେ ଜବାବ ରଖିଥିବା ଜଣାପଡ଼ିଛି।

**ନମୂନା ଯାଞ୍ଚ ହେବ କେମିତି?**

**ରାଜ୍ୟର ୩୦ ଜିଲ୍ଲା ପାଇଁ ମାତ୍ର ଗୋଟିଏ ଭ୍ରାମ୍ୟମାଣ ପରୀକ୍ଷାଗାର**

ଯେଉଁ ପରୀକ୍ଷାଗାର ରାଜ୍ୟର ୩୦ଟି ଜିଲ୍ଲା ଏବଂ ୬ଟି ୟୁଏଲବି ପାଇଁ ପାର୍ବଣ ଋତୁରେ ସେବା ଯୋଗାଇବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖାଦ୍ୟ ସୁରକ୍ଷା ନିର୍ଦ୍ଦେଶକ ସୂଚନା ଦେଇଛନ୍ତି ଯେ, ଏଫଏସଏସଏଆଇ ନୂଆଦିଲ୍ଲୀ ସହଯୋଗରେ ୧୩ଟି ଭ୍ରାମ୍ୟମାଣ ଖାଦ୍ୟ ପରୀକ୍ଷଣ ପରୀକ୍ଷାଗାର କ୍ରୟ ପାଇଁ ଏକ ପ୍ରସ୍ତାବ ଦିଆଯାଇଛି। ବୈଷୟିକ ପ୍ରକ୍ରିୟା ବର୍ତ୍ତମାନ ଚୂଡ଼ାନ୍ତ ପର୍ଯ୍ୟାୟରେ ଅଛି। ଏଗୁଡିକ କ୍ରୟ କରାଯିବା ପରେ ଏମଓୟୁ କାର୍ଯ୍ୟ ଯୋଜନା ଅଧୀନରେ ନିୟୋଜିତ କରାଯିବ। ତଦନୁସାରେ, କଟକ ମହାନଗର ନିଗମ ଏବଂ କଟକ ଜିଲ୍ଲା ପାଇଁ ଗୋଟିଏ ସ୍ଥାୟୀ ଭ୍ରାମ୍ୟମାଣ ଖାଦ୍ୟ ପରୀକ୍ଷଣ ପରୀକ୍ଷାଗାର ଉପଲବ୍ଧ ହୋଇପାରିବ ବୋଲି ଜଣାପଡ଼ିଛି। ଅନ୍ୟପଟରେ ପୂଜା ଋତୁରେ ଏକ ସ୍ଥାୟୀ ଭ୍ରାମ୍ୟମାଣ ଖାଦ୍ୟ ପରୀକ୍ଷାଗାର ଉପଲବ୍ଧତା ସମ୍ପର୍କରେ ଖାଦ୍ୟ ସୁରକ୍ଷା କମିଶନରଙ୍କୁ ସିଏମସି ପକ୍ଷରୁ ଚିଠି ମାଧ୍ୟମରେ ଅନୁରୋଧ କରାଯାଇଛି। ଅନେକ ସମୟରେ ଉଠାଦୋକାନୀଙ୍କ ଉପରେ ମହାନଗର ନିଗମ ଓ ପୌରସଂସ୍ଥା ଗୁଡିକ ଚଢଉ କରୁଥିବା ବେଳେ ନାମୀଦାମୀ ହୋଟେଲ ଓ ରେଷ୍ଟୁରାଣ୍ଟରେ ଭେଜାଲ ତଥା ଅପମିଶ୍ରିତ ଖାଦ୍ୟ ବିକ୍ରି ହେଉଥିବା ଅଭିଯୋଗ ହୋଇଆସୁଛି। ରାସ୍ତାଘାଟ କଡରେ ବସୁଥିବା ଉଠାଦୋକାନୀ ତଥା ଦହିବରା ଆଳୁଦମ, ଗୁପଚୁପ, ଚାଟ ଓ ଫାଷ୍ଟଫୁଡ ଦୋକାନ ଉପରେ ଦେଖାଣିଆ ଚଢଉ କରାଯାଉଥିଲା ବେଳେ ଏଥିରୁ କିନ୍ତୁ ବଡ ବଡ ପ୍ରତିଷ୍ଠାନ ଗୁଡିକ ବର୍ତ୍ତିଯାଉଛନ୍ତି। ବିଗତ ଦିନରେ ଫୁଡ ସେଫ୍ଟି ଅନ ହୁଇଲ ଅଭିଯାନ ଆରମ୍ଭ କରାଯାଇ ସହରାଞ୍ଚଳରେ ହୋଟେଲ ଓ ରେଷ୍ଟୁରାଣ୍ଟକୁ ନୋଟିସ ଜାରି କରାଯାଇଆସୁଥିଲା ହେଲେ ଏବେ ଏହା ସ୍ଥାଣୁ ପାଲଟିଯାଇଛି। ସବୁ ବ୍ୟବସାୟ ପ୍ରତିଷ୍ଠାନ ଫୁଡ ଲାଇସେନ୍ସ ହାସଲ କରିବା ବାଧ୍ୟତାମୂଳକ କରାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଅନୁସାରେ ଏହାକୁ କାର୍ଯ୍ୟକାରୀ କରାଯାଉଥିବା କୁହାଯାଉଛି।

# କମିଶନରଙ୍କ ସହ ଆଲୋଚନା କଲେ କର୍ପୋରେଟର



**କଟକ, ୮।୯ (ସମିସ):** କଟକ ମହାନଗର ନିଗମର ୫୭ନଂ ୱାର୍ଡରେ ଥିବା ବିଭିନ୍ନ ମୌଳିକ ସମସ୍ୟା ବିଷୟରେ ସିଏମସି ଆୟୁକ୍ତ କିରଣଦୀପ କୌର ସହୋତାଙ୍କ ସହ ୫୭ନଂ ୱାର୍ଡ କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ ଆଲୋଚନା କରିଛନ୍ତି। ୱାର୍ଡ ପରିଦର୍ଶନ ସମୟରେ ଅଞ୍ଚଳବାସୀଙ୍କ ସହ ଉପସ୍ଥିତ ରହି ୱାର୍ଡର ବିଭିନ୍ନ ମୌଳିକ ସମସ୍ୟା ଯଥା ବେଆଇନ୍ ଜବରଦଖଲ ଯୋଗୁଁ ଦୀର୍ଘ ଦିନ ବନ୍ଦ ହୋଇ ପଡ଼ି ରହିଥିବା ପାର୍କ କାର୍ଯ୍ୟକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ କମିଶନରଙ୍କୁ କହିଥିଲେ। ଗୋପାଳପୁର ଶ୍ମଶାନ କାର୍ଯ୍ୟ ସମୟ ସୀମା ଶେଷ ହୋଇଥିଲେ ମଧ୍ୟ ଶ୍ମଶାନ କାର୍ଯ୍ୟ ବିଳମ୍ବ ହେଉଥିବାର ବିଷୟରେ ମଧ୍ୟ ଅବଗତ କରାଇଥିଲେ। ଏଥିସହ ୱାର୍ଡର ସବୁଠାରୁ ବଡ ସମସ୍ୟା ବର୍ଷାଜଳ ନିଷ୍କାସନର ସ୍ଥାୟୀ ସମାଧାନ ନିମନ୍ତେ ୱାର୍ଡର ଗୋପାଳପୁର ଏବଂ ଶ୍ରୀକୋରୁଆଁ ମୌଜାରେ ସ୍ଥାୟୀ ମୋଟର ପମ୍ପ ବ୍ୟବସ୍ଥା ସହ ପମ୍ପ ହାଉସ୍ ଘର ନିର୍ମାଣ କରିବା ଏବଂ ୱାର୍ଡରେ ଥିବା ଦୀର୍ଘ ଦିନ ବନ୍ଦ ହୋଇପଡ଼ି ରହିଥିବା ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପକୁ ୱାର୍ଡବାସୀଙ୍କ ହିତ ପାଇଁ ଚାଲୁ କରିବା ନିମନ୍ତେ ଅବଗତ କରାଇବା ସହ ଅନ୍ୟ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାନଗର ନିଗମର ବିଭିନ୍ନ ଅଧିକାରୀଙ୍କ ସହ ୱାର୍ଡ ବରିଷ୍ଠ ନାଗରିକ ତଥା ଆଞ୍ଚଳିକ ଶାନ୍ତି କମିଟିର ସଭାପତି ନିମାଇଁ ଚରଣ ଲେଙ୍କା, ତୁଷାରକାନ୍ତ ସ୍ୱାଇଁ, ରଞ୍ଜନ ପାଲ, ଦିନବନ୍ଧୁ ସ୍ୱାଇଁ, କୀର୍ତ୍ତି ରଞ୍ଜନ ପଟ୍ଟନାୟକ, ଆଦିକନ୍ଦ ଲେଙ୍କା, ଶିବସୁନ୍ଦର ଲେଙ୍କା, ଲଳିତ ଦାସ, ଦେବାଶିଷ ଦାସ, ସମେତ ଅନେକ ଉପସ୍ଥିତ ରହିଥିଲେ।

# ୧୦ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**କଟକ, ୮।୯ (ସମିସ):** ଚଳିତ ଶାରଦୀୟ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହ ସରସ ସୁନ୍ଦର ଭାବେ ପାଳନ କରିବା ନିମନ୍ତେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ୧୦ ତାରିଖ ବୁଧବାର ଦିନ ସହିଦ ଭବନଠାରେ ଜିଲ୍ଲାପାଳ ତଥା ମହାନଗର ପୂଜା କମିଟି ସଭାପତି ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୦ ଘଟିକା ସମୟରେ ଗ୍ରାମାଞ୍ଚଳ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଥିବାବେଳେ ଅପରାହ୍ନ ୪ ଘଟିକା ସମୟରେ ସହରାଞ୍ଚଳ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ଗ୍ରାମାଞ୍ଚଳ ଦୁର୍ଗାପୂଜା କମିଟି ସହ ସମ୍ପୃକ୍ତ ସମସ୍ତ ସଭାପତି ଓ ସମ୍ପାଦକ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପସ୍ଥିତ ରହିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏଥିସହ ଅପରାହ୍ନ ୪ଟା ସମୟରେ ସହରାଞ୍ଚଳ ଦୁର୍ଗାପୂଜା କମିଟି ସହ ସମ୍ପୃକ୍ତ ସମସ୍ତ ସଭାପତି ଓ ସମ୍ପାଦକ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି। ଦୁର୍ଗାପୂଜା ଓ ଭସାଣୀ ଉତ୍ସବକୁ ଦୃଷ୍ଟିରେ ରଖି ବିଭିନ୍ନ ବିଷୟବସ୍ତୁ ଉପରେ ପ୍ରଶାସନିକ ପ୍ରସ୍ତୁତି ନେଇ ବୈଠକରେ ସମୀକ୍ଷା କରାଯିବ। ଏତଦ୍‌ବ୍ୟତୀତ ବିଭିନ୍ନ ପୂଜା କମିଟି ଦ୍ୱାରା ଅନୁଭୂତ ସମସ୍ୟାର ତ୍ୱରିତ ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବା ନେଇ କାର୍ଯ୍ୟସୂଚୀ ରହିଛି।

# ମାଲଗୋଦାମ ଥାନା ପୁଲିସର ଅପରେସନ 'ପ୍ରହାର'

**କଟକ, ୮।୯ (ସମିସ):** ମାଲଗୋଦାମ ଥାନା ପକ୍ଷରୁ ଅପରେସନ ପ୍ରହାର ଅଭିଯାନରେ ବେଆଇନ ତମ୍ବାଖୁ ବେପାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆଜି ପୁଲିସ ଓ ସିଏମସିର ଏନଫୋର୍ସମେଣ୍ଟ ଟିମ ମିଳିତ ଭାବେ ଯୋବ୍ରା, କଲେଜଛକ, ସିଡିଏ ମାର୍କେଟ ଏବଂ ରେଳ ଷ୍ଟେସନ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଅତର୍କିତ ଚଢଉ କରିଥିଲା। ଯାଞ୍ଚ ସମୟରେ ଅନେକ ଦୋକାନରୁ ବିପୁଳ ପରିମାଣର ବିଭିନ୍ନ ପ୍ରକାର ସିଗାରେଟ, ଗୁଟଖା, ପାନ ମସଲା, ଖଇନି ଭଳି ତମ୍ବାଖୁଜାତ ଦ୍ରବ୍ୟ ଜବତ ହୋଇଛି। ଏହି ଘଟଣାରେ କେତେକ ଦୋକାନୀଙ୍କ ଠାରୁ ଜରିମାନା ଆଦାୟ କରାଯାଇଛି। ଧରପଗଡ଼ ଦେଖି କିଛି ଦୋକାନୀ ଆଗୁଆ ଦୋକାନ ବନ୍ଦ କରିଦେଇଥିଲେ। ତେବେ ପୁଲିସ ସମସ୍ତ ଦୋକାନୀଙ୍କୁ ବେଆଇନ କାର୍ଯ୍ୟକୁ ନେଇ ତାଗିଦ କରିଛି। ଏସିପି ଅରୁଣ ସ୍ୱାଇଁଙ୍କ ନେତୃତ୍ୱରେ ଥାନା ଅଧିକାରୀ ରଜନୀକାନ୍ତ ଦାସ ଓ ଅନ୍ୟମାନେ ଚଢଉରେ ସାମିଲ ହୋଇଥିଲେ।

# ଦୁର୍ଗାପୂଜା ନିମନ୍ତେ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ଆଉ ଗୋଟିଏ ଦିନ ବୃଦ୍ଧି

**କଟକ, ୮।୯ (ସମିସ):** ଆସନ୍ତା ଦୁର୍ଗାପୂଜା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଥିବା ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାକୁ ଆଉ ଗୋଟିଏ ଦିନ ବୃଦ୍ଧି କରାଯାଇଛି। ବିଭିନ୍ନ ପୂଜା କମିଟିର ଅନୁରୋଧ ଅନୁଯାୟୀ, ସିଙ୍ଗଲ୍ ୱିଣ୍ଡୋର କାର୍ଯ୍ୟକାଳ ଅତିରିକ୍ତ ଦୁଇ ଦିନ ପାଇଁ, ଅର୍ଥାତ୍ ୮ ଏବଂ ୯ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ବାରବାଟୀ ଷ୍ଟାଡିୟମର ବାରବାଟୀ ପ୍ୟାଲେସରେ ମଙ୍ଗଳବାର ୯ ତାରିଖ ମଧ୍ୟ ଏହି ସିଙ୍ଗଲ ୱିଣ୍ଡୋ ଜାରି ରହିବ। ଏହା ପରେ ଆଉ କୌଣସି ପ୍ରକାରର ସମୟ ଅବଧି ବୃଦ୍ଧିକୁ ଅନୁମତି ଦିଆଯିବ ନାହିଁ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏଠାରେ ସୂଚନାଯୋଗ୍ୟ ପୂଜା ମଣ୍ଡପରେ ସୁରକ୍ଷିତ ବିଦ୍ୟୁତ ସଂଯୋଗ, ବୈଦ୍ୟୁତିକ ଗେଟଗୁଡ଼ିକର ସଠିକ୍ ନିର୍ମାଣ, ପୂଜା ମଣ୍ଡପ ଏବଂ ତୋରଣ ନିର୍ମାଣ ଆଦି ନିମନ୍ତେ ଜିଲ୍ଲାର ସମସ୍ତ ପୂଜାମଣ୍ଡପ ଏନଓସି ହାସଲ କରିବା ବାଧ୍ୟତାମୂଳକ କରାଯାଇଛି।

# ରାସନ କାର୍ଡ ଇ-କେୱାଇସି କରିନାହାନ୍ତି ଜିଲ୍ଲାର ୯୩ ହଜାର ଉପଭୋକ୍ତା

**କଟକ, ୮।୯ (ସମିସ):** ଜିଲ୍ଲାର ସମସ୍ତ ୧୪ଟି ଯାକ ବ୍ଲକରେ ରାସନ କାର୍ଡ ଇ-କେୱାଇସି ପ୍ରକ୍ରିୟା ୯ମାସ ଧରି ଚାଲିଥିବା ବେଳେ ଏବେ ବି ପ୍ରାୟ ୯୩ ହଜାର ୩୬୫ ଜଣ ଉପଭୋକ୍ତା ସେମାନଙ୍କ ଅଞ୍ଚଳରେ ନିଯୁକ୍ତି ଥିବା ଡିଲରଙ୍କ ମାଧ୍ୟମରେ ଇକେୱାଇସି ଦାଖଲ କରି ପାରିନାହାନ୍ତି। ଅନେକ ପଡ଼ିକାର୍ଡଧାରୀ ପରିବାର ସଦସ୍ୟ ବାହାରେ ରହିଥିବା ହେତୁ ସେମାନଙ୍କ ଇ-କେୱାଇସି ସମ୍ଭବ ହୋଇନାହିଁ। ପ୍ରଥମେ ୩ ମାସ ପରେ ୬ ମାସ ଓ ୯ ମାସ ଅବଧି ବୃଦ୍ଧି କରିଥିଲେ ହେଁ ବହୁ ହିତାଧିକାରୀ କାର୍ଡରୁ ବାଦ ପଡ଼ିଛନ୍ତି। ସୂଚନାଯୋଗ୍ୟ ଯେ, ଜିଲ୍ଲାରେ ଯୋଗାଣ ବିଭାଗ ପକ୍ଷରୁ ୫ ଲକ୍ଷ ୧୧ ହଜାର ୫୫୮ ଟି ରେସନ କାର୍ଡ ଦିଆଯାଇ ୧୭ ଲକ୍ଷ ୫୩ ହଜାର ୪୯ ଜଣଙ୍କୁ ଖାଉଟି ସାମଗ୍ରୀ ଯୋଗାଇ ଦିଆଯାଉଥିଲା। ହେଲେ କାର୍ଡ ଯାଞ୍ଚ ପରେ ବହୁ ହିତାଧିକାରୀ କାର୍ଡରୁ କଟିଥିବାବେଳେ ଏବେ ସୁଦ୍ଧା ୯୩ ହଜାର ହିତାଧିକାରୀ ସେମାନଙ୍କର ଇ-କେୱାଇସି ଦାଖଲ କରି ନ ଥିବା ଜଣାପଡ଼ିଛି।

# ଓଡ଼ିଶା ତୀରନ୍ଦାଜ ସଂଘର ବାର୍ଷିକ ଅଧିବେଶନ ଓ କର୍ମକର୍ତ୍ତା ନିର୍ବାଚନ




**କଟକ, ୮।୯ (ସମିସ):** ଓଡ଼ିଶା ତୀରନ୍ଦାଜ ସଂଘର ବାର୍ଷିକ ଅଧିବେଶନ ଆଜି ବାରବାଟୀ ଷ୍ଟାଡିୟମ୍ ସ୍ଥିତ ସଂଘ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ସଂଘର ଉପସଭାପତି ନବୀନ ଚନ୍ଦ୍ର ନାରାୟଣ ଦାସ ସଭାପତିତ୍ୱ କରିଥିଲେ। ଏହି ଅଧିବେଶନରେ ୨୦୨୫-୨୯ ତଥା ଚାରି ବର୍ଷ ପାଇଁ ନୂତନ କର୍ମକର୍ତ୍ତା ମାନଙ୍କର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମୁଖ୍ୟ ଶାସନ ସଚିବ ଗୋକୁଳ ଚନ୍ଦ୍ର ପତି ପୁନର୍ବାର ସଭାପତି ଭାବରେ ନିର୍ବାଚିତ ହୋଇଛନ୍ତି। ନବୀନ ଚନ୍ଦ୍ର ନାରାୟଣ ଦାସ, ରବି ପଟ୍ଟନାୟକ, ବଟକୃଷ୍ଣ ମିଶ୍ର, ଡାକ୍ତର ଜନାର୍ଦ୍ଦନ ଦାସ ଓ ସୁନିଲ କୁମାର ବେହେରା ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସମ୍ପୂର୍ଣ୍ଣାନନ୍ଦ ଦାସ ସମ୍ପାଦକ ଭାବରେ, ଆଶିଷ କୁମାର ଦୀପ, ରୁଦ୍ରକେଷ ଜେନା, ଅର୍ଜୁନ କୁଅଁର, କିଶୋର ଦେହୁରୀ ଯୁଗ୍ମ ସମ୍ପାଦକ, ସୁରଜିତ ସିଂ କୋଷାଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇଛନ୍ତି। ଶ୍ରଦ୍ଧାନନ୍ଦ ଦାସ, ସରୋଜ କୁମାର ସିଂ, ଅକ୍ଷୟ ପ୍ରସାଦ ମହାନ୍ତି, ଦୁର୍ଗାପ୍ରସାଦ ପଟ୍ଟନାୟକ, ଜିତେନ୍ଦ୍ର ନାଥ, ଟିକିଲି ମହାକୁଡ ଏବଂ ସମୀକ୍ଷାନନ୍ଦ ଦାସ କାର୍ଯ୍ୟ ନିର୍ବାହୀ କମିଟି ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଜେଠି ନିର୍ବାଚନ ପ୍ରକ୍ରିୟାକୁ ପରିଚାଳନା କରିଥିଲେ। ଅଧିବେଶନରେ ସଂଘର ସାଂଗଠନିକ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରାରମ୍ଭରେ ସଂଘର ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ ବିବରଣୀ ଉପସ୍ଥାପନ କରିଥିଲେ। ଓଡ଼ିଶା ଅଲମ୍ପିକ ଆସୋସିଏସନର ସମ୍ପାଦକ ଅଭିଜିତ ପାଲ ଏବଂ ଓଡ଼ିଶା ସରକାରଙ୍କର କ୍ରୀଡା ବିଭାଗର ଅଧିକାରୀ ଅଜୟ ବେହେରା ସଂଘର ସଦସ୍ୟ ଭାବେ ଯୋଗଦେଇଥିଲେ।

# ୭୫ କୋଟି ଟଙ୍କାରେ ନିର୍ମାଣ ହେବ ୩ଟି ନୂଆ ବ୍ରିଜ୍ ଓ ୬ଟି ରାସ୍ତା

**କଟକ, ୮।୯ (ସମିସ):** ଜିଲ୍ଲା ଗ୍ରାମ୍ୟ ନିର୍ମାଣ ବିଭାଗକୁ ଚଳିତ ଆର୍ଥିକ ବର୍ଷରେ ସରକାର ୭୫ କୋଟି ୩୦ ଲକ୍ଷ ଟଙ୍କା ଆର୍ଥିକ ମଞ୍ଜୁର କରିଛନ୍ତି। ଏହି ଅର୍ଥ ବିନିଯୋଗରେ କଟକ ଜିଲ୍ଲାରେ ତିନିଟି ସେତୁ ଓ ୬ଟି ରାସ୍ତା ନିର୍ମାଣ କରାଯିବ। ବାରାହୀପୁର -ଛେଡା ରାସ୍ତାରେ ତେଲଯୋଡ ନାଳରେ ଏକ ନୂତନ ବ୍ରିଜ ନିର୍ମାଣ କରାଯିବା ପାଇଁ ନିଷ୍ପତ୍ତି ହୋଇଥିବାବେଳେ ଏଥିପାଇଁ ବିଭାଗକୁ ୩୧ କୋଟି ୯୧ ଲକ୍ଷ ଟଙ୍କା ମଞ୍ଜୁର ମିଳିଛି। ସେହିପରି କଟକ ଡିଭିଜନ -୨ ଅଧୀନରେ ଜାନତରିଆ-ଗୋପାଳପୁର ରାସ୍ତାର ନାଳରେ ଗୋଟିଏ ଓ ମାଣପୁର ରାସ୍ତାର କଜଳଗଣ୍ଡା ନାଳରେ ଆଉ ଏକ ବ୍ରିଜ ନିର୍ମାଣ କରାଯିବ। ୪ଟି ନୂଆ ରାସ୍ତା ଓ ଏକ ଜୁଡ଼ିସିଆଲ କୋଠାର ନିର୍ମାଣ ଯୋଜନା ରହିଛି। ଅପରପକ୍ଷେ କଟକ ସର୍କଲ ଅଧୀନରେ ଥିବା ଜଗତସିଂହପୁର ଜିଲ୍ଲାରେ ମଧ୍ୟ ୨ଟି ନୂତନ ରାସ୍ତା ସହିତ ୩ଟି ନୂଆ ପୋଲ ସେତୁବନ୍ଧ ଯୋଜନାରେ ନିର୍ମାଣ କରାଯିବ। ଏଥିପାଇଁ ୧୬ କୋଟି ୮୮ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି।

# ଏସ୍‌ସିବିରେ ନବଦୀକ୍ଷା କାର୍ଯ୍ୟକ୍ରମ

**କଟକ, ୮।୯ (ସମିସ):** ଏସସିବି ମେଡିକାଲ କଲେଜର ଡାକ୍ତରମାନେ ରୋଗୀ ଚିକିତ୍ସା ପ୍ରଣାଳୀ ସହ ନୂତନ ଗବେଷଣା କରି ରାଜ୍ୟ ପାଇଁ ଗର୍ବ ଆଣନ୍ତୁ। ଭଗବାନଙ୍କ ଦ୍ୱିତୀୟ ସ୍ୱରୂପ ଭାବେ ଜୀବନ ରକ୍ଷା କରିବା ଦିଗରେ ଡାକ୍ତରମାନଙ୍କ ଅବଦାନ ଅନ୍ୟମାନଙ୍କ ପାଇଁ ନୂଆ ଉଦାହରଣ ସୃଷ୍ଟି କରୁ। ଏସ୍‌ସିବି ମେଡିକାଲ କଲେଜର ଜୁନିଅର ଡାକ୍ତର ଆସୋସିଏସନ, ଆଇଏମ୍‌ଏ ଓ ଜେଡିଏନ୍‌ର ମିଳିତ ଆନୁକୂଲ୍ୟରେ ଆଜି ନୂତନ ଅଡିଟୋରିଆମଠାରେ ଆୟୋଜିତ ନୂତନ ପିଜି ଛାତ୍ରଛାତ୍ରୀଙ୍କ ସ୍ୱାଗତୋତ୍ସବ 'ନବଦୀକ୍ଷା' କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଏହା କହିଛନ୍ତି। ନୂତନ ଡାକ୍ତରୀ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରି ଶ୍ରୀମତୀ ପାଢ଼ୀ ଶତାବ୍ଦୀରେ ଶ୍ରେଷ୍ଠ ଓଡ଼ିଶା ଓ ଭାରତ ଗଠନ ପାଇଁ ମନରେ ଥିବା ଉତ୍ସାହକୁ ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମହାବିଦ୍ୟାଳୟର ବରିଷ୍ଠ ଓ କନିଷ୍ଠ ଛାତ୍ରଛାତ୍ରୀମାନେ ମିଳିତ ଉଦ୍ୟମରେ ଏକ ଶୈକ୍ଷିକ ବାତାବରଣ ମଧ୍ୟରେ ଗବେଷଣା ପାଇଁ ନିଜକୁ ପ୍ରେରିତ କରିବାକୁ ସେ କହିଥିଲେ। ଏହି ଅବସରରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ନୂତନ ପିଜି ଛାତ୍ରଛାତ୍ରୀଙ୍କୁ ଚରକ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ଡା. ମନୋରଞ୍ଜନ ଦାସ, ଡା. ଜୟନ୍ତ କୁମାର ପଣ୍ଡା, ଡା. ଜ୍ୟୋତିର୍ମୟ ନାୟକ ଯୋଗ ଦେଇଥିଲେ। ମେଡିକାଲ କଲେଜର ଅଧ୍ୟକ୍ଷା ପ୍ରଫେସର ଡା. ଲୁସି ଦାସ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବାଚସ୍ପତି ସହକାରୀ ପ୍ରଧ୍ୟାପକ ଡା. ଜ୍ୟୋତିର୍ମୟ ନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଜେଡିଏ ସଭାପତି ଡା. ଚିନ୍ମୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ୨ ଦୋକାନୀଙ୍କ ମଧ୍ୟରେ ମାର୍‌ପିଟ୍

**କଟକ, ୮।୯ (ସମିସ):** ଦରଘାବଜାର ଥାନା ଅଞ୍ଚଳରେ ସାମାନ୍ୟ କଥାକୁ କେନ୍ଦ୍ର କରି ୨ ଦୋକାନୀଙ୍କ ଭିତରେ ମାର୍‌ପିଟ ହୋଇଛି। ଏଥିରେ ଜଣେ ଆହତ ହୋଇଛନ୍ତି। ଘଟଣା ନେଇ ଥାନାରେ ଏତଲା ହୋଇଛି।

ସୂଚନା ଅନୁସାରେ, ଦରଘାବଜାର ଥାନା ନିକଟ ମାର୍କେଟରେ ରାଜରାଜ ବେହେରା ଏକ ଚାହା ଦୋକାନ କରିଛନ୍ତି। ତାଙ୍କ ଦୋକାନ ପାଖକୁ ଏକ ଫୁଲ ଦୋକାନ ରହିଛି। ରବିବାର ରାତି ପ୍ରାୟ ୯ଟା ବେଳେ ଉଭୟ ଦୋକାନୀଙ୍କ ମଧ୍ୟରେ କୌଣସି ଏକ କଥାକୁ ନେଇ ବଚସା ହୋଇଥିଲା। ଯୁକ୍ତିତର୍କ ବଢ଼ିବା ପରେ ଉଭୟ ହାତାହାତି ହୋଇଥିଲେ। ଏହି ସମୟରେ ଫୁଲ ଦୋକାନୀ ଓ ତାଙ୍କର ଭାଇମାନେ ମିଶି ରାଜଙ୍କୁ ମାଡ ମାରିଥିଲେ। ଏଥିରେ ରାଜଙ୍କ ମୁଣ୍ଡରେ ଆଘାତ ଲାଗିଛି। ଘଟଣା ପରେ ତାଙ୍କୁ ସଂଗେ ସଂଗେ ମେଡିକାଲ ପଠାଯାଇଥିଲା। ଏନେଇ ରାଜଙ୍କ ପକ୍ଷରୁ ତାଙ୍କ ମାଆ ନମିତା ବେହେରା ଥାନାରେ ଏତଲା ଦେଇଛନ୍ତି।

ଅଭିଯୋଗ ଆଧାରରେ ପୁଲିସ ରାକେଶ ବେହେରା, ରାଜେଶ ବେହେରା, ରମେଶ ବେହେରା ଓ ପବନ ବେହେରାଙ୍କ ବିରୋଧରେ ଏକ ମାମଲା ରୁଜୁ କରିଛି। ଘଟଣାର ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ରାକେଶ ବେହେରା ସୂଚନା ଦେଇଛନ୍ତି।



# ଆକର୍ଷଣ ପାଲଟିବ 'ହାଇଦ୍ରାବାଦ ପ୍ୟାଲେସ୍'

## ମାଲଗୋଦାମ ପୂଜା କମିଟି




କଟକ, ୮।୯ (ସମିସ)

ରୌପ୍ୟ ନଗରୀରେ ପାର୍ବଣ ତା'ର କଅଁଳ ପାଦ ସ୍ପର୍ଶ କରି ସ୍ଥିତି ଜାହିର୍ କରି ସାରିଲାଣି। ମହାନଦୀ ଓ କାଠଯୋଡିର ଉତ୍ତାଳ ଜଳରାଶିରେ ଖେଳିଗଲାଣି ପାର୍ବଣର ଖିଆଲି ତରଙ୍ଗ। ମର୍କତନଗରରୁ ମହାନଦୀବିହାର ଭିତରେ ଫିକା ଫିକା ଲାଗୁଥିବା ଐତିହାସିକ କଟକ ନଗରୀ କ୍ରମଶଃ ପାର୍ବଣର ରଙ୍ଗରେ ରଙ୍ଗେଇ ହେଲାଣି। ଅଗ୍ରପୂଜ୍ୟ ଗଜାନନଙ୍କ ପୂଜାରେ ସହରରେ ପାଦ ଥାପି ଥିବା ପାର୍ବଣ କାର୍ତ୍ତିକେଶ୍ୱର ପୂଜା ପରେ ବିଦାୟ ନେବ। ଏହାରି ଭିତରେ ଦେଇଯିବ ଅନେକ ପାସୋରା ଆଉ ଅପାସୋରା ଘଟଣା। ଆଉ କିଛି ଦିନ ପରେ ଦଶହରା। ମା'ଙ୍କ ମୂର୍ତ୍ତି ନିମନ୍ତେ ମାଟି ଅନୁକୂଳ ହୋଇ ସାରିଛି। ଏପଟେ ନିର୍ମଳ ଆଶ୍ୱୀନକୁ ସ୍ୱାଗତ କରିବାକୁ ନଦୀ ପଠାରେ ଖିଲିଖିଲି ହସିଲାଣି କାଶତଣ୍ଡୀ।

ରାଜ୍ୟର ବ୍ୟବସାୟିକ ପ୍ରାଣକେନ୍ଦ୍ର କଟକର ମାଲଗୋଦାମ। ପ୍ରାୟ ଛଅ ଦଶନ୍ଧି ଧରି ଏଠାରେ ଦୁର୍ଗା ପୂଜା ପାଳନ ହୋଇଆସୁଛି। ଚଳିତଥର ମାଲଗୋଦାମ ପୂଜା କମିଟି ହାଇଦ୍ରାବାଦ ପ୍ୟାଲେସ ଆକୃତିର ତୋରଣ ନିର୍ମାଣ କରିବ। କଟକି କାରୀଗରଙ୍କ ଦ୍ୱାରା ୪୫ଫୁଟ ଉଚ୍ଚତା ବିଶିଷ୍ଟ ଏହି ଆକର୍ଷଣୀୟ ତୋରଣ ନିର୍ମାଣ ଆରମ୍ଭ ହୋଇସାରିଲାଣି। ଦଶହରା ପାଇଁ ପ୍ରସ୍ତୁତି ଏକରକମର ଜୋରଦାର ଚାଲିଛି ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି।

ଦୁର୍ଗାପୂଜାକୁ ଆଉ ହାତଗଣତି ଦିନ ବାକି। ଏଥିପାଇଁ ଏବେ ଠାରୁ ଚଳଚଞ୍ଚଳ ହୋଇ ଉଠିଲାଣି କଟକନଗରୀ। ପୂଜା ମଣ୍ଡପରେ ପୂଜା ପାଇବେ ଜଗତଜନନୀ ମା'ଦୁର୍ଗା। ଦଶହରାରେ ମା'ଦୁର୍ଗାଙ୍କ ସହ କେତୋଟି ପୂଜା ମଣ୍ଡପରେ ମହାଦେବ ପୂଜା ପାଇଥାନ୍ତି। ମାଲଗୋଦାମ ପୂଜା ମଣ୍ଡପରେ ଦୈତ ଜଳନ୍ଧରକୁ ବଧ କରୁଥିବା ରୂପରେ ମହାଦେବଙ୍କ ପ୍ରତିମୂର୍ତ୍ତି ନିର୍ମାଣ ହେଉଛି। ବିଡାନାସୀର ଶିଳ୍ପୀ ସୁବାଷ ବେହେରା ମୂର୍ତ୍ତି କାର୍ଯ୍ୟ କରୁଥିବା ବେଳେ କାଠଗଡ଼ା ସାହିର କାରୀଗର ସୂର୍ଯ୍ୟ ନାରାୟଣ ପରିଡ଼ା ମେଢ଼ ତିଆରି କରୁଛନ୍ତି। ରବି ଆଡଭାଟାଇଜରକୁ ତୋରଣ ଏବଂ ସୁବୋଧ ସିଂହଙ୍କୁ ଇଲେକ୍ଟ୍ରି ଗେଟ୍ ସାଜସଜ୍ଜା ଦାୟିତ୍ୱ ଦିଆଯାଇଛି। ତେବେ ପ୍ରତ୍ୟେକବର୍ଷ କିଛି ନୂତନତ୍ୱ ଆଣିବା ପ୍ରକ୍ରିୟା ଭିତରେ ଏଥର ମାଲଗୋଦାମ ପୂଜା କମିଟି ହାଇଦ୍ରାବାଦ ପ୍ୟାଲେସ ଭଳି ଦିଶୁଥିବା ତୋରଣ ନିର୍ମାଣ କରିବ। ଚଳିତଥର ପୂଜା ବଜେଟ ୨୫ଲକ୍ଷ ଟଙ୍କା ରଖାଯାଇଛି। ମହାସପ୍ତମୀ ତିଥୀରେ ପ୍ରାୟ ୧୦ କ୍ୱିଣ୍ଟାଲ ଲଡୁ ଭୋଗ ପ୍ରସ୍ତୁତ କରାଯାଇ ବଣ୍ଟନ ହେବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

### ପାରମ୍ପରିକ ବାଦ୍ୟକୁ ଗୁରୁତ୍ୱ



ପୂଜା କମିଟି ପକ୍ଷରୁ ପ୍ରତ୍ୟେକ ବର୍ଷ ଦିନ ସମୟରେ ମହାଦେବଙ୍କୁ ଭସାଣି ଶୋଭାଯାତ୍ରାରେ ନେଇ ପାଣିରେ ବିସର୍ଜନ କରାଯାଇଥାଏ। ଏକାଦଶୀ ଦିନ ପ୍ରାୟ ୩ଟାରେ ଶୋଭାଯାତ୍ରା ଶେଷ ହେବ। ପୁଲିସ ଓ ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରାଯିବ। ପାରମ୍ପରିକ ବାଦ୍ୟକୁ ଗୁରୁତ୍ୱ ଦିଆଯିବ।

**-ଧର୍ମାନନ୍ଦ ପାତ୍ର, ସଭାପତି**

### ବିଶୃଙ୍ଖଳାକୁ ପ୍ରଶୟ ଦିଆଯିବ ନାହିଁ



ପୂଜା କମିଟି ପକ୍ଷରୁ ପୂଜାକୁ ସମ୍ପୂର୍ଣ୍ଣ ଭାବେ ଶୃଙ୍ଖଳିତ ଢ଼ଙ୍ଗରେ ଶେଷ କରିବାକୁ ଗୁରୁତ୍ୱ ଦିଆଯାଉଛି। ପ୍ରତ୍ୟେକବର୍ଷ ଏଠାରେ ବେଶ ଭିଡ଼ ଜମିଥାଏ। ତାହାକୁ ନଜରରେ ରଖି ସମସ୍ତ କର୍ମକର୍ତ୍ତା ଭିଡ଼ ନିୟନ୍ତ୍ରଣ କରିବା ନେଇ ସଜାଗ ରହିବେ। କୌଣସି ବିଶୃଙ୍ଖଳାକୁ ପ୍ରଶୟ ଦିଆଯିବା ନାହିଁ।

**-ପ୍ରଫୁଲ୍ଲ କୁମାର ଛାଟୋଇ, ସାଧାରଣ ସମ୍ପାଦକ**

### ରାଜେନ୍ଦ୍ର ଢୋଲକିଆଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ

## ଲୋକଙ୍କ ହକ୍ ପାଇଁ ସ୍ୱର ଉଠାଇବାରେ ସେ ସବୁବେଳେ ଆଗରେ ଥିଲେ: ନବୀନ

ଭୁବନେଶ୍ୱର,୮।୯(ସମିସ): ବରିଷ୍ଠ ବିଜେଡି ନେତା, ନୂଆପଡ଼ାରୁ ୪ ଥରର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କର ସୋମବାର ମୃତ୍ୟୁ ଘଟିଛି। ଚେନ୍ନାଇର ଏକ ଘରୋଇ ହସ୍ପିଟାଲରେ ଶ୍ରୀ ଢୋଲକିଆ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ବିୟୋଗରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ

### ଶଙ୍ଖ ଭବନ ଓ କଂଗ୍ରେସ କାର୍ଯ୍ୟାଳୟରେ ନିରବ ପ୍ରାର୍ଥନା

ପଟ୍ଟନାୟକ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି 'ଏକ୍ସ'ରେ ଗଭୀର ଦୁଃଖ ପ୍ରକାଶ କରି ଉଲ୍ଲେଖ କରିଛନ୍ତି ଯେ ଶ୍ରୀ ଢୋଲକିଆଙ୍କ ଅସମୟର ସ୍ୱର୍ଗବାସ ପାଇଁ ସେ ଶୋକସନ୍ତପ୍ତ ପରିବାରବର୍ଗ ଓ ନୂଆପଡ଼ାବାସୀଙ୍କୁ ସମବେଦନା ଜଣାଇଛନ୍ତି। ସେହିପରି ମୁଖମନ୍ତ୍ରୀ ଶ୍ରୀ ମାଝୀ 'ଏକ୍ସ'ରେ ଉଲ୍ଲେଖ କରି କହିଛନ୍ତି ଯେ ନୂଆପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢ଼ୋଲକିଆଙ୍କ ଦେହାନ୍ତ ବିଷୟରେ ଜାଣି ଅତ୍ୟନ୍ତ ଦୁଃଖିତ। ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାଙ୍କ ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିଜ ଶୋକ ବାର୍ତ୍ତାରେ ଉଲ୍ଲେଖ କରି କହିଛନ୍ତି ଯେ ଦଳର ବରିଷ୍ଠ ରାଜନେତା, ନୂଆପଡ଼ାର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଗଭୀର ଦୁଃଖିତ। ଦଳର ସଙ୍ଗଠନକୁ ମଜଭୁତ କରିବା ସହ ଲୋକଙ୍କ ହକ୍ ପାଇଁ ସ୍ୱର ଉଠାଇବାରେ ସେ ସବୁବେଳେ ଆଗରେ ଥିଲେ। ତାଙ୍କ ବିୟୋଗ ଦଳ ପାଇଁ ଏକ ଅପୂରଣୀୟ କ୍ଷତି। ଜନସେବାରେ ତାଙ୍କର କାର୍ଯ୍ୟ ସବୁବେଳେ ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି। ଏମାନଙ୍କ ବ୍ୟତୀତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ରାଜ୍ୟ ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ, ବିଧାୟକ, ପିସିସି ସଭାପତି ଭକ୍ତଚରଣ ଦାସ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ତଥା ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଶୋକପ୍ରକାଶ କରିଛନ୍ତି।

## ଲକ୍ଷେ ଛୁଇଁବ ୨୨ କ୍ୟାରେଟ୍ ସୁନା

ଭୁବନେଶ୍ୱର,୮।୯(ଏଜେନ୍ସି): ଘରୋଇ ବଜାରରେ ଦିନକୁ ଦିନ ଆକାଶଛୁଆଁ ହେବାରେ ଲାଗିଛି ସୁନା ଏବଂ ରୁପା ଦର। ସୋମବାର ଘରୋଇ ବଜାରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧.୦୮ ଲକ୍ଷ ଟଙ୍କା ଉପରକୁ ଯାଇଛି। ହେଲେ ଏଥିରେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ମଧ୍ୟ ୧୦ ଗ୍ରାମ ପିଛା ପ୍ରଥମ କରି ୧ ଲକ୍ଷ ଟଙ୍କା ଛୁଇଁବାକୁ ବସିଛି। ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୦୮,୯୩୦ ଟଙ୍କାରେ ପହଞ୍ଚିଛି। ତେବେ ୨୨ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ପ୍ରଥମ କରି ୯୯,୮୫୦ ଟଙ୍କା ଛୁଇଁଛି। ତେବେ ରୁପା କିଲୋ ପିଛା ୧,୩୧,୦୦୦ ଟଙ୍କା ସ୍ତରରେ ପହଞ୍ଚି ନୂଆ ଇତିହାସ ରଚିଛି। ସେହିପରି ନୂଆଦିଲ୍ଲୀରେ ଆଜି ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ୧,୦୮,୩୮୦ ଟଙ୍କାର ନୂତନ ସ୍ତରରେ ପହଞ୍ଚିଛି। ୨୨ କ୍ୟାରେଟ୍ ସୁନା ମୂଲ୍ୟ ମଧ୍ୟ ୧୦ ଗ୍ରାମ ପିଛା ପ୍ରଥମ କରି ୯୯,୩୫୦ ଟଙ୍କା ହୋଇଛି। କେତେକ ବୈଶ୍ୱିକ କାରଣ ଯୋଗୁ ବିଶ୍ୱ ସମେତ ଘରୋଇ ବଜାରରେ ସୁନା ଦର ମହଙ୍ଗା ହେବାରେ ଲାଗିଛି। ସୂଚନାଯୋଗ୍ୟ ଯେ ଚଳିତବର୍ଷ ଘରୋଇ ବଜାରରେ ସୁନା ଦର ୩୨ ହଜାର ଏବଂ ରୁପା ମୂଲ୍ୟରେ ପାଖାପାଖି ୪୦ ହଜାର ଟଙ୍କା ବୃଦ୍ଧି ଘଟିଛି।

**୧.୩୧ ଲକ୍ଷ ଟପିଲା ରୁପା**

### ସାର ପାଇଁ ମହାଭାରତ

## କୃଷି ଅଧିକାରୀ, ପାକ୍ସ କର୍ମଚାରୀଙ୍କୁ ତାଲା ପକାଇଲେ ଚାଷୀ

ସଇଁତଲା, ୮।୯(ସମିସ): ସାର ନ ମିଳିବାରୁ କୃଷି ଅଧିକାରୀ ଓ ପାକ୍ସ କର୍ମଚାରୀଙ୍କୁ ତାଲା ପକାଇଲେ ଚାଷୀ। ବଲାଙ୍ଗିର ଜିଲ୍ଲା ଘୁନସର ସମବାୟ ସମିତିରେ ଆଜି ଏପରି ଅପ୍ରୀତିକର ପରିସ୍ଥିତି ଦେଖାଦେଇଛି। ସେହିପରି ଭଦ୍ରା ସମବାୟ ସମିତିରେ ମଧ୍ୟ ଚାଷୀ ଅସନ୍ତୋଷ ଦେଖିବାକୁ ମିଳିଛି।



ସୂଚନାନୁଯାୟୀ, ସାର ପାଇବାରୁ ବଞ୍ଚିତ ଚାଷୀ ଆଜି ଘୁନସର ସମବାୟ ସମିତି ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଥା ଆଗକୁ ବଢ଼ିବାରୁ ଉତ୍ତ୍ୟକ୍ତ ଚାଷୀ ସେଠାରେ ଉପସ୍ଥିତ ଅତିରିକ୍ତ କୃଷି ଅଧିକାରୀ ଓ ସମବାୟ ସମିତିର କର୍ମଚାରୀଙ୍କୁ ତାଲା ପକାଇ ଦେଇଥିଲେ। ଖବର ପାଇ ସଇଁତଲା ପୁଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ କୃଷି ଅଧିକାରୀ ଓ ସମବାୟ ସମିତି କର୍ମଚାରୀଙ୍କୁ ଉଦ୍ଧାର କରିଥିଲା।

ସେହିଭଳି ଭଦ୍ରା ପ୍ରାଥମିକ ସମବାୟ ସମିତିକୁ ସାର ଆସିଥିବା ଖବର ପାଇ ସୋମବାର ସକାଳ ପ୍ରାୟ ୪ଟାରୁ ଚାଷୀ ଆଧାର କାର୍ଡ ଧରି ଲମ୍ବା ଧାଡ଼ିରେ ଛିଡ଼ା ହୋଇଥିଲେ। ହେଲେ ଚାଷୀଙ୍କୁ ଦେଖି ପାକ୍ସ ସମ୍ପାଦକ ମନୋଜ ସାହୁ ପଳାଇଥିଲେ। ୪ ଘଣ୍ଟା ପରେ ଆସିବାରୁ ସାର ପାଇଁ ସମବାୟ ସମିତି ସାମ୍ନାରେ ଅପେକ୍ଷା କରିଥିବା ଚାଷୀ ଉତ୍ତେଜିତ ହୋଇଉଠିଥିଲେ। ଶ୍ରୀ ସାହୁ ଘୁନସର ସମବାୟ ସମିତିର ସମ୍ପାଦକ। ଏହାସହ ସେ ଭଦ୍ରା ଦାୟିତ୍ୱରେ ମଧ୍ୟ ଅଛନ୍ତି। ଘୁନସର ଚାଷୀଙ୍କ ପାଇଁ ସାର ଆସିନି; ହେଲେ ଘୁନସର ଗାଁର ପାଖାପାଖି ୩୦ଜଣ ଚାଷୀଙ୍କୁ ଭଦ୍ରା ସମବାୟ ସମିତିରୁ ସାର ଦିଆଯାଇଛି। ଏହାକୁ ନେଇ ଭଦ୍ରା ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଖବର ପାଇ ବଡ଼ମାଳ ଫାଣ୍ଡି ପୁଲିସ ପହଞ୍ଚି ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ସେହିପରି ବୁଢ଼ାବାହାଲ ଓ ସଇଁତଲା ସମବାୟ ସମିତିରେ ମଧ୍ୟ ସାର ବଣ୍ଟନ ବେଳେ ଉତ୍ତେଜନା ଦେଖାଦେଇଛି।

## ଗୋଲାମୁଣ୍ଡା-କେଗାଁ ମୁଖ୍ୟରାସ୍ତା ଅବରୋଧ



ଗୋଲାମୁଣ୍ଡା, ୮।୯ (ସମିସ): ସାର ନ ମିଳିବାରୁ ରାସ୍ତାରେ ବସିଲେ ଚାଷୀ। କଳାହାଣ୍ଡି ଜିଲ୍ଲା ଚପ୍ରିଆ ସେବା ସମବାୟ ସମିତି ଆଗରେ ଆଜି ଏଭଳି ସ୍ଥିତି ଦେଖିବାକୁ ମିଳିଛି। ସାର ଯୋଗାଣ ଦାବିରେ ବହୁ ସଂଖ୍ୟାରେ ଚାଷୀ ଗୋଲାମୁଣ୍ଡା-କେଗାଁ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଚପ୍ରିଆ ସେବା ସମବାୟ ସମିତିକୁ ୫୦୦ ପ୍ୟାକେଟ୍ ୟୁରିଆ ଆସିଥିବା ବେଳେ ହଜାରରୁ ଉର୍ଦ୍ଧ୍ୱ ଚାଷୀ ସକାଳ ୫ରୁ ଅପେକ୍ଷା କରିଥିଲେ। ଏତେସଂଖ୍ୟକ ଚାଷୀଙ୍କୁ ସାର ଯୋଗାଣ ପାଇଁ ସେବା ସମବାୟ ସମିତି ଅସାମର୍ଥ୍ୟ ପ୍ରକାଶ କରିବାରୁ ଚାଷୀମାନେ ରାସ୍ତା ଅବରୋଧ କରି ଧାରଣାରେ ବସିଥିଲେ। ଏଥିରେ ଅବରୋଧରେ ଚପ୍ରିଆ, କେଗାଁ, ଖଲିଆପାଲି, ସିନାପାଲି, ନୂଆଗାଁ ଆଦି ଅଞ୍ଚଳର ହଜାରରୁ ଉର୍ଦ୍ଧ୍ୱ ଚାଷୀ ସାମିଲ ହୋଇଥିଲେ।

## ୧୪ରେ କଂଗ୍ରେସ ପିଏସି ବୈଠକ

### ଯୋଗଦେବେ ଏଆଇସିସି ସଂଗଠନ ସମ୍ପାଦକ

ଭୁବନେଶ୍ୱର, ୮।୯ (ସମିସ): ଆସନ୍ତା ୧୪ ତାରିଖରେ କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ବ୍ୟାପାର କମିଟି (ପିଏସି) ବୈଠକ ବସିବ। ଏଥିରେ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ସାଧାରଣ ସମ୍ପାଦକ (ସଂଗଠନ) କେ.ସି ବେଣୁଗୋପାଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିଦିନ କଂଗ୍ରେସର ସମସ୍ତ ଛାମୁଆ ସଂଗଠନ ମୁଖ୍ୟ ପଦାଧିକାରୀ ଏବଂ ସଂଗଠନ ସୃଜନ ଅଭିଯାନ ପାଇଁ ପିସିସି ପକ୍ଷରୁ ନିଯୁକ୍ତ ପର୍ଯ୍ୟବେକ୍ଷକଙ୍କୁ ନେଇ ମଧ୍ୟ ଅନ୍ୟ ଏକ ବୈଠକ ବସିବ। ବୈଠକରେ କେଉଁ ପ୍ରସଙ୍ଗରେ ଆଲୋଚନା ହେବ, ତାହା ବର୍ତ୍ତମାନ ପର୍ଯ୍ୟନ୍ତ ଜଣାପଡ଼ି ନଥିଲେ ହେଁ ମୁଖ୍ୟତଃ କଂଗ୍ରେସ ଜିଲ୍ଲା ସଭାପତି ଚୟନକୁ ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବ ବୋଲି ଚର୍ଚ୍ଚା ହେଉଛି। ବର୍ତ୍ତମାନ ଜାରି ରହିଥିବା ସଂଗଠନ ସୃଜନ ପ୍ରକ୍ରିୟା ୧୪ତାରିଖ ଶେଷ ହେବାକୁ ଥିବା ବେଳେ ଏଆଇସିସି ପର୍ଯ୍ୟବେକ୍ଷକମାନେ ଜିଲ୍ଲା ସଭାପତି ପ୍ରାର୍ଥୀଙ୍କ ନାମ ସୁପାରିସ କରିବେ। ସେ ଦୃଷ୍ଟିରୁ ଏହି ବୈଠକ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ବୈଠକ ଯୋଗୁଁ ସମସ୍ତ ପିଏସି ମେମ୍ବରଙ୍କୁ ଅବଗତ କରାଯାଇଥିବା ବେଳେ ଏଥିରେ ପିସିସି ପ୍ରଭାରୀ ଓ ସଭାପତି ମଧ୍ୟ ଉପସ୍ଥିତ ରହିବେ ବୋଲି ସୂଚନା ମିଳିଛି।

## ପରିବାର ପେନ୍‌ସନ୍ ପାଇଁ ଦ୍ୱିତୀୟ ପତ୍ନୀଙ୍କ ନାମାଙ୍କନକୁ ଖାରଜ କରାଯିବା ବେଆଇନ: ହାଇକୋର୍ଟ

କଟକ, ୮।୯(ସମିସ): ପ୍ରଥମ ପତ୍ନୀଙ୍କ ମୃତ୍ୟୁ ପରେ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ ବହିରେ ସଂଶୋଧନ ପାଇଁ ଦ୍ୱିତୀୟ ପତ୍ନୀଙ୍କ ନାମାଙ୍କନ ଆବେଦନକୁ ଖାରଜ କରାଯିବା ବେଆଇନ ବୋଲି ହାଇକୋର୍ଟ କହିଛନ୍ତି। ଯଦି ଜଣେ ପେନସନ୍‌ଭୋଗୀ ତାଙ୍କର ପେନସନ୍ ବହିରେ ପ୍ରତିନିଧି (ନୋମିନି)ଙ୍କ ନାମ ସଂଶୋଧନ ପାଇଁ ଆବେଦନ କରନ୍ତି, ତେବେ ଏଭଳି ସଂଶୋଧନ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ପ୍ରତିବନ୍ଧକ ନାହିଁ। ଓସିଏସ ପେନସନ ନିୟମ, ୧୯୯୨ର ନିୟମ ୫୬(୧୭) (ବି)(ଆଇ) ଅନୁଯାୟୀ ଅବସର ପରବର୍ତ୍ତୀ ପରିବାର ପେନସନ ପାଇବାକୁ ସ୍ୱାମୀ କିମ୍ବା ପତ୍ନୀଙ୍କୁ ଅନୁମତି ଦିଆଯାଇଛି। ଏଭଳି କ୍ଷେତ୍ରରେ ଯଦି ପେନସନ ନିୟମ, ୧୯୯୨ ଅନୁଯାୟୀ ସଂଶୋଧିତ ନାମ ମାନଦଣ୍ଡ ପୂରଣ କରୁଥାଏ, ତାହେଲେ ନିଯୁକ୍ତିଦାତାଙ୍କ ଦ୍ୱାରା ନାମ ସଂଶୋଧନକୁ ତୁରନ୍ତ ଅନୁମତି ଦିଆଯିବା ଉଚିତ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ବି.ପାପାରାଓଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୟ କୁମାର ମିଶ୍ର ଏପରି ରାୟ ପ୍ରକାଶ କରିଛନ୍ତି।

ଆବେଦନକାରୀ, ୱେସ୍କୋ (ବର୍ତ୍ତମାନର ଟିପିଡବ୍ଲୁଓଡିଏଲ)ରୁ ସହକାରୀ ଯନ୍ତ୍ରୀ ଭାବେ ୨୦୦୫ ମସିହାରେ ଅବସର ନେଇଥିଲେ। ଗତ ୨୦୦୯ ମେ' ୨୬ ତାରିଖରେ ତାଙ୍କର ପ୍ରଥମ ପତ୍ନୀ ମୃତ୍ୟୁବରଣ କରିଥିଲେ। ଆବେଦନକାରୀ ୨୦୧୨ ଅଗଷ୍ଟ ୨୨ରେ ରାୟଗଡ଼ାର ବିବାହ ଅଧିକାରୀଙ୍କ ନିକଟରେ କିଲମ ରତ୍ନମାଳାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ପ୍ରଥମ ପତ୍ନୀଙ୍କ ନାମ ତାଙ୍କ ପେନସନ୍ ବହିରେ ପୂର୍ବରୁ ଲେଖାଯାଇଥିଲା ବେଳେ ଏହାକୁ ସଂଶୋଧନ କରି ଦ୍ୱିତୀୟ ପତ୍ନୀଙ୍କୁ ପ୍ରତିନିଧି ଭାବେ ନାମାଙ୍କନ ପାଇଁ ଆବେଦନ କରିଥିଲେ। ଭବିଷ୍ୟତରେ ପରିବାର ପେନସନ୍ ପାଇବା ପାଇଁ ଏଭଳି ଆବେଦନ କରାଯାଇଥିଲେ ସୁଦ୍ଧା ଏହାକୁ ୱେସ୍କୋ (ବର୍ତ୍ତମାନର ଟିପିଡବ୍ଲୁଓଡିଏଲ) ମହାପ୍ରବନ୍ଧକଙ୍କ ପକ୍ଷରୁ ଖାରଜ କରିଦିଆଯାଇଥିଲା। ଏହା ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାର ଶୁଣାଣି କରି ପେନସନ କାଗଜପତ୍ରରେ ଆସନ୍ତା ୪ ସପ୍ତାହ ଭିତରେ ଆବଶ୍ୟକ ପରିବର୍ତ୍ତନ ଅବା ସଂଶୋଧନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ପ୍ରାର୍ଥୀଙ୍କୁ ସାକ୍ଷାତକାର ମାର୍କ ଦେବା ପାଇଁ ଲୋକସେବା ଆୟୋଗକୁ ସୂଚନା କମିଶନଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୮।୯(ସମିସ): ପ୍ରାର୍ଥୀଙ୍କୁ ସାକ୍ଷାତକାର ପରୀକ୍ଷାର ମାର୍କ ପ୍ରଦାନ କରିବା ପାଇଁ ରାଜ୍ୟ ସୂଚନା କମିସନ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି)କୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ ଭଦ୍ରକ ଜିଲ୍ଲାର ମିନତୀରାଣୀ ମହାପାତ୍ର ଇତିହାସ ବିଷୟ ପାଇଁ ସହକାରୀ ଶିକ୍ଷକ ପଦବୀ ନିମନ୍ତେ ଆବେଦନ କରିଥିଲେ। ବିଜ୍ଞାପନ ଅନୁଯାୟୀ କ୍ୟାରିୟର ଏବଂ ସାକ୍ଷାତକାର ମାର୍କ ଉପରେ ଆଧାରିତ ଥିଲା। ୨୦୦୨ ଜୁନ୍‌ରେ ଓପିଏସ୍‌ସି ଦ୍ୱାରା ପ୍ରକାଶିତ ମନୋନୀତ ପ୍ରାର୍ଥୀ ତାଲିକାରେ ତାଙ୍କ ନାମ ନ ଥିଲା। ଫଳାଫଳରେ ଅସନ୍ତୁଷ୍ଟ ହୋଇ ସେ ସୂଚନା ଅଧିକାର ଆଇନ ବଳରେ ଓପିଏସ୍‌ସିକୁ କ୍ୟାରିଅର ମୂଲ୍ୟାୟନ ଏବଂ ସାକ୍ଷାତକାରରେ ତାଙ୍କୁ ମିଳିଥିବା ମାର୍କର ବିବରଣୀ ମାଗିଥିଲେ। ଆୟୋଗ ତାଙ୍କୁ କ୍ୟାରିଅର ମାର୍କ ପ୍ରଦାନ କରିଥିଲେ ମଧ୍ୟ ସାକ୍ଷାତକାର ମାର୍କ ପ୍ରଦାନ କରିବାକୁ ମନାକରି ଦେଇଥିଲେ। ସୂଚନା କମିଶନଙ୍କ ସମ୍ମୁଖରେ ଶୁଣାଣି ସମୟରେ ଓଡ଼ିଶା ଲୋକସେବା ଆୟୋଗର ପ୍ରତିନିଧି ଯୁକ୍ତି ବାଢିଥିଲେ ଯେ ସାକ୍ଷାତକାର ହେଉଛି ପ୍ରାର୍ଥୀଙ୍କ ବ୍ୟକ୍ତିତ୍ୱ ଓ କଥନ ଶୈଳୀ ଦକ୍ଷତା ଇତ୍ୟାଦିର ଏକ ପରୀକ୍ଷା ଏବଂ ଏଥିରେ କେବଳ ଯୋଗ୍ୟତା ନିର୍ଣ୍ଣୟ କରାଯାଏ। ପ୍ରାର୍ଥୀମାନଙ୍କୁ କେବଳ ସେମାନେ ଉପଯୁକ୍ତ କି ଅନୁପଯୁକ୍ତ ବୋଲି ସୂଚନା ଦିଆଯାଏ। ପ୍ରାର୍ଥୀମାନଙ୍କୁ ନିର୍ଦ୍ଦିଷ୍ଟ ମାର୍କ ଦିଆଯାଏ ନାହିଁ କିମ୍ବା କୌଣସି ଯୋଗ୍ୟ ତାଲିକା ପ୍ରକାଶ କରାଯାଏ ନାହିଁ। ରାଜ୍ୟ ମୁଖ୍ୟ ସୂଚନା କମିଶନର ମନୋଜ ପରିଡା ରାୟରେ କହିଛନ୍ତି ଯେ ଲୋକସେବା ଆୟୋଗର ଏପରି ନିଷ୍ପତ୍ତି ସୂଚନା ଅଧିକାର ଆଇନର ବ୍ୟବସ୍ଥା ବିରୋଧୀ। ପ୍ରାର୍ଥୀଙ୍କ ସାକ୍ଷାତକାରରେ ପାଇଥିବା ମାର୍କ ଜାଣିବାର ସଂପୂର୍ଣ୍ଣ ଅଧିକାର ରହିଛି। ଏହାଦ୍ୱାରା ସେ ପରବର୍ତ୍ତୀ ପ୍ରୟାସରେ ତାଙ୍କର ପ୍ରଦର୍ଶନକୁ ଉନ୍ନତ କରିପାରିବେ। ପ୍ରତ୍ୟେକ ପ୍ରାର୍ଥୀଙ୍କର ଜାଣିବାର ଅଧିକାର ଅଛି ଯେ ସେମାନେ କେଉଁ ଆଧାରରେ ସଫଳ ହୋଇ ପାରିଲେ ନାହିଁ। ଏ ସମ୍ବନ୍ଧରେ ଓଡ଼ିଶା ଲୋକସେବା ଆୟୋଗ ପ୍ରାର୍ଥୀମାନଙ୍କୁ ଅନ୍ଧାରରେ ରଖି ପାରିବନାହିଁ। ତେଣୁ ଓପିଏସସି ପ୍ରାର୍ଥୀମାନଙ୍କୁ ସାକ୍ଷାତକାରରେ ମିଳିଥିବା ମାର୍କ ଜଣାଇବା ଉଚିତ୍ ବୋଲି ସୂଚନା କମିସନ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

### ଦିଲ୍ଲୀରେ ଓଡ଼ିଶା ବିଜେପି ସାଂସଦଙ୍କ ବୈଠକ

## ଉପରାଷ୍ଟ୍ରପତି ନିର୍ବାଚନ ସମ୍ପର୍କରେ ଆଲୋଚନା

ଭୁବନେଶ୍ୱର, ୮।୯(ସମିସ): ଆସନ୍ତାକାଲି ଉପରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ନୂଆଦିଲ୍ଲୀରେ ବିଜେପି ସାଂସଦମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବିଜେପି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଦିଲ୍ଲୀସ୍ଥିତ ବାସଭବନରେ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଉପରାଷ୍ଟ୍ରପତି ନିର୍ବାଚନ ନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି। ଏହାସହ ରାଜ୍ୟରେ ବିଜେପି ଶାସନ, ସଂଗଠନ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମଧ୍ୟ ସାଂସଦମାନେ ନିଜର ମତାମତ ରଖିଛନ୍ତି।

ବୈଠକରେ ରାଜ୍ୟ ବିଜେପି ପ୍ରଭାରୀ ବିଜୟପାଲ୍ ସିଂତୋମାର, ସହ-ପ୍ରଭାରୀ ଲତା ଉସେଣ୍ଡି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ସଂଗଠନ ସମ୍ପାଦକ ମାନସ ମହାନ୍ତି, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ସହ ଓଡ଼ିଶା ବିଜେପିରୁ ପ୍ରତିନିଧିତ୍ୱ କରୁଥିବା ଉଭୟ ଲୋକସଭା ଓ ରାଜ୍ୟସଭା ସାଂସଦମାନେ ଉପସ୍ଥିତ ଥିଲେ। ବୈଠକରେ ନିର୍ବାଚନ ବ୍ୟତୀତ ସାଂସଦମାନେ କିପରି ରାଜ୍ୟରେ ବିକାଶମୂଳକ କାର୍ଯ୍ୟକ୍ରମରେ ଅଧିକ ସହଯୋଗ କରିପାରିବେ, ସେନେଇ ଆଲୋଚନା ହୋଇଥିଲା। ଏହାସହ ଆସନ୍ତା ବିଧାନସଭା ଅଧିବେଶନ ଏବଂ ବିଭିନ୍ନ ସଂସଦୀୟ କ୍ଷେତ୍ରରେ ସମସ୍ୟା ନେଇ ମଧ୍ୟ ସାଂସଦମାନେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି।

**ସଂସଦୀୟ କ୍ଷେତ୍ରରେ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ସାଂସଦଙ୍କ ଆଲୋଚନା**

### ଭଦ୍ରକ ଆରଏମଏସକୁ ବାଲେଶ୍ୱର ସହ ମିଶ୍ରଣ ପ୍ରସ୍ତାବ ମାମଲା

## କେନ୍ଦ୍ର ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

କଟକ, ୮।୯(ସମିସ): ଭଦ୍ରକ ରେଳଷ୍ଟେସନସ୍ଥିତ ଆର୍‌ଏମ୍‌ଏସ୍‌କୁ ବାଲେଶ୍ୱର ଆରଏମଏସ ସହ ମିଶ୍ରଣ ପ୍ରସ୍ତାବକୁ ବେଆଇନ ତଥା ସମ୍ବିଧାନର ଧାରା ୧୪ ଏବଂ ୧୯ର ଉଲ୍ଲଙ୍ଘନ ଦର୍ଶାଇ ରୁଜୁ ଜନସ୍ୱାର୍ଥ ମାମଲାକୁ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି ହାଇକୋର୍ଟ। ଏହି ମାମଲାରେ କେନ୍ଦ୍ର ସରକାରଙ୍କୁ ହାଇକୋର୍ଟ ଜବାବ ତଲବ କରିଛନ୍ତି। ମାଧବାନନ୍ଦ ଓଝାଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ମାମଲା ଶୁଣାଣି ବେଳେ ଡିଏସଜିଆଇ ଉପସ୍ଥିତ ରହି ଜବାବ ଦାଖଲ ପାଇଁ ସମୟ ଲୋଡ଼ିଥିଲେ। ଆବେଦନକାରୀ ଦର୍ଶାଇଛନ୍ତି ଯେ ଦୀର୍ଘ ୧୯୭୨-୭୩ ମସିହାରୁ ଭଦ୍ରକ ଆରଏମଏସ୍ କାର୍ଯ୍ୟ କରୁଛି। ଏପରିକି, ଏହା ବାଲେଶ୍ୱରରୁ ୭୫ କିଲୋମିଟର ଓ ଯାଜପୁର ରୋଡ୍ ଷ୍ଟେସନଠାରୁ ୪୫ କିଲୋମିଟର ଦୂର। ଦୈନନ୍ଦିନ ୩୫୦୦ ସ୍ପିଡ୍‌ପୋଷ୍ଟ ସହ ୩୦୦ରୁ ଅଧିକ ପାର୍ସଲ ସେବା ଏହି ଆରଏମଏସ ଦେଉଛି। ଏପରିସ୍ଥଳେ ଏହାକୁ ବାଲେଶ୍ୱର ସହ ମିଶ୍ରଣ ପ୍ରସ୍ତାବ ପାଇଁ ଚିଫ୍ ପୋଷ୍ଟମାଷ୍ଟର ଜେନେରାଲଙ୍କ ପକ୍ଷରୁ ଜାରି ହୋଇଥିବା ୦୫.୦୮.୨୦୨୫ ତାରିଖର ଆଦେଶ ବେଆଇନ ବୋଲି ଦର୍ଶାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଶିବଶଙ୍କର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

## ଦେବୀ ନଦୀକୁ ଆସୁନାହାନ୍ତି ଇଲିସି

ଅସ୍ତରଙ୍ଗ,୮।୯(ସମିସ): ଦେବୀ ନଦୀକୁ ଆଉ ଆସୁନାହାନ୍ତି ଇଲିସି। ଦେବୀ ମୁହାଣଠାରୁ ଉପରମୁଣ୍ଡର ଶିଖରଘାଟ ପର୍ଯ୍ୟନ୍ତ ପ୍ରାୟ ୨୦କିଲୋମିଟର ପର୍ଯ୍ୟନ୍ତ ସମୁଦ୍ରର ଜୁଆର ଓ ଭଟ୍ଟା ସମୟରେ ଲୁଣାଜଳ ପ୍ରବାହିତ ହୋଇଥାଏ। ଦେବୀ ନଦୀର ଏହି ସବୁ ଅଞ୍ଚଳରେ ଅନେକ ପ୍ରଜାତିର ମାଛ ପ୍ରଚୁର ପରିମାଣରେ ମିଳିଥା'ନ୍ତି। ବିଶେଷକରି ନୂଆପାଣି ବର୍ଷା ହୋଇ ନଦୀରେ

- ଜୀବିକା ଚିନ୍ତାରେ ମତ୍ସ୍ୟଜୀବୀ
- ମଶାରି ଜାଲରେ ଧରାଯାଉଛି ଯାଆଁଳ
- ବେଆଇନ ଚିଙ୍ଗୁଡ଼ିଘେରି ଓ ରାସାୟନିକ ପ୍ରତିକ୍ରିୟା ମୁଖ୍ୟ କାରଣ

ଗୋଳିପାଣି ଆସିବା ସମୟରେ ଇଲିସି ମାଛ ପ୍ରଚୁର ପରିମାଣରେ ଦେଖାଦେଇଥା'ନ୍ତି। ଇଲିସି ମାଛ ଭଳି ଖଇଙ୍ଗା, ପୋଟେଇ, ଖୁରାଣ୍ଟ, ବେକ୍‌ଟି, ଚିଉଳ ଭଳି ସୁଆଦିଆ ମାଛମାନଙ୍କ ଭଣ୍ଡାର ଭାବେ ଦେବୀ ନଦୀ ବେଶ୍ ଜଣାଶୁଣା। ଏଠାରୁ ସ୍ଥାନୀୟ ମତ୍ସ୍ୟଜୀବୀମାନେ ଏହି ସବୁ ମାଛକୁ ଡଙ୍ଗା ଜାଲରେ ଧରି କ୍ୱିଣ୍ଟାଲ କ୍ୱିଣ୍ଟାଲ ଓଜନର ସ୍ଥାନୀୟ ବଜାର ସହ ବାହାର ଜିଲ୍ଲାମାନଙ୍କରେ ବିକ୍ରି କରି ବେଶ୍ ଅର୍ଥ ରୋଜଗାର କରି ସେମାନଙ୍କ ପରିବାର ପ୍ରତିପୋଷଣ କରିଥା'ନ୍ତି। କିନ୍ତୁ, ବିଗତ କିଛି ବର୍ଷ ହେବ ଦେବୀ ନଦୀରେ ଇଲିସି ଭଳି ସୁଆଦିଆ ତଥା ଦାମିକା ମାଛ ସ୍ୱପ୍ନ ହୋଇଯାଇଥିବା ବେଳେ ଖଇଙ୍ଗା, ପୋଟେଇ, ଖୁରାଣ୍ଟ, ବେକ୍‌ଟି, ସୋରଡି ଭଳି ମାଛ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି।



ଫଳରେ ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କ ଜାଲରେ ପୂର୍ବାପେକ୍ଷା ଏ ସବୁ ମାଛ କମ୍ ପରିମାଣରେ ଦେଖିବାକୁ ମିଳୁଛି।

ପୂର୍ବରୁ ମତ୍ସ୍ୟଜୀବୀମାନେ ନଦୀରୁ ଥରକେ ବୁହାଣକୁ ଯାଇ କ୍ୱିଣ୍ଟାଲ କ୍ୱିଣ୍ଟାଲ ଇଲିସି, ଖଇଙ୍ଗା, ଜଗର ମାଛ ଧରୁଥିଲେ। ଏବେ ସମାନ ଭାବେ ମତ୍ସ୍ୟଜୀବୀମାନେ ନଦୀକୁ ଥରେ ବୁହାଣ କରିବାକୁ ଗଲେ, ମାତ୍ର ୧୦ରୁ ୧୫ କେଜି ମାଛ ଧରୁଛନ୍ତି ବୋଲି ଜଣେ ମାଛଧରାଳି କହିଛନ୍ତି। ଫଳରେ ମତ୍ସ୍ୟଜୀବୀଙ୍କ ଜୀବିକା ଏବେ ବିପଦରେ ପଡ଼ିଛି। ଦେବୀ ନଦୀରେ ମାଛ ସଂଖ୍ୟା କମିବା ଏବଂ ଲୋପ ହେବାର ଅନେକ କାରଣ ଏବେ ସାମ୍ନାକୁ ଆସିଛି।

ପରିବେଶବିତ୍‌ମାନଙ୍କ ମତରେ, ଦେବୀ ନଦୀରେ ମତ୍ସ୍ୟ ସମ୍ପଦ ଲୋପ ହେବାର ଅନେକ କାରଣ ରହିଥିବା ବେଳେ ପରିବେଶ ପ୍ରଦୂଷଣ, ବିଭିନ୍ନ କାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁକୁ ସିଧାସଳଖ ନଦୀ ଏବଂ ସମୁଦ୍ରକୁ ଛାଡ଼ିବା ଏବଂ ଦେବୀ ନଦୀର ମୁହାଣ ପୋତି ହୋଇଯିବା, ବେଆଇନ ଚିଙ୍ଗୁଡ଼ିଘେରିରୁ ନିର୍ଗତ ରାସାୟନିକ ପାଣି, ଦଲାଲମାନଙ୍କ ଦ୍ୱାରା ମଶାରି ଜାଲରେ ଧରାଯାଉଥିବା ଚିଙ୍ଗୁଡ଼ି, ଖଇଙ୍ଗା ଯାଆଁଳକୁ ମୁଖ୍ୟ କାରଣ ଭାବରେ ଦାୟୀ କରିଛନ୍ତି। ଆଗାମୀ ଦିନରେ ରାଜ୍ୟ ସରକାର ଏସବୁ ଦିଗ ଉପରେ ନଜର ରଖି ଦେବୀ ନଦୀ ମୁହାଣକୁ ଖୋଳିବା, କାରଖାନାର ବର୍ଜ୍ୟବସ୍ତୁକୁ ନଦୀ, ସମୁଦ୍ରକୁ ଛାଡ଼ିବା ଉପରେ ରୋକ୍ ଲଗାଇବା, ବେନିୟମ ଭାବରେ ନଦୀ ସମୁଦ୍ରରୁ ଧରାଯାଉଥିବା ମାଛ ଯାଆଁଳ ଉପରେ କଟକଣା ଲଗାଇବା, ବେଆଇନ ଚିଙ୍ଗୁଡ଼ି ଘେରିକୁ ଉଚ୍ଛେଦ କରିବା ସହିତ ଏହିସବୁ କାର୍ଯ୍ୟ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମତ୍ସ୍ୟଜୀବୀମାନେ ଦାବି କରିଛନ୍ତି।

### ■ ସ୍ୱାସ୍ଥ୍ୟକର୍ମଚାରୀଙ୍କ ଅବହେଳା ଅଭିଯୋଗ

## ହସ୍ପିଟାଲ ପାଇଖାନାରେ ପ୍ରସବ କଲେ ମହିଳା

କାଲିମେଳା,୮।୯(ସମିସ): ହସ୍ପିଟାଲ ପାଇଖାନାରେ ପ୍ରସବ କଲେ ମହିଳା। ମାଲକାନଗିରି ଜିଲ୍ଲା କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ହସ୍ପିଟାଲର ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଅବହେଳା ଯୋଗୁଁ ଏଭଳି ଘଟଣା ଘଟିଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ନାଲାଗୁଣ୍ଟି ଗ୍ରାମର ଜଣେ ମହିଳା ସୋମବାର ସକାଳେ କାଲିମେଳା ଗୋଷ୍ଠୀ



ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ ପାଇଁ ଭର୍ତ୍ତି ହୋଇଥିଲେ। ମହିଳାଜଣଙ୍କ ଗର୍ଭ ଯନ୍ତ୍ରଣା ପାଇଁ କଷ୍ଟ ପାଉଥିବା ବେଳେ ତାଙ୍କୁ ପାଇଖାନା ନେବାକୁ ପାଖରେ କେହି ନଥିଲେ। ଗର୍ଭ ଯନ୍ତ୍ରଣା ସତ୍ତ୍ୱେ ସେ ବହୁ କଷ୍ଟରେ ପାଇଖାନା ପାଖକୁ ଯାଇଥିଲେ। କିନ୍ତୁ ସେଠାରୁ ଆସି ନପାରି ପାଇଖାନା ଭିତରେ ହିଁ ଶିଶୁକୁ ଜନ୍ମ ଦେଇଥିଲେ। ପାଇଖାନାରେ ତାଙ୍କୁ ଏଭଳି ଅବସ୍ଥାରେ ଦେଖି ଜଣେ ରୋଗୀଙ୍କ ସମ୍ପର୍କୀୟ ମହିଳା ଏବଂ ଜନ୍ମିତ ଶିଶୁପୁତ୍ରକୁ ଉଦ୍ଧାର କରିଥିଲେ। ଏଭଳି ଘଟଣାକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି। ଏ ବାବଦରେ ମେଡ଼ିକାଲ ଅଫିସର୍ ଦୀନବନ୍ଧୁ ମହାନନ୍ଦିଆଙ୍କୁ ପଚାରିବାରୁ ସେ ଏଭଳି ଘଟଣା ସ୍ୱାଭାବିକ ବୋଲି କହିବା ସହ ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି।

### ଖୁଦୁରୁକୁଣି ଭସାଣି ଶୋଭାଯାତ୍ରାରେ ଅଘଟଣ

## ଡିଜେ ନେଲା ଯୁବକଙ୍କ ଜୀବନ

କଟକ, ୮।୯ (ସମିସ): ଡିଜେ ନେଲା ଜୀବନ। ଡିଜେର ବିକଟାଳ ଶବ୍ଦ ଯୋଗୁଁ ହୃଦ୍‌ଘାତରେ ଜଣେ ୪୫ବର୍ଷୀୟ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। କଟକ ଜିଲ୍ଲା ବାଙ୍କୀ ଥାନା ଅନ୍ତର୍ଗତ ସୁବର୍ଣ୍ଣପୁର ଗ୍ରାମରେ ଆଜି ଏହି ଅଘଟଣ ଘଟିଛି। ମୃତକ ନାମ ଜଣାପଡ଼ିନାହିଁ। ସୂଚନାନୁଯାୟୀ, ସୁବର୍ଣ୍ଣପୁର ଗାଁରେ ଆଜି ଖୁଦୁରୁକୁଣୀ ଭସାଣୀ ଥିଲା। ଶୋଭାଯାତ୍ରାରେ ମେଢ଼ ଆଗକୁ ବଢୁଥିବା ବେଳେ ଡିଜେର ତାଳେତାଳେ ଗାଁର କିଛି ଯୁବକ ନାଚୁଥିଲେ। ତେବେ ସେଥିରେ ସାମିଲ ଥିବା ଗ୍ରାମର ୪୫ ବର୍ଷୀୟ ଜଣେ ବ୍ୟକ୍ତି ମଦ ପିଇ ଡିଜେ ଗାଡ଼ି ସମ୍ମୁଖରେ ନାଚୁଥିବା ବେଳେ ହଠାତ୍ ତାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ଗ୍ରାମବାସୀମାନେ ତାଙ୍କୁ ଉଦ୍ଧାର କରି ପ୍ରଥମେ ସୁବର୍ଣ୍ଣପୁର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ତାଙ୍କର ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡିଜେର ବିକଟାଳ ଶବ୍ଦରେ ତାଙ୍କର ହୃଦ୍‌ଘାତ ହୋଇଯାଇଥିବା ନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଭସାଣ ଶୋଭାଯାତ୍ରାରେ ଡିଜେ ବ୍ୟବହାର ଉପରେ କୋର୍ଟ ଓ ପ୍ରଶାସନ କଟକଣା ଲଗାଇଥିଲେ ମଧ୍ୟ ଏଠାରେ ଡିଜେ କିଭଳି ବାଜୁଥିଲା ଓ ଘଟଣାସ୍ଥଳରେ ପୁଲିସ କର୍ମଚାରୀମାନେ ଉପସ୍ଥିତ ଥାଇ ମଧ୍ୟ କିଭଳି ଏହାକୁ ରୋକି ନ ଥିଲେ, ସେନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି।

## ଇନ୍ଦ୍ରାବତୀରେ ବାଦଲଫଟା ବର୍ଷା

ତେନ୍ତୁଳିଖୁଣ୍ଟି, ୮।୯(ସମିସ): ନବରଙ୍ଗପୁର ଜିଲ୍ଲା ବୃହତ୍ ଇନ୍ଦ୍ରାବତୀ ପ୍ରକଳ୍ପ ଅବବାହିକା ଅଞ୍ଚଳରେ ଆଜି ବାଦଲ ଫଟା ବର୍ଷା ହୋଇଛି। ଏହି ବର୍ଷା ବିଗତ ୪୦ ବର୍ଷର ରେକର୍ଡ ଭାଙ୍ଗିଛି। ଆଜି ରାତି ୮ରୁ ବର୍ଷା .ଲାଗି ରହିଛି। ରାତି ୧୦ଟା ସୁଦ୍ଧା ରେକର୍ଡ ୧୩୫ ମିମି ବର୍ଷା ହୋଇଥିବା ଦେଓପାଲିସ୍ଥିତ ବର୍ଷା ଜଳ ପରିମାପକ କେନ୍ଦ୍ରରୁ ସୂଚନା ମିଳିଛି। ବର୍ଷା ଯୋଗୁ ରାସ୍ତାଘାଟ ଜଳାର୍ଣ୍ଣବ ହୋଇଯାଇଛି। ଖାତୀଗୁଡ଼ାସ୍ଥିତ ପ୍ରକଳ୍ପ କଲୋନୀ ସରକାରୀ ବାସଗୃହ ସମେତ ଖାତୀଗୁଡା ଗ୍ରାମର କୁମ୍ଭାର ସାହି, ଗୌଡ଼ ସାହି, ପାଇକ ସାହି, ହରିଜନ ସାହି, ଫଟାଗୁଡ଼ା, ପୋଡ଼ାଗଡ଼, ବାରଙ୍ଗ ପଦର, ଗତିପୁଟ, ମଞ୍ଜାଗାଁ, ଆଉଁଳିଗୁମା, ଖୁଣ୍ଟିଆଗୁଡା ଇତ୍ୟାଦି ଗ୍ରାମ ଜଳମଗ୍ନ ହୋଇଛି।

- ୪୦ ବର୍ଷର ରେକର୍ଡ ଭାଙ୍ଗିଲା
- ଇନ୍ଦ୍ରାବତୀ-ନବରଙ୍ଗପୁର ଯୋଗାଯୋଗ ବିଚ୍ଛିନ୍ନ

ଲମତାଗୁଡ଼ାସ୍ଥିତ କଲଭର୍ଟ ଉପରେ ୩ ଫୁଟ୍ ଉଚ୍ଚରେ ଜଳ ପ୍ରବାହିତ ହେବା ଯୋଗୁ ଇନ୍ଦ୍ରାବତୀ-ନବରଙ୍ଗପୁର ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଘରେଘରେ ବର୍ଷା ଜଳ ପ୍ରବେଶ କରି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି।

# ସମ୍ପାଦକୀୟ



ଋଣ କରିବା ବଦଳରେ ବରଂ ଭୋକରେ ଶୋଇବା ଶ୍ରେୟସ୍କର।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

ସକାଳ
THE SAKALA

## ଗରମ ଟ୍ରମ୍ପ ନରମ

ଟ୍ରମ୍ପ ଓ ମୋଦୀଙ୍କ ମତ ବିନିମୟରୁ ସକାରାତ୍ମକ ସଂପର୍କର ଆଭାସ ନେଇ କୂଟନୈତିକ ମହଲ ବେଶ ଆଶାବାଦୀ। ଟ୍ରମ୍ପ ସ୍ୱୀକାର କରନ୍ତୁ ବା ନ କରନ୍ତୁ ତାଙ୍କର ଭାରତ ବିରୋଧୀ କଟୁମନ୍ତବ୍ୟ ଓ ଅତିରିକ୍ତ ଟାରିଫ ଘୋଷଣା ଭାରତକୁ ବାଧ୍ୟ କରିଛି ବିକଳ୍ପ ମଞ୍ଚକୁ ଆଦରି ନେବା ପାଇଁ। ସାଂଘାଇ ସହଯୋଗ ସଂଗଠନର ଶିଖର ସମ୍ମିଳନୀରେ ଯୋଗଦେଇ ମୋଦୀ ରୁଷ ରାଷ୍ଟ୍ରପତି ପୁଟିନ ଓ ଚୀନ ରାଷ୍ଟ୍ରପତି ଜିନପିଙ୍ଗଙ୍କ ନିକଟବର୍ତ୍ତୀ ହୋଇଛନ୍ତି। ଆମେରିକା ବିରୋଧୀ କୂଟନୈତିକ ମଞ୍ଚକୁ ମୋଦୀଙ୍କ ଉପସ୍ଥିତି ବଳ ଦେଇଛି। ବିଶ୍ୱ କୂଟନୈତିକ ମହଲ ଭଲଭାବରେ ଜାଣେ ଯେ ଚୀନ, ଭାରତର ସ୍ୱାଭାବିକ ସହଯୋଗୀ ନୁହେଁ। ଦୁଇ ଦେଶର ସୀମାକୁ ନେଇ କ୍ରମାଗତ ଉତ୍ତେଜନା ଲାଗି ରହିଥିବା ବେଳେ ପଡ଼ୋଶୀ ଶତ୍ରୁ ରାଷ୍ଟ୍ର ପାକିସ୍ତାନକୁ ଚୀନର ସହଯୋଗିତା ଓ ସହଭାଗିତାକୁ ଭାରତ କୌଣସି ପରିସ୍ଥିତିରେ ବରଦାସ୍ତ କରେ ନାହିଁ। ଟ୍ରମ୍ପ ମଧ୍ୟ ପାକିସ୍ତାନ ପ୍ରତି କୋହଳ ଓ ନରମ ମନୋଭାବ ଘୋଷଣା କରି ସଂପର୍କର ଯେଉଁ ନୂଆ ଭିତ୍ତିଭୂମି ପ୍ରତିଷ୍ଠା କରିଛନ୍ତି ତାହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଭାରତକୁ କ୍ଷୁବ୍ଧ ଓ ଅସନ୍ତୁଷ୍ଟ କରିବା। ଏଭଳି ଏକ କୂଟନୈତିକ ଛକାପଞ୍ଝା ମଧ୍ୟରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ଭାରତ।

ଭାରତର ବିଶାଳ ବଜାର ଓ ପ୍ରଭାବୀ ଭୂମିକାକୁ ବିଚାର କଲେ ଦକ୍ଷିଣ ଏସିଆରେ ଆମେରିକାର ସହଯୋଗୀ ହେବାର ଶକ୍ତି ତଥା ସାମର୍ଥ୍ୟ ରଖିଛି। ବ୍ୟକ୍ତିଗତ ଦ୍ୱେଷ ଓ କ୍ଷୋଭକୁ ଭିତ୍ତିକରି ରାଷ୍ଟ୍ରୀୟ ବୃହତ୍ତର ସ୍ୱାର୍ଥକୁ ବଳି ପକାଯାଏନି। ବିଳମ୍ବରେ ଏକଥା ବୁଝିଛନ୍ତି ଟ୍ରମ୍ପ। ତେଣୁ ତାଙ୍କ ଚରମ ସ୍ୱଭାବ ଏବେ ନରମିଛି। ଭାରତ ବିରୋଧୀ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବାକୁ ଯାଇ ସେ କହିଛନ୍ତି ସେ ସର୍ବଦା ପ୍ରଧାନମନ୍ତ୍ରୀ ମୋଦୀଙ୍କ ବନ୍ଧୁ ଭାବେ ରହିବେ। ସେ ଜଣେ ମହାନ ପ୍ରଧାନମନ୍ତ୍ରୀ। ପ୍ରତ୍ୟୁତ୍ତରରେ ଦୁଇ ଦେଶ ମଧ୍ୟରେ ସହଭାଗିତା ଉପରେ ଗୁରୁତ୍ୱ ଦେଇଛନ୍ତି ମୋଦୀ। ଟ୍ରମ୍ପଙ୍କ ପୋଷ୍ଟର ଉତ୍ତରରେ ସେ କହିଛନ୍ତି ଯେ 'ଆମ ସଂପର୍କର ସକାରାତ୍ମକ ମୂଲ୍ୟାଙ୍କନକୁ ଗଭୀର ପ୍ରଶଂସା କରିବା ସହ ସମାନ ଭାବନା ଓ ମନୋଭାବ ସେ ପୋଷଣ କରନ୍ତି। ଦୁଇ ଦେଶ ମଧ୍ୟରେ ସହଯୋଗିତାର ବ୍ୟାପକ ସୁଯୋଗ ଆଗକୁ ରହିଛି।'

ଏସବୁ ସତ୍ତ୍ୱେ ରୁଷରୁ ତୈଳ ଆମଦାନୀ ଓ ବ୍ରିକ୍ସରେ ସକ୍ରିୟ ଭୂମିକା ନେଇ ଆମେରିକା ନିଜର ଅସନ୍ତୋଷକୁ ଭାରତ ଉପରେ ଜାହିର କରିଚାଲିଛି। ତେବେ ପରିବର୍ତ୍ତିତ ସକାରାତ୍ମକ ସଂପର୍କର ପୃଷ୍ଠଭୂମିରେ ମୋଦୀ ଯଥାସମ୍ଭବ କୂଟନୈତିକ ବିବାଦରୁ ଦୂରେଇ ରହିବା ସକାଶେ ଜାତିସଂଘ ସାଧାରଣ ପରିଷଦ ଅଧିବେଶନରେ ଯୋଗ ନଦେବାକୁ ସ୍ଥିର କରିଛନ୍ତି। ସେପ୍ଟେମ୍ବର ୨୬ରେ ସେ ନିଜର ବକ୍ତବ୍ୟ ରଖିବା ଲାଗି ସ୍ଥିର ହୋଇଥିଲା। ଏବେ ତାଙ୍କ ସ୍ଥାନରେ ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଭାରତର ପ୍ରତିନିଧିତ୍ୱ କରିବେ। ଦ୍ୱିତୀୟ ଥର ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଟ୍ରମ୍ପ ପ୍ରଥମ ଥର ଜାତିସଂଘ ସାଧାରଣ ଅଧିବେଶନରେ ଭାଷଣ ଦେବେ। ରୁଷ-ୟୁକ୍ରେନ ଯୁଦ୍ଧ ପୃଷ୍ଠଭୂମିରେ ତାଙ୍କର ଆକ୍ଷେପ ଓ ଆଭିମୁଖ୍ୟ ଉପରେ ଭାରତ ସ୍ୱାଭାବିକ ଭାବେ ସତର୍କ ଦୃଷ୍ଟି ରଖିଛି। ସମୟ କହିବ, ଦ୍ୱିପାକ୍ଷିକ ବାଣିଜ୍ୟିକ ସଂପର୍କ ଆଗକୁ କେଉଁ ରୂପ ନେବ।

## ହାରାହାରି ଆୟୁ ବଢୁଛି

ଦେଶରେ ଦିନକୁ ଦିନ ବୟସ୍କଙ୍କ ସଂଖ୍ୟା ବଢୁଛି। ବର୍ଦ୍ଧିତ ହାରାହାରି ଆୟୁସୀମାରୁ ସ୍ପଷ୍ଟ ଯେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି ଓ ସରକାରୀ ସ୍ତରରେ ବୀମା ପ୍ରଚଳନର ସୁଫଳ ଅନୁଭୂତ ହେଉଛି। ହୋଇପାରେ ବୀମା କଂପାନୀ ଓ କର୍ପୋରେଟ ହସ୍ପିଟାଲ ସହଭାଗିତାରେ ଏହି ଅର୍ଥ ବାଟ ମାରଣା ହୋଇଛି। ଏସବୁ ସତ୍ତ୍ୱେ ସ୍ୱାସ୍ଥ୍ୟ ବୀମା ବୟସ୍କଙ୍କ ଚିକିତ୍ସା ବ୍ୟବସ୍ଥାକୁ ଅଧିକ ସହଜ ଓ ସରଳ କରିଛି। ରେଜିଷ୍ଟ୍ରାର ଜେନେରାଲ୍ ଅଫ୍ ଇଣ୍ଡିଆ(ଆରଜିଆଇ)ଙ୍କ ରିପୋର୍ଟରୁ ପ୍ରକାଶ ଯେ ଭାରତୀୟ ପୁରୁଷଙ୍କ ହାରାହାରି ଆୟୁ ବୃଦ୍ଧି ପାଇ ୬୮.୫ ବର୍ଷ ଓ ମହିଳାଙ୍କ ୭୨.୫ ବର୍ଷରେ ପହଞ୍ଚିଛି। ଅପେକ୍ଷାକୃତ ସଚେତନ, ଆର୍ଥିକ ସମ୍ବଳ ଦୃଷ୍ଟିରୁ ସମର୍ଥ ରାଜ୍ୟ କେରଳ ଓ ଦିଲ୍ଲୀରେ ଏହି ଆୟୁ ବର୍ଗ ଯଥାକ୍ରମେ ୭୮ ଓ ୭୪ ବର୍ଷ। ଏହି ପରିସଂଖ୍ୟାନ ଉଲ୍ଲେଖ କଲା ବେଳେ ସ୍ୱାଭାବିକ ଭାବେ ଜାପାନ, ଚୀନ ଓ ୟୁରୋପୀୟ ରାଷ୍ଟ୍ରଙ୍କ ସହ ଆମେ ଭାରତକୁ ତୁଳନା କରିପାରିବା। ତେବେ ଭାରତକୁ ଯୁବକଙ୍କ ଦେଶ ଓ ମାନବ ସମ୍ବଳ ଦୃଷ୍ଟିରୁ ବ୍ୟାପକ ସୁବିଧା ଓ ସୁଯୋଗ ରହିଛି ବୋଲି ଯେଉଁ ଦାବି କରାଯାଉଥିଲା ତାହା କ୍ରମେ ହ୍ରାସ ପାଉଥିବାର ପରିଲକ୍ଷିତ ହେଉଛି। ପ୍ରଜନନ କ୍ଷମତା ହ୍ରାସ ଏହାର ଅନ୍ୟତମ କାରଣ।

ଆରଜିଆଇଙ୍କ ତଥ୍ୟାନୁଯାୟୀ ପ୍ରତି ୧୦ ଜଣ ଭାରତୀୟଙ୍କ ମଧ୍ୟରେ ଜଣଙ୍କର ବୟସ ଅନ୍ତତଃ ୬୦ ବର୍ଷରୁ ଊର୍ଦ୍ଧ୍ୱରେ। ୬୫ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ୬.୪ ପ୍ରତିଶତ। ୨୦୧୧ ଜନଗଣନା ପରେ ଏଥିମଧ୍ୟରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ପ୍ରାୟ ୧ ପ୍ରତିଶତ ବଢ଼ିଛି। କେରଳରେ ବରିଷ୍ଠ ନାଗରିକଙ୍କ ହାର ୧୫.୧ ପ୍ରତିଶତ ହୋଇଛି। ଏହା ପଛକୁ ତାମିଲନାଡୁରେ ୧୪ ପ୍ରତିଶତ ଓ ହିମାଚଳରେ ୧୩.୨ ପ୍ରତିଶତ ରହିଛି।

ବୟସ୍କଙ୍କ ସଂଖ୍ୟା ଅନୁପାତିକ ଭାବେ ବୃଦ୍ଧି ପାଇ ଯୁବ ସମ୍ବଳ ହ୍ରାସ ଧାରା ଜାରି ରହିଲେ ଦେଶର ଅର୍ଥନୀତି ଉପରେ ଏହା ପ୍ରତିକୂଳ ପ୍ରଭାବ ପଡ଼ିବ ବୋଲି ସମାଜତତ୍ତ୍ୱବିତ୍‌ମାନେ ଯେଉଁ ଆଶଙ୍କା ପ୍ରକାଶ କରିଛନ୍ତି ତାହା ଉଲ୍ଲେଖ କଲାବେଳେ ଆମକୁ କହିବାକୁ ପଡୁଛି ଯେ ନିଯୁକ୍ତି ଓ ଉପାର୍ଜନ ଅଭାବରୁ ବୃଦ୍ଧି ପାଉଥିବା ଦାରିଦ୍ର୍ୟ ଓ ଅସନ୍ତୋଷର କାୟା ବିସ୍ତାରକୁ ଅନ୍ତତଃ ଏହା ହ୍ରାସ କରିପାରିବ। ବେରୋଜଗାର ଯୁବସମ୍ବଳ ସରକାରଙ୍କ ପାଇଁ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛନ୍ତି। ସେହିଭଳି ବୟସ୍କଙ୍କ ସଂଖ୍ୟା ବଢ଼ିଲେ ସ୍ୱାସ୍ଥ୍ୟ ସେବା, ପେନସନ ଓ ଅନ୍ୟାନ୍ୟ ସମାଜ କଲ୍ୟାଣ କାର୍ଯ୍ୟକ୍ରମ ପ୍ରତି ସରକାରଙ୍କୁ ଅଧିକରୁ ଅଧିକ ଧ୍ୟାନ ଦେବାକୁ ପଡିବ।

ଏହି ତର୍ଜମା ଓ ଆଲୋଚନାରେ ପୂର୍ଣ୍ଣଚ୍ଛେଦ ଟାଣିବା ପୂର୍ବରୁ ଏକଥା କୁହାଯାଇପାରେ ଯେ ଆଗାମୀ ଜନଗଣନା ରିପୋର୍ଟ ହିଁ କହିବ ସ୍ଥିତି କଣ। ଦେଶର ଅର୍ଥନୈତିକ ପ୍ରଗତି ଓ ପରିବର୍ଦ୍ଧିତ କାର୍ଯ୍ୟଧାରାକୁ ସମ୍ଭାଳିବା ପାଇଁ ପର୍ଯ୍ୟାପ୍ତ ଯୁବ ସମ୍ବଳ ରହିଛି। ସେମାନଙ୍କୁ ମାର୍ଗଦର୍ଶନ କରାଇବାରେ ବୃଦ୍ଧି ପାଉଥିବା ବୟସ୍କଙ୍କ ଅଭିଜ୍ଞତା ଓ ଦୂରଦୃଷ୍ଟି ବିଶେଷ ଭାବରେ ସହାୟକ ହେବ।

# କେତେ ସ୍ୱାଧୀନ ଆମ ଗଣମାଧ୍ୟମ

ଗୋଧନେଶ୍ୱର ହୋତା

ବୁଦ୍ଧଜାତକର ଏକ ଜଣାଶୁଣା କାହାଣୀ ହେଲା ଏକଦା ବୋଧିସତ୍ତ୍ୱ ଜଣେ ରାଜକୁମାର ରୂପେ ଜନ୍ମ ନେଇ ସର୍ବଦା ଚୁପ୍ ରହୁଥିଲେ। ସେଥିପାଇଁ ତାଙ୍କ ବାପା-ମା'ଙ୍କର ଦୁଃଖର ସୀମା ନଥିଲା। ଦିନେ ରାଜକୁମାର ବଗିଚାରେ ଧ୍ୟାନରତ ଥିବା ବେଳେ ଗୋଟିଏ ପକ୍ଷୀର କାକଳିରେ ବିରକ୍ତ ହୋଇପଡ଼ିଲେ। ତାଙ୍କ ସୁରକ୍ଷାରେ ଥିବା ରକ୍ଷୀ ପକ୍ଷୀଟି ପ୍ରତି ତୀରଟିଏ ନିକ୍ଷେପ କଲା। ପକ୍ଷୀଟି ତଳେ ପଡ଼ି ଛଟପଟ ହେବାରୁ ରାଜକୁମାର ତାକୁ ଆଉଁସି କହିପକାଇଲେ - 'ତୁ ମୁହଁ ଖୋଲିବାରୁ ସିନା ଏ ଯାତନା ପାଇଲୁ।' ରାଜକୁମାର କଥା କହିବାର ଶୁଣି ରକ୍ଷୀଟି ଦୌଡ଼ିଯାଇ ରାଜାରାଣୀଙ୍କୁ ସେ ସୁଖବର ଦେଲା। ଦୌଡ଼ି ଆସିଲେ ରାଜାରାଣୀ, ପାତ୍ରମନ୍ତ୍ରୀ। କିନ୍ତୁ ସେତେବେଳକୁ ରାଜକୁମାର ଯଥାପୂର୍ବକ ନିରବ। ରାଜା ରକ୍ଷୀକୁ ଶୂଳିରେ ଚଢ଼ାଇବା ପାଇଁ ଆଦେଶ ଦେବାରୁ ବିଚାରା ରକ୍ଷୀ ପ୍ରତି କରୁଣା ପରବଶ ହୋଇ ତାକୁ ମିଥ୍ୟାବାଦୀ ଅପବାଦରୁ ରକ୍ଷା କରିବା ନିମନ୍ତେ ବୋଧିସତ୍ତ୍ୱ ଦ୍ୱିତୀୟ ଓ ଶେଷଥର ପାଇଁ ରକ୍ଷୀକୁ ଲକ୍ଷ୍ୟ କରି କଥା କହିଲେ, 'ତୁ ମୁହଁ ଖୋଲିବାରୁ ସିନା ଏ ଯାତନା ପାଇଲୁ।' ବର୍ତ୍ତମାନ ଦେଶରେ ସାଧାରଣ ଜନତାଙ୍କ ସ୍ଥିତି ଠିକ୍ ଏମିତି। ମୁହଁ ଖୋଲିଲେ ବିପଦ।

ଆମ ସ୍ୱାଧୀନତା ରକ୍ଷା କରିବାରେ ଗଣମାଧ୍ୟମର ଭୂମିକା କ'ଣ ହେବା ଉଚିତ୍? ୧୯୭୫ରେ ଆମେ ଦେଖିଲେ ଯେ ଗଣମାଧ୍ୟମ ଉପରେ ବହୁତ କଟକଣା ଲାଗିଥିଲା ଏବଂ ଆଜି ମଧ୍ୟ ଆମ ସାମାଜିକ-ରାଜନୈତିକ ଦୃଶ୍ୟପଟରେ ଗଣମାଧ୍ୟମ କ'ଣ ଏତେ ସ୍ୱତନ୍ତ୍ର ରହିଛି ଯେ ଆମ ସ୍ୱତନ୍ତ୍ରତାକୁ ସୁରକ୍ଷା ଦେଇପାରିବ! ଆମ ଦେଶରେ ଗଣମାଧ୍ୟମ ଅନ୍ୟଦେଶ ତୁଳନାରେ କେତେ ସ୍ୱତନ୍ତ୍ର ତାହା ଆନ୍ତର୍ଜାତିକ ରିପୋର୍ଟ ଭିତ୍ତିରେ ହିଁ ନିର୍ଦ୍ଧାରଣ କରାଯାଇପାରିବ। ଗୋଟିଏ ସଂସ୍ଥା ଅଛି 'ରିପୋର୍ଟର ଉଇଦାଉଟ୍ ବର୍ଡର।' ତାହାର ରିପୋର୍ଟ ମତେ ୧୮୦ଟି ଦେଶ ମଧ୍ୟରେ ସ୍ୱାଧୀନତା ପ୍ରସଙ୍ଗରେ ଆମ ଗଣମାଧ୍ୟମର ସ୍ଥାନ ୧୫୧। ଅବଶ୍ୟ ଆମ ତଳେ ରହିଛି ଚୀନ୍, ପାକିସ୍ତାନ ଓ ଆଫ୍‌ଗାନିସ୍ତାନ। କିନ୍ତୁ ନେପାଳ ୯୦ ଓ ବାଂଲାଦେଶ ୧୪୦ ସ୍ଥାନରେ ଆମଠାରୁ ଭଲରେ ରହିଛନ୍ତି।

ଗଣମାଧ୍ୟମର ସ୍ୱାଧୀନତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସମ୍ବିଧାନର ଅନୁଚ୍ଛେଦ ୩୬୧ (କ) ଯୋଡ଼ା ଯାଇଥିଲା। ପରେ ଅବଶ୍ୟ ଏହାକୁ ଅଳ୍ପ ସମୟ ପାଇଁ ହଟାଇ ଦିଆଯାଇଥିଲା। ଦେଶ ଚଳାଉଥିବା ଲୋକଙ୍କ ସର୍ବଦା ଏତିକି ଉଦାରଭାବ ରହିବା ଉଚିତ୍ ନିଜ ସମାଲୋଚନାକୁ ଆଗ୍ରହର ସହିତ ଶୁଣିବାକୁ। ଗଣମାଧ୍ୟମ କିପରି ସ୍ୱାଧୀନ ରହିଥାଏ ଏବଂ ତାହାର ପରିମାପ କ'ଣ ତାହା ଯଦି ଦେଖାଯାଏ ତେବେ ଯେଉଁ ସବୁ ବଡ଼ ବଡ଼ ଗଣମାଧ୍ୟମ କେନ୍ଦ୍ର ରହିଛି ତାହା ଉପରେ କାହାର ମାଲିକାନା ସତ୍ତ୍ୱ ଅଛି ଓ କେତେ ରହିଛି, ତାହା ଦେଖିବାକୁ ହେବ। ଯଦି ଦୁଇ ବା ତିନୋଟି ବଡ଼ ବଡ଼ ଔଦ୍ୟୋଗିକ ପରିବାରର ହିଁ ମାଲିକାନା ସତ୍ତ୍ୱ ରହିଛି ତାହାର ଅର୍ଥ ହେଲା ଗଣମାଧ୍ୟମର ସ୍ୱାଧୀନତା କମ୍ ରହିଛି। ଯେଉଁ ଅଳ୍ପ ଔଦ୍ୟୋଗିକ ପରିବାର ହାତରେ ଗଣମାଧ୍ୟମର ମାଲିକାନା ସତ୍ତ୍ୱ ରହିଥିବ ସେମାନଙ୍କ ସବୁବେଳେ ସରକାରଙ୍କଠାରେ କାମ ପଡ଼ିଥାଏ। ତେଣୁ ଉପରୁ ନିର୍ଦ୍ଦେଶଥାଏ ଯେ ସରକାରଙ୍କ ବିରୁଦ୍ଧରେ ବିଶେଷ କିଛି ନ କହିବା ବା ଲେଖିବା ପାଇଁ। ଏହାକୁ ଆମେ ସମାଜଶାସ୍ତ୍ରରେ କହିଥାଉ ବନ୍ଧୁତାର ପୁଞ୍ଜିବାଦ ଅର୍ଥାତ୍ ପୁଞ୍ଜିପତି ଓ ସରକାରଙ୍କ ମଧ୍ୟରେ ଘନିଷ୍ଠ ବନ୍ଧୁତା। ଏହି ଗଠବନ୍ଧନ କାରଣରୁ କ'ଣ ପ୍ରକାଶିତ ହେବ ଓ କ'ଣ ହେବ ନାହିଁ ତାହା ସ୍ଥିର କରାଯିବ। ଏହାବ୍ୟତୀତ ଦେଖାଯାଏ ସାମ୍ବାଦିକମାନଙ୍କ ଦରମା ଓ ଅନ୍ୟାନ୍ୟ ସୁଖ ସୁବିଧା କେତେ। ଯଦି ଜଣେ ସାମ୍ବାଦିକ କୋଡ଼ିଏ ହଜାର ଟଙ୍କା ଦରମା ପାଇବେ ଏବଂ ଚାଲି ଚାଲି ଅଥବା ସାଇକେଲରେ ସମ୍ବାଦ ସଂଗ୍ରହ କରିବେ, ସେ ସାମ୍ବାଦିକ କରିବେ କ'ଣ ଏବଂ କେତେ ସଚ୍ଚୋଟତାରେ ତାଙ୍କ କର୍ତ୍ତବ୍ୟ କରିବେ। ତେଣୁ ବେଳେବେଳେ ସଚ୍ଚୋଟ ଲୋକ ମଧ୍ୟ ନିଜର ସକଳ ଅନିଚ୍ଛା ସତ୍ତ୍ୱେ ନିଜର ସଚ୍ଚୋଟତାକୁ ବିକ୍ରୟ କରିବାକୁ ଏକରକମ ବାଧ୍ୟ ହୋଇଥା'ନ୍ତି। କାରଣ ସେମାନଙ୍କୁ ଘର ଚଳେଇବାର ଅଛି। ସେଥିରେ ପୁଣି ସାମ୍ବାଦିକମାନଙ୍କ ଉପରେ ବିପଦର କୃଷ୍ଣଛାୟା ସବୁବେଳେ ପିଛା କରିଥାଏ। ସତ୍ୟଘଟଣା ରିପୋର୍ଟ କରି ସାମ୍ବାଦିକମାନେ କେତେ ଯେ କଷଣ ଭୋଗୁଛନ୍ତି ଏବଂ ଏପରିକି ବେଳେବେଳେ ହତ୍ୟାର ଶିକାର ହେଉଛନ୍ତି ସେ ବିଷୟ କ'ଣ ଆମ ସମାଜକୁ ଅଜଣା ରହିଛି! ଯଦି ଜଣେ ବ୍ୟକ୍ତି ସ୍ୱାଧୀନ ଓ ସଚ୍ଚୋଟ ରହିନି ତେବେ କେବଳ ଦୁଇଟି କାରଣରୁ। ତାହା ହେଲା ଲୋଭ ଅଥବା ଭୟ, ଯାହା ପ୍ରାୟ ଅଧିକାଂଶ ଗଣମାଧ୍ୟମ ସଂସ୍ଥାରେ ଅଳ୍ପେବହୁତ ରହିଛି।

ସାଧାରଣତଃ ତିନିପ୍ରକାରର ସାମ୍ବାଦିକତା କରାଯାଇଥାଏ। ସବୁଠାରୁ ଭଲ ସାମ୍ବାଦିକ ସେହି ବ୍ୟକ୍ତି ଯେ ସରକାରଙ୍କ ସମର୍ଥନରେ ନୁହେଁ କି ବିରୋଧୀ ମଧ୍ୟ ନୁହେଁ। ଆଉ ଗୋଟିଏ ଶ୍ରେଣୀର ସାମ୍ବାଦିକ ଅଛନ୍ତି, ଯେଉଁମାନେ ସରକାରଙ୍କ କେବଳ ବିରୋଧ ହିଁ କରନ୍ତି ଏବଂ କିଛି ସରକାରଙ୍କ କେବଳ ସମର୍ଥନ ହିଁ କରିଥା'ନ୍ତି। କିନ୍ତୁ ସରକାରଙ୍କୁ କେବଳ ସମର୍ଥନ ବା ବିରୋଧ କରୁଥିବା ସାମ୍ବାଦିକମାନଙ୍କ ମଧ୍ୟରେ ବିରୋଧ କରୁଥିବା ଗଣମାଧ୍ୟମ ଅଧିକ ଭଲ। କାରଣ ତଦ୍ଦ୍ୱାରା ସରକାରଙ୍କ ଉପରେ ଉତ୍ତରଦାୟିତ୍ୱ ଆସିଥାଏ। ଆମେ ଯଦି ୟୁରୋପ ପରି ଗଣମାଧ୍ୟମର ସ୍ୱାଧୀନତା ଆମ ଦେଶ ପାଇଁ ଚାହିଁବା ତେବେ ସେଥିପାଇଁ ଆମକୁ ବହୁତ ପରିଶ୍ରମ କରିବାକୁ ପଡ଼ିବ। ଆମ ଦେଶର ପରିସ୍ଥିତି ମଧ୍ୟ ସେତେଟା ଠିକ୍ ନାହିଁ ଯେ ଆମେ ଆଖି ପିଛୁଳାକେ ତାହା କରିଦେଇପାରିବ। ଗଣମାଧ୍ୟମର ସ୍ୱାଧୀନତା ସହିତ ସେହି ସମାଜର ଯେଉଁ ଗତି ଓ ପ୍ରଭାବ ରହିଥିବ ତାହାର ମଧ୍ୟ ଏକ ବଡ଼ ଭୂମିକା ରହିଛି।

ଆମ ଦେଶର ଏକ ଭଲ କି ଖରାପଗୁଣ ତାହା ସଠିକ୍ ଭାବେ କହିତ ହେବନି; କିନ୍ତୁ ଆମେ ଖରାପ ସମୟକୁ ଖୁବ୍ ଶୀଘ୍ର ଓ ସହଜରେ ଭୁଲିଯାଉ। ଜରୁରିକାଳୀନ ପରିସ୍ଥିତିରେ ବାକ୍ ଓ ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ ଯେଉଁ ପ୍ରହାର ହୋଇଥିଲା ତାହା ଆମେ ଚାରି/ପାଞ୍ଚ ବର୍ଷ ମଧ୍ୟରେ ଭୁଲିଯାଇ ସେତେବେଳେ ଜରୁରିକାଳୀନ ପରିସ୍ଥିତି ଜାରି କରିଥିବା ଦଳକୁ ପୁଣି ନିର୍ବାଚିତ କରାଇ ପ୍ରଧାନମନ୍ତ୍ରୀ ପଦ ଅର୍ପଣ କରିଥିଲେ। ଆଜିକାଲି ଆମ ଦେଶ ଅଘୋଷିତ ଜରୁରିକାଳୀନ ପରିସ୍ଥିତି ଦେଇ ଗତି କରୁଛି ବୋଲି ସାଧାରଣରେ ବେଳେବେଳେ ଚର୍ଚ୍ଚା ହେଉଛି। କିନ୍ତୁ ତା' ସତ୍ତ୍ୱେ ଇତିହାସର ପୁନରାବୃତ୍ତି ହେଉଛି। ଅବଶ୍ୟ ଏଥର ବିରୋଧୀଦଳକୁ ପୂର୍ବାପେକ୍ଷା ଅଧିକ ଶକ୍ତିଶାଳୀ କରି ଅନେକଟା ନିୟନ୍ତ୍ରଣ ଓ ସନ୍ତୁଳନ ମଧ୍ୟରେ ଲୋକେ ରଖିଛନ୍ତି। ଆମେ ଖୁବ୍ ଶୀଘ୍ର କ୍ଷମା କରିଦେଇଥାଉ। ଏହି ସ୍ୱଭାବ ଅନ୍ୟାନ୍ୟ ଦେଶର ଲୋକଙ୍କ ପାଖରେ ନଥାଏ। ଆମ ଗଣତନ୍ତ୍ରରେ ଯୁକ୍ତିଯୁକ୍ତ। କାରଣ ଆଧାରରେ ନେତା କମ୍ ବାଛିଥାଉ ଏବଂ ଅଧିକାଂଶ କ୍ଷେତ୍ରରେ ଆବେଗବଶତଃ ତାହା କରିଥାଉ। ଯଦି ଆମେ ଆବେଗରେ ଭାସି ଯାଉ ନଥା'ନ୍ତେ ତେବେ ଏହା କିପରି ହେଲା ଯେ ନେହେରୁଜୀ, ଇନ୍ଦିରାଜୀ ଓ ମୋଦିଜୀ ଏତେ ଲୋକପ୍ରିୟ ହୋଇ, ଏତେ ପରିଶ୍ରମ କରି ମଧ୍ୟ ସଂସଦରେ ସେତିକି ଆସନ କେବେ ହେଲେ ପାଇପାରିଲେ ନାହିଁ, ଯେତିକି ଆସନ ରାଜୀବଜୀ ୧୯୮୪ରେ ପାଇଥିଲେ। ସେତେବେଳେ ଲୋକସଭାରେ ୪୧୪ଟି ଆସନ ରାଜୀବଜୀଙ୍କ ନେତୃତ୍ୱରେ କଂଗ୍ରେସ ପାଇଥିଲା। ଆମ ଦେଶରେ ଲୋକସଭାରେ ସବୁଠାରୁ ବଡ଼ ବହୁମତ ସେହି ବର୍ଷ ମିଳିଲା ଯେଉଁବର୍ଷ ଜଣେ ପ୍ରଧାନମନ୍ତ୍ରୀଙ୍କ ହତ୍ୟା ହେଲା ଓ ତାଙ୍କ ସୁପୁତ୍ର ପ୍ରଧାନମନ୍ତ୍ରୀ ପଦପାଇଁ ପ୍ରାର୍ଥୀ ହେଲେ, ଯାହାଙ୍କ ରାଜନୀତିରେ ପୂର୍ବରୁ କୌଣସି ଅଭିଜ୍ଞତା ନଥିଲା। ଏଥିରୁ ପ୍ରମାଣିତ ହେଉଛି ଯେ ଏ ଦେଶର ଲୋକେ ଆବେଗ ଓ ରାଜନୀତିକୁ ସର୍ବଦା ଯୋଡ଼ିଥା'ନ୍ତି। ଏ

ବ୍ୟକ୍ତିଗତ ମଣିଷ ଓ ଆନୁଷ୍ଠାନିକ ମଣିଷ ଭିତରେ ପାର୍ଥକ୍ୟ ଥାଏ। ଗଣମାଧ୍ୟମ (ଆନୁଷ୍ଠାନିକ ମଣିଷ) ବ୍ୟକ୍ତିଗତ ମଣିଷ ପରି ଜଣେ ସାଧାରଣ ମଣିଷ। କିନ୍ତୁ ତା'କୁ ଅସାଧାରଣ ମଣିଷ କରିପାରେ ଏକମାତ୍ର ତା'ର ଆଦର୍ଶ, ନିରପେକ୍ଷତା ଓ ଦାୟିତ୍ୱବୋଧ। ବ୍ୟକ୍ତି ପ୍ରତି, ସମାଜ ପ୍ରତି ଓ ମାନବତା ପ୍ରତି ସମ୍ମାନ। ଆଜି ମଧ୍ୟ ଆମ ଦେଶରେ ଆଦର୍ଶ, ସ୍ୱଚ୍ଛ, ସଚ୍ଚୋଟ ଓ ନିରପେକ୍ଷ ସମ୍ବାଦଦାତାଙ୍କ ସଂଖ୍ୟା ଖୁବ୍ ବେଶୀ।

ଭୁବନେଶ୍ୱର, ମୋ: ୯୪୩୮୧୬୫୬୬୪

# ଭାରତରେ ଉଦ୍‌ଜାନ ରେଳଗାଡ଼ି

ଡ. ହେମନ୍ତ କୁମାର ଦାସ

ଅଧୁନା ଚେନ୍ନାଇର ଇଣ୍ଟିଗ୍ରାଲ କୋଚ ଫ୍ୟାକ୍ଟ୍ରି ଭାରତୀୟ ରେଳବାଇ ସହଭାଗିତାରେ ଉଦ୍‌ଜାନ ଟ୍ରେନର ପରୀକ୍ଷା ଚାଲୁ ରଖିଛି। ଏହା ପ୍ରଥମେ ହରିୟାନାର ଜିନ୍ଦ-ସୋନିପତ ରେଳପଥରେ ୮୯ କି:ମି ବ୍ୟାପି ରାସ୍ତାରେ ପରୀକ୍ଷାମୂଳକ ଭାବରେ ଚାଲିବାର ଯୋଜନା ଅଛି। ଏହି ପ୍ରକଳ୍ପର ନାମ ରଖାଯାଇଛି 'ନମୋ ଗ୍ରୀନ ରେଳ', ଯାହାର ସର୍ବାଧିକ ବେଗ ୧୧୦ କି:ମି ରହିପାରେ। ଇଞ୍ଜିନର କ୍ଷମତା ୧୨୦୦ ଅଶ୍ୱଶକ୍ତି ରହିବ (ପୃଥିବୀର ସର୍ବାଧିକ) ଏବଂ ଏକାଥରକେ ୨୬୦୦ ଯାତ୍ରୀ ପରିବହନ କରିପାରିବ। ପ୍ରତି ଟ୍ରେନ ପିଛା ପାଖାପାଖି ୧୫୦୦ କୋଟି ଟଙ୍କା ଖର୍ଚ୍ଚ ହୋଇପାରେ। ପୂର୍ବରୁ ପୃଥିବୀରେ ପ୍ରଥମେ ଜର୍ମାନୀ ୨୦୧୮ ଏବଂ ଚୀନ, ସ୍ୱିଡେନ ଓ ଫ୍ରାନ୍ସ ସହିତ ଏବେ ଆମ ଭାରତ ୫ମ ଦେଶ ଭାବେ ଏହି ଉଦ୍ୟମ ଆରମ୍ଭ କରିଛି।

ବର୍ତ୍ତମାନ ପୃଥିବୀର ସବୁଠାରୁ ବଡ଼ ସମସ୍ୟା ହେଲା ବାୟୁ ପ୍ରଦୂଷଣ। ତେଣୁ ରାଷ୍ଟ୍ରସମୂହ ସେମାନଙ୍କ ଦେଶର କାର୍ବନ ନିର୍ଗମନକୁ ଯଥାସମ୍ଭବ ହ୍ରାସ କରିବା ପାଇଁ ବିଶ୍ୱ ଜଳବାୟୁ ସମ୍ମିଳନୀମାନଙ୍କରେ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ସେହି ଆଧାରରେ ଭାରତ ୨୦୭୦ ସୁଦ୍ଧା କାର୍ବନ ନିର୍ଗମନକୁ ଶୂନ୍ୟସ୍ତରକୁ ଆଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଆମେ ଜାଣିଛେ ଡିଜେଲ ଚାଳିତ ରେଳଗାଡ଼ି ଅପେକ୍ଷା ଉଦ୍‌ଜାନ ଶକ୍ତିଚାଳିତ ଟ୍ରେନ୍ ଅଧିକ ପରିବେଶ ଅନୁକୂଳ। ଅପରପକ୍ଷରେ ବିଦ୍ୟୁତ ଚାଳିତ ଟ୍ରେନ୍ ପାଇଁ ସଂସ୍ଥାନ ନିର୍ମାଣରେ ଖର୍ଚ୍ଚ ଅଧିକ। ବିଦ୍ୟୁତ ଗ୍ରୀଡର କାର୍ଯ୍ୟକାରିତା ଓ ସର୍ବୋପରି ଭୌଗୋଳିକ ପରିସ୍ଥିତିକୁ ବିଚାରକୁ ନେଲେ ଏହା ସେପରି ଲାଭଦାୟକ ହେବ ନାହିଁ। କିନ୍ତୁ ବର୍ତ୍ତମାନର ପରିକଳ୍ପନାରେ ଯଦି ହାଇଡ୍ରୋଜେନ ଫୁଏଲ ସେଲ ବ୍ୟବହାର କରି ଟ୍ରେନ୍ ଚଳାଇବା, ଏହା ପରିବେଶ ଅନୁକୂଳ ହେବା ସହିତ ଉଚ୍ଚ ଶକ୍ତିସମ୍ପନ୍ନ ହେବ। ଜଳ ଓ ଉତ୍ତାପ ସେଲ ପ୍ରକ୍ରିୟାର ମାତ୍ର ଉପଜାତ ଦ୍ରବ୍ୟ। ତେଣୁ ଏ ପ୍ରକାର ପ୍ରକଳ୍ପକୁ ଆମ ଦେଶରେ କାର୍ଯ୍ୟକାରୀ କରି ରେଳଗାଡ଼ି ଚଳାଇବାର ଯୋଜନାର ଲକ୍ଷ୍ୟ ମହତ୍।

ଆମେ ଯାହାକୁ ଉଦ୍‌ଜାନ ଶକ୍ତିଚାଳିତ ଟ୍ରେନ ବୋଲି କହୁ, ତାହା ହାଇଡ୍ରୋଜେନ ଫୁଏଲ ସେଲରୁ ନିର୍ଗତ ବିଦ୍ୟୁତ ଶକ୍ତି ଦ୍ୱାରା ଚାଲିବ। ଏହି ସେଲରେ ଉଦ୍‌ଜାନ ଓ ଅମ୍ଳଜାନ ମିଶି ବିଦ୍ୟୁତ ଶକ୍ତି ଉତ୍ପନ୍ନ କରେ, ଯାହା ରେଳଗାଡ଼ି ଚଳାଇବାରେ ବ୍ୟବହୃତ ହୁଏ। ଉତ୍ତାପ ଓ ପାଣି କେବଳ ଉପଜାତ ପଦାର୍ଥ ହୋଇଥିବାରୁ ପାର୍ଶ୍ୱ ପ୍ରତିକ୍ରିୟାର ଆଶଙ୍କା କମ। ଜେବଳ ଉଦ୍‌ଜାନକୁ ଟରବାଇନ୍ ମଧ୍ୟରେ ଜଳାଇ ଉତ୍ତାପ ଓ ବିଦ୍ୟୁତ ଶକ୍ତି ଉତ୍ପନ୍ନ କରିହେବ। କିନ୍ତୁ ଏହି ପ୍ରକ୍ରିୟାରେ ନାଇଟ୍ରିକ ଅକସାଇଡ ରୂପକ ଏକ ବିଷାକ୍ତ ଗ୍ୟାସ ବାହାରିଥାଏ। କିନ୍ତୁ ପରିବେଶ ଅନୁକୂଳ ପାଇଁ ଆମର ଦରକାର 'ସବୁଜ ଉଦଜାନ'।

ମନରେ ପ୍ରଶ୍ନ ଉଠେ କେତେପ୍ରକାର ଉଦ୍‌ଜାନ ଆମେ ବ୍ୟବହାର କରିଥାଉ? ପ୍ରାକୃତିକ ଗ୍ୟାସ, ଯାହା ମୁଖ୍ୟତଃ ମିଥେନ, ଜଳୀୟ ବାଷ୍ପ ସହିତ ଉଚ୍ଚ ତାପମାତ୍ରା ଓ ଉତପ୍ରେରକ ଅବସ୍ଥିତିରେ ଅଙ୍ଗାରକାମ୍ଳ(ବାୟୁ ପ୍ରଦୂଷକ) ସହିତ ଉଦ୍‌ଜାନ ଗ୍ୟାସ ତିଆରି କରିଥାଏ। ଯାହାକୁ ଆମେ 'ଗ୍ରେ ହାଇଡ୍ରୋଜେନ' ବୋଲି କହିଥାଉ। ଏହା ବର୍ତ୍ତମାନ ବହୁତ ପରିମାଣରେ କଳକାରଖାନାରେ ବ୍ୟବହୃତ। ଉକ୍ତ ପ୍ରଣାଳୀରେ ଯଦି ଆମେ ଅଙ୍ଗାରକାମ୍ଳ ନିର୍ଗମନକୁ ଭୂମି ତଳେ ଭଣ୍ଡାରଣ କରିପାରିବା ତେବେ ନିର୍ଗତ ଉଦ୍‌ଜାନକୁ 'ନୀଳ ଉଦଜାନ' ବୋଲି କହିଥାଉ। କିନ୍ତୁ ଏହା ବ୍ୟୟବହୁଳ ଏବଂ ଏଥିରେ ଅଧିକ ଶକ୍ତି ଅପଚୟ ହୋଇଥାଏ। କିନ୍ତୁ 'ସବୁଜ ଉଦଜାନ' ଜଳର ବିଦ୍ୟୁତ ବିଶ୍ଳେଷଣ ପଦ୍ଧତି ଦ୍ୱାରା ଉତ୍ପନ୍ନ ହୋଇଥାଏ, ଯେଉଁଥିରେ ବିଦ୍ୟୁତଶକ୍ତି ନବୀକରଣ କ୍ଷମ ଉତ୍ସ, ଯେପରିକି ସୂର୍ଯ୍ୟ ଶକ୍ତି ବା ପବନ ଶକ୍ତିରୁ ସଂଗ୍ରହ କରାଯାଏ। ଏଥିରେ କୌଣସି କ୍ଷତିକାରକ ସବୁଜଗୃହ ବାଷ୍ପ ବାହାରେ ନାହିଁ।

ଫୁଏଲ ସେଲ ଏକ ପ୍ରକାର ଯନ୍ତ୍ର, ଯେଉଁଥିରେ ଏକ ରାସାୟନିକ ପ୍ରକ୍ରିୟା ମାଧ୍ୟମରେ ରସାୟନିକ ଶକ୍ତିକୁ ବିଦ୍ୟୁତ ଶକ୍ତିରେ ରୂପାନ୍ତରିତ କରାଯାଏ। ଏଥିରେ ପ୍ରତିକ୍ରିୟାକାରୀ ପଦାର୍ଥ ଉଦଜାନ ସହିତ ଅମ୍ଳଜାନକୁ ଏକ ଜାରଣ ପ୍ରକ୍ରିୟାକାରୀ ପଦାର୍ଥ ରୂପେ ନିଆଯାଏ। ତା' ଛଡ଼ା ସାଧାରଣ ଭାବରେ ପ୍ଲାଟିନମକୁ ଉତ୍‌ପ୍ରେରକ ହିସାବରେ ବ୍ୟବହାର କରି ଜାରଣ-ବିଜାରଣ ପ୍ରକ୍ରିୟାକୁ ତ୍ୱରାନିତ କରାଯାଏ। ବିଭିନ୍ନ ପ୍ରକାର ଉଦଜାନ ଇନ୍ଧନ କୋଷରେ ବିଭିନ୍ନ ପ୍ରକାର ବିଦ୍ୟୁତ ବିଶ୍ଳେଷ୍ୟ ପଦାର୍ଥ ବ୍ୟବହାର କରାଯାଏ। ଉଦ୍‌ଜାନକୁ କୋଷର ଆନୋଡ଼ରେ ଛଡ଼ାଯାଏ। ଏଠାରେ ଏହା ଜାରିତ ହୋଇ ପ୍ରୋଟନ ଓ ଇଲେକଟ୍ରନ ସୃଷ୍ଟି କରେ। ଇଲେକଟ୍ରନ ବାହ୍ୟ ବିଦ୍ୟୁତ ପଥରେ ପ୍ରବାହିତ ହୋଇ ବିଦ୍ୟୁତ ଶକ୍ତି ଉତ୍ପନ୍ନ କରେ। ପ୍ରୋଟନ ବିଦ୍ୟୁତ ବିଶ୍ଳେଷ୍ୟ ପଦାର୍ଥ ମଧ୍ୟରେ ଗତି କରି କାଥୋଡରେ ଅମ୍ଳଜାନ ଓ ବିଦ୍ୟୁତ ପଥରୁ ଇଲେକଟ୍ରନ ଗ୍ରହଣ କରି ଜଳ ଓ ଉତ୍ତାପ ସୃଷ୍ଟି କରେ। ଜଳ କୋଷ ମଧ୍ୟରୁ ବାହାରିଯାଏ। ପ୍ରାକ୍ ପ୍ରସ୍ତୁତ ଓ ଗଚ୍ଛିତ ସବୁଜ ଉଦଜାନ ଓ ବାୟୁରୁ ସଂଗୃହୀତ ଅମ୍ଳଜାନ ଦ୍ୱାରା ଏହି ପ୍ରକ୍ରିୟା ସଂପାଦିତ ହୁଏ।

ସବୁଜ ଉଦଜାନର ବହୁଳ ପ୍ରସ୍ତୁତି ବର୍ତ୍ତମାନ ଦେଶ ସମ୍ମୁଖରେ ଏକ ଆହ୍ୱାନ। ଏହା କିପରି କମ ଖର୍ଚ୍ଚରେ ନବୀକରଣକ୍ଷମ ଉତ୍ସରୁ ତିଆରି କରାଯାଇ ପାରିବ, ତା'ର ପରିକଳ୍ପନା କରାଯାଉଛି। ପରବର୍ତ୍ତି ଅବସ୍ଥାରେ ସମସ୍ୟା ଦେଖା ଦେଇପାରେ ଏହାର ସଂରକ୍ଷଣ ଓ ଉଚ୍ଚ ତାପମାତ୍ରାରେ ଏହାର କାର୍ଯ୍ୟଦକ୍ଷତା ଉପରେ; କାରଣ ଉଦଜାନ ଏକ ଦହନୀୟ ବାଷ୍ପ। ତେଣୁ ପ୍ରଥମ ଅବସ୍ଥାରେ ଭିତ୍ତି ସଂରଚନା ଖର୍ଚ୍ଚ ବେଶୀ ହୋଇପାରେ।

ବର୍ତ୍ତମାନ ଭାରତରେ ଉଦଜାନ ଚାଳିତ ଟ୍ରେନର ଆବଶ୍ୟକତା ଗଭୀର ଭାବରେ ଉପଲବ୍ଧ। ଏ ପ୍ରକାର ଟ୍ରେନର ଶକ୍ତି, କାର୍ଯ୍ୟଦକ୍ଷତା ଡିଜେଲ ଟ୍ରେନଠାରୁ ସାଧାରଣ ଭାବରେ ଅଧିକ। ଏହା ଅଧୁନା ସ୍ଥାୟୀ ଗମନାଗମନ ପଦ୍ଧତିରେ ବିଅଙ୍ଗାରକକରଣ ପାଇଁ ଉତ୍କୃଷ୍ଟ। ତେଣୁ ଏ ପ୍ରକାର ପ୍ରକଳ୍ପର ଅଧିକ ପ୍ରସାର ହେଲେ ଗମନାଗମନ ଓ ସ୍ୱଚ୍ଛ ଅନୁକୂଳ ପରିବେଶ ଦିଗରେ ଆମର ଗତି ଯେ ସନ୍ତୋଷଜନକ ହୋଇପାରିବ, ତାହା ଅନସ୍ୱୀକାର୍ଯ୍ୟ।

ଭୁବନେଶ୍ୱର, ମୋ: ୯୪୩୭୭୬୬୪୦୫

## ବୃକ୍ଷଲତାଙ୍କ ବୁଦ୍ଧିମତ୍ତା

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ବୃକ୍ଷଲତାମାନଙ୍କ ଶାରୀରିକ ବ୍ୟବସ୍ଥା ପ୍ରାଣିଜଗତଠାରୁ ଭିନ୍ନ। ଉଦ୍ଭିଦମାନଙ୍କର ନଥାଏ ମସ୍ତିଷ୍କ ଓ ସ୍ନାୟୁ ବ୍ୟବସ୍ଥା। ଏଣୁ ସେମାନଙ୍କର ବୁଦ୍ଧିମତ୍ତା ଥିବା କଥା ସହଜେ ବିଶ୍ୱାସ କରିହୁଏନି। ତେବେ ବୈଜ୍ଞାନିକମାନେ ଏବେ କହିଲେଣି ଯେ ବୃକ୍ଷଲତାଙ୍କ ଶାରୀରିକ ଗଠନ ପ୍ରାଣିଜଗତ ପରି ନ ହେଲେ ମଧ୍ୟ କିଛି ମାତ୍ରାରେ ସାମଞ୍ଜସ୍ୟ ରହିଛି। ସେଥିପାଇଁ ସେମାନେ ସଂଗୀତ ପ୍ରତି ପ୍ରତିକ୍ରିୟା ପ୍ରକଟ କରିପାରନ୍ତି ବୋଲି କୁହାଯାଉଛି।

ଏ ବିଶ୍ୱାସ ଆରମ୍ଭ ହୋଇଥିଲା ୧୯୭୩ ମସିହାରେ, ଯେତେବେଳେ କିଛି ଆମେରିକୀୟ କୃଷିବିଜ୍ଞାନୀ ଟମାଟୋ ଫସଲକୁ ଏକ ନିର୍ଦ୍ଦିଷ୍ଟ ସ୍ୱରରେ ସଂଗୀତ ଶୁଣାଇଲେ ତହିଁରେ ଅଧିକ ତଥା ଉନ୍ନତ ମାନର ଫଳ ଫଳେ ବୋଲି ମତ ଦେଇଥିଲେ। ତତ୍ପରେ ସେଠାରେ ଉଦ୍ଭିଦ ବିଜ୍ଞାନୀ ଜୋ ଶ୍ଲାଙ୍ଗର ପ୍ରକାଶ କଲେ ଏ ସଂପର୍କିତ ପୁସ୍ତକଟିଏ। ଏଥିରେ ସେ ବୃକ୍ଷଲତାମାନଙ୍କର ବୁଦ୍ଧିମତ୍ତା ସମ୍ଭାବନାର ସୂଚନା ଦେଇଛନ୍ତି। ତେବେ ସେଗୁଡ଼ିକ ସହିତ ଏକମତ ହୋଇପାରିନାହାନ୍ତି ଅନେକ ବୈଜ୍ଞାନିକ। ସେମାନେ କହୁଛନ୍ତି ଯେ ମସ୍ତିଷ୍କ ନଥିବା ବୃକ୍ଷଲତାମାନେ ବିଭିନ୍ନ ଉଦ୍ଦୀପନା ପ୍ରତି କିପରି ପ୍ରତିକ୍ରିୟା ପ୍ରକାଶ କରିପାରିବେ? ପୁନଶ୍ଚ ଯଦି ତାଙ୍କର ବୁଦ୍ଧିମତ୍ତା ଥାଏ ତେବେ ତା'ର କ୍ରିୟାବିଧି କ'ଣ?

ଏହାର ଜବାବରେ ଜୋ ଏବଂ ତାଙ୍କ ସମର୍ଥକମାନେ କହିଛନ୍ତି ଯେ ବୃକ୍ଷଲତାମାନଙ୍କର ମାଧ୍ୟାକର୍ଷଣକୁ ଅନୁଭବ କରିବା ଶକ୍ତି ରହିଛି। ସେଥିପାଇଁ ସେଗୁଡ଼ିକର ଚେର ଭୂମି ତଳକୁ ଏବଂ ଶାଖା ପ୍ରଶାଖା ଉପରେ ଆଡ଼କୁ ବଢ଼ିଥାଏ। କୌଣସି ସ୍ଥାନରୁ କାଟି ଦେଲେ ଯନ୍ତ୍ରଣା ଅନୁଭବ କଲା ଭଳି ତାଙ୍କର ଶରୀରର ଜୈବରସାୟନ ତତ୍‌କ୍ଷଣାତ୍ ବଦଳିଯାଏ। ପୁନଶ୍ଚ ବୃକ୍ଷଲତାମାନେ ବିଭିନ୍ନ ଧ୍ୱନିର ଆବୃତ୍ତି ଏବଂ କମ୍ପନ ଅନୁଭବ କରିପାରନ୍ତି, ସତେଯେପରି ସେମାନଙ୍କର କାନ ଅଛି। ଏଣୁ ଶଂବାଳୁଆଟିଏ ପତ୍ର ଖାଇଲା ବେଳେ ତହିଁରୁ ଉତ୍ପନ୍ନ ଧ୍ୱନିକୁ ସେମାନେ ଅନୁଭବ କରିପାରନ୍ତି ଏବଂ ସେ ସମ୍ପର୍କରେ ସୂଚନା ପଡ଼ୋଶୀମାନଙ୍କୁ ଦେଇପାରନ୍ତି। ପୁନଶ୍ଚ ଖାଦକର ଆକ୍ରମଣରୁ ନିଜକୁ ସୁରକ୍ଷା ଦେବା ପାଇଁ ବୃକ୍ଷଲତାମାନେ ନିଜ ନିଜର କୀଟାଣୁନାଶକ ମଧ୍ୟ ଉତ୍ପନ୍ନ କରନ୍ତି। ମହୁମାଛିର ଗୁଣୁଗୁଣୁ ଶବ୍ଦ ଶୁଣି ସେମାନେ ପରାଗରେଣୁକୁ ବିମୁକ୍ତ କରି ଦେଲା ବେଳେ ଘଡ଼ଘଡ଼ିର ଶବ୍ଦ ଶୁଣିଲେ ବର୍ଷା ପାଇଁ ପ୍ରସ୍ତୁତ ହୋଇଯା'ନ୍ତି। ସମ୍ଭବତଃ ସେମାନଙ୍କ ପତ୍ରରେ ଥିବା କେଶ ସଦୃଶ ଟ୍ରାଇକୋମସ୍‌ଗୁଡ଼ିକ ଆଣ୍ଟେନା ଭଳି ଏଥିରେ ସହାୟତା କରନ୍ତି।

ବୃକ୍ଷଲତାମାନେ କେବଳ ଯେ ଶୁଣି ପାରନ୍ତି, ତା'ନୁହେଁ। ସେମାନେ କଥା କହି ମଧ୍ୟ ପାରନ୍ତି। ତାଙ୍କ ଦ୍ୱାରା ପରସ୍ପର ମଧ୍ୟରେ 'ସୋନାର' ଧ୍ୱନି ଭଳି କିଛି ଶବ୍ଦଭିତ୍ତିକ ଭାଷା ଦ୍ୱାରା ବାର୍ତ୍ତାଳାପ ହୁଏ ବୋଲି ମନେକରାଯାଏ। ଏହାବ୍ୟତୀତ ସେମାନେ ରାସାୟନିକ ସୂଚନା ମଧ୍ୟ ଆଦାନପ୍ରଦାନ କରନ୍ତି। ବୃକ୍ଷଲତାମାନଙ୍କର ମନେ ରଖିବାର ଶକ୍ତି ବି ରହିଛି। ପରାଗସଂଗମକାରୀ କୀଟ ଗତଥର କେତେବେଳେ ଆସିଥିଲା ତାହା ମନେରଖି ସେହି ସମୟରେ ତାଙ୍କ ପରାଗରେଣୁଗୁଡ଼ିକ ବିମୁକ୍ତ ରଖନ୍ତି। ପୁନଶ୍ଚ ଅଧିକାଂଶ ଗଛଲତା ବିଭିନ୍ନ ଋତୁର ଆଗମନ କଥା ମଧ୍ୟ ମନେ ରଖି ସେହି ସମୟରେ ଫୁଲଫଳ ଧାରଣ କରନ୍ତି। ବୃକ୍ଷଲତାମାନଙ୍କର ସାମାଜିକ ଜୀବନ ମଧ୍ୟ ରହିଛି। ତନ୍ମଧ୍ୟରୁ କେତେକ ନିଜ ପ୍ରଜାତି ପ୍ରତି ଆପଣାପଣ ପ୍ରଦର୍ଶନ କରନ୍ତି। ଉପକାରୀ କୀଟମାନଙ୍କ ଆଗମନ ସମ୍ପର୍କରେ ପରସ୍ପର ମଧ୍ୟରେ ରାସାୟନିକ ଓ ଅନ୍ୟାନ୍ୟ ସୂଚନାମାନ ଆଦାନପ୍ରଦାନ କରନ୍ତି। ଅତଏବ ବୃକ୍ଷଲତା ସେହି ଅନୁଯାୟୀ ବିଭିନ୍ନ ସ୍ତରରେ ନିଜକୁ ପ୍ରସ୍ତୁତ କରିନିଅନ୍ତି।

ଏହିଭଳି ବିବିଧଗୁଣକୁ ଏକତ୍ର ରଖି ବିଚାରକୁ ନେଲେ ବୃକ୍ଷଲତାମାନଙ୍କର କିଛିମାତ୍ରାରେ ବୁଦ୍ଧିମତ୍ତା ଥିବାର ମନେହୁଏ। ତେବେ ତାହାର ରୂପରେଖ ଏବଂ କାର୍ଯ୍ୟବିଧି ଆମଠାରୁ ଏବଂ ଅନ୍ୟାନ୍ୟ ଜୀବଜନ୍ତୁମାନଙ୍କଠାରୁ ଭିନ୍ନ। ସେଗୁଡ଼ିକ ସଂପୂର୍ଣ୍ଣ ଅଲଗା କ୍ରିୟାବିଧି ଉପରେ ପର୍ଯ୍ୟବସିତ। ତେବେ ଏହାର ଗୁପ୍ତତଥ୍ୟଗୁଡ଼ିକର ଉନ୍ମୋଚନ ଲାଗି ଏବେ ପ୍ରୟାସ ଜାରି ରହିଛି।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଉପରାଷ୍ଟ୍ରପତି ନିର୍ବାଚନରୁ ବିରତ ରହିବ ବିଜେଡି

# ସମଦୂରତା ବଜାୟ ରଖିବ ଦଳ

ଭୁବନେଶ୍ୱର,୮।୯(ସମିସ): ମଙ୍ଗଳବାର ଅନୁଷ୍ଠିତ ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନରେ ଭୋଟଦାନରୁ ବିଜୁ ଜନତା ଦଳ ବିରତ ରହିବ ବୋଲି ନିଷ୍ପତ୍ତି ନେଇଛି। ଦଳ ସଭାପତି ତଥା

## ରାଜ୍ୟ ସ୍ୱାର୍ଥ ବିରୋଧରେ ଦଳ କେବେ ସାଲିସ୍ କରିବ ନାହିଁ

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ଦଳର ପିଏସି ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା। ସୋମବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସବର୍ମା କହିଛନ୍ତି ଯେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳର ବରିଷ୍ଠ ନେତା, ପିଏସି ସଦସ୍ୟ ଓ ସାଂସଦମାନଙ୍କ ସହ ଆଲୋଚନା ପରେ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ବିଜେଡି ସବୁବେଳେ ସମଦୂରତା ନୀତିକୁ ଅବଲମ୍ବନ କରିଆସିଛି। ଚଳିତ ଉପରାଷ୍ଟ୍ରପତି ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନଡିଏ କିମ୍ବା କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟର ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ସମର୍ଥନ ଦେବ



ନାହିଁ ବିଜେଡି। ରାଜ୍ୟର ସ୍ୱାର୍ଥ ବିରୁଦ୍ଧରେ ବିଜୁ ଜନତା ଦଳ କେବେ ହେଲେ ସାଲିସ କରିବ ନାହିଁ। ସେ ଆହୁରି କହିଥିଲେ, ଭାରତବର୍ଷରେ ଓଡ଼ିଶାକୁ ଏକ ସଶକ୍ତ ରାଜ୍ୟରେ ପରିଣତ କରିବା ପାଇଁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସର୍ବଦା କାମ କରିଆସିଛି। ରାଜ୍ୟର ସାଢ଼େ ୪ କୋଟି ଲୋକଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ଓଡ଼ିଶାର ବିକାଶ ଓ ପ୍ରଗତି ପାଇଁ ବିଜେଡି ନିଜ କାର୍ଯ୍ୟଧାରା ବଜାୟ ରଖିଛି।

ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଥିଲେ ଯେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି ଭୋଟଦାନରୁ ବିରତ ରହିବା ନିଷ୍ପତ୍ତି ଜଣାଇବା ପରେ ଦୁଇଟି ଜାତୀୟ ରାଜନୈତିକ ଦଳ ଦୋହଲି ଯାଇଛନ୍ତି। ବିଜେପି ପ୍ରତ୍ୟକ୍ଷ ଓ ପରୋକ୍ଷରେ ତାଙ୍କୁ ସମର୍ଥନ କଥା କହୁଥିଲା ବେଳେ କଂଗ୍ରେସର ମନ୍ତବ୍ୟ ଅତ୍ୟନ୍ତ ହାସ୍ୟାସ୍ପଦ। ବିଜେଡି ସମଗ୍ର ଭାରତବର୍ଷରେ ଏକ ସଫଳ ରାଜନୈତିକ ଦଳ ଭାବେ ନିଜର ପରିଚୟ ସୃଷ୍ଟି କରିଛି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ଆଜି ମଧ୍ୟ ରାଜ୍ୟର ଏକ ନମ୍ବର ଦଳ ଭାବେ ଲୋକଙ୍କ ସମର୍ଥନ ପାଇଛି ବୋଲି ସେ କହିଛନ୍ତି।

## ନାବାଳକଙ୍କୁ ଆକ୍ରମଣ

# ୨ ଭାଇ ସମେତ ୩ ଗିରଫ

ବ୍ରହ୍ମପୁର,୮।୯(ସମିସ): ଜଣେ ନାବାଳକଙ୍କୁ ଆକ୍ରମଣ ଅଭିଯୋଗରେ ଟାଉନ ଥାନା ପୁଲିସ ୩ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ଖାଜା ସାହିର ଏସଏମ ସାହିଦ ଅଲ୍ଲୀ(୨୫), ଏସଏମ ଶାବାଜ୍



ଅଲ୍ଲୀ(୨୩) ଓରଫ ଗୋଲୁ ଓ ସେକ ଜିବ୍ରାହିମ୍(୧୯)। ଅଭିଯୁକ୍ତଙ୍କଠାରୁ ପୁଲିସ ୪ଟି ଖଣ୍ଡା ଓ ଗୋଟିଏ କ୍ରିକେଟ୍ ୱିକେଟ୍ ଜବତ କରିଥିବା ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ସୋମନାଥନଗର ଅଞ୍ଚଳର ୧୭ ବର୍ଷୀୟ ନାବାଳକ ରବିବାର ଅପରାହ୍ଣରେ କୌଣସି କାମରେ ସ୍ଥାନୀୟ ଭିମାରାଓ ପେଟା ପାର୍କ ନିକଟକୁ ଯାଇଥିଲେ। ସେଠାରେ ଶାହବାଜ୍ ସମ୍ପୃକ୍ତ ନାବାଳକଙ୍କୁ ଧକ୍କା ମାରିଥିଲା। ନାବାଳକଜଣକ ସେଠାରୁ ଘରକୁ ଫେରିବା ସମୟରେ ସୋମନାଥନଗର ଛକଠାରେ ସାହିଦ ଓ ତା'ର ଭାଇ ଗୋଲୁ, ଜିବ୍ରାହିମ୍ ସମ୍ପୃକ୍ତ

## ଆକ୍ରମଣରେ ବ୍ୟବହୃତ ୪ଟି ଖଣ୍ଡା ଓ ଗୋଟିଏ ୱିକେଟ୍ ଜବତ

ନାବାଳକଙ୍କୁ ମାରପିଟ କରିବା ସହ ଖଣ୍ଡାରେ ଆକ୍ରମଣ କରିଥିଲେ। ଆକ୍ରମଣରେ ନାବାଳକଜଣକ ଆହତ ହୋଇ ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏସ୍‌ଆଇ ରଞ୍ଜିତ କୁମାର ଦାଶ ଓ ତାଙ୍କ ଟିମ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଉପରୋକ୍ତ ଅଭିଯୁକ୍ତଙ୍କୁ କାବୁ କରିବା ସହ ସେମାନେ ଲୁଚାଇ ରଖିଥିବା ୪ଟି ଖଣ୍ଡାକୁ ଜବତ କରିଛି। ଗିରଫ ଅଭିଯୁକ୍ତ ଦୁଇ ଭାଇଙ୍କ ନାମରେ ପୂର୍ବରୁ ଟାଉନ ଥାନାରେ ୫ଟି ମାମଲା ରହିଥିବା ପୁଲିସ ସୂଚନା ଦେଇଛି।

## ଓୟୁଏଟି କୁଳପତିଙ୍କୁ ପୁନଃନିଯୁକ୍ତି

ଭୁବନେଶ୍ୱର, ୮।୯ (ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) କୁଳପତି ପ୍ରଫେସର୍ ପ୍ରଭାତ କୁମାର ରାଉଳଙ୍କୁ ସରକାର ପୁନଃନିଯୁକ୍ତି ଦେଇଛନ୍ତି। ଆଜି ତାଙ୍କ କାର୍ଯ୍ୟକାଳ ସରୁଥିବା ବେଳେ ଶେଷ ଦିନରେ ତାଙ୍କୁ କୁଳପତି ଭାବେ ପୁନଃନିଯୁକ୍ତି ଦିଆଯାଇଛି। ଆସନ୍ତାକାଲି ଅର୍ଥାତ୍ ମଙ୍ଗଳବାରଠାରୁ ତିନିବର୍ଷ ପର୍ଯ୍ୟନ୍ତ ତାଙ୍କର କାର୍ଯ୍ୟକାଳ ରହିବ। ଓୟୁଏଟି ଆଇନ ୧୯୬୫ ଅନୁଯାୟୀ ଧାରା ୬ର ଉପଧାରା ୨ ଏବଂ ଧାରା ୯ର ଉପଧାରା ୬ ଅନୁଯାୟୀ ପୁନଃନିଯୁକ୍ତି ଦିଆଯାଇଥିବା କୁଳାଧିପତି ତଥା ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନେପାଳ ଅଶାନ୍ତ...

ଅଭିଯାନ ଚଳାଇଥିବା ବେଳେ ଏହାର ମୁକାବିଲା କରିବାକୁ ଯାଇ ସରକାର ଫେସବୁକ, ହ୍ୱାଟସ୍‌ଆପ୍ ଓ ଏକ୍ସ ଭଳି ସାମାଜିକ ଗଣମାଧ୍ୟମ ଉପରେ ରୋକ୍ ଲଗାଇଛନ୍ତି। ଗତ ୩ ତାରିଖରେ ଫେସ୍‌ବୁକ୍, ଇନଷ୍ଟାଗ୍ରାମ, ୟୁଟ୍ୟୁବ, ହ୍ୱାଟ୍ସଆପ୍, ଏକ୍ସ ସମେତ ୨୬ଟି ସାମାଜିକ ଗଣମାଧ୍ୟମ ସାଇଟ୍‌କୁ ନିଷିଦ୍ଧ କରିଦେଇଥିଲେ। ସରକାର ଯୁକ୍ତି କରିଥିଲେ ଯେ ଏହି ଗଣମାଧ୍ୟମ ପଞ୍ଜୀକରଣ ହୋଇନାହାନ୍ତି। ଅନ୍ୟପକ୍ଷରେ ସେମାନଙ୍କ ସ୍ୱରକୁ ଚପାଇବା ଲାଗି ସରକାର ସାମାଜିକ ଗଣମାଧ୍ୟମ ଉପରେ କଟକଣା ଲଗାଇଥିବା ଯୁବଗୋଷ୍ଠୀ ଅଭିଯୋଗ କରିବା ସହିତ ସରକାରଙ୍କ ଏଭଳି ଆଭିମୁଖ୍ୟରେ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ଯାହାକି ଆଜି ବିସ୍ଫୋରକ ହୋଇପଡ଼ିଥିଲା।

ଜେନ୍- ଜେଡ୍ ଅର୍ଥାତ ଜେନେରେସନ ଜେଡ୍ ଗୋଷ୍ଠୀ ଟିକ୍‌ଟକ୍ ଜରିଆରେ ଜନମତ ସୃଷ୍ଟି କରି ଆଜି ବଡ଼ ଧରଣର ବିକ୍ଷୋଭର ଆୟୋଜନ କରିଥିଲା। ୧୮ ରୁ ୩୦ ବର୍ଷ ବୟସ୍କ ଯୁବ ବର୍ଗଙ୍କୁ ଜେନ ଜେଡ୍ ଗୋଷ୍ଠୀ ଗଠିତ ହୋଇଛି। ଆଜି ସକାଳେ ୧୨ ହଜାର ଉର୍ଦ୍ଧ୍ୱ ଯୁବ ବିରାଟ ରାଲିରେ ଆସି ସଂସଦ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ପୁଲିସ ବାରିକେଡ୍ ଭାଙ୍ଗି ସଂସଦ ଭବନ ଭିତରକୁ ପଶିଯାଇଥିଲେ। ନେପାଳ ଇତିହାସରେ ପ୍ରଥମଥର ପାଇଁ ବିକ୍ଷୋଭକାରୀମାନେ ସଂସଦ ପରିସରରେ ପଶିଛନ୍ତି। ଏହା ପରେ ବିକ୍ଷୋଭ ଉଗ୍ରରୂପ ଧାରଣ କରିଥିଲା। ପ୍ରଦର୍ଶନକାରୀମାନେ ସଂସଦ ଭବନର ୧ ଓ ୨ ନଂ ଗେଟ୍‌କୁ କବ୍‌ଜାକୁ ନେଇଥିଲେ। ଏହାକୁ ଦେଖି ସଂସଦ ଭବନ, ରାଷ୍ଟ୍ରପତି, ଉପ-ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ବାସଭବନ ନିକଟସ୍ଥ ଅଞ୍ଚଳରେ କର୍ଫ୍ୟୁ ଲାଗୁ କରାଯାଇଥିଲା।

ଆନ୍ଦୋଳନକାରୀମାନେ ପୁଲିସ ଉପରକୁ ପଥର ମାଡ କରିଥିଲେ ଓ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ପୋଷ୍ଟର ଚିରି ଦେଇଥିଲେ ଓ ତାଙ୍କର କୁଶପୁତଳିକା ଦାହ କରିଥିଲେ। 'ଦୁର୍ନୀତି ବନ୍ଦ କର, ସାମାଜିକ ଗଣମାଧ୍ୟମ ନୁହେଁ' ବୋଲି ଆନ୍ଦୋଳନକାରୀ ସ୍ଲୋଗାନ ଦେଇଥିଲେ। ବିଦେଶରେ ରହୁଥିବା ନେପାଳ ଯୁବକମାନେ ମଧ୍ୟ ଏହି ଆନ୍ଦୋଳନକୁ ସମର୍ଥନ କରିଛନ୍ତି। ତେବେ ଆନ୍ଦୋଳନକାରୀଙ୍କ ଆଗରେ ମୁଣ୍ଡ ନୁଆଇଁ ସରକାର ସାମାଜିକ ଗଣାଧମଗୁଡିକ ଉପରେ ଜାରି କରାଯାଇଥିବା ନିଷେଧାଦେଶକୁ ଉଠାଇ ଦେଇଛନ୍ତି। ତେବେ ସତର୍କତା ପଦକ୍ଷେପ ସ୍ୱରୂପ ନେପାଳ ସୀମାରେ ଥିବା ବିହାରର ୭ଟି ଜିଲ୍ଲାର ସୀମାକୁ ସିଲ୍ କରିଦିଆଯାଇଛି। ପରିସ୍ଥିତିର ସମୀକ୍ଷା କରିବା ଲାଗି ପ୍ରଧାନମନ୍ତ୍ରୀଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଥିଲା। ଏଥିରେ ବରିଷ୍ଠ ମନ୍ତ୍ରୀମାନଙ୍କ ସହିତ ସେନାଧ୍ୟକ୍ଷ ମଧ୍ୟ ସାମିଲ ହୋଇଥିଲେ। ବୈଠକରେ ଗୃହ ମନ୍ତ୍ରୀ ରମେଶ ତାଙ୍କ ପଦରୁ ଇସ୍ତଫା ଘୋଷଣା କରିଥିଲେ।

## ଉପରାଷ୍ଟ୍ରପତି ନିର୍ବାଚନ...

୨୧ ତାରିଖରେ ଜଗଦୀପ ଧନଖଡ଼ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେବାପରେ ଏହି ନିର୍ବାଚନ ଜରୁରୀ ହୋଇପଡ଼ିଛି।

ଆସନ୍ତାକାଲି ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନରେ ଯଦି ସମସ୍ତ ବିରୋଧୀ ସାଂସଦ ସେମାନଙ୍କ ପ୍ରାର୍ଥୀ ସପକ୍ଷରେ ଭୋଟ୍ ଦିଅନ୍ତି, ତାହାହେଲେ ପରାଜିତ ପ୍ରାର୍ଥୀ ହିସାବରେ ରେଡ୍ଡୀଙ୍କୁ ସର୍ବାଧିକ ଭୋଟ୍ ମିଳିବ। ଏହାପୂର୍ବରୁ ପରାଜିତ ପ୍ରାର୍ଥୀ ସୁଶୀଲ କୁମାର ସିନ୍ଦେଙ୍କୁ ସର୍ବାଧିକ ୩୦୫ ଭୋଟ୍ ମିଳିଥିଲା। ସେହିଭଳି ବିଜୟୀ ପ୍ରାର୍ଥୀ ହିସାବରେ ଧନଖଡ଼ ସର୍ବାଧିକ ୫୨୮ ଭୋଟ୍ ପାଇଥିବା ବେଳେ ଭେଙ୍କିୟା ନାଇଡୁ ୫୧୬ ଭୋଟ୍ ପାଇଥିଲେ। ଏହି ଦୃଷ୍ଟିରୁ ବିଜୟୀ ପ୍ରାର୍ଥୀଙ୍କୁ ଏଥର କେତେ ଭୋଟ୍ ମିଳିବ ତାହା ଉପରେ ସମସ୍ତଙ୍କର ନଜର ରହିଛି।

## ମତଦାନରୁ ବିରତ...

ବିରୁଦ୍ଧରେ ବିଜୁ ଜନତା ଦଳ କେବେ ହେଲେ ସାଲିସ କରିବନାହିଁ। ଭାରତବର୍ଷରେ ଓଡ଼ିଶାକୁ ଏକ ସଶକ୍ତ ରାଜ୍ୟରେ ପରିଣତ କରିବା ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସର୍ବଦା କାମ କରି ଆସିଛି। ରାଜ୍ୟର ସାଢେ ୪ କୋଟି ଲୋକଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ଓଡ଼ିଶାର ବିକାଶ ଓ ପ୍ରଗତି ପାଇଁ ବିଜେଡି ନିଜ କାର୍ଯ୍ୟଧାରା ବଜାୟ ରଖିଛି। ଆବଶ୍ୟକ ସ୍ଥଳେ କେନ୍ଦ୍ରରେ ଶାସନରେ ଥିବା ମେଣ୍ଟକୁ ବିଜେଡି ପ୍ରସଙ୍ଗ ଭିତ୍ତିକ ସମର୍ଥମ ମଧ୍ୟ ପ୍ରଦାନ କରିଛି।

ଅତୀତରେ ୨୦୧୨ ମସିହାରେ ବିଜେଡି ସମାନ ଭାବେ ଉପରାଷ୍ଟ୍ରପତି ନିର୍ବାଚନରୁ ଦୂରେଇ ରହିଥିଲା। ୨୦୧୭ ମସିହା ଉପରାଷ୍ଟ୍ରପତି ନିର୍ବାଚନରେ କଂଗ୍ରେସ ସମର୍ଥିତ ଅଣ-ଏନଡିଏ ପ୍ରାର୍ଥୀ ଗୋପାଳକୃଷ୍ଣ ଗାନ୍ଧୀଙ୍କୁ ବିଜେଡି ସମର୍ଥନ ପ୍ରଦାନ କରିଥିଲା। ୨୦୨୨ ମସିହାରେ ଦଳ ଏନଡିଏ ପ୍ରାର୍ଥୀ ଜଗଦୀପ ଧନକଡ଼ଙ୍କୁ ସମର୍ଥନ ଦେଇଥିଲା।

## ପରଲୋକରେ ବିଧାୟକ...

ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟ ଓ ବିଧାୟକମାନେ ଶୋକ ପ୍ରକାଶ କରିଛନ୍ତି। ଦିବଂଗତ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଆଜି ଶଙ୍ଖଭବନରେ ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦଳର ଶତାଧିକ କର୍ମୀ ଓ ନେତା ଉପସ୍ଥିତ ଥିଲେ। ତାଙ୍କର ବିୟୋଗ ବିଜେଡି ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଦଳର ବରିଷ୍ଠ ନେତାମାନେ ପ୍ରକାଶ କରିଛନ୍ତି। ସେହିପରି ପିସିସି କାର୍ଯ୍ୟାଳୟରେ ମଧ୍ୟ ତାଙ୍କ ଅମର ଆତ୍ମାର ସଦଗତି ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଛି।

ଶ୍ରୀ ଢୋଲକିଆ ୨ ବର୍ଷ ହେବ ହୃଦ୍ ଏବଂ କିଡନୀ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ତେବେ ଖରାପ ସ୍ୱାସ୍ଥ୍ୟାବସ୍ଥା ସତ୍ତ୍ୱେ ସେ ସବୁପ୍ରକାର ସାମାଜିକ ଓ ରାଜନୈତିକ କାର୍ଯ୍ୟକ୍ରମରେ ସିଧାସଳଖ ସଂପୃକ୍ତ ରହୁଥିଲେ। ଗତ ୨ ମାସ ଧରି ଚେନ୍ନାଇର ଏମ୍‌ଜିଏମ ହସପିଟାଲରେ ସେ ଚିକିତ୍ସାଧୀନ ଥିଲେ। ଗତ ମାସ ୨୫ ତାରିଖରେ ତାଙ୍କ ହୃତ୍‌ପିଣ୍ଡ ପ୍ରତିରୋପଣ କରାଯାଇଥିଲା। କିଛି ଦିନ ପରେ ତାଙ୍କର କିଡ୍‌ନୀ ପ୍ରତ୍ୟାରୋପଣ ମଧ୍ୟ କରାଯିବାର ଥିଲା। ତେବେ ଅସ୍ତ୍ରୋପଚାର ପରବର୍ତ୍ତୀ ସମୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଧୀରେଧୀରେ ଖରାପ ହେବାରେ ଲାଗିଥିଲା। ଶେଷରେ ସୋମବାର ପୂର୍ବାହ୍ନରେ ସେ ସବୁଦିନ ପାଇଁ ଆଖିବୁଜିଥିଲେ। ଅନ୍ତିମଶଯ୍ୟା ନିକଟରେ ସ୍ତ୍ରୀ କଳ୍ପନା ଢୋଲକିଆ, ପୁଅ ଜୟ ଢୋଲକିଆ, ଭାଇ ଅତୁଲ ଢୋଲକିଆ, ବୋହୂ ସୁମନ, ଅମିତ, ଭଉଣୀ ହର୍ଷିତା ପ୍ରମୁଖ ଉପସ୍ଥିତ ଥିଲେ। ମୃତଦେହକୁ ମଙ୍ଗଳବାର ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଏଠାକୁ ଆଣିବାର ବ୍ୟବସ୍ଥା କରାଯାଇଛି।

ସୂଚନାଯୋଗ୍ୟ, ଶ୍ରୀ ଢୋଲକିଆ ଏକାଧାରରେ ଜଣେ ସମାଜସେବୀ, ବ୍ୟବସାୟୀ ଏବଂ ସଫଳ ରାଜନେତା ଥିଲେ। ସେ ଅତ୍ୟନ୍ତ ମେଳାପୀ, ମିଷ୍ଟଭାଷୀ, ହୃଦୟବାନ ଥିଲେ। ସମାଜସେବା ତାଙ୍କର ଏକ ପ୍ରକାର ନିଶା ରହିଥିଲା। ସେ ସ୍କୁଲ ଏବଂ କଲେଜ ଜୀବନରେ ଜଣେ ଭଲ ଖେଳାଳି ଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟରେ ସ୍ନାତକ କରିଥିଲେ। ୧୯୯୦ରେ ସେ ଖରିଆରରୋଡ୍ ଏନ୍‌ଏସି ଅଧକ୍ଷ ଭାବେ ପ୍ରଥମ ରାଜନୈତିକ ସଫଳତା ପାଇଥିଲେ। ପରେ ୨୦୦୪ ମସିହାରେ ବିଧାନସଭା ନିର୍ବାଚନରେ ନୂଆପଡ଼ା ବିଧାନସଭା ଆସନରେ ନିର୍ଦ୍ଦଳୀୟ ଭାବେ ନିର୍ବାଚନ ଲଢ଼ି ବିଧାୟକ ହୋଇଥିଲେ। ପରେପରେ ୨୦୦୯, ୨୦୧୯ ଏବଂ ୨୦୨୪ରେ ବିଜେଡି ଟିକଟରେ ନିର୍ବାଚନ ଲଢ଼ି ବିଧାୟକ ହୋଇଥିଲେ। ଗତ ନବୀନ ସରକାର ସମୟରେ ୨୦୨୨ରେ କ୍ୟାବିନେଟ୍ ମନ୍ତ୍ରୀ ପଦରେ ରହି ସଫଳତାର ସହ ଦାୟିତ୍ୱ ତୁଲାଇଥିଲେ।

## ୧୧ରୁ ବଢ଼ିବ...

ରହିବାର ସମ୍ଭାବନା ରହିଛି। ମୌସୁମୀ ଋତୁରେ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୯୬୩ ମିମି ବର୍ଷା ରେକର୍ଡ ହୋଇଛି। ଏହି ସମୟ ସୁଦ୍ଧା ସ୍ୱାଭାବିକ ବର୍ଷା ୯୯୨ ମିମି ତୁଳନାରେ ବର୍ଷାର ପରିମାଣ ୩ ପ୍ରତିଶତ କମ୍ ରହିଛି। ମୋଟ୍ ୮ ଟି ଜିଲ୍ଲାରେ ବର୍ଷାର ସ୍ଥିତି ନିଅଣ୍ଟିଆ ରହିଥିବା ବେଳେ ୬ ଟି ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ଓ ବାକି ସମସ୍ତ ଜିଲ୍ଲାରେ ବର୍ଷାର ପରିମାଣ ସ୍ୱାଭାବିକ ରହିଛି।

ଅନ୍ୟପଟେ ମୁଣ୍ଡଳୀରେ ଜଳସ୍ତର କମିବାରେ ଲାଗିଛି। ବର୍ତ୍ତମାନ ମୁଣ୍ଡଳୀରେ ୪ଲକ୍ଷ ୫୮ ହଜାର କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହେଉଛି। ରବିବାର ମୁଣ୍ଡଳୀରେ ସର୍ବାଧିକ ୬ ଲକ୍ଷ ୨୬ ହଜାର କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହେଉଥିଲା। ସେହି ପାଣି ବର୍ତ୍ତମାନ ଜଗତସିଂହପୁର, ପୁରୀ ଆଦିକୁ ପ୍ରବେଶ କରୁଛି। ତେଣୁ ଏହା ପ୍ରଭାବରେ କିଛି କିଛି ପାଣି ବଢ଼ିବ। ସେଠାରେ ଧୀରେଧୀରେ ବନ୍ୟାଜଳ ହ୍ରାସ ପାଇବ। କଣାସର ପଠା ଅଞ୍ଚଳରେ କିଛି ପ୍ରଭାବିତ ହେବ। ବର୍ଷାର ପରିମାଣ ମଧ୍ୟ ବିଶେଷ ଅନୁଭୂତ ହୋଇନାହିଁ। ତେଣୁ ରାଜ୍ୟର ସବୁ ନଦୀରେ ଜଳସ୍ତର ହ୍ରାସ ପାଇଛି ଓ କୌଣସି ସ୍ଥାନରେ ବିପଦ ସଙ୍କେତ ଉପରେ ନାହିଁ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି।

## 'ଉତ୍କଳ' ହଷ୍ଟେଲ୍‌ରୁ...

ବିଶ୍ୱବିଦ୍ୟାଳୟ ପ୍ରଶାସନ ସହ ୭ ପ୍ଲାଟୁନ୍ ପୁଲିସ ଫୋର୍ସ ଏବଂ ୨୦ଜଣ ଅଫିସର ଉଚ୍ଛେଦ କାମରେ ମୁତୟନ ହୋଇଥିଲେ। ପୂର୍ବରୁ ହଷ୍ଟେଲ୍‌କୁ ବିଜୁଳି ଓ ପାଣି ସଂଯୋଗ ବିଚ୍ଛିନ୍ନ କରାଯାଇଥିବାରୁ ଅଣଛାତ୍ରମାନେ ରାତିଅଧିଆ କୁଳପତିଙ୍କ ବାସଭବନ ଘେରିଥିଲେ। ଘରକୁ ପଥର ମାରିବା ସହ ଅସଭ୍ୟ ଭାଷା ପ୍ରୟୋଗ କରିଥିଲେ। ଏଣୁ ଉଚ୍ଛେଦ ବେଳେ ଅପ୍ରୀତିକର ସ୍ଥିତି ଉପୁଜିବା ଆଶଙ୍କା କରି ପୁଲିସ୍ ସୁରକ୍ଷାକୁ କଡ଼ାକଡ଼ି କରାଯାଇଥିଲା।

୧ ନମ୍ବର ହଷ୍ଟେଲ ପାଇଁ ଏସିପି ଅଭିମନ୍ୟୁ ନାୟକଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ୨ ନମ୍ବର ହଷ୍ଟଲ ପାଇଁ ମାନସ ରଞ୍ଜନ ପ୍ରଧାନ, ୩ମ୍ବର ହଷ୍ଟେଲ ପାଇଁ ବିଶ୍ୱଜିତ ମନବୋଧ ଓ ୫ନମ୍ବର ପାଇଁ ଏସିପି ବିଜୟମଲ୍ଲିକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସିପି ମୁଖ୍ୟାଳୟରେ ଥିବା ଡିସିପି ଅନୁପ କାନୁନଗୋଙ୍କ ପୁଲିସ ବ୍ୟବସ୍ଥାକୁ ତଦାରଖ କରିଥିଲେ। ବ୍ୟାପକ ପୁଲିସ୍ ସୁରକ୍ଷା ସହିତ ପ୍ରଥମେ ଫକୀରମୋହନ ଛାତ୍ରାବାସର ଜବରଦଖଲ ହୋଇଥିବା ୮୦ରୁ ଅଧିକ ରୁମ୍‌କୁ ଖାଲି କରାଯାଇଥିଲା। ପରେ ମଧୁସୂଦନ ଛାତ୍ରାବାସର ୩୦ଟି, ଗୋପବନ୍ଧୁ ଛାତ୍ରାବାସର ୨୩ଟି ଏବଂ ଆଚାର୍ଯ୍ୟ ହରିହର ଛାତ୍ରାବାସରେ ଜବରଦଖଲ ହୋଇଥିବା ରୁମ୍‌କୁ ଅଣଛାତ୍ରଙ୍କ କବ୍‌ଜାରୁ ମୁକ୍ତ କରାଯାଇଛି। ଉଚ୍ଛେଦ ସମୟରେ ରୁମ୍‌ଗୁଡ଼ିକରୁ ବହୁ ନିଶାଦ୍ରବ୍ୟ ସେବନ ସାମଗ୍ରୀ ସହ ପାଠ୍ୟକ୍ରମ ସହିତ ଜଡ଼ିତ ନଥିବା ଦ୍ରବ୍ୟ ବାହାରିଛି। ହେଲେ ସେସବୁକୁ ନେବା ପାଇଁ କେହି ନ ଆସିବାରୁ ସେଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି।

ଉଚ୍ଛେଦ ପରେ କୁଳପତି ପ୍ରଫେସର ଦଣ୍ଡପାଟ କହିଛନ୍ତି ଯେ ଏଣିକି ହଷ୍ଟେଲ୍‌ଗୁଡ଼ିକରେ ଥିବା ଏକାଧିକ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାରକୁ ବନ୍ଦ କରାଯିବ। କେବଳ ଗୋଟିଏ ପ୍ରବେଶ ପଥରେ ଯିବା ଆସିବା କରିବା ସହ କଡ଼ାକଡ଼ି ଯାଞ୍ଚ କରାଯିବ। ୨୪ଘଣ୍ଟିଆ ସୁରକ୍ଷାକର୍ମୀ ମୁତୟନ ଉପରେ ମଧ୍ୟ ସେମାନେ ବିଚାର କରୁଛନ୍ତି। ଖାଲି ହୋଇଥିବା ରୁମ୍‌ଗୁଡ଼ିକୁ ପ୍ରଥମେ ମରାମତି କରାଯିବ। ପରେ ଛାତ୍ରଙ୍କୁ ଆବଣ୍ଟନ କରାଯିବ। ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ସୁନିଶ୍ଚିତ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ସେହିପରି ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ଅଣଛାତ୍ରଙ୍କ ପାଇଁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତବରଣ ନଷ୍ଟ ହେଉଥିଲା। ବିଭିନ୍ନ ରାଙ୍କିଙ୍ଗ୍ ମଧ୍ୟ ତଳକୁ ଖସୁଥିଲା। ଏହାସହ କ୍ୟାମ୍ପସ୍ ଓ ହଷ୍ଟେଲ୍‌ରୁ ଅଣଛାତ୍ରଙ୍କୁ ବାହାର କରିବା ପାଇଁ ଦୀର୍ଘ ଦିନରୁ ଦାବି ହେଉଥିଲା। ଏସବୁକୁ ଦୃଷ୍ଟିରେ ରଖି ତଦାରଖ କରିବାକୁ କୁଳପତିଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ପଦକ୍ଷେପ ନିଆଯାଇଛି।

ପୁନଃ ଅଣଛାତ୍ରମାନେ ହଷ୍ଟେଲ୍‌ରେ ଆଡ଼ା ଜମାଇବାର ଆଶଙ୍କା ଥିବାରୁ ପୁଲିସ୍ ଆଗୁଆ ସଜାଗ ହୋଇଛି। ବିଦା ହୋଇଥିବା ଅଣଛାତ୍ରମାନେ ଯଦି ପୁଣିଥରେ ହଷ୍ଟଲରେ ରହିବାକୁ ଚେଷ୍ଟା କରନ୍ତି ବା ରହୁଥିବା ଜଣାପଡ଼ିଲେ, ସିଧା ସେମାନଙ୍କୁ ଗିରଫ କରାଯିବ ବୋଲି ଏସିପି ବିଶ୍ୱରଞ୍ଜନ ସେନାପତି ଚେତାବନୀ ଦେଇଛନ୍ତି। ଏହି ଉଚ୍ଛେଦ ପ୍ରକ୍ରିୟାରେ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସମେତ କୁଳସଚିବ ସ୍ୱାତୀ ମିଶ୍ର, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ଡ. ମିତାଲି ଚିନାରା, ହଷ୍ଟେଲ୍ ୱାର୍ଡେନ୍ ପ୍ରଫେସର୍ କବୀର ସେଠୀଙ୍କ ସମେତ ବହୁ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସାମିଲ ଥିଲେ।

## 'ଦାଦନ' ଫାଶରୁ...

ସହିବାକୁ ବାଧ୍ୟ ହେଉଛନ୍ତି। ଏଭଳି ପରିସ୍ଥିତିରେ ଦାଦନ ବା ପ୍ରବାସୀ ଶ୍ରମିକଙ୍କ ଅକାଳ ମୃତ୍ୟୁ ଭଳି ଘଟଣା ପ୍ରଶାସନ ଓ ପରିବାରବର୍ଗଙ୍କ ପାଇଁ ଚିନ୍ତା ଓ ମୁଣ୍ଡବ୍ୟଥାର କାରଣ ସାଜିଛି। ଗତ ଦୁଇବର୍ଷ ମଧ୍ୟରେ ଗଞ୍ଜାମ ଜିଲ୍ଲାର ୫୪ରୁ ଉର୍ଦ୍ଧ୍ୱ ପ୍ରବାସୀ ଶ୍ରମିକ ପ୍ରାଣ ହରାଇ ସାରିଲେଣି। ରାଜ୍ୟର ଦ୍ୱିତୀୟ ସର୍ବବୃହତ୍ ଜିଲ୍ଲା ଗଞ୍ଜାମକୁ ଶ୍ରମ ବିଭାଗ ପକ୍ଷରୁ ବ୍ରହ୍ମପୁର ଓ ଛତ୍ରପୁର ଭଳି ଦୁଇଟି ଶ୍ରମ ଜିଲ୍ଲା ଭାବେ ବିଭକ୍ତ କରାଯାଇଛି। ସେଥିମଧ୍ୟରୁ ବ୍ରହ୍ମପୁର ଶ୍ରମ ଜିଲ୍ଲାରେ ୩୨ ଓ ଛତ୍ରପୁର ଶ୍ରମ ଜିଲ୍ଲାରେ ୨୨ଜଣ ପ୍ରାଣ ହରାଇଥିବା ସୂଚନା ମିଳିଛି। ଏପରି ସ୍ଥିତିରେ 'ଦାଦନ ଫାଶରୁ କେବେ ଗଞ୍ଜାମ ମୁକୁଳିବ' ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଉଭୟ ଶ୍ରମ ଜିଲ୍ଲାରେ ମୋଟ ୩ଲକ୍ଷ ୬୨ହଜାର ୬୧୬ଜଣ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି। ସେଥି ମଧ୍ୟରୁ ଛତ୍ରପୁର ଶ୍ରମ ଜିଲ୍ଲାରେ ୧ଲକ୍ଷ ୪୪ହଜାର ୫୫୨ ଏବଂ ବ୍ରହ୍ମପୁର ଶ୍ରମ ଜିଲ୍ଲାରେ ୨ଲକ୍ଷ ୧୮ ହଜାର ୬୪ଜଣ ରହିଛନ୍ତି। ଅନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ (ନିଯୁକ୍ତି ନିୟନ୍ତ୍ରଣ ଓ ସେବା ସର୍ତ୍ତେ) ଅଧିନିୟମ ୧୯୭୯ ଅନୁଯାୟୀ ୨୦୨୩ ମସିହାରେ ୭୨ଜଣ ଲାଇସେନ୍ସ ପ୍ରାପ୍ତ ଠିକାଦାର ଥିବା ବେଳେ ୩୨୨୫ ଜଣ ପ୍ରବାସୀ ଶ୍ରମିକ ଥିଲେ। ସେହିପରି, ୨୦୨୪ ମସିହାରେ ଠିକାଦାରଙ୍କ ସଂଖ୍ୟା ଗତବର୍ଷ ତୁଳନାରେ ହ୍ରାସ ପାଇ ୩୮ ରେ ସୀମିତ ଥିବା ବେଳେ ପ୍ରବାସୀ ଶ୍ରମିକଙ୍କ ସଂଖ୍ୟା ୧୫୮୦ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଗଞ୍ଜାମ ଜିଲ୍ଲାରେ ନିଯୁକ୍ତି ବା ରୋଜଗାରର ସେଭଳି କିଛି ପନ୍ଥା ନଥିବାରୁ ଜିଲ୍ଲାର ବିଭିନ୍ନ ବ୍ଲକରୁ ବହୁ ଯୁବବର୍ଗ ପଡ଼ୋଶୀ ଆନ୍ଧ୍ରପ୍ରଦେଶ, ଗୁଜରାଟ ଓ ତାମିଲନାଡୁ ଭଳି ବିଭିନ୍ନ ରାଜ୍ୟକୁ ଖଟିବାକୁ ଯାଉଥିଲେ ହେଁ ଉଭୟ ଶ୍ରମ ଜିଲ୍ଲା ଅଧିକାରୀଙ୍କ ନିକଟରେ ସେନେଇ ବିସ୍ତୃତ ତଥା ସଠିକ ତଥ୍ୟ ନଥିବା ଜଣାପଡ଼ିଛି। ସେହିପରି ପଞ୍ଜୀକରଣ ବିନା ବହୁ ଦଲାଲ ଶତାଧିକ ଶ୍ରମିକଙ୍କୁ ବାହାର ରାଜ୍ୟକୁ ଚାଲାଣ କରି ମୁନାଫା କମାଉଥିବା ଅଭିଯୋଗ ରହିଛି। ବିଭାଗ ନିକଟରେ ଏମାନଙ୍କ ତଥ୍ୟ ରହିବା ଦୂରର କଥା, ଅଣପଞ୍ଜୀକୃତ ଦଲାଲଙ୍କ ଖିଅ ମଧ୍ୟ ପାଉନି ଶ୍ରମବିଭାଗ। ଫଳରେ ଅକାଳରେ ବହୁ ଦାଦନ ଶ୍ରମିକ ନିରାଶ୍ରୟ ସହ ବିପଦପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ ହୋଇ ମୃତ୍ୟୁବରଣ କରୁଛନ୍ତି। ଗଞ୍ଜାମ ଜିଲ୍ଲା ଦାଦନ ଶ୍ରମିକଙ୍କ ଦୁଃଖ ଓ ମୃତ୍ୟୁ ସମ୍ପର୍କିତ ବାରମ୍ବାର ଖବର ପ୍ରକାଶ ହେଉଥିବା ବେଳେ ଦାଦନ ଫାଶରୁ ଗଞ୍ଜାମ ଜିଲ୍ଲା ମୁକୁଳି ପାରୁନାହିଁ। କେବଳ କ୍ଷତିପୂରଣ ଦେଇ ରାଜ୍ୟ ସରକାର ଓ ଶ୍ରମବିଭାଗ ନିଜ ଦାୟିତ୍ୱ ସାରି ଦେଉଥିବା ବିଭିନ୍ନ ମହଲରେ ଦାବି ହୋଇଛି।

## ହାଇଦ୍ରାବାଦରେ ପୁଣି...

ସାରି ଶୋଇଥିବା ବେଳେ ତାଙ୍କ ସାଙ୍ଗମାନେ ଆସି ତାଙ୍କୁ ଉଠାଇଥିଲେ। ହେଲେ ବିଜୟ ଉଠି ନଥିଲେ। ତାଙ୍କୁ ସେମାନେ ଡାକ୍ତରଖାନା ନେଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ଶବ ବ୍ୟବଚ୍ଛେଦ କରାଯାଇ ସୋମବାର ଗ୍ରାମକୁ ଶବ ଆସିଥିବା ବେଳେ ଶୋକାକୁଳ ପରିବେଶ ଭିତରେ ଶବ ସତ୍କାର କରାଯାଇଛି।

**AFFIDAVIT**
By virtue of an affidavit sworn before the Executive Magistrate Jharbandh, Dist.- Bargarh dated 6th September 2025, CF No. 02, I Paramananda Sahu, S/o- Late Kailash Sahu, resident of Vill.- Kotana, Po./Ps.- Jharbandh, Dist.- Bargarh, Pin-768042 hereby declares that, I have changed my minor son's name from **Podman Sahu** to **Padman Sahu**. Henceforth he will be known as **Padman Sahu** for all future purposes.

**AFFIDAVIT**
By virtue of an affidavit sworn before the Executive Magistrate, Jharbandh, Dist.- Bargarh dated 6th September 2025, CF No. 04, I Sadananda Mahar, S/o- Sankirttan Mahar, resident of village- Kotana, PO/PS- Jharbandh, Dist.- Bargarh, Pin-768042 hereby declares that , I have changed my minor son's name from **Sankar Rana** to **Sankar Mahar**. Henceforth he will be known as **Sankar Mahar** for all future purposes.

**AFFIDAVIT**
By virtue of an affidavit sworn before the Executive Magistrate, Jharbandh, Dist.- Bargarh dated 6th September 2025, CF No. 01, I Basista Hans, S/o- Late Krushna Hans, resident of Vill.- Kotana, PO/PS-Jharbandh, Dist.- Bargarh, Pin- 768042 hereby declares that, I have changed my minor son's name from **Laxmi Hans (DOB- 28.07.2016)** to **Omprakash Hans (DOB-29.07.2016)**. Hence he will be known as **Omprakash Hans** for all future purposes.

**AFFIDAVIT**
By virtue of an affidavit sworn before the Executive Magistrate,Jharbandh, Dist.- Bargarh dated 6th September 2025, CF No. 03, I Dhabalesh Bhoi, S/o- Udan Singh Bhoi, resident of Vill.- Kotana, PO/PS.- Jharbandh, Dist.- Bargarh, Pin-768042 hereby declares that, I have changed my minor son's name from **Hiteswar Bhoi** to **Chiteswar Bhoi**. Henceforth he will be known as **Chiteswar Bhoi** for all future purposes.

**AFFIDAVIT**
By virtue of an affidavit SL.No.-9, dtd. 30.08.2025 before the Executive Magistrate, Keonjhar, I Gitanjali Naik have changed my name from Gita Naik to Gitanjali Naik. Henceforth I shall be known as Gitanjali Naik instead of Gita Naik for all purposes.
**Sd/- Gitanjali Naik**

**AFFIDAVIT**
I, Shital Kumari Padia, aged about 28 years, W/o- Rajaram Chandgotia, resident of Ward No. 9, Rairangpur, PO/PS- Rairangpur, Dist- Mayurbhanj, PIN:757043, Odisha declared by this affidavit No. 423, dtd- 08/09/2025 that now onwards I shall be known as Shital Chandgotia for all future purposes.

**AFFIDAVIT**
I, B Ada Patra, aged about 36 years, S/o- Badakulu Chandru Patra, resident of At- Sasanapalli, Po- Jagannathpur, Dist- Ganjam, Pin- 761003, Odisha declare by this affidavit No. 1827, dtd- 08/09/2025, that now onwards I shall be known as **B ADIADA PATRA** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar, vide CF No.-129, dated: 06/09/2025. I, Jagannath Dakua, S/o- Subasa Dakua, resident of At/Po- B. Kotibadi, Via- Surada, Dist- Ganjam Pin- 761108, declare that I have changed my name from **JAGA DAKUA** (old Name) to **JAGANNATH DAKUA** (new Name). Henceforth, I shall be known as **JAGANNATH DAKUA** for all purposes.
**Jagannath Dakua**

**AFFIDAVIT**
By virtue of an affidavit in the court of the Executive Magistrate, Nabarangpur vide Sl.No.985, dtd. 08.09.2025,I, Sanu Mali, have changed my minor daughter's name from Debaki Mali to Chndrika Mali. Henceforth She will be known as Chandrika Mali for all purposes.
**Sd/- Sanu Mali**

**AFFIDAVIT**
By virtue of an affidavit no 5405 Swarn before the Executive Magistrate, Champua on dated- 08/09/2025. I, **Manmatha Nayak,** S/o- Gobardhan Nayak Resident of At- Hrudurampur, Po- Bankia, Ps- Champua, Dist-Keonjhar, Odisha, Pin- 758044 declare that I have changed my name from **Manamohan Nayak** (old name) to **Manmatha Nayak** (new name). Henceforth, I shall be known as **Manmatha Nayak,** S/o- Gobardhan Nayak for all future purposes.
**Manmatha Nayak**

**AFFIDAVIT**
By virtue of an affidavit No. 2452, sworn before the Executive Magistrate Sukinda, Jajpur, dated- 3/09/2025. I, **Raghunath Mallik,** resident of Vill-Olia, Po- Ampolaba, Ps- Sukinda, Block- Sukinda, Dist- Jajpur, Odisha, Pin-755018 declare that I have changed my minor son name from **Romiya Mallik** (old name) to **Romio Mallik** (new name). Henceforth, he shall be known as **Romio Mallik**, S/o- Raghunath Mallik for all future purposes.
**Raghunath Mallik**

**AFFIDAVIT**
By virtue of an affidavit No.8886, dtd. 17.11.2021 before the Notary Public, Sambalpur, I, Surajeet Mitra, have changed my minor daughter's name from Preeyasi Mitra to Viana Mitra. Henceforth She will be known as Viana Mitra for all purposes.
**Sd/- Surajeet Mitra**

**AFFIDAVIT**
I, **Suryakant Nayak** holder of Passport number Y7817234, aged about 45 years, S/o- Dinabandhu Nayak, resident of Plot No. K-8/642, Kalinga Nagar, Ps- Bharatpur, Bhubaneswar, Dist- Khurda, Pin- 751029, Odisha declare that I have changed my minor daughter's name holding passport number V6138449, from **YASHITA NAYAK** to **YASHIKA NAYAK**, vide affidavit No.1806, dtd. 04/09/2025, that now onwards she shall be known as **YASHIKA NAYAK** for all future purposes.

**AFFIDAVIT**
I, Madan Guha, aged about 50 years, S/o- Late Mantosh Kumar Guha, resident of Kalimandir Road, Jharsuguda, PO- Kalimandir Road, PS/Dist- Jharsuguda, Odisha declared by this affidavit No. 4690/25, dtd- 08/09/2025 that now onwards I shall be known as **MADAN KUMAR GUHA** for all future purposes.

**AFFIDAVIT**
By virtue of an affidavit sworn before the Executive Magistrate, Astarang, CF No. 1324, on dated 08/07/2025, I **SURYAKANTA SAHOO**, S/o Purandar Sahoo resident of Village At- Kuhudi Samil Bastadiha, Po/Ps - Astaranga, Dist- Puri, State- Odisha declare that I have changed my minor son's name from **KRISHNA SAHOO** to **RAJKISHORE SAHOO.** Henceforth, he shall be known as **RAJKISHORE SAHOO** for all future purposes.
Sd- **SURYAKANTA SAHOO**

**AFFIDAVIT**
I, Sumit Singal, aged about 32 years, S/o- Sushil Kumar Khemka, resident of Ward No-6, Khariar Po- Khariar, Ps- Khariar, Dist- Nuapada, Odisha, Pin- 766107 declare by this affidavit No. 1827, dtd. 07/09/2025, that now onwards I shall be known as **SUMIT SINGHAL** for all future purposes.

CAD-1700
RAJENDRA UNIVERSITY
PRAJNA VIHAR, BALANGIR-767002, ODISHA (INDIA)
e-mail:rejendrauniversitybar@gmail.com
No. 1310/ RUB Date 08.09.2025
**QUOTATION / TENDER CALL NOTICE**
The sealed tenders are hereby invited from interested firms/ agencies/ private individuals. Applications should reach to the Registrar, Rajendra University, Balangir-767002 latest by 25.9.2025 at 11 AM for further details please visit district website:balangir.odisha.gov.in and this university website: rajendrauniversity.ac.in
OIPR-11141/11/0010/2526
Sd/-
Registrar

ସକାଳ THE SAKALA



# ଡାକ୍ତର ପଦ ପୂରଣ ଦାବିରେ ଡାକ୍ତରଖାନା ସମ୍ମୁଖରେ ଗଣଧାରଣା

ସାଲେପୁର, ୮।୯ (ସମିସ)




ଦୀର୍ଘଦିନ ଧରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ପଦ ଖାଲିପଡ଼ିଥିବା ଯୋଗୁଁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରେ ବାରମ୍ବାର ଲିଖିତ ଅଭିଯୋଗ କଲାପରେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଏହାର ପ୍ରତିବାଦରେ ଓ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦକୁ ତୁରନ୍ତ ପୂରଣ କରିବା ଦାବିରେ ଆଜି ସାଲେପୁର ସହରାଞ୍ଚଳ ବିକାଶ ପରିଷଦ ପକ୍ଷରୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଖବର ପାଇ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ଅଶୋକ ଦାଶ ଆନ୍ଦୋଳନକାରୀଙ୍କ ନିକଟରେ ପହଞ୍ଚି ତୁରନ୍ତ ଡାକ୍ତର ନିଯୁକ୍ତ ଦିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଲାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପ୍ରକାଶ ଯେ, ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏ ଅଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବା ବେଳେ ୩ଟି ନିର୍ବାଚନ ମଣ୍ଡଳୀର ଲୋକମାନେ ବିଭିନ୍ନ ପ୍ରକାର ରୋଗର ଚିକିତ୍ସା ପାଇଁ ଏହି ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଦୁଃଖର ବିଷୟ ଏହି ଡାକ୍ତରଖାନ ଓ ଏହାର ଅଧୀନରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ କିଛି ଦିନ ହେବ ଡାକ୍ତର ନ ଥିବାରୁ ଏହି ଅଞ୍ଚଳରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୋଟ ୨୭ଜଣ ସ୍ଥାୟୀ ଡାକ୍ତର ରହିବାର ବ୍ୟବସ୍ଥା ଥିବା ବେଳେ ମାତ୍ର ୩ ଜଣ ଡାକ୍ତର ରୋଗୀ ଚିକିତ୍ସା କରୁଥିବା ବେଳେ ଅବଶିଷ୍ଟ ଡାକ୍ତର ପଦ ଖାଲିପଡ଼ିଛି। ଫଳରେ ବିଭିନ୍ନ ସମୟରେ ଚିକିତ୍ସା ପାଇଁ ଆସୁଥିବା ରୋଗୀମାନେ ଡାକ୍ତର ଅଭାବରୁ ଚିକିତ୍ସା ହୋଇପାରୁ ନାହାନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଜନସାଧାରଣ ବାରମ୍ବାର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ ଡାକ୍ତର ପଦ ପୂରଣ କରାଯାଉ ନାହିଁ। ଏହା ନେଇ ସ୍ଥାନୀୟ ଜନସାଧାରଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଓ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିପଡ଼ିଥିବା ଡାକ୍ତର ପଦ ତୁରନ୍ତ ପୂରଣ କରିବା ଦାବି କରି ଆଜି ସାଲେପୁର ସହରାଞ୍ଚଳ ବିକାଶ ପରିଷଦ ପକ୍ଷରୁ ବିକାଶ ପରିଷଦର ଅଧ୍ୟକ୍ଷ ନନ୍ଦକିଶୋର ଭୂୟାଁଙ୍କ ନେତୃତ୍ୱରେ ଶତାଧିକ ଜନସାଧାରଣ ଓ ଲୋକପ୍ରତିନିଧିମାନେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଗଣଧାରଣାରେ ବସିଥିଲେ। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଏହି ଗଣଧାରଣାକୁ ସମର୍ଥନ କରି ଧାରଣାକାରୀଙ୍କ ସହ ନିଜେ ସାମିଲ ହୋଇ ଧାରଣାରେ ବସିଥିଲେ। ଏ ସମସ୍ୟା ନେଇ ବିଧାୟକ ଶ୍ରୀ ବେହେରା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଟେଲିଫୋନ୍ ଯୋଗେ ଅବଗତ କରାଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଧାରଣାକାରୀଙ୍କ ନିକଟରେ ପହଞ୍ଚି ପ୍ରଥମ ପର୍ଯ୍ୟାୟରେ ୬ଜଣ ଅସ୍ଥାୟୀ ଡାକ୍ତରଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଯୁକ୍ତ ଦିଆଯିବା ସହ ପର୍ଯ୍ୟାୟ କ୍ରମେ ଅନ୍ୟ ଡାକ୍ତରୀ ପଦବୀ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଲାପରେ ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା। ଆଜିର ଏହି ଗଣଧାରଣାରେ ବାଲିସାହି ସରପଞ୍ଚ ପବିତ୍ର ସାମଲ, ସମିତିସଭ୍ୟ ପ୍ରତିନିଧି ବିନୋଦ ମଲ୍ଲିକ, ପୂର୍ବତନ ସରପଞ୍ଚ ବିଭୂତିଭୂଷଣ ଦାଶ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ବଜାର କମିଟି ସଭାପତି ନବକିଶୋର କର, ସୟଦ ପର୍‌ବେଶ ଅଲ୍ଲୀ, ବିରଞ୍ଚି ନାରାୟଣ କର, ଶିଶୁଆ ସମିତି ସଭ୍ୟ ମାନସ ଦାଶ, ଗୁଲ୍‌ରେଜ୍ ଅଲ୍ଲୀ, ଯୁବନେତା ରାଜେଶ ମହାନ୍ତି, କିରନ ଭୂୟାଁ, ସୁଧିର ଶତପଥି, ଅଜୟ ସାହୁ, ହେମନ୍ତ ନନ୍ଦ, ଅଭୟ ନାୟକଙ୍କ ସମେତ ଶତାଧିକ ମହିଳା ଓ ପୁରୁଷମାନେ ଏହି ଗଣଧାରଣାରେ ସାମିଲ ହୋଇଥିଲେ।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଜେପି ନେତା

ବର୍ଷବର୍ଷଧରିରହିଥିବାସାଲେପୁରଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେବିଭିନ୍ନସମସ୍ୟାଓଖାଲିପଡ଼ିଥିବା ଡାକ୍ତର ପଦକୁ ତୁରନ୍ତ ପୂରଣ କରିବା ସହ ଉନ୍ନତମାନର ଚିକିତ୍ସା ଯୋଗାଇଦେବା ପାଇଁ ଆଜି ସାଲେପୁର ବିଜେପି ନେତା ଅରିନ୍ଦମ ରାୟଙ୍କ ନେତୃତ୍ୱରେ ସାଲେପୁର ଅଞ୍ଚଳର ଏକ ପ୍ରତିନିଧି ଦଳ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟି ଏହି ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ମନ୍ତ୍ରୀ ଏହି ସମସ୍ୟାଗୁଡ଼ିକୁ ହୃଦୟଙ୍ଗମ କଲା ପରେ ତୁରନ୍ତ ସ୍ଥାୟୀ ଡାକ୍ତର ପଦ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।



ଆଜି ସାଲେପୁର ବିଜେପି ନେତା ଅରିନ୍ଦମ ରାୟଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗଙ୍କୁ ଭୁବନେଶ୍ୱରସ୍ଥିତ ବାସଭବନରେ ସାକ୍ଷାତ କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ଓ ଖାଲିପଡ଼ିଥିବା ଡାକ୍ତର ପଦ ସମ୍ପର୍କରେ ଅବଗତ କରାଇଥିଲେ। ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଘଟଣାକୁ ଗୁରୁତ୍ୱ ଦେବା ସହ ପ୍ରଥମ ଖୁବ ଶୀଘ୍ର ୨ଜଣ ସ୍ଥାୟୀ ଡାକ୍ତରଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ଦିଆଯିବା ସହ ଅକ୍ଟୋବର ମାସ ଶେଷ ସୁଦ୍ଧା ଆଉ ୧୦ଜଣ ସ୍ଥାୟୀ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏଠାରେ ପ୍ରକାଶଯୋଗ୍ୟ ଯେ, ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘବର୍ଷ ଧରି ବହୁ ଡାକ୍ତରୀ ପଦ ଖାଲିପଡ଼ିଥିବା ବେଳେ ଉକ୍ତ ଡାକ୍ତରୀ ପଦକୁ ତୁରନ୍ତ ପୂରଣ କରିବା ପାଇଁ ସାଲେପୁର ଟାଙ୍ଗୀ-ସାଲେପୁର ବିକାଶ ମଞ୍ଚର ଅଧ୍ୟକ୍ଷ ବିଶେଶ୍ୱର ସ୍ୱାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟି ଏ ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ମହିଳା ସହକାରୀ ଯନ୍ତ୍ରୀଙ୍କ ନାମରେ ସଙ୍ଗୀନ ଅଭିଯୋଗ

ଭଦ୍ରେଶ୍ୱର, ୮।୯ (ସମିସ): ମାହାଙ୍ଗା ବ୍ଲକର ଜଣେ ବହୁଚର୍ଚ୍ଚିତ ସହକାରୀ ଯନ୍ତ୍ରୀଙ୍କ ନାମରେ ଜଣେ ମହିଳା ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଏହି ଅଭିଯୋଗକୁ ନେଇ ସମଗ୍ର ମାହାଙ୍ଗା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିଲା ବେଳେ ବିଭାଗୀୟ କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା କରାଯାଇଛି। ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ନାନପୁର ଗ୍ରାମର ଦିନେଶ ଶତପଥି ଜଣେ ବିବାହିତ ପୁରୁଷ। ତାଙ୍କର ଘରେ ପତ୍ନୀ ଓ ଏକ ପୁତ୍ର ସନ୍ତାନ ଅଛନ୍ତି। ଦିନେଶ ମାହାଙ୍ଗା ବ୍ଲକର ଜଣେ ମହିଳା ସହକାରୀ ଯନ୍ତ୍ରୀଙ୍କ ଗାଡି ଚାଳକ ରୂପେ କାର୍ଯ୍ୟ କରନ୍ତି। ତେବେ ସମ୍ପୃକ୍ତା ସହକାରୀ ଯନ୍ତ୍ରୀଙ୍କ ଘର ନିଶ୍ଚିନ୍ତକୋଇଲି ବ୍ଲକ ଫଗୋଳ ଗ୍ରାମରେ ବୋଲି ଜଣାପଡ଼ିଛି। ତେବେ ମାହାଙ୍ଗା ବ୍ଲକର ଏହି ସହକାରୀ ଯନ୍ତ୍ରୀ ଜଣକ ନିଜର ଗାଡି ଚାଳକକୁ ତାଙ୍କର ପ୍ରେମଫାଶରେ ଫସାଇ ତାଙ୍କ ସହ ଅନୈତିକ ସମ୍ପର୍କ ରଖିଥିବାର ଅଭିଯୋଗ ହୋଇଛି। ସହକାରୀ ଯନ୍ତ୍ରୀ ଜଣକ ଗାଡି ଚାଳକଙ୍କୁ ତାଙ୍କ ଘରକୁ ଛାଡୁ ନ ଥିଲେ। ଏପରିକି ଗାଡି ଚାଳକ ଜଣକ ତାଙ୍କ ପ୍ରେମଫାଶରେ ଏପରି ଉବୁଟୁବୁ ହୋଇଯାଇଛନ୍ତି ଯେ ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଦିନେଶ ନିଜର ପରିବାରବର୍ଗଙ୍କୁ ସମ୍ପୂର୍ଣ୍ଣ ଭୁଲି ଯାଇଥିଲାବେଳେ ନିଜ ପତ୍ନୀ, ରୋଗାଗ୍ରସ୍ତ ମାଆ ଓ ଶିଶୁ ପୁତ୍ରକୁ ଅଣଦେଖା କରିଆସୁଥିଲେ। ଦିନେଶ ସହକାରୀ ଯନ୍ତ୍ରୀଙ୍କ ସହ ଭୁବନେଶ୍ୱରରେ ବସବାସ କରୁଥିବାର ଅଭିଯୋଗ ହୋଇଛି। ତେବେ କୌଣସି ସୂତ୍ରରୁ ଖବର ପାଇ ଦିନେଶଙ୍କ ପତ୍ନୀ ପଙ୍କଜିନୀ ମାହାଙ୍ଗା ବ୍ଲକରେ ପହଞ୍ଚି ସହକାରୀ ଯନ୍ତ୍ରୀଙ୍କ ସହ ତୁମ୍ବିତୋଫାନ କରିବାକୁ ପଛାଇ ନ ଥିଲେ। ଏହି ଘଟଣାଟି ସାମାଜିକ ଗଣମାଧ୍ୟମରେ ମୋବାଇଲରୁ ମୋବାଇଲକୁ ଘୁରିବୁଲୁଛି। ଯାହାକି ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଅପରପକ୍ଷରେ ପଙ୍କଜିନୀ ଓ ତାଙ୍କ ସ୍ୱାମୀଙ୍କ ଜୀବନ ପ୍ରତି ବିପଦର ଆଶଙ୍କା ରହିଥିବାର ପଙ୍କଜିନୀ କଟକ ମହିଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ସ୍ୱାମୀଙ୍କୁ ତୁରନ୍ତ ଫେରାଇ ଆଣିବା ଦିଗରେ ପ୍ରଶାସନ ତରଫରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ପଙ୍କଜିନୀ ନିବେଦନ କରିଛନ୍ତି। ତେବେ ଏହି ଘଟଣା ପରେ ସହକାରୀ ଯନ୍ତ୍ରୀ ଜଣକ ବ୍ଲକ କାର୍ଯ୍ୟାଳୟକୁ ନ ଆସି ଛୁଟିରେ ରହିଥିବାର ଜଣାଯାଇଛି। ଏଠାରେ ସୂଚନାଥାଉକି ସମ୍ପୃକ୍ତ ସହକାରୀ ଯନ୍ତ୍ରୀଙ୍କ ନାମରେ ନିକଟରେ ବ୍ଲକରେ ଏକାଧିକ ସଙ୍ଗୀନ ଅଭିଯୋଗ ହୋଇଥିଲା। କଟକ ଜିଲ୍ଲାପାଳ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ତେବେ ଜଣେ ବିବାହିତ ପୁରୁଷଙ୍କୁ ନିଜ କବଜାରେ ରଖି ଯନ୍ତ୍ରୀ ଜଣକ ଏବେ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହୋଇଥିବାର ଜଣାଯାଇଛି।

### ଡିଏଫଓ ଓ ରେଞ୍ଜର ନାହାଁନ୍ତି, ଏସିଏଫ ଛୁଟିରେ

# କୁଆପଥର ମୋରମ୍ ବୋଝେଇ ୨ ହାଇୱା ଜବତ

ଆଠଗଡ଼, ୮।୯ (ସମିସ): ଆଠଗଡ଼ ବନଖଣ୍ଡ ଜଙ୍ଗଲ ଏବେ ମାଫିଆଙ୍କ କବଜାରେ। ଦୈନନ୍ଦିନ ଖୋଲାଖୋଲି ଜଙ୍ଗଲ ସମ୍ପଦ ଲୁଟ ଚାଲିଛି। ନିରୀହ ବନ୍ୟଜନ୍ତୁଙ୍କୁ ପୋକମାଛି ଭଳି ଶିକାର କରିଚାଲିଛନ୍ତି ଜଙ୍ଗଲ ମାଫିଆମାନେ। ଏପରି ପରିସ୍ଥିତିରେ ଆଠଗଡ଼ରେ ନାହାଁନ୍ତି ଡିଏଫଓ, ନାହାଁନ୍ତି ମୁଖ୍ୟାଳୟ ରେଞ୍ଜର, ଆଉ ଦାୟିତ୍ୱରେ ଥିବା ଏସିଏଫ ଡ଼ ଚିପିଲିପି ବିଶ୍ୱାଳ ଛୁଟିରେ। ରବିବାର ଲକ୍ଷ ଲକ୍ଷ ଟଙ୍କାର ମୂଲ୍ୟବାନ ଜଙ୍ଗଲ ସମ୍ପଦ ହାଇୱା ଟ୍ରକ ଯୋଗେ ବୋଝେଇ ହୋଇଯାଉଥିବା ବେଳେ ଆଠଗଡ଼ ବନ ବିଭାଗ କର୍ମଚାରୀ ଓ ହାତୀ ଜଗୁଆଳି ଆଠଗଡ଼ ବୀରକିଶୋରପୁର ନିକଟସ୍ଥ



ପାରିଜାତ ହୋଟେଲ ନିକଟରେ ୪ଟି କୁଆପଥର ମୋହରମ ବୋଝେଇ ଗାଡି ଜବତ କରିଥିଲେ। ଜବତ ଗାଡିକୁ ପ୍ରଥମେ ଆଠଗଡ଼ ବନଖଣ୍ଡ କାର୍ଯ୍ୟାଳୟକୁ ଆଣିଥିଲେ ଓ ସେଠାରୁ ବୌଦା ବନଖଣ୍ଡି କେନ୍ଦ୍ରୀୟ ନର୍ସରୀକୁ ନେଇଯାଇଥିଲେ। ମାତ୍ର ଜବତ ୪ ଗାଡ଼ିରୁ ୨ଟି ଗାଡିକୁ ଜବତ କରି ବୌଦା ବନଖଣ୍ଡି ଆଣିଥିବା ବେଳେ ଆଉ ଦୁଇଟି ଜବତ ଗାଡି ଗଲା କୁଆଡେ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏ ବିଷୟରେ ଆଠଗଡ଼ ଡିଏଫଓ ଦାୟିତ୍ୱରେ ଥିବା ଅଧିକାରିଣୀ ଚିପିଲିପି ବିଶ୍ୱାଳଙ୍କୁ ପଚାରିବାରେ ମୁଁ ଛୁଟିରେ ଅଛି ଫରେଷ୍ଟରଙ୍କୁ ପଚାର ବୋଲି ଉତ୍ତର ମିଳିଥିବା ବେଳେ ଫରେଷ୍ଟରଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ। ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ ଅନୁଗୁଳ ଆରସିସିଏଫ ସଞ୍ଜୟ କୁମାର ସ୍ୱାଇଁଙ୍କୁ ଘଟଣା ବିଷୟରେ ଯୋଗାଯୋଗ କରି ସୂଚନା ଦେବା ପରେ ଦୁଇଟି ଜଙ୍ଗଲ ସମ୍ପଦ ବୋଝେଇ ଗାଡି ଜବତ କରାଯାଇଛି ଓ ସୋମବାର ଅଫିସ ଖୋଲିଲେ ମାମଲା କରାଯାଇ ତଦନ୍ତ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ନଦୀରେ ଭାସିଯାଇଥିବା ଯୁବକଙ୍କର ମିଳୁନି ପତ୍ତା

ସାଲେପୁର, ୮।୯ (ସମିସ): ଗତକାଲି ଅପରାହ୍ଣରୁ ବିରୂପା ନଦୀପାଣିରେ ଭାସିଯାଇ ନିଖୋଜ ଥିବା ଯୁବକର ଅଦ୍ୟାବଧି କୌଣସି ପତ୍ତା ମିଳିନାହିଁ। ପ୍ରକାଶ ଯେ, ଗତକାଲି ଅପରାହ୍ଣ ପ୍ରାୟ ୩ଟା ବେଳେ ସାଲେପୁର ଥାନା କୁକୁଡାଙ୍ଗ ଗ୍ରାମର ବିଭୁପ୍ରସାଦ କାନୁନଗୋ (୩୬) ବିରୂପାନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ନଦୀପାଣିରେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ସାଲେପୁର ଦମକଳ ବାହିନୀ, ସାଲେପୁର ପୁଲିସ ଓ ଓଡ୍ରାଫ୍ ଟିମ୍ ଗତକାଲି ଠାରୁ ଆଜି ପର୍ଯ୍ୟନ୍ତ ଘଣ୍ଟା ଘଣ୍ଟା ଧରି ବିଭୁପ୍ରସାଦକୁ ଖୋଜାଖୋଜି କରିଥିଲେ ମଧ୍ୟ ଆଜି ସନ୍ଧ୍ୟା ସୁଦ୍ଧା କୌଣସି ସନ୍ଧାନ ପାଇ ନାହାଁନ୍ତି।

# ବାରଙ୍ଗ ବ୍ଲକରେ ଜନ ଅଭିଯୋଗ ଶୁଣାଣି ଶିବିର

କଟକ, ୮।୯ (ସମିସ): ବାରଙ୍ଗ ବ୍ଲକ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୧୦୩ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୯୩ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୦ଟି ସାମୁହିକ ଅଭିଯୋଗ ରହିଥିଲା। ଅଭିଯୋଗ ଶୁଣାଣି ଶିବିରରେ ୧୮ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏଥି ସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୧୫ ତାରିଖରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପରବର୍ତ୍ତୀ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

### ଇନଭର୍ଟର ଦେବାରେ ଚଞ୍ଚକତା

# ବୟନ ଶିଳ୍ପ କାର୍ଯ୍ୟାଳୟ ଘେରିଲେ ବୁଣାକାର

ଆଠଗଡ଼, ୮।୯ (ସମିସ): ବୁଣାକାରଙ୍କୁ ସରକାରୀ ସହାୟତା ରୂପେ ମିଳୁଥିବା ଇନଭର୍ଟର ପ୍ରଦାନରେ ଚଞ୍ଚକତା ଅଭିଯୋଗ କରି ସୋମବାର ଆଠଗଡ଼ ବୟନଶିଳ୍ପ ସହକାରୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଘେରଉ କରିଛନ୍ତି ଶତାଧିକ ବୁଣାକାର। ପ୍ରକୃତ ବୁଣାକାରମାନେ ସେମାନଙ୍କର ନାମ ପଞ୍ଜିକରଣ କରି ସରକାରୀ ଯୋଜନାରେ ତନ୍ତ ଓ ଇନଭର୍ଟର ପାଇବାକୁ ଆବେଦନ କରିବେ। ସହକାରୀ ନିର୍ଦ୍ଦେଶକ ଆଠଗଡ଼ ବୟନଶିଳ୍ପ ବିଭାଗ ପକ୍ଷରୁ ଏହାର ତଦନ୍ତ କରାଯାଇ ଆବେଦନ କରିଥିବା ବୁଣାକାରଙ୍କ ଭିତରେ ପ୍ରକୃତ ହିତାଧିକାରୀ ବୁଣାକାରଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବାର ସରକାରୀ ନିୟମ ଥିଲେ ମଧ୍ୟ ଆଠଗଡ଼ ବୟନଶିଳ୍ପ କାର୍ଯ୍ୟାଳୟରେ କିଛି ଅସାଧୁ



କର୍ମଚାରୀଙ୍କ ଯୋଗୁଁ ଏବେ ଶତାଧିକ ବୁଣାକାର ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। ଇନଭର୍ଟର ବାବଦକୁ ହିତାଧିକାରୀ ପାଇବାକୁ ଥିବା ୧୭, ୫୦୦ ଟଙ୍କାରୁ କିଛି ହିତାଧିକାରୀଙ୍କ ଆକାଉଣ୍ଟକୁ ମାତ୍ର ୧୦ ହଜାର ଟଙ୍କା ଦେଇ ବାକି ଟଙ୍କା ପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି। ଏବାବଦରେ ଆଠଗଡ଼ ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପ ଜ୍ୟୋତି ପ୍ରକାଶ ବିଶ୍ୱାଳଙ୍କୁ ପଚାରିବାରୁ ଆଗାମୀ ମାସେ ଭିତରେ ସବୁ ତଦନ୍ତ କରାଯାଇ ହିତାଧିକାରୀଙ୍କୁ ଯୋଜନାର ସୁଫଳ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ମେଗା ପାନୀୟ ଜଳ ପ୍ରକଳ୍ପରେ ନିୟୋଜିତ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

ଆଠଗଡ଼, ୮।୯ (ସମିସ): ଗତ କିଛି ଦିନ ଧରି ଦେହ ଖରାପ ଥିବା ଜଣେ ଶ୍ରମିକ ଠିକା ସଂସ୍ଥାର ଅଧିକାରୀଙ୍କ ପକ୍ଷରୁ ଉପଯୁକ୍ତ ଚିକିତ୍ସା ନ ମିଳିବାରୁ ମୃତ୍ୟୁବରଣ କରିଛନ୍ତି। ସୋମବାର ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ବେଳେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଆଠଗଡ଼ ଥାନା ଅନ୍ତର୍ଗତ କନ୍ଦରପୁର ଠାରେ ନିର୍ମାଣାଧୀନ ମେଗା ପାନୀୟ ଜଳ ପ୍ରକଳ୍ପରେ କାର୍ଯ୍ୟରତ ଜଣେ ଶ୍ରମିକଙ୍କର ଆଜି ଏଭଳି ସନ୍ଦେହଜନକ ମୃତ୍ୟୁ ସାଧାରଣରେ ଆଲୋଚନାର ବିଷୟ ହୋଇଛି। ମୃତକ ହେଉଛନ୍ତି ଢେଙ୍କାନାଳ ଗଁଦିଆ ଅଞ୍ଚଳର ବାବାଜୀ ମଲ୍ଲିକଙ୍କ ପୁଅ ଅଲେଖ ମଲ୍ଲିକ (୫୬)। ଆଜି କାମ କରୁଥିବା ବେଳେ ତାଙ୍କର ଦେହ ଅତ୍ୟଧିକ ଖରାପ ହେବାରୁ ତାଙ୍କୁ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଖବର ପାଇ ଆଠଗଡ଼ ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ କରାଇବା ସହିତ ଏକ ଅପମୃତ୍ୟୁ ମାମଲା ୩୬/୨୫ ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ସୁମତି ମହାନ୍ତି ସୂଚନା ଦେଇଛନ୍ତି।

# ବେସରକାରୀ ଅଧ୍ୟାପକଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

ନିଶ୍ଚିନ୍ତକୋଇଲି, ୮।୯ (ସମିସ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ, କର୍ମଚାରୀ ସଂଘ ନିର୍ଦ୍ଦେଶ କ୍ରମେ ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ଠାରେ ଥିବା ବଲ୍ଲଭୀଦେବୀ ମହିଳା ଡ଼ିଗ୍ରୀ କଲେଜ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବେସରକାରୀ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରୁଛନ୍ତି। ଏହି କଲେଜର




୧୦ରୁ ଊର୍ଦ୍ଧ୍ୱ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ବିଗତ ୨୨ଦିନ ହେଲା ଆନ୍ଦୋଳନ ଜାରି ରଖିଥିବାରୁ ଶିକ୍ଷାଦାନରେ ବାଧାପ୍ରାପ୍ତ ହୋଇଛି। ୨୦୦୮ ମସିହାରୁ ୨୦୧୮ ମସିହା ପର୍ଯ୍ୟନ୍ତ କଲେଜ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ଯୋଗାଇଦେବା ଦାବିରେ ଏହି ଆନ୍ଦୋଳନ କରାଯାଉଥିଲା ବେଳେ ସେମାନଙ୍କର ସମସ୍ୟା ସମାଧାନ ପାଇଁ ମାହାଙ୍ଗାର ବିଧାୟକ ଶାରଦାପ୍ରସାଦ ପ୍ରଧାନଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ଆନ୍ଦୋଳନରେ ଅଧ୍ୟାପକ କ୍ଷୀରୋଦ ନନ୍ଦ, ଦିପ୍ତୀମୟୀ ତ୍ରିପାଠୀ, ସମ୍ବିତ ମିଶ୍ର, ସସ୍ମିତା ଦାଶ, ଉର୍ବଶୀ ସାହୁ, ରେଶମା ପ୍ରଧାନ, ମୌସୁମୀ ସାମଲ, ଦୀପକ ରାଉତ, କୃତିବାସ ତ୍ରିପାଠୀ ପ୍ରମୁଖ ଯୋଗଦେଇଛନ୍ତି।

# କଂଗ୍ରେସ ସୋସିଆଲ ମିଡିଆ ସଦସ୍ୟ ଭାବେ ଝରିଆ ନାୟକ ମନୋନୀତ

ତିଗିରିଆ, ୮।୯ (ସମିସ): ଆଠଗଡ଼-ତିଗିରିଆ ନିର୍ବାଚନ ମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ଝରିଆ ନାୟକ ଓଡ଼ିଶା ପ୍ରଦେଶ କଂଗ୍ରେସ ସୋସିଆଲ ମିଡିଆ ବିଭାଗର ନୂତନ ସଦସ୍ୟ ରୂପେ ମନୋନୀତ ହୋଇଥିବାର ସୂଚନା ମିଳିଛି। ଏଥିନେଇ ନିର୍ବାଚନ ମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ଅଭିଷେକ ପଟ୍ଟନାୟକ, ତାରାପ୍ରସାଦ ପଟ୍ଟନାୟକ, ମାନସ ଜେନା, ସୋମନାଥ ଦାସ, ଶ୍ରୀଧର ପଣ୍ଡା, ଜଗଦୀଶ ମହାନ୍ତି, ସିଦ୍ଧାନ୍ତ ମହାନ୍ତି, ଜଗନ୍ନାଥ ବେହେରା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।



# ଚାରାରୋପଣ ଓ ବଣ୍ଟନ କାର୍ଯ୍ୟକ୍ରମ

ନିଶ୍ଚିନ୍ତକୋଇଲି, ୮।୯ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ନତକାଇ ଠାରେ ଥିବା ବଲ୍ଲଭୀଦେବୀ ମହିଳା ଡ଼ିଗ୍ରୀ କଲେଜ ଓ +୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଏକ୍ ପେଡ଼୍ ମା' କେ ନାମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିନ ଅବସରରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କଲେଜ ପରିସରରେ ଅଁଳା, ବଉଳ, ଆକାଶିଆ, ଜାମୁ ଓ ପିଜୁଳି ଆଦି ଚାରାରୋପଣ କରିଛନ୍ତି। ଏହି ଅବସରରେ କଲେଜର ବହୁ ଛାତ୍ରୀଙ୍କୁ ବିଧାୟକ ସ୍ୱହସ୍ତରେ ବିଭିନ୍ନ ଚାରା ପ୍ରଦାନ କରି ଏହାକୁ ସେମାନଙ୍କ ବାଡ଼ିରେ ଲଗାଇ ସୁରକ୍ଷାର ସହିତ ବଞ୍ଚାଇ ରଖିବାକୁ ପରାମର୍ଶ ଦେଇଛନ୍ତି। କଲେଜ ଅଧ୍ୟକ୍ଷା ଡ଼ଃ.ପୁଷ୍ପିତା ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ତହସିଲଦାର ଦମୟନ୍ତୀ ସାହୁ, ବ୍ଲକ ଉପାଧ୍ୟକ୍ଷ ନୃସିଂହ ମିଶ୍ର, +୨ ଅଧ୍ୟକ୍ଷା ନିବେଦିତା ଦାଶ, ନତକାଇ ସମିତିସଭ୍ୟା ସରସ୍ୱତୀ ରାଉତଙ୍କ ସମେତ ବହୁ ଜନପ୍ରତିନିଧି ଓ ସମର୍ଥକମାନେ ଉପସ୍ଥିତ ଥିଲେ।



# ମୃଦୁ ପାନୀୟ କମ୍ପାନୀ ଉପରେ ଚଡ଼ଉ

ଟାଙ୍ଗୀ, ୮।୯ (ସମିସ)

ଟାଙ୍ଗୀ ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ବରପଦାସ୍ଥିତ ସମ ଡିଷ୍ଟିଲାରି ପ୍ରାଇଭେଟ୍ ଲିମିଟେଡ କମ୍ପାନୀ ଉପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିର୍ଦ୍ଦେଶକ୍ରମେ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କଟକ ଅଧିକାରୀମାନେ ସୋମବାର ଚଡଉ କରିଥିବା ଜଣାପଡ଼ିଛି। ଯାହାଫଳରେ ଉକ୍ତ କମ୍ପାନୀ ଅଡୁଆ ବଢ଼ିଛି। ସୂଚନାଯୋଗ୍ୟ ଉକ୍ତ କମ୍ପାନୀ ବେଆଇନ ଭାବେ ବିଷାକ୍ତ ବର୍ଜ୍ୟଜଳ ନିଷ୍କାସନ ଦ୍ୱାରା ପରିବେଶ ଖରାପ ହେବା ସହ ବନ୍ୟଜନ୍ତୁ ଏବଂ ଗୃହପାଳିତ ପଶୁ ବିଷାକ୍ତ ବର୍ଜ୍ୟଜଳ ପାନ କରି ରୋଗାକ୍ରାନ୍ତ ହେବା ସହ ଅନେକ ପଶୁ ମୃତ୍ୟୁବରଣ କରିଛନ୍ତି। ଏଥି ସହ ବର୍ତ୍ତମାନ ଚାଷ କାମ ଚାଲିଥିବାରୁ କମ୍ପାନୀର ପାଖ ଜମିରେ କୌଣସି ଫସଲ ନ ହେବାରୁ କମ୍ପାନୀ ଦ୍ୱାରା କ୍ଷତିଗ୍ରସ୍ତ ଚାଷୀ ଦୁଃଖରେ କାଳାତିପାତ କରୁଛନ୍ତି। ଏ ବିଷୟରେ ଜିଲ୍ଲାପାଳ, ତହସିଲଦାର, ବିଡ଼ିଓଙ୍କ ସମେତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟରେ ସମ୍ପୃକ୍ତ ଚାଷୀ ଓ ଅଞ୍ଚଳର ବୁଦ୍ଧିଜୀବିମାନେ ଅଭିଯୋଗ କରିଥିଲେ। ଏତଦବ୍ୟତୀତ ସକାଳ ଖବରକାଗଜରେ ମଧ୍ୟ ବିଭିନ୍ନ ସମୟରେ ଉକ୍ତ କମ୍ପାନୀର ବେଆଇନ ବର୍ଜ୍ୟଜଳ ନିଷ୍କାସନ ଘଟଣା ଉପରେ ଖବର ପ୍ରକାଶ ପାଇଥିଲା। ଏହାକୁ ଭିତ୍ତି କରି ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋର୍ଡ ଚଡ଼ଉ କରିଥିବା ଜଣାପଡ଼ିଛି। ଉକ୍ତ କମ୍ପାନୀ ପୂର୍ବରୁ ଉକ୍ତ ସ୍ଥାନରେ ଏସଆର ଡିଷ୍ଟଲାରୀ କମ୍ପାନୀ ମଧ୍ୟ ବେଆଇନ ଭାବେ ବିଷାକ୍ତ ବର୍ଜ୍ୟଜଳ ନିଷ୍କାସନ କରିବା ଦ୍ୱାରା ଅଞ୍ଚଳବାସୀଙ୍କ ଅଭିଯୋଗ କ୍ରମେ ୨୦୧୫ ମସିହାରେ ଚଡ଼ଉ କରି ଉକ୍ତ କମ୍ପାନୀକୁ ବନ୍ଦ କରିଥିଲେ। ବର୍ତ୍ତମାନ ସମ ଡିଷ୍ଟିଲାରି ସେହିଭଳି ବେଆଇନ କାର୍ଯ୍ୟ କରୁଥିବାରୁ ବର୍ତ୍ତମାନ ସରକାର କି ପ୍ରକାର କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ଦେଖିବାକୁ ବାକି ରହିଲା ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳିଛି।

**ଅଡୁଆରେ ସମ ଡିଷ୍ଟିଲାରୀ କମ୍ପାନୀ**

## କଣ୍ଟାପଡ଼ା ଅଞ୍ଚଳରେ ବଢ଼ୁଛି ବାଲି ଚୋରି

# ବିଭାଗୀୟ ଚଢ଼ଉ କେବଳ ଲୋକଦେଖାଣିଆ



କଣ୍ଟାପଡା,୮।୯ (ସମିସ)

କଣ୍ଟପଡା ତହସିଲ ଅଞ୍ଚଳରେ ଦେବୀ ନଦୀରେ ରହିଛି ୩ଟି ନିଲାମ ବାଲିଘାଟ। ଗୋବିନ୍ଦପୁର ପଞ୍ଚାୟତର ତିର୍ଥପଡା ଓ ଦେବୀ ନଦୀ ସେତୁ ଆରପଟ ୱାଉବରାଇ ବାଲିଘାଟ ଏବଂ ପୋସ୍ତଳ ପଞ୍ଚାୟତର ବଳଦା ବାଲିଘାଟ। ଏବେକୁ ପାଞ୍ଚ ବର୍ଷିଆ ନିଲାମ ସରକାରଙ୍କ ପକ୍ଷରୁ ନିଲାମ ଦିଆଯାଇଛି। ହେଲେ ସରକାରୀ ନିୟମ ଅନୁଯାୟୀ ୧୦୦ ଦିନ ବାଲିଘାଟ ବନ୍ଦ ରହିବ। କିନ୍ତୁ ଏବେ ମହାନଦୀ ଓ ଏହାର ଶାଖା ନଦୀରେ ବନ୍ୟା ନ ଥିବାରୁ ବାଲିଘାଟ ନିଲାମଧାରୀଙ୍କ ପାଇଁ ଏହା ଏକ ସୁଯୋଗ ପାଲଟିଥିବା ଲକ୍ଷ୍ୟ କରାଯାଇଛି। ନିଲାମଧାରୀମାନେ ଅନାୟସରେ ବର୍ଷାଋତୁରେ ବି ମାଳ ମାଳ ହାଇୱାରେ ଶହ ଶହ ଟ୍ରିପ୍ ବାଲି ଚୋରା ଚାଲାଣ କରୁଛନ୍ତି। ସରକାରୀ ନିୟମ ଅନୁଯାୟୀ ବାଲିକୁ ଖଣି ବିଭାଗକୁ ଦାୟିତ୍ୱ ଦିଆଯିବା ପରେ ବାଲି ଚୋରି ପ୍ରାୟ ଦଶଗୁଣା ବଢିଯାଇଛି। କାରଣ ସାଧାରଣ ଲୋକଙ୍କ ପାଖରେ ସ୍ଥାନୀୟ ଥାନା ଓ ତହସିଲଦାରଙ୍କ ଫୋନ ନମ୍ବର ଥାଏ। ସେମାନେ ବିଳମ୍ବିତ ରାତିରେ ବାଲି ଚୋରି ବାବଦରେ ଥାନା କିମ୍ବା ତହସିଲକୁ ଫୋନ କଲେ ତହସିଲଦାର କୁହନ୍ତି ମତେ ଖଣି ବିଭାଗ ଗାଡି ଜବତ କରି ଫୋନ କଲେ ମୁଁ ମାଜିଷ୍ଟ୍ରେଟ ଭାବେ ଯାଇ ଫାଇନ କାଟି ପାରିବି। ସ୍ଥାନୀୟ ଥାନାକୁ ଫୋନ କଲେ ସେମାନେ କୁହନ୍ତି ଖଣି ବିଭାଗ ଆମକୁ ସୁରକ୍ଷା ପାଇଁ ଡାକିଲେ ଆମେ ତାଙ୍କ ସହ ଯିବୁ। କେହି ସାମ୍ବାଦିକ କିମ୍ବା ବୁଦ୍ଧିଜୀବୀ ଖଣି ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କଲେ ଅଧିକାରୀ ଜଣଙ୍କ ଫୋନ ଉଠାନ୍ତି ନାହିଁ। କେବେ କେଉଁ ଦିନ ବିଳମ୍ବିତ ରାତିରେ ଖଣି ବିଭାଗ ସହ ପୁଲିସ ଚଢଉ କେଲେ ବାଲି ମାଫିଆମାନେ ପୂର୍ବରୁ ଖବର ପାଇ ଯାଇଥିବା ମନେ ହୁଏ। ଲୋକ ଦେଖାଣିଆକୁ ଶହ ଶହ ହାଇୱା ମଧ୍ୟରୁ ମାତ୍ର ଗୋଟିଏ ଦୁଇଟି ହାଇୱାକୁ ଜବତ କରି ସ୍ୱଳ୍ପ ଫାଇନ କାଟି ପର ଦିନ ଛାଡି ଦେଇଥାନ୍ତି। ପ୍ରଶାସନର କୋହଳ ମନୋଭାବ କାରଣରୁ ଦେବୀ ନଦୀ ପାର୍ଶ୍ୱବର୍ତ୍ତୀ କେତେକ ଗ୍ରାମର ଯୁବପୀଢି ଏକତ୍ରିତ ହୋଇ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ନଦୀକୁ ବାଟ ଫିଟାଇ ହାଇୱାରେ ଶହ ଶହ ଟ୍ରିପ୍ ବାଲି ଚୋରାଚାଲାଣ କରୁଛନ୍ତି। ଗୋଟିଏ ରାତିରେ ବାଲି ମାଫିଆ ମାନେ ବାଲି ଚୋରାଚାଲାଣ କରି ଲକ୍ଷ ଲକ୍ଷ ଟଙ୍କା ଆୟ କରୁଥିବାରୁ ସେମାନଙ୍କ ଉପରେ ସରକାରଙ୍କ ସ୍ୱଳ୍ପ ଫାଇନ କୌଣସି ପ୍ରଭାବ ପକାଇ ପାରୁନି। ଏ ସବୁକୁ ତୁଳନାତ୍ମକ ଭାବେ ବିଶ୍ଳେଷଣ କଲେ କଣ୍ଟାପଡ଼ା ତହସିଲ ଅଞ୍ଚଳର ବାଲି ମାଫିଆଙ୍କ ସହ ସ୍ଥାନୀୟ ରାଜନେତା, ଖଣି ବିଭାଗ, ରାଜସ୍ୱ ବିଭାଗ ଓ ସ୍ଥାନୀୟ ପୁଲିସର ପରୋକ୍ଷ ସମ୍ପୃକ୍ତି ଥିବା ନେଇ ଚର୍ଚ୍ଚା ଜୋର ଧରିଛି।

### କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି ସରକାର

## ବାଲ୍ୟବିବାହ ରୋକିବାକୁ ଯାଇଥିବା ଅଙ୍ଗନବାଡ଼ି କର୍ମୀଙ୍କୁ ଆକ୍ରମଣ ଅଭିଯୋଗ

ଭଦ୍ରେଶ୍ୱର,୮।୯ (ସମିସ): ତଦନ୍ତ କରିବାକୁ ଯାଇଥିଲା ବେଳେ ମାହାଙ୍ଗା ବ୍ଲକ ଓଷଙ୍ଗ ଗ୍ରାମପଞ୍ଚାୟତ ପର୍ଶୁରାମପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଅଙ୍ଗନବାଡି କର୍ମୀଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯାଇଥିବାର ଅଭିଯୋଗ ହୋଇଛି। ଏହି ଅଭିଯୋଗ ଉପରେ ପୁଲିସ ତଦନ୍ତ ଜାରି ରହିଛି। ସ୍ଥାନୀୟ ଭଳି ଗ୍ରାମର ଇନ୍ଦ୍ରମଣି ଜେନାଙ୍କ ସାନପୁଅ ମଳୟ କୁମାର ଜେନା (୧୯) ଜଣେ ନାବାଳିକାକୁ ଉଠାଇ ଆଣି ତାଙ୍କ ଘରେ ରଖିଥିବାର ଅଭିଯୋଗ ହୋଇଥିଲା। ମାହାଙ୍ଗା ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀ ଓ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଅଙ୍ଗନବାଡି କର୍ମୀ ତୃପ୍ତିରଞ୍ଜିତା ଶତପଥି, ରେଣୁପ୍ରଭା ଜେନା ପ୍ରମୁଖ ତାଙ୍କ ଘରକୁ ତଦନ୍ତ ନିମନ୍ତେ ଯାଇଥିଲେ। ତାଙ୍କ ଘରେ ନାବାଳିକା ଜଣକ ଥିବାର ଦେଖିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ଅଙ୍ଗନବାଡି କର୍ମୀ ଇନ୍ଦ୍ରମଣିଙ୍କୁ ପଚାରିବାରୁ ସେ ତାଙ୍କୁ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ମାଡ ମାରିଥିବାର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ତୃପ୍ତିରଞ୍ଜିତା ଓ ରେଣୁପ୍ରଭା ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶ ଥାଉକି ବାଲ୍ୟ ବିବାହ କରିବା ଉଦ୍ଦେଶ୍ୟରେ ଇନ୍ଦ୍ରମଣି ତାଙ୍କ ଘରେ ନାବାଳିକାକୁ ଲୁଚାଇ ରଖିଥିବାର ଅଭିଯୋଗ ହୋଇଛି। ତେବେ ମାହାଙ୍ଗା ଥାନା ପୁଲିସ ଏହି ଅଭିଯୋଗର ତଦନ୍ତ ଜାରି ରଖିଛନ୍ତି। ଅପରପକ୍ଷରେ ଆଇନର ଗଳାବାଟ ଦେଇ ମାହାଙ୍ଗା ଅଞ୍ଚଳରେ ବହୁ ନାବାଳିକା ବିବାହ ଅବାଧରେ କରୁଥିଲେ ମଧ୍ୟ ପୁଲିସ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାର ଅଭିଯୋଗ ହୋଇଛି।

## ଦୁର୍ଘଟଣାରେ ଯୁବକ ଗୁରୁତର



କନ୍ଦରପୁର,୮।୯ (ସମିସ): କଟକ ପାରାଦୀପ ରାସ୍ତାର କନ୍ଦରପୁର ବଜାର ନିକଟରେ ଏକ ସ୍କୁଟି ଆରୋହୀ ଭାରସାମ୍ୟ ହରାଇ ଏକ କାର ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ଉକ୍ତ ଯୁବକଙ୍କୁ କନ୍ଦରପୁର ପୁଲିସ ଓ ସ୍ଥାନୀୟ ଲୋକ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାକୁ ପଠାଇଥିଲେ। ସୂଚନାରୁ ପ୍ରକାଶ ଆଜି ସୋମବାର ସକାଳ ୬ଟା ସମୟରେ ଏକ ସ୍କୁଟି ଯୋଗେ କିଶୋରନଗର ଅଭିମୁଖେ ଯାଉଥିବା ଜଣାପଡିଛି। ଏହି ସମୟରେ କ୍ରିଷ୍ଣାନନ୍ଦପୁରରୁ କଟକ ଅଭିମୁଖେ ଯାଉଥିଲା। ଉକ୍ତ କାରରେ ୪ଜଣ ପ୍ୟାସେଞ୍ଜର ଥିବା ବେଳେ ଜଣେ ମହିଳା ଥିଲା। ଦୁର୍ଘଟଣାରେ ମହିଳାଙ୍କ ମୁହଁରେ ଆଘାତ ଲାଗିଥିବା ଜଣାପଡ଼ିଛି। ଦୁର୍ଘଟଣାର ଏପରି ହୋଇଥିଲା ଯେ ସ୍କୁଟିଟି କାର ଭିତରେ ପଶିଯାଇଥିଲା। ଉକ୍ତ ଯୁବକ ଜଣକ କିଶୋରନଗର ଅଞ୍ଚଳର ବାବୁ ବୋଲି ଜଣାପଡ଼ିଛି। କନ୍ଦରପୁର ପୁଲିସ ଘଟଣାସ୍ଥଳରୁ ଗାଡ଼ି ୨ଟିକୁ ଜବତ କରିବା ସହିତ ତଦନ୍ତ ଚଳାଇଛି।

## ବିପୁଳ ମଦ ସହ ଅଭିଯୁକ୍ତ ଗିରଫ



ଟାଙ୍ଗୀ,୮।୯ (ସମିସ): ଟାଙ୍ଗୀ ଥାନା ବିଶ୍ୱାଳୀ ଫାଣ୍ଡି ଅଧୀନସ୍ଥ ସଫା, କରଞ୍ଜି ଓ ଗରୁଡ଼ଗାଁ ପଞ୍ଚାୟତରେ ବେଆଇନ ଦେଶୀ ଓ ବିଦେଶୀ ମଦ କାରବାର ବୃଦ୍ଧି ପାଇଥିବାବେଳେ ରବିବାର ସନ୍ଧ୍ୟାରେ ଟାଙ୍ଗୀ ପୁଲିସ ସଫା ଅଞ୍ଚଳରେ ଚଢଉ କରି ବିପୁଳ ପରିମାଣର ଚୋରାମଦ ଜବତ କରିବା ସହ ଅଭିଯୁକ୍ତ ପରିକ୍ଷିତ ପାଣ୍ଡବଙ୍କୁ ଗିରଫ କରିଛି। ଥାନା କେସ୍ ନଂ ୨୯୪/୨୫ ଅନୁଯାୟୀ ଅଭିଯୁକ୍ତଙ୍କୁ ସୋମବାର ଅଦାଲତ ଚାଲାଣ କରାଯାଇଥିବାବେଳେ ତା' ନିକଟରୁ ୮୨.୭୧ ଲିଟର ବେଆଇନ ମଦ ଜବତ କରାଯାଇଥିବା ଆଇଆଇସି ଶିବ ପ୍ରସାଦ ଭଦ୍ର ସୂଚନା ଦେଇଛନ୍ତି। ମିଳିଥିବା ତଥ୍ୟ ଅନୁଯାୟୀ ରବିବାର ସନ୍ଧ୍ୟାରେ ଏସଆଇ ହେମନ୍ତ ସାମଲଙ୍କ ନେତୃତ୍ୱରେ ଟାଙ୍ଗୀ ପୁଲିସର ଏକ ଟିମ୍ ଉପରୋକ୍ତ ଅଞ୍ଚଳରେ ପେଟ୍ରୋଲିଂ କରୁଥିବାବେଳେ ଚୋରା ମଦ କାରବାର ସୂଚନା ପାଇ ପରୀକ୍ଷିତଙ୍କ ଦୋକାନ ଉପରେ ଚଢଉ କରିଥିଲେ।

## ତିନି ଶିକ୍ଷକଙ୍କୁ ସୁଭଦ୍ରା ମହତାବ୍ ଗୁରୁ ରତ୍ନ ସମ୍ମାନ



ନିଶ୍ଚିନ୍ତକୋଇଲି,୮।୯ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଅସୁରେଶ୍ୱର ସ୍ଥିତ ସୁଭଦ୍ରା ମହତାବ୍ ମହାବିଦ୍ୟାଳୟରେ ପବିତ୍ର ଗୁରୁଦିବସ ଅବସରରେ ତିନି ଆଦର୍ଶ ଶିକ୍ଷକଙ୍କୁ ସୁଭଦ୍ରା ମହତାବ୍ ଗୁରୁ ରତ୍ନ ସମ୍ମାନ ପ୍ରଦାନ କରାଯାଇଛି। କଲେଜ ଅଧ୍ୟକ୍ଷା ପ୍ରଧାପିକା ଡଃ. ସୁପ୍ରଭା ପରିଡ଼ାଙ୍କ ପୌରହିତ୍ୟରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ବିରଞ୍ଚି ନାରାୟଣ ପଣ୍ଡା, ସମ୍ମାନୀତ ଅତିଥିଭାବେ ପ୍ରାଧାପକ ପ୍ରତାପ ଚନ୍ଦ୍ର ସାହୁ, ଅଧାପକ ମନମୋହନ ଖଟୁଆ, ଅଧାପକ ରଜନୀକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ଗୁରୁ ଶିଷ୍ୟ ପରମ୍ପରାକୁ ଅଧିକ ଉଜ୍ଜୀବିତ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ବହୁ ମୂଲ୍ୟବାନ୍ ପରାମର୍ଶ ଦେଇଥିଲେ। ଏହି ଅବସରରେ ଚାନ୍ଦୋଳ ହୃଦାନନ୍ଦ ସ୍ମାରକୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଲକ୍ଷ୍ମଣ ଦାଶ, ନବୋଦୟ ବିଦ୍ୟାଳୟର ପ୍ରାକ୍ତନ ଅଧାପକ ଫକୀର ଚରଣ ନାୟକ, ପ୍ରାକ୍ତନ ପ୍ରଧାନଶିକ୍ଷକ ରଘୁନାଥ ମହାନ୍ତିଙ୍କୁ ମାନପତ୍ର, ମେଡ଼ାଲ, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ଗୁରୁ ରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ଅଧାପକ ସୁଧିର କୁମାର ଦାସ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲା ବେଳେ ଅଧାପକ ବିଜୟ ପରିଡ଼ା, ଅଧାପିକା ଡ. କବିତା ଷଡଙ୍ଗୀ, ଅନୁସୂୟା ରାଉତରାୟ, ମନୋଜ ରାଉତ, ରଞ୍ଜନ ସେଠୀ, ସ୍ମୃତିରଞ୍ଜନ ସାହୁ, ସୂର୍ଯ୍ୟକାନ୍ତି ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅବସରପ୍ରାପ୍ତ ସମବାୟ କର୍ମଚାରୀ ସଂଘର ବୈଠକ ଓ କର୍ମକର୍ତ୍ତା ଚୟନ

ନିଶ୍ଚିନ୍ତକୋଇଲି,୮।୯ (ସମିସ): ଓଡ଼ିଶା ରାଜ୍ୟ କେନ୍ଦ୍ର ସମବାୟ ବ୍ୟାଙ୍କ୍ ଲିଃର ଅବସରପ୍ରାପ୍ତ କର୍ମଚାରୀମାନଙ୍କର ଏକ ବୈଠକ ପୁରୀଠାରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ୧୨ଟି କେନ୍ଦ୍ର ସମବାୟ ବ୍ୟାଙ୍କ୍ ଲିଃର ୫୫ ଜଣ ଅବସରପ୍ରାପ୍ତମାନେ କର୍ମଚାରୀମାନେ ଯୋଗଦେଇଥିଲେ। ଲକ୍ଷ୍ମଣ ରାଉତଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ସମବାୟ ବ୍ୟାଙ୍କ୍ ଲିଃ ବ୍ୟବସାୟରେ କିଭଳି ପ୍ରଗତି କରାଯିବ, ଚାଷୀମାନଙ୍କର ବିଭିନ୍ନ ସମସ୍ୟା ଦୂରୀକରଣ କରାଯିବ ଏବଂ ଅବସରପ୍ରାପ୍ତ କର୍ମଚାରୀମାନଙ୍କର ସ୍ୱାସ୍ଥ୍ୟ ସେବା ଠାରୁ ଆରମ୍ଭ କରି ଉପୁଜିଥିବା ବିଭିନ୍ନ ସମସ୍ୟାର କିଭଳି ସମାଧାନ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ସଂଘ ମାଧ୍ୟମରେ ସମସ୍ତ ସମସ୍ୟା ସମାଧାନ କରିବା ପାଇଁ ସହଜସାଧ ହେବା ନେଇ ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ ସମବାୟ କର୍ମଚାରୀ ସଂଘ ଗଠନ କରାଯାଇଥିଲା। ଏହି ସଂଘର ସଭାପତି ଭାବେ ଲକ୍ଷ୍ମଣ ରାଉତଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ଧିରେନ୍ଦ୍ରନାଥ ବେହେରା, ସାଧାରଣ ସମ୍ପାଦକ ଭାବେ କୈଳାସଚନ୍ଦ୍ର ସାହୁ, ଉପସଭାପତି ଭାବେ କୁମୁଦ ରଞ୍ଜନ ଜେନା, ସଂଗଠନ ସମ୍ପାଦକ ଭାବେ ନୀଳକଣ୍ଠ ଦାସ ଓ ଦିଗାମ୍ବର ନାୟକ, କୋଷାଧ୍ୟକ୍ଷ ଭାବେ ପଦ୍ମନାଭ ରଣ ସିଂ ଓ ସଭ୍ୟ ଭାବେ ପ୍ରଦ୍ୟୁମ୍ନ ବିଶ୍ୱାଳ, ଦିଲ୍ଲୀପ ପ୍ରଧାନ, ପବିତ୍ର ରାଉତ, ବିଜୟ ପଶୁପାଳକ, ପର୍ଶୁରାମ ଦାସ, ଅରୁଣ ଧୀର୍ ଓ ଅଶୋକ ମହାପାତ୍ରଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ଅବସରପ୍ରାପ୍ତ ସମବାୟ ବ୍ୟାଙ୍କ କର୍ମଚାରୀ ଓ ଚାଷୀମାନଙ୍କର ସ୍ୱାର୍ଥ ପାଇଁ ଏହି ସଂଘ କାର୍ଯ୍ୟ କରିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ଧିରେନ୍ଦ୍ରନାଥ ବେହେରା ଧନ୍ୟବାଦ ଦେଇଥିଲେ।



## ସ୍ୱାସ୍ଥ୍ୟ ପରୀକ୍ଷା ଶିବିର




କଟକ,୮।୯ (ସମିସ): ଅନ୍ଦରପୁର ବରିଷ୍ଠ ନାଗରିକ କଲ୍ୟାଣ କେନ୍ଦ୍ର ଠାରେ ବରିଷ୍ଠ ନାଗରିକମାନଙ୍କର "ସ୍ୱାସ୍ଥ୍ୟ ପରୀକ୍ଷା ଶିବର' ଆୟୋଜିତ ହୋଇଯାଇଛି। ନୂଆ ବଜାର ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ସହଯୋଗରେ ଆୟୋଜିତ ଏହି ଶିବିରରେ ୫୦ ଜଣରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକମାନେ ଯୋଗଦେଇ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ଡାକ୍ତରଙ୍କ ପରାମର୍ଶ ଗ୍ରହଣ କରିଥିଲେ। ସେମାନଙ୍କୁ ଆବଶ୍ୟକୀୟ ଔଷଧ ମାଗଣାରେ ପ୍ରଦାନ କରାଯାଇଥିଲା। ଏତତ ବ୍ୟତୀତ ୭୦ ବର୍ଷରୁ ଉର୍ଦ୍ଧ୍ୱ ନାଗରିକଙ୍କୁ ଆୟୁଷ୍ମାନ ବୟୋବନ୍ଦନା କାର୍ଡ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୁଶ୍ରୀ ଅପରାଜିତା ସାମନ୍ତରାୟ, ବନ ସ୍ୱାସ୍ଥ୍ୟ ପରିଚାଳକ ନିଗମ ସାହୁ, ନର୍ସିଂ ଅଫିସର ସୁଶ୍ରୀ ପଦ୍ମଜା ପ୍ରିୟଦର୍ଶିନୀ ରାଉତ ଓ ସୁଶ୍ରୀ ଜୟନ୍ତୀ ତ୍ରିପାଠୀଙ୍କ ସହିତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ସ୍ୱାସ୍ଥ୍ୟ ଶିବିରକୁ କଲ୍ୟାଣ କେନ୍ଦ୍ରର ସମ୍ପାଦକ ରଜନୀକାନ୍ତ ପରିଜା ପରିଚାଳନା କରିଥିଲେ। ଅନୁଷ୍ଠାନର ସଭାପତି ରବିନ୍ଦ୍ର ନାଥ ମହାନ୍ତି, ଉପସଭାପତି ଭାଗ୍ୟଧର ବ୍ରହ୍ମା, ନିତ୍ୟାନନ୍ଦ ଭୋଳ, ସତ୍ୟ ସାହାଣୀ, ଅକ୍ଷୟ ଦେ, ବିଜୟ ସାହୁ, ବିଷ୍ଣୁଚରଣ ରାଉତ, ରମେଶ ଚନ୍ଦ୍ର ଦାସ, ପ୍ରାଣକୃଷ୍ଣ ଜେନାଙ୍କ ସହିତ ମଧୁପାଟଣା ଥାନା ଅଧିକାରୀ ଚିତ୍ତରଞ୍ଜନ ରାଉତ ଓ ସ୍ଥାନୀୟ କର୍ପୋରେଟର ଅରବିନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା ଓ ଭାଗବତ ଜନ୍ମୋତ୍ସବ

ଫୁଲନଖରା,୮।୯ (ସମିସ): କଟକ ମହାନଗର ନିଗମ ୫୬ନଂ ୱାର୍ଡ ଅନ୍ତର୍ଗତ କାଜିପାଟଣା ଗ୍ରାମର ଅଧିଷ୍ଠାତା ଦେବ ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ସ୍ୱାମୀଙ୍କ ମନ୍ଦିର ପ୍ରାଙ୍ଗଣରେ ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା ଓ ଭାଗବତ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଦୀର୍ଘ ୧୫୦ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ଅନୁଷ୍ଠିତ ହୋଇ ଆସୁଥିବା ଉକ୍ତ ଉତ୍ସବକୁ ଗ୍ରାମର ବରିଷ୍ଠ ମୁରବୀମାନଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ମନ୍ଦିରର ପୂଜକ ମାନସ କୁମାର ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ଅନୁଷ୍ଠିତ ଶ୍ରୀମଦ ଭାଗବତ ଜନ୍ମୋତ୍ସବ ଅବସରରେ ଅନୁଷ୍ଠିତ ଘୃତଯଜ୍ଞରେ କର୍ତ୍ତା ଭାବରେ ହରେକୃଷ୍ଣ ପାଲ ସମସ୍ତ ଦେବକାର୍ଯ୍ୟକୁ ସମାପନ କରିଥିଲେ। କାଜିପାଟଣା ଗ୍ରାମ୍ୟ କମିଟିର ସଭାପତି ନନ୍ଦନ ଦଳବେହେରା, ସଂପାଦକ ସୁବାସ ଚନ୍ଦ୍ର ସ୍ୱାଇଁଙ୍କ ସମେତ ବିଜୟ ପାଲ, କିଶୋର ଚନ୍ଦ୍ର ପ୍ରଧାନ, ରାଜକିଶୋର ପରିଡା, ବ୍ରହ୍ମାନନ୍ଦ ସେନାପତି, ଶରତ ପରିଡା, ଦେବେନ୍ଦ୍ରନାଥ କୁଅଁର, ନରେନ୍ଦ୍ର ନାୟକ, ସୁଧାକର ସ୍ୱାଇଁ, ବୈଦ୍ୟନାଥ ସ୍ୱାଇଁ, ଅଶୋକ ସାହୁ ଓ କିଶୋର ପରିଜା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସହସ୍ରାଧିକ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ପ୍ରଧାନଶିକ୍ଷକଙ୍କୁ ବିଷ୍ଣୁଚରଣ ଜେନା ସ୍ମୃତି ସମ୍ମାନ



ନିଶ୍ଚିନ୍ତକୋଇଲି,୮।୯ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ନେମାଳ ପଞ୍ଚାୟତ ମାଳିଗାଁ ଗ୍ରାମର ଆଦର୍ଶ ଗୁରୁ ସୁରେନ୍ଦ୍ରନାଥ ସାହୁଙ୍କୁ ସାଲେପୁର ଗୁରୁପୂଜନ ସମିତି ପକ୍ଷରୁ 'ବିଷ୍ଣୁଚରଣ ଜେନା ସ୍ମୃତି ସମ୍ମାନ-୨୦୨୫' ପ୍ରଦାନ କରାଯାଇଛି। ଜଣେ କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତି, ଛାତ୍ର ବତ୍ସଳତା, ଶୈକ୍ଷିକାନୁଶାସନଧର୍ମିତା କାର୍ଯ୍ୟରେ ନିଜକୁ ନିୟୋଜିତ କରି ପ୍ରଧାନଶିକ୍ଷକ ଭାବେ ଖଣ୍ଡସାହି ଜଗନ୍ନାଥ ବିଦ୍ୟାପୀଠରୁ ଅବସର ଗ୍ରହଣ କରିଥିବା ଶ୍ରୀ ସାହୁଙ୍କୁ ଏହି ସମ୍ମାନ ପ୍ରଦାନ ପାଇଁ ଅନୁଷ୍ଠାନ ପକ୍ଷରୁ ଯୋଗ୍ୟ ବିବେଚିତ କରାଯାଇଥିଲା। ପବିତ୍ର ଗୁରୁଦିବସ ଅବସରରେ ସମିତିର ସଭାପତି ସାମ୍ବାଦିକ ଅକ୍ଷୟ କୁମାର ଦାସଙ୍କ ପୌରହିତ୍ୟରେ ସାଲେପୁର ହାଇସ୍କୁଲ ଅଡ଼ିଟୋରିୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଗୁରୁପୂଜନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଫେସର ଡ. ସତ୍ୟନାରାୟଣ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ କବି ଡ଼ଃ କାଳୀପ୍ରସନ୍ନ ଶତପଥୀ, ସମ୍ମାନୀତ ଅତିଥି ଭାବେ ସାଲେପୁର ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା ଯୋଗଦେଇ ପ୍ରଧାନଶିକ୍ଷକ ଶ୍ରୀ ସାହୁଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ।

## ଟେଟ୍ରାହେଡ୍ରନ୍‌ରେ ଗୁରୁ ପୂଜନ କାର୍ଯ୍ୟକ୍ରମ



ଟାଙ୍ଗୀ,୮।୯ (ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀ ସ୍ଥିତ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ନୂଆ କ୍ୟାମ୍ପସ ପରିସରରେ ଗୁରୁ ଦିବସ ଅବସରରେ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟେଟ୍ରାହେଡ୍ରନ ଅଧ୍ୟକ୍ଷ ତ୍ରିଦେବ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ କଟକ ଜିଲ୍ଲା ବିଜେପି ସଭାପତି ରାମ ନାରାୟଣ ମହାନ୍ତି, ଶିକ୍ଷାବିତ ତାପସ ମଲ୍ଲିକ, ଜିଲ୍ଲା ଯୁବ ରେଡ଼କ୍ରସର ସଂଯୋଜିକା ଡ଼ ସସ୍ମିତା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଗୁରୁଙ୍କ ଭୂମିକା ସମାଜରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବୋଲି କହିଥିଲେ। ଏହି ଅବସରରେ ଅନୁଷ୍ଠାନର ସମସ୍ତ ଅଧାପକ ଅଧାପିକାଙ୍କୁ ଛାତ୍ରଛାତ୍ରୀ ପୂଜା ସହ ସମ୍ବର୍ଦ୍ଧିତ କରିଥିଲେ। ସନ୍ଧ୍ୟା ସମୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କଟକ ସଦର ଡେଭେଲପମେଣ୍ଟ ପକ୍ଷରୁ ଚା' ଖଟି କାର୍ଯ୍ୟକ୍ରମ



ନେମାଳ,୮।୯ (ସମିସ): ୟୁନିଅନ ଫର କଟକ ସଦର ଡେଭଲପମେଣ୍ଟ ପକ୍ଷରୁ ଆଜି ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇଛି। ପରେ ସଦସ୍ୟ ଅମିତାଭ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ନେମାଳ ସେତୁ ନିକଟରେ ଏକ ଚା ଖଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ମୁଖ୍ୟ ପ୍ରଫେସର ମନୋଜ ନାୟକ ଯୋଗଦେଇ ପ୍ରତ୍ୟେକ ମଣିଷକୁ ବିଭିନ୍ନ ପ୍ରକାରର ସହଯୋଗ କରିପାରିଲେ ମଣିଷର ଜୀବନ ଶୈଳୀରେ ପରିବର୍ତ୍ତନ ଆସିଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜୟ ନାୟକ, ସର୍ବେଶ୍ୱର ସ୍ୱାଇଁ, କବି ସୁରତ ରାଉତ, ଇଜାଜ ଖାଁ, ରତ୍ନାକର ବାରିକ, ଅଭିମନ୍ୟୁ ସାହୁ, କରୁଣା ସିଂହ, ନୃସିଂହ ଭୋଇ, ଶେଷଦେବ ଦାସ, ଦିଲ୍ଲୀପ ନାୟକ, ଉଦୟ ସାମଲ, ସୁର୍ଦଶନ ଜେନା, ଚନ୍ଦନ ପରିଡା, କାହ୍ନୁଚରଣ ଖୁଣ୍ଟିଆ, ନିଶାକର ମୁଦୁଲି, ଅଜୟ ସାହୁ, ରବି ସେଠୀ ସମେତ ଶତାଧିକ ଜନସାଧାରଣ ଯୋଗଦେଇଥିଲେ।

## ସବ୍‌ରେଜିଷ୍ଟ୍ରାର ଓ ସବ୍‌ଟ୍ରେଜେରୀ ଅଫିସ ସ୍ଥାପନ ପାଇଁ ଜନସ୍ୱାର୍ଥ ମାମଲା

ନିଶ୍ଚିନ୍ତକୋଇଲି,୮।୯ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଓଡ଼ିଶାର ଦ୍ୱିତୀୟ ସର୍ବବୃହତ୍ତମ ବ୍ଲକ ଅଟେ। ଏହି ବ୍ଲକ ଅଧୀନରେ ୪୧ଟି ପଞ୍ଚାୟତ ରହିଥିବା ବେଳେ ଦୁଇ ଲକ୍ଷରୁ ଉର୍ଦ୍ଧ୍ୱର୍ ଲୋକେ ବସବାସ କରନ୍ତି। ଦୀର୍ଘ ବର୍ଷ ହେବ ଏହି ବ୍ଲକ ଅଞ୍ଚଳରେ ଗୋଟିଏ ସବରେଜିଷ୍ଟ୍ରାର ଓ ସବ୍‌ଟ୍ରେଜେରୀ କାର୍ଯ୍ୟାଳୟ ସ୍ଥାପନା କରିବା ପାଇଁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ଠାରେ ଲୋକମାନେ ଦାବି କରି ଆସୁଥିଲେ ମଧ୍ୟ ଏଥିପ୍ରତି କେହି କର୍ଣ୍ଣପାତ କରୁନାହାଁନ୍ତି। ଏହି ଦୁଇ କାର୍ଯ୍ୟାଳୟରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟ ପାଇଁ ଲୋକମାନେ ସାଲେପୁର ସବରେଜିଷ୍ଟାର ଓ ସବଟ୍ରେଜରୀ କାର୍ଯ୍ୟାଳୟକୁ ଦୌଡୁଛନ୍ତି। ଏହି ବ୍ଲକର ଶେଷ ସୀମାରୁ ସାଲେପୁର ୨୫ କିମିରୁ ଉର୍ଦ୍ଧ୍ୱ ଦୂରତା ହୋଇଥିବା ବେଳେ ଲୋକମାନେ ବହୁ ଖର୍ଚ୍ଚାନ୍ତ ହୋଇ ସେମାନଙ୍କର କାର୍ଯ୍ୟ ପାଇଁ ଯାଇଥାନ୍ତି। ଜନସାଧାରଣଙ୍କର ଏଭଳି ସମସ୍ୟା ଦେଖି ଏହାକୁ ସମାଧାନ କରି ସବୁ ଦୃଷ୍ଟିରୁ ସୁବିଧା ପାଇଁ ଏ ଅଞ୍ଚଳର ସମାଜସେବୀ ତଥା ଯୁବ ଆଇନଜୀବୀ ପ୍ରମୋଦ କୁମାର ରାଉତ ଏହି ବ୍ଲକ ଅଧୀନରେ ସବରେଜିଷ୍ଟାର ଓ ସବଟ୍ରେଜରୀ କାର୍ଯ୍ୟାଳୟ ସ୍ଥାପନା ପାଇଁ ଉଚ୍ଚ ନ୍ୟାୟାଳୟରେ ସୋମବାର ଦିନ ଏକ ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି। ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଯାହାର ଡ଼ି-ଡ଼ବ୍ଲୁପି(ସି)୩୬୧୯୪/୨୦୨୫ ରେ ଏକ ମାମଲା ରୁଜୁ ହୋଇଛି। ଏଠାରେ ସୂଚନାଯୋଗ୍ୟ ପୂର୍ବରୁ ସାଲେପୁର ତହସିଲ ଓ କୋର୍ଟ ଅଧୀନରେ ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ବ୍ଲକ ଅନ୍ତର୍ଭୁକ୍ତ ହୋଇ ରହିଥିଲା। କାଳକ୍ରମେ ମାହାଙ୍ଗା ବ୍ଲକ ଅଞ୍ଚଳରେ ଏବେ ତହସିଲ, କୋର୍ଟ, ସବରେଜିଷ୍ଟାର, ସବଟ୍ରେଜରୀ କାର୍ଯ୍ୟାଳୟ ସ୍ଥାପନ ହୋଇସାରିଲାଣି। ହେଲେ ଅଦ୍ୟାବଧି ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ କେବଳ ତହସିଲ ଓ କୋର୍ଟ ଖୋଲିଥିଲା ବେଳେ ସବରେଜିଷ୍ଟାର ଓ ସବଟ୍ରେଜରୀ କାର୍ଯ୍ୟାଳୟ ଖୋଲାଯାଇନାହିଁ। ଫଳରେ ଲୋକମାନେ ପ୍ରତ୍ୟେକ ଦିନ ଏହି କାର୍ଯ୍ୟାଳୟରେ ଥିବା ବିଭିନ୍ନ କାର୍ଯ୍ୟ ପାଇଁ ସାଲେପୁର ଯାଉଥିବା ବେଳେ ବିଭିନ୍ନ ସମସ୍ୟାରେ ପଡୁଛନ୍ତି। ବ୍ଲକ କାର୍ଯ୍ୟାଳୟ ପରିସରରେ ଏହି ଦୁଇ କାର୍ଯ୍ୟାଳୟ ସ୍ଥାପନ କରାଗଲେ ଲୋକମାନେ ସହଜ ଓ ସୁବିଧାରେ ସମସ୍ତ କାର୍ଯ୍ୟ କରିପାରନ୍ତେ ବୋଲି ମତପ୍ରକାଶ ପାଇଛି। ସରକାର ଏଥିପ୍ରତି ଦୃଷ୍ଟିଦେବାକୁ ବ୍ଲକ ଅଞ୍ଚଳବାସିନ୍ଦା ଦାବି କରିଛନ୍ତି।

ସକାଳ THE SAKALA

# ବିଶ୍ୱ ବାଣିଜ୍ୟ

www.sakalaepaper.com

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୫
- ପାଉଣ୍ଡ ୧୧୯.୧୧
- ୟୁରୋ ୧୦୩.୬୮
- ୟେନ୍ ୦.୬୦

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୯,୮୫୦ (ନୂଆଦିଲ୍ଲୀ)
- ରୁପା : ୧,୩୧,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୮୦,୭୮୭.୦୦
- ନିଫ୍ଟି ୨୪,୭୭୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ୧୨ରେ ସେବି ପରିଷଦ ବୈଠକ

ନୂଆଦିଲ୍ଲୀ,୮।୯ (ଏଜେନ୍ସି): ମ୍ୟୁଚୁଆଲ୍ ଫଣ୍ଡ, ଆଇପିଓ, ଏଫ୍‌ପିଆଇ ଏବଂ ଏଆଇଏଫ୍‌ଏସ୍ ଆଦି କ୍ଷେତ୍ରରେ ପ୍ରମୁଖ ସଂସ୍କାର ପାଇଁ ଚାଲିଛି ପ୍ରସ୍ତୁତି। ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ସେପ୍ଟେମ୍ବର ୧୨ରେ ଏହାର ଆଗାମୀ ବୋର୍ଡ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ପଦକ୍ଷେପକୁ ଅନୁମୋଦନ କରିପାରେ। ସୂତ୍ର ଅନୁଯାୟୀ, ଏହି ପ୍ରସ୍ତାବଗୁଡ଼ିକରେ ମ୍ୟୁଚୁଆଲ୍ ଫଣ୍ଡଗୁଡ଼ିକୁ ଅଣ-ମୁଖ୍ୟ ବ୍ୟବସାୟରେ ନିବେଶ କରିବାକୁ ଅନୁମତି ଦେବା, ବଡ଼ ଆଇପିଓ ପାଇଁ ଡାଇଲ୍ୟୁସନ୍ ନିୟମକୁ ସହଜ କରିବା, ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ) ପାଇଁ ନିୟମକୁ ସରଳ କରିବା ଏବଂ ବଜାର ଭିତ୍ତିଭୂମି ପ୍ରତିଷ୍ଠାନ (ଏମ୍‌ଆଇଆଇ) ରେ ଶାସନକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ଅନ୍ତର୍ଭୁକ୍ତ। ଏହି ବୈଠକ ଚଳିତ ଆର୍ଥିକବର୍ଷର ଦ୍ୱିତୀୟ ବୈଠକ ହେବ। ମ୍ୟୁଚୁଆଲ୍ ଫଣ୍ଡଗୁଡିକ ସହିତ ଜଡିତ ଏହି ନିୟମରେ ପରିବର୍ତ୍ତନ ଆଶା କରାଯାଉଛି ମ୍ୟୁଚୁଆଲ୍ ଫଣ୍ଡ ପାଇଁ, ସେବି ନିୟମ ୨୪ବି ଅନୁଯାୟୀ ପ୍ରତିବନ୍ଧକକୁ କୋହଳ କରିବା ବିଷୟରେ ବିଚାର କରୁଛି। ବିଦେଶୀ ସଂସ୍ଥାଗୁଡ଼ିକ ଦ୍ୱାରା ବ୍ୟବହୃତ ନିବେଶ ପଥ ନିର୍ବିଶେଷରେ ସମ୍ପତ୍ତି ପରିଚାଳନା କମ୍ପାନୀ (ଏଏମ୍‌ସି) ଗୁଡିକ ପୁଲ୍ ହୋଇଥିବା ଅଣ-ପ୍ରଶସ୍ତ-ଆଧାରିତ ପାଣ୍ଠିକୁ ପରିଚାଳନା ଏବଂ ପରାମର୍ଶଦାତା ସେବା ପ୍ରଦାନ କରିବାକୁ ଅନୁମତି ଦିଆଯାଇପାରେ। ଏହି ପଦକ୍ଷେପ ପରିବାର କାର୍ଯ୍ୟାଳୟ ପାଣ୍ଠି ପରିଚାଳନା ଏବଂ ବିଶ୍ୱ ପାଣ୍ଠି ବଣ୍ଟନ ପାଇଁ ପଥ ଖୋଲିବାର ସମ୍ଭାବନା ରହିଛି। ଏହା ବ୍ୟତୀତ, ମ୍ୟୁଚୁଆଲ୍ ଫଣ୍ଡ ସ୍କିମ୍‌ର ବର୍ଗୀକରଣର ସମୀକ୍ଷା ମଧ୍ୟ ସମ୍ଭବ।

ଆଇପିଓ କ୍ଷେତ୍ରରେ, ବଜାର ନିୟାମକ ବଡ଼ ଇସ୍ୟୁ ପାଇଁ ଡାଇଲ୍ୟୁସନ୍ ସ୍ତର ହ୍ରାସ କରିବାକୁ ଏବଂ ୨୫% ସର୍ବନିମ୍ନ ପବ୍ଲିକ୍ ସେୟାରହୋଲ୍ଡିଂ ଆବଶ୍ୟକତା ପୂରଣ କରିବା ପାଇଁ ସମୟ ସୀମା ବୃଦ୍ଧି କରିବାକୁ ଅନୁମତି ଦେଇପାରନ୍ତି। ଏହି ରିହାତିଗୁଡ଼ିକ ବଡ଼ ଆଇପିଓ ଆଣୁଥିବା କମ୍ପାନୀଗୁଡ଼ିକ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇପାରେ। ଉଦାହରଣ ସ୍ୱରୂପ, ରିଲାଏନ୍ସ ଜିଓ ଇନଫୋକମ୍, ଯାହା ବର୍ତ୍ତମାନ ଆଇପିଓ ଉପରେ ଆଲୋଚନା ଆରମ୍ଭ କରିଛି। ଏହି ପ୍ରସ୍ତାବଗୁଡ଼ିକ ଅର୍ଥ ମନ୍ତ୍ରଣାଳୟକୁ ସେବିର ପୂର୍ବ ସୁପାରିଶ ପରେ ଆସିଛି, ଯେଉଁଥିରେ ସିକ୍ୟୁରିଟିଜ୍ କଣ୍ଟ୍ରାକ୍ଟସ୍ (ନିୟନ୍ତ୍ରଣ) ନିୟମ ସଂଶୋଧନ ପାଇଁ ସୁପାରିଶ ଅନ୍ତର୍ଭୁକ୍ତ ଥିଲା।

### ଆହୁରି କଠୋର ହେଲେ ଟ୍ରମ୍ପ୍

# ଭାରତ ଉପରେ ଅଧିକ ଟାରିଫ୍ ଲଗାଇବାକୁ ଧମକ

ୱାଶିଂଟନ୍, ୮।୯ (ଏଜେନ୍ସି)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିକଟରେ ପୂର୍ବ ତୁଳନାରେ ରୁଷ ଉପରେ ଅଧିକ ପ୍ରତିବନ୍ଧକ ଲଗାଇବାକୁ ଯାଉଥିବା ସୂଚନା ଦେଇଥିଲେ। ଟ୍ରମ୍ପଙ୍କ ଏହି ସୂଚନାର ଗୁରୁତ୍ୱ ଆହୁରି ବଢ଼ିଯାଇଛି, ଯେତେବେଳେ ଆମେରିକାର ଟ୍ରେଜେରୀ ସଚିବ ସ୍କଟ୍ ବେସାଣ୍ଟ ରୁଷରୁ ତେଲ କିଣୁଥିବା ଦେଶମାନଙ୍କ ଉପରେ ଅଧିକ ଶୁଳ୍କ ଲଗାଇବା ବିଷୟରେ କହିଥିଲେ। ବେସାଣ୍ଟ ଯୁକ୍ତି ଦର୍ଶାଇଛନ୍ତି ରୁଷକୁ ଆର୍ଥିକ ଭାବରେ ନଷ୍ଟ ନ କରି ପୁଟିନ୍‌ଙ୍କୁ ଆଲୋଚନା ଟେବୁଲକୁ ଆଣିବା ଅସମ୍ଭବ। ଠିକ୍ ଏହି ସମୟରେ ଭାରତ ବିରୋଧରେ ଆହୁରି କଠୋର ହେଉଛନ୍ତି ଟ୍ରମ୍ପ୍। ରୁଷ ସହ ଭାରତ ଉପରେ ଆହୁରି ଟାରିଫ୍ ଲଗାଇବାକୁ ଯୋଜନା କରୁଛି ଟ୍ରମ୍ପ୍ ପ୍ରଶାସନ। ଭାରତକୁ ବେସେଣ୍ଟଙ୍କ ଏହି ନୀତିର ସବୁଠାରୁ ବଡ଼ ଝଟ୍‌କା ଲାଗିପାରେ। କାରଣ ଭାରତ ରୁଷରୁ ବହୁ ପରିମାଣରେ ଅଶୋଧିତ ତେଲ ଆମଦାନୀ କରୁଛି। ଭାରତୀୟ ଶକ୍ତି ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଆମେରିକା ବିଶ୍ୱାସ କରେ ଯେ ରୁଷ ତେଲ କିଣିବା ଯୋଗୁଁ ଆର୍ଥିକ ଲାଭ ପାଉଛି, ଯାହାକୁ ସେ ୟୁକ୍ରେନ ବିରୁଦ୍ଧରେ ଯୁଦ୍ଧରେ ବ୍ୟବହାର କରୁଛି।




ଆମେରିକା ଟ୍ରେଜେରୀ ସଚିବ ସିଧାସଳଖ ଭାରତର ନାମ ନେଇ ନ ଥିଲେ, କିନ୍ତୁ ତାଙ୍କ ଦ୍ୱାରା ଦିଆଯାଇଥିବା ବିବୃତ୍ତିର ସଙ୍କେତ ସ୍ପଷ୍ଟ ଥିଲା। ସେ କହିଛନ୍ତି ଯେ ଯଦି ଆମେରିକା ଏବଂ ୟୁରୋପୀୟ ସଂଘ ମିଳିତ ଭାବରେ ରୁଷୀୟ ତୈଳ କିଣୁଥିବା ଦେଶଗୁଡ଼ିକ ଉପରେ ଅଧିକ ଶୁଳ୍କ (ଦ୍ୱିତୀୟ ପ୍ରତିବନ୍ଧକ) ଲଗାନ୍ତି, ତେବେ ରୁଷର ଅର୍ଥନୀତି ଭୁଶୁଡ଼ି ପଡ଼ିବ। ଭାରତ ପୂର୍ବରୁ ରୁଷରୁ ତେଲ କିଣିବା ପାଇଁ ଅତିରିକ୍ତ ୨୫% ଶୁଳ୍କର ସମ୍ମୁଖୀନ ହେଉଛି, ଯାହା ଯୋଗୁଁ ମୋଟ ଶୁଳ୍କ ୫୦% ପହଞ୍ଚିଛି। ୱାଶିଂଟନର ଶୀର୍ଷ ଅଧିକାରୀମାନେ ସୂଚିନା ଦେଇଛନ୍ତି ଯେ ଆଗାମୀ ଦିନରେ ଭାରତ ଉପରେ ଅଧିକ ଚାପ ପଡ଼ିପାରେ। ତଥାପି, ଏହି ମାମଲାରେ ଭାରତ କହିଛି ଯେ ଏହାର ତୈଳ ଆମଦାନୀ ସମ୍ପୂର୍ଣ୍ଣ ଭାବରେ ଜାତୀୟ ସ୍ୱାର୍ଥରେ ଏବଂ ଏହା କୌଣସି ତୃତୀୟ ଦେଶର ରାଜନୀତି ଦ୍ୱାରା ପ୍ରଭାବିତ ହୋଇ ଏହାର ନୀତି ପରିବର୍ତ୍ତନ କରିବନାହିଁ।

ଆଲାସ୍କାରେ ଟ୍ରମ୍ପ ଏବଂ ପୁଟିନଙ୍କ ମଧ୍ୟରେ ଶିଖର ବୈଠକରୁ ଆଶା କରାଯାଉଥିଲା ଯେ ଉତ୍ତେଜନା ହ୍ରାସ ପାଇବ, କିନ୍ତୁ ଫଳାଫଳ ବିପରୀତ ହୋଇଥିଲା। ଯୁଦ୍ଧ ଆହୁରି ବଢ଼ିଯାଇଛି। ରବିବାର, ରୁଷ କିଭ୍‌ର ସରକାରୀ କମ୍ପ୍ଲେକ୍ସ ଉପରେ ବୋମା ମାଡ଼ କରିଥିଲା, ଯାହା ପରିସ୍ଥିତିକୁ ଅଧିକ ଗମ୍ଭୀର କରିଦେଇଥିଲା। ଆମେରିକାର ଲକ୍ଷ୍ୟ ହେଉଛି ରୁଷର ରାଜସ୍ୱ ଉତ୍ସ ବନ୍ଦ କରିବା। ରୁଷ ୟୁରୋପ ଏବଂ ଆମେରିକାରୁ ବିଚ୍ଛିନ୍ନ ହୋଇଯାଇଛି, କିନ୍ତୁ ଭାରତ ଏବଂ ଚୀନ୍ ଭଳି ଦେଶ ଯୋଗୁଁ ଏହାକୁ ଏବେ ବି କ୍ରେତା ମିଳୁଛନ୍ତି। ଏହି କାରଣରୁ ଆମେରିକା ଭାରତକୁ ନିରନ୍ତର ଟାର୍ଗେଟ କରୁଛି।

### ମାନିଲେ ମୁଖ୍ୟ ଆର୍ଥିକ ପରାମର୍ଶଦାତା

# ୨୦୨୬ରେ ଟାରିଫ୍ ଜାରି ରହିଲେ ଅବସ୍ଥା ଅସମ୍ଭାଳ

ନୂଆଦିଲ୍ଲୀ,୮।୯ (ଏଜେନ୍ସି)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅଗଷ୍ଟ ୨୭ରୁ ଭାରତରୁ ଆମେରିକା ପଠାଯାଉଥିବା ସାମଗ୍ରୀ ଉପରେ ୫୦% ଟାରିଫ୍ ବା ବାଣିଜ୍ୟ ଶୁଳ୍କ ଲାଗୁ କରିବା ଏବେ ଦେଶର ଅର୍ଥନୀତି ପାଇଁ କାଳ ପାଲଟିଛି। ବାଣିଜ୍ୟ ଶୁଳ୍କର ପ୍ରଭାବ ମୋଟ ଘରୋଇ ଉତ୍ପାଦ (ଜିଡିପି) ଉପରେ ପଡିବ। ତେଣୁ ଏହି ଟାରିଫ୍ ମାଡ଼ର ପ୍ରଭାବ ଭାରତ ଉପରେ ଜୋରଦାର ଅନୁଭୂତ ହେବ ବୋଲି ଏବେ ସରକାର ମାନିଲେଣି। ଦେଶର ମୁଖ୍ୟ ଆର୍ଥିକ ପରାମର୍ଶଦାତା (ସିଇଓ) ଭି. ଅନନ୍ତ ନାଗେଶ୍ୱରନ୍ ଏହି କଥାକୁ ସ୍ୱୀକାର କରିଛନ୍ତି। ମୁଖ୍ୟ ଆର୍ଥିକ ପରାମର୍ଶଦାତାଙ୍କ କହିବାନୁଯାୟୀ, ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ୫୦% ବାଣିଜ୍ୟ ଶୁଳ୍କ ଚଳିତ ଆର୍ଥିକ ବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧିରେ ୦.୫୦% ହ୍ରାସ ଘଟାଇବ। ତେବେ ଯଦି ଏହି ଟାରିଫ୍ ଦୀର୍ଘ ଦିନ ପର୍ଯ୍ୟନ୍ତ ଭାରତ ଉପରେ ଜାରି ରୁହେ, ତେବେ ଏହାର ପ୍ରଭାବ ଦେଶର ଅର୍ଥନୀତି ଉପରେ ଆହୁରି ଗମ୍ଭୀର ଭାବେ ଅନୁଭୂତ ହେବ। ଯାହାଫଳରେ ଏହା ଭାରତର ଅର୍ଥନୀତି ପାଇଁ ଏକ ବଡ଼ ବିପଦ




ଜିଡିପି ଅଭିବୃଦ୍ଧି ୦.୫୦% ଖସିଯିବ

ପାଲଟିପାରେ। ଶ୍ରୀ ନାଗେଶ୍ୱରନ୍‌ଙ୍କ ଅନୁମାନ ଅନୁଯାୟୀ, ଭାରତ ଉପରେ ଟ୍ରମ୍ପ୍ ପ୍ରଶାସନର ଏହି ବାଣିଜ୍ୟ ଶୁଳ୍କ ଅଧିକ ଦିନ ପର୍ଯ୍ୟନ୍ତ ରହିବ ନାହିଁ, ନଚେତ୍ ଏହାର ନକାରାତ୍ମକ ପ୍ରଭାବକୁ ଏଡାଇବା ବହୁତ କଷ୍ଟକର ହେବ।

ବ୍ଲୁମବର୍ଗ ଟିଭିକୁ ଏକ ସାକ୍ଷାତକାର ଦେଇ ଶ୍ରୀ ନାଗେଶ୍ୱରନ୍ କହିଛନ୍ତି, ଟ୍ରମ୍ପ୍ ପ୍ରଶାସନର ଏହି ୫୦% ଟାରିଫ୍ ଦେଶର ବୟନ ଏବଂ ଅଳଙ୍କାର କ୍ଷେତ୍ର ଉପରେ ସବୁଠାରୁ ଅଧିକ ପ୍ରଭାବ ପକାଇବ। ୱାର୍ଲ୍ଡ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ (ଜିଟିଆର୍‌ଆଇ)ର ରିପୋର୍ଟ ଅନୁଯାୟୀ, ଏହି ନୂତନ ଟାରିଫ୍ ଭାରତର ପ୍ରାୟ ୫.୪ ଲକ୍ଷ କୋଟି ଟଙ୍କାର ରପ୍ତାନିକୁ ପ୍ରଭାବିତ କରିପାରେ। ୫୦% ଟାରିଫ୍ ଆମେରିକାରେ ବିକ୍ରି ହେଉଥିବା ପୋଷାକ, ମଣି-ଅଳଙ୍କାର, ଫର୍ଣ୍ଣିଚର, ସାମୁଦ୍ରିକ ଖାଦ୍ୟ ଭଳି ଭାରତୀୟ ଉତ୍ପାଦକୁ ମହଙ୍ଗା କରିବ। ଯାହା ଫଳରେ ଆମେରିକାରେ ଭାରତୀୟ ଉତ୍ପାଦର ଚାହିଦା ପ୍ରାୟ ୭୦% ହ୍ରାସ ପାଇପାରେ। ଏହା ବ୍ୟତୀତ, ଚୀନ୍, ଭିଏତନାମ ଏବଂ ମେକ୍ସିକୋ ଭଳି କମ୍ ଟାରିଫ୍ ଲାଗୁ ହୋଇଥିବା ଦେଶଗୁଡ଼ିକ ଆମେରିକାରେ ଏହି ସାମଗ୍ରୀଗୁଡ଼ିକୁ ଶସ୍ତା ମୂଲ୍ୟରେ ବିକ୍ରି କରିବେ। ଏହା ଆମେରିକାର ବଜାରରେ ଭାରତୀୟ କମ୍ପାନୀଗୁଡ଼ିକର ଅଂଶ ହ୍ରାସ କରିବ। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଭାରତର ଜିଡିପି ଅଭିବୃଦ୍ଧି ୭.୮% ଥିଲା। ଏହା ଗତ ୫ ତ୍ରୈମାସିକ ମଧ୍ୟରେ ସର୍ବାଧିକ। ଉତ୍ପାଦନ, ସେବା ଏବଂ କୃଷି କ୍ଷେତ୍ରର ଉନ୍ନତ ପ୍ରଦର୍ଶନ ଯୋଗୁଁ ଜିଡିପିରେ ଏହି ବୃଦ୍ଧି ଘଟିଛି। ସେହି ସମୟରେ, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏହାର ସାମ୍ପ୍ରତିକ ମୁଦ୍ରା ନୀତି ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଅର୍ଥନୀତିର ଅଭିବୃଦ୍ଧିକୁ ଆନୁମାନିକ ୬.୫% ରେ ବଜାୟ ରଖିଛି। ଆର୍‌ବିଆଇ ଗଭର୍ଣ୍ଣର ଏହା ମଧ୍ୟ କହିଛନ୍ତି ଯେ ଭଲ ମୌସୁମୀ ଏବଂ ଆଗାମୀ ପାର୍ବଣ ଋତୁ ଆର୍ଥିକ କାର୍ଯ୍ୟକଳାପକୁ ସମର୍ଥନ କରିବ। ଏଭଳି ସମୟରେ ଆମେରିକାର ୫୦% ଟାରିଫ୍ ଭାରତର ଆର୍ଥିକ ପ୍ରଗତିରେ ସତର୍କ ଘଣ୍ଟି ବଜାଇଛି। ଯଦି ଏହି ଶୁଳ୍କ ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରୁହେ, ତେବେ କେବଳ ବୟନଶିଳ୍ପ, ଅଳଙ୍କାର, ଫର୍ଣ୍ଣିଚର ଏବଂ ସାମୁଦ୍ରିକ ଖାଦ୍ୟ କ୍ଷେତ୍ର ପ୍ରଭାବିତ ହେବ ନାହିଁ, ବରଂ ଏହା ଦେଶର ସମଗ୍ର ଆର୍ଥିକ ବିକାଶ ଉପରେ ପ୍ରଭାବ ପକାଇବ।

# ଏଆଇର ପରବର୍ତ୍ତୀ ପିଢ଼ି ଏସ୍‌ଆଇ

ନୂଆଦିଲ୍ଲୀ,୮।୯ (ଏଜେନ୍ସି)

କୃତ୍ରିମ ବୁଦ୍ଧିମତ୍ତା ବା ଆଇର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)କୁ ଏ ପର୍ଯ୍ୟନ୍ତ ପ୍ରଯୁକ୍ତିବିଦ୍ୟା ଜଗତର ସବୁଠାରୁ ବଡ଼ ବିପ୍ଳବ ବୋଲି ବିବେଚନା କରାଯାଉଥିଲା। କମ୍ପାନୀଗୁଡ଼ିକ ଏଆଇରେ ପ୍ରଚୁର ପରିମାଣରେ ଅର୍ଥ ନିବେଶ କରୁଛନ୍ତି। ଜନସ୍ୱାସ୍ଥ୍ୟ, ପରିବହନ, କଣ୍ଟେଣ୍ଟ ଲେଖା ସମେତ ଅନେକ କ୍ଷେତ୍ରରେ ଏଆଇକୁ ବ୍ୟାପକ ଭାବରେ ବ୍ୟବହାର କରାଯାଉଛି। ଶିଳ୍ପ ବିଶେଷଜ୍ଞମାନେ ଏପରିକି କୁହନ୍ତି ଯେ କିଛି କ୍ଷେତ୍ରରେ ଏଆଇ ଯୋଗୁଁ ଲୋକେ ଚାକିରି ହରାଇବେ। ବର୍ତ୍ତମାନ ଯେତେବେଳେ ବିଶ୍ୱ ଏଆଇ ସହିତ ବଞ୍ଚିବା ପାଇଁ ଅଭ୍ୟାସ କରୁଛି, ପରବର୍ତ୍ତୀ ପିଢ଼ିର ପ୍ରଯୁକ୍ତିବିଦ୍ୟା ମଧ୍ୟ ଆସିବାକୁ ପ୍ରସ୍ତୁତ। ତାହା ହେଉଛି ସିନ୍ଥେଟିକ୍ ଇଣ୍ଟେଲିଜେନ୍ସ (ଏସ୍‌ଆଇ)। ଏସ୍‌ଆଇକୁ ଏବେ ଏଆଇର ପରବର୍ତ୍ତୀ ପିଢ଼ି କୁହାଯାଉଛି। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଆଗାମୀ ସମୟରେ ଏସ୍‌ଆଇ ପ୍ରଯୁକ୍ତିବିଦ୍ୟା ଏଆଇଠାରୁ ଆଗକୁ ଯାଇପାରିବ। ଏହା ମାନବ ଜୀବନ ଉପରେ ଗଭୀର ପ୍ରଭାବ ପକାଇବ। ସିନ୍ଥେଟିକ୍ ଇଣ୍ଟେଲିଜେନ୍ସକୁ ଏଆଇର ଏକ ଉନ୍ନତ ସଂସ୍କରଣ ବୋଲି ବିବେଚନା କରାଯାଉଛି।

### ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଅପେକ୍ଷା ଶକ୍ତିଶାଳୀ




**■ ଏସ୍‌ଆଇ ପ୍ରଯୁକ୍ତିର ବିଶେଷତ୍ୱ**

ଯେତେବେଳେ ଏଆଇ ଡାଟା ଏବଂ ମେସିନ୍ ଲର୍ଣ୍ଣିଂ ଉପରେ ଆଧାରିତ ନିଷ୍ପତ୍ତି ନେଇଥାଏ, ଏସ୍‌ଆଇରେ କେବଳ କମ୍ପ୍ୟୁଟେସନାଲ୍ ଶକ୍ତି ନୁହେଁ, ବରଂ ମାନବ ସମ୍ବେଦନଶୀଳତା ଏବଂ ଚେତନା ଭଳି କ୍ଷମତା ମଧ୍ୟ ରହିବ। ଅର୍ଥାତ୍, ଏହା କେବଳ ଶୀଘ୍ର ନିଷ୍ପତ୍ତି ନେଇପାରିବନାହିଁ, ବରଂ ମାନବ ଭାବନାକୁ ମଧ୍ୟ ବୁଝିପାରିବ। ବିଶେଷଜ୍ଞମାନେ କୁହନ୍ତି ଯେ ଏସ୍‌ଆଇକୁ ଏପରି ଭାବରେ ଡିଜାଇନ୍ କରାଯାଇପାରିବ ଯେ ଏହା ନୈତିକ ମୂଲ୍ୟବୋଧ ଏବଂ ସମ୍ବେଦନଶୀଳତାକୁ ଧ୍ୟାନରେ ରଖି କାମ କରିବ। ଉଦାହରଣ ସ୍ୱରୂପ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏସ୍‌ଆଇ କେବଳ ଡାକ୍ତରମାନଙ୍କୁ ରୋଗୀଙ୍କ ରୋଗର ସଠିକ୍ ଚିକିତ୍ସା ପରାମର୍ଶ ଦେବ ନାହିଁ ବରଂ ସେମାନଙ୍କର ମାନସିକ ଏବଂ ଭାବପ୍ରବଣ ଦିଗଗୁଡ଼ିକୁ ମଧ୍ୟ ବୁଝିବ।

**■ ଏଆଇ ଅପେକ୍ଷା ଏସ୍‌ଆଇ କିପରି ଆଗରେ**

ଶିକ୍ଷା, ଗବେଷଣା, ମହାକାଶ ବିଜ୍ଞାନ ଏବଂ ଜଳବାୟୁ ପରିବର୍ତ୍ତନ ଭଳି କ୍ଷେତ୍ରରେ ମଧ୍ୟ ସିନ୍ଥେଟିକ୍ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇପାରିବ। ଏହା ବିଶ୍ୱାସ କରାଯାଏ ଯେ ଏସ୍‌ଆଇ ସାହାଯ୍ୟରେ କେବଳ କଷ୍ଟକର ସମସ୍ୟାର ସମାଧାନ ହୋଇପାରିବନାହିଁ, ବରଂ ମେସିନଗୁଡ଼ିକରେ ମଣିଷ ପରି ଚିନ୍ତାଧାରା ଏବଂ ନିଷ୍ପତ୍ତି ନେବାର କ୍ଷମତା ବିକଶିତ ହେବ। ତଥାପି, ବିଶେଷଜ୍ଞମାନେ ମଧ୍ୟ ବିଶ୍ୱାସ କରନ୍ତି ଯେ ଏପରି ଏକ ଶକ୍ତିଶାଳୀ ପ୍ରଯୁକ୍ତିବିଦ୍ୟା ସହିତ, ନୈତିକ ଏବଂ ସୁରକ୍ଷା ଚ୍ୟାଲେଞ୍ଜ ମଧ୍ୟ ସୃଷ୍ଟି ହେବ। ଯଦି ଏସ୍‌ଆଇର ଅପବ୍ୟବହାର କରାଯାଏ, ତେବେ ଏହା ଏକ ଗମ୍ଭୀର ବିପଦ ମଧ୍ୟ ପ୍ରମାଣିତ ହୋଇପାରେ। ସିନ୍ଥେଟିକ୍ ଇଣ୍ଟେଲିଜେନ୍ସକୁ ଭବିଷ୍ୟତର ଏକ ପ୍ରଯୁକ୍ତିବିଦ୍ୟା ଭାବରେ ବିବେଚନା କରାଯାଏ ଯାହା ମଣିଷ ଏବଂ ମେସିନ ମଧ୍ୟରେ ଥିବା ପାର୍ଥକ୍ୟକୁ ପ୍ରାୟତଃ ଦୂର କରିବ।

## ବେଦାନ୍ତ ଆଲୁମିନିୟମ୍‌ର ଶିକ୍ଷକ ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୮।୯ (ସମିସ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ, ବିଜାପାଲିର ମହିମା ଡିଗ୍ରୀ କଲେଜରେ ବ୍ଲକ ଶିକ୍ଷା କର୍ତ୍ତୃପକ୍ଷଙ୍କ ସହଯୋଗରେ ଏକ ବ୍ଲକ ସ୍ତରୀୟ ଦିନିକିଆ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରି ତୃଣମୂଳ ଶିକ୍ଷା ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଶିକ୍ଷାଦାନର ଦକ୍ଷତା ବୃଦ୍ଧି ଏବଂ ମୌଳିକ ସ୍ତରରେ ଶିକ୍ଷାଗତ ଉତ୍କର୍ଷତା ବୃଦ୍ଧି କରିବା, ଯାହା ଲଖନପୁର ବ୍ଲକର ୬୫୦ ରୁ ଅଧିକ ପ୍ରାଥମିକ ଶିକ୍ଷକଙ୍କୁ ଏକାଠି କରିଥିଲା। ଏହି କାର୍ଯ୍ୟକ୍ରମରେ ପାଠ୍ୟ ଖସଡା, ଶ୍ରେଣୀଗୃହ



ପରିଚାଳନା, ଶିକ୍ଷାଦାନ-ତାଲିମ ସାମଗ୍ରୀ ପ୍ରସ୍ତୁତ, ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି, ପ୍ରାଥମିକ ଚିକିତ୍ସା ଏବଂ ଶ୍ରେଣୀଗୃହରେ ଟେକ୍ନୋଲୋଜିର ପ୍ରଭାବଶାଳୀ ବ୍ୟବହାର ଉପରେ ବିଶେଷଜ୍ଞଙ୍କ ନେତୃତ୍ୱାଧୀନ ଅଧିବେଶନ ଅନ୍ତର୍ଭୁକ୍ତ ଥିଲା। ଶିକ୍ଷକମାନେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ, ଆଲୋଚନାରେ ଅଂଶଗ୍ରହଣ କରିଥିଲେ ଏବଂ ତାଲିମ ପରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓସେପାର ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ସାହୁ, ଡିଏଚ୍‌ଏସ୍‌ଇ ସମ୍ବଲପୁରର ଆଞ୍ଚଳିକ ନିର୍ଦ୍ଦେଶକ ଅମୂଲ୍ୟ କୁମାର ପଧାନଙ୍କ ସମେତ ଶିକ୍ଷା ବିଭାଗର ଅନ୍ୟ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇଥିବା ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି।

## ଓଡ଼ିଶା ଡିସ୍‌କମଗୁଡ଼ିକ ପକ୍ଷରୁ ବିଦ୍ୟୁତ୍ ବିତରଣ ନେଟ୍‌ୱର୍କର ସୁଦୃଢ଼ୀକରଣ




ଭୁବନେଶ୍ୱର,୮।୯ (ସମିସ): ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍‌କମ୍‌ଗୁଡ଼ିକ ଅଟୋମେସନ୍, ସ୍ମାର୍ଟ ଡିଭାଇସ୍ ଓ ଡିଜିଟାଲ୍ ଟୁଲ୍‌କୁ ସମନ୍ୱିତ କରି ବିଦ୍ୟୁତ ବିତରଣରେ ପ୍ରଯୁକ୍ତି ଆଧାରିତ ନବସୃଜନକୁ ଆଗକୁ ବଢ଼ାଉଛି। ଏହି ପଦକ୍ଷେପଗୁଡ଼ିକ ଦ୍ୱାରା ଦ୍ରୁତ ତ୍ରୁଟି ଚିହ୍ନଟ, ପ୍ରତିଷେଧମୂଳକ ରକ୍ଷଣାବେକ୍ଷଣ ଓ ସାରା ରାଜ୍ୟରେ ପ୍ରାୟ ୧୦ ନିୟୁତ ଗ୍ରାହକମାନଙ୍କ ପାଇଁ ଅଧିକ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣକୁ ସୁନିଶ୍ଚିତ କରିଛି। ସବ୍‌ଷ୍ଟେସନ୍ ଓ ରିଙ୍ଗ ମେନ୍ ୟୁନିଟ୍ (ଆର୍‌ଏମ୍‌ୟୁ)ର ଅଟୋମେସନ୍ ଉପରେ ମୁଖ୍ୟତଃ ଧ୍ୟାନ ଦିଆଯାଇଛି ଯାହା ରିମୋଟ୍ ତ୍ରୁଟି ଚିହ୍ନଟ, ଆଇସୋଲେସନ୍ (ପୃଥକୀକରଣ), ବିଦ୍ୟୁତ୍ ଯୋଗାଣକୁ ଶୀଘ୍ର ସ୍ୱାଭାବିକ କରିବାକୁ ସକ୍ଷମ କରିଛି। ସହରାଂଚଳରେ ବିଦ୍ୟୁତ୍ ସରବରାହରେ ବିଭ୍ରାଟ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି।ଫଲ୍ଟ ପାସେଜ୍ ଇଣ୍ଡିକେଟର, ଅଟୋ ରିକ୍ଲୋଜର୍ ଭଳି ଡିଭାଇସ୍ ରିକ୍ଲୋଜିଂ ଚକ୍ରକୁ ଶୀଘ୍ର ଓ ବିଳମ୍ବ ଜରିଆରେ ସାମୟିକ ତ୍ରୁଟିକୁ ସୁଧାରିବା ପାଇଁ ସ୍ୱୟଂକ୍ରିୟ ଭାବେ ସର୍କିଟ୍‌କୁ ଟ୍ରିପ୍ ଓ ରିକ୍ଲୋଜ୍ (ପୁନଃ ବନ୍ଦ କରିଥାଏ) କରୁଛି ଏବଂ ରିମୋଟ କଂଟ୍ରୋଲ୍ ବ୍ରେକର୍ ବିଭ୍ରାଟ ସମୟରେ ସେବାକୁ ଶୀଘ୍ର ସ୍ୱାଭାବିକ କରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛି। ଡିସ୍‌କମ୍‌ଗୁଡ଼ିକ ଅତ୍ୟାଧୁନିକ ନିରୀକ୍ଷଣ ଟୁଲ୍ ମଧ୍ୟ ମୂତୟନ କରୁଛନ୍ତି।

### ବେଲ୍‌ଜିୟମ୍‌କୁ ଭାରତ ସରକାର ଦେଲେ ୧୪ ସୁବିଧା ଥିବା ଚିଠା

# ଜେଲ୍‌ରେ ଚୋକ୍‌ସି କାଟିବେ ବିଳାସ ଜୀବନ

ନୂଆଦିଲ୍ଲୀ,୮।୯ (ଏଜେନ୍ସି)

ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନ୍‌ବି) ରେ ସଂଘଟିତ ୧୩,୮୫୦ କୋଟି ଟଙ୍କା ଠକେଇ ଘଟଣାର ଅନ୍ୟତମ ଅଭିଯୁକ୍ତ ପଳାତକ ମେହୁଲ ଚୋକ୍‌ସିଙ୍କୁ ବେଲଜିୟମରୁ ଭାରତ ଆଣିବା ପାଇଁ ପ୍ରୟାସ ଜାରି ରହିଛି। ଭାରତ ସରକାର ବେଲଜିୟମ ସରକାରଙ୍କୁ ଚୋକ୍‌ସିଙ୍କୁ ଜେଲ୍‌ରେ ଯୋଗାଇ ଦିଆଯିବାକୁ ଥିବା ସୁବିଧା ସମ୍ପର୍କିତ ଏକ ଚିଠା ପଠାଇଛନ୍ତି। ଏଥିରେ ଚୋକ୍‌ସିଙ୍କୁ ମୁମ୍ବାଇର ଆର୍ଥର ରୋଡ୍ ଜେଲ୍‌ର ବାରାକ୍ ନମ୍ବର-୧୨ରେ ରଖାଯିବ। ଗୋଟିଏ ସେଲ୍‌ରେ ୬ ଜଣ ରହିପାରିବା ଭଳି କ୍ଷମତା ଅଛି। ଚିଠିରେ କୁହାଯାଇଛି ଯେ ଯଦି ଚୋକ୍‌ସିଙ୍କୁ ବେଲଜିୟମରୁ ଭାରତ ଅଣାଯାଏ, ତେବେ ତାଙ୍କ ସହିତ ମାନବିକ ବ୍ୟବହାର କରାଯିବ। ତାଙ୍କୁ ୧୪ ରୁ ଅଧିକ ସୁବିଧା ଯୋଗାଇ ଦିଆଯିବାର ପ୍ରତିଶ୍ରୁତି ଦିଆଯାଇଛି। ଚିଠିରେ ଏହା ମଧ୍ୟ ଲେଖାଯାଇଛି ଯେ, ମୁମ୍ବାଇରେ କମ୍ ଗରମ ଥିବାରୁ ଜେଲରେ ଏସି ବ୍ୟବସ୍ଥା ନାହିଁ।



୧୩ ହଜାର କୋଟି ପିଏନ୍‌ବି ଠକେଇ ମାମଲା

ତଥାପି, ଚୋକସିଙ୍କ ପ୍ରତ୍ୟର୍ପଣ ପାଇଁ କେନ୍ଦ୍ର କେବେ ଏହି ଚିଠି ଲେଖିଥିଲା ସେ ବିଷୟରେ ସୂଚନା ପ୍ରକାଶ କରାଯାଇ ନାହିଁ। ଭାରତୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକର ପ୍ରତ୍ୟର୍ପଣ ଆବେଦନ ଉପରେ ଚୋକ୍‌ସିଙ୍କୁ ଏପ୍ରିଲ ୧୨ରେ ବେଲଜିୟମରେ ଗିରଫ କରାଯାଇଥିଲା। ସେ ଏବଂ ତାଙ୍କ ଭଣଜା ନୀରବ ମୋଦି ପିଏନ୍‌ବି ଠକେଇ ମାମଲାର ମୁଖ୍ୟ ଅଭିଯୁକ୍ତ। ପଳାତକ ନୀରବ ଲଣ୍ଡନରେ ଅଛନ୍ତି। ତାଙ୍କ ପ୍ରତ୍ୟର୍ପଣ ପାଇଁ ମଧ୍ୟ ପ୍ରୟାସ ଜାରି ରହିଛି। ୨୦୧୮ରେ ଉଭୟ ଭାରତ ଛାଡି ପଳାଇଥିଲେ। ଗୃହ ମନ୍ତ୍ରଣାଳୟ କହିଛି ଯେ ଚିଠି ପଠାଯିବା ପର୍ଯ୍ୟନ୍ତ, ଆର୍ଥର ଜେଲର ବାରାକ ନମ୍ବର-୧୨ର ୨ଟି କୋଠରୀ ଖାଲି ଥିଲା। କୋଠରୀଗୁଡ଼ିକରେ ଗ୍ରୀଲ୍ ଝରକା, ଭେଣ୍ଟିଲେଟର ଏବଂ ସିଲିଂ ଫ୍ୟାନ୍ ଅଛି। ମୁମ୍ବାଇର ପାଗ ସାଧାରଣତଃ ସାରା ବର୍ଷ ସୁଖଦ ରହିଥାଏ ଏବଂ ସେଠାରେ ବହୁତ ଗରମ ହୁଏ ନାହିଁ। ତେଣୁ, କୋଠରୀଗୁଡ଼ିକରେ କୌଣସି ଏସି ସୁବିଧା ନାହିଁ। ସାଧାରଣତଃ ଏହାର ଆବଶ୍ୟକତା ମଧ୍ୟ ପଡ଼େ ନାହିଁ।

'ମୁମ୍ବାଇ ଜେଲର କୋଠରୀଗୁଡ଼ିକୁ ପ୍ରତିଦିନ ସଫା ଏବଂ ମପା କରାଯାଏ ଏବଂ ସଫାସୁତୁରା କରାଯାଏ। ନିୟମିତ ସଫାସୁତୁରା, କୀଟନାଶକ ନିୟନ୍ତ୍ରଣ ଏବଂ ପାଣି ଯୋଗାଣ ପୌରପାଳିକା ଦ୍ୱାରା କରାଯାଏ। ବାସସ୍ଥାନଠାରୁ ଦୂରରେ ଏକ ସଂଲଗ୍ନ ଶୌଚାଳୟ ଏବଂ ବାଥରୁମ୍ ଅଛି। ଏହା ସହିତ, କୋଠରୀ ଭିତରେ ଗାଧୋଇବା ସୁବିଧା ମଧ୍ୟ ଅଛି। ଡାକ୍ତରଙ୍କ ପରାମର୍ଶରେ ବିଶେଷ ଖାଦ୍ୟ ଆବଶ୍ୟକତା ପାଇଁ ମଧ୍ୟ ବ୍ୟବସ୍ଥା କରାଯିବ। ଜେଲ କ୍ୟାଣ୍ଟିନ୍, ଫଳ ଏବଂ ମୌଳିକ ଖାଦ୍ୟ ଭଳି ସୁବିଧା ମଧ୍ୟ ଅଛି। ଜେଲ୍ ପରିସରରେ ବ୍ୟାୟାମ ଅନୁମତି ଅଛି ଏବଂ ଘର ଭିତର ମନୋରଞ୍ଜନରେ ବୋର୍ଡ ଖେଳ ଏବଂ ବ୍ୟାଡମିଣ୍ଟନ ଅନ୍ତର୍ଭୁକ୍ତ। ଜେଲରେ ଯୋଗ, ଧ୍ୟାନ ଏବଂ ଏକ ପାଠାଗାର ମଧ୍ୟ ରହିଛି। ୨୪ ଘଣ୍ଟିଆ ଚିକିତ୍ସା ସୁବିଧା, ଯେଉଁଥିରେ ୬ ଜଣ ଡାକ୍ତରୀ କର୍ମଚାରୀ ଅଛନ୍ତି। ଏଠାରେ ଆଇସିୟୁ ସହିତ ୨୦ଶଯ୍ୟା ବିଶିଷ୍ଟ ଜେଲ ହସ୍ପିଟାଲ ଅଛି ଏବଂ ଜରୁରୀକାଳୀନ ପରିସ୍ଥିତିରେ ପ୍ରାୟ ୩ କିଲୋମିଟର ଦୂରରେ ଥିବା ସାର୍ ଜେ.ଜେ. ଗ୍ରୁପ୍ ଅଫ୍ ହସ୍ପିଟାଲକୁ ରେଫରାଲ୍ କରାଯାଇପାରିବ। କଏଦୀମାନେ ନିଜ ଖର୍ଚ୍ଚରେ ଘରୋଇ ଚିକିତ୍ସା ସୁବିଧା ମଧ୍ୟ ପାଇପାରିବେ। ଏମିତିକି କୋର୍ଟଙ୍କ ଅନୁମତି ମିଳିଲେ ଚୋକ୍‌ସି ଘର ଖାଦ୍ୟ ମଧ୍ୟ ଖାଇପାରିବେ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

## ଆଜିର ରାଶିଫଳ

**ମେଷ:** ଆଶା ପୂରଣ ହେବ। ନୂତନ ବ୍ୟବସାୟ ପାଇଁ ଭଲ ସମୟ। ଧାର କରଜରୁ ଦୂରେଇ ରହିବେ। ବ୍ୟବସାୟରେ କ୍ଷତି ହୋଇପାରେ। ପ୍ରିୟବନ୍ଧୁଙ୍କୁ ନିଜ ମନକଥା କହିବେ। ଆର୍ଥିକ ସ୍ଥିତି ମଜଭୁତ୍ ହେବ।

**ବୃଷ:** ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ କରିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ।

**ମିଥୁନ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଦୂର ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟୀ ନୂଆ ବ୍ୟବସାୟର ଯୋଜନା କରିବେ। ଅଫିସ୍ ସହକର୍ମୀଙ୍କ ସହଯୋଗରେ ଆଗକୁ ବଢ଼ିବେ।

**କର୍କଟ:** ଲୋକ ସମ୍ପର୍କ ବୃଦ୍ଧି ପାଇବ। ରାଜନେତାଙ୍କ ପାଇଁ ଦିନଟି ଭଲ। ଜମି କାରବାରରେ ସଫଳ ହେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେଇପାରେ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ଯେକୌଣସି ପରିସ୍ଥିତିକୁ ମୁକାବିଲା କରିବା ଶିଖନ୍ତୁ। ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ। ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ଅଫିସ୍‌ରେ ଅସୁବିଧାର ସମ୍ମୁଖୀନ ହେବେ। ଚାକିରିରେ ବଦଳି ସମ୍ଭାବନା ଅଛି।

**ତୁଳା:** ମନ ଖୁସି ରହିବ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍‌ବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ମାନ ସମ୍ମାନ ବୃଦ୍ଧି ପାଇବ।

**ବିଛା:** ରାଜନୀତିରେ ସକ୍ରିୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଅତିଥି ସତ୍କାର କରିବେ। ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇବେ। କୌଣସି କଥାକୁ ନେଇ ମନ ଊଣା କରିପାରନ୍ତି।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ। ଆୟ ଓ ବ୍ୟୟ ସମାନ ରହିବ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଠକାମିର ଶିକାର ହୋଇପାରନ୍ତି। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**କୁମ୍ଭ:** ସନ୍ତାନଙ୍କ କ୍ୟାରିୟର୍‌କୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ। ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ମନୋନିବେଶ କରିପାରନ୍ତି।

**ମୀନ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ନୂଆ ନିଯୁକ୍ତି ଅବସର ମିଳିବ। ନିଜ ପାଇଁ ସମୟ ବାହାର କରିବେ। ବୈବାହିକ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୫୦- କାଲିଫର୍ଣ୍ଣିଆ ଆମେରିକାର ୩୧ତମ ରାଜ୍ୟ ହେଲା।
- ୧୯୪୯- ଭାରତୀୟ ସମ୍ବିଧାନ ସଭା ହିନ୍ଦୀକୁ ରାଷ୍ଟ୍ରଭାଷା ଭାବେ ସ୍ୱୀକାର କଲା।
- ୧୯୬୨- ଉଗାଣ୍ଡା ବ୍ରିଟେନଠାରୁ ସ୍ୱାଧୀନ ହେଲା।
- ୧୯୯୧- ତାଜିକିସ୍ତାନ ସୋଭିଏତ ସଂଘରୁ ସ୍ୱାଧୀନ ହେଲା।
- ୨୦୧୨- ଇରାକରେ ହୋଇଥିବା ବୋମା ବିସ୍ଫୋରଣ ଯୋଗୁଁ ଶହେରୁ ଅଧିକ ଲୋକ ମୃତ, ୩୫୦ରୁ ଅଧିକ ଆହତ।



## ଝିଅ ପାଇଁ କମେଡି ଫିଲ୍ମ କରିବାକୁ ଚାହୁଁଛନ୍ତି ଆଲିଆ

ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ମା' ହେବା ପରେ ତାଙ୍କ ଜୀବନ ପୂରାପୂରି ବଦଳି ଯାଇଛି। ଏହି କାରଣରୁ ସେ ଏବେ ବାଛି ବାଛି ଫିଲ୍ମ ସାଇନ୍ କରୁଛନ୍ତି। ନିକଟରେ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ଆଲିଆ କମେଡି ଫିଲ୍ମରେ କାମ କରିବାକୁ ଇଚ୍ଛା ପ୍ରକାଶ କରୁଥିବା କହିଛନ୍ତି। ତେବେ ସେ ତାଙ୍କ ଝିଅ ରାହା ପାଇଁ ଏପରି ନିଷ୍ପତ୍ତି ନେଇଥିବା କହିଛନ୍ତି। ଆଲିଆ କହିଥିଲେ ଯେ, 'ମୁଁ ଏପରି ଫିଲ୍ମ କରିବାକୁ ଚାହୁଁଛି ଯାହାକୁ ମୋ ଝିଅ ଦେଖିପାରିବ। ମୁଁ କମେଡି ଫିଲ୍ମ ଆଦୌ କରି ନ ଥିବାରୁ ଏବେ ଏଭଳି ଫିଲ୍ମ କରିବାକୁ ଚାହୁଁଛି। ଇତିମଧ୍ୟରେ ଏଭଳି କିଛି ପ୍ରୋଜେକ୍ଟ ମୋ' ହାତକୁ ଆସିଛି। ଏବେ କିନ୍ତୁ ମୁଁ ସେବିଷୟରେ କିଛି କହିବାକୁ ଚାହୁଁନାହିଁ। ମୁଁ ସଠିକ ଦିଗରେ ଆଗକୁ ବଢ଼ିବାକୁ ଚାହୁଁଛି।' ଆଲିଆଙ୍କ କାମ କଥା କହିବାକୁ ଗଲେ ସେ ଖୁବ୍‌ଶୀଘ୍ର 'ଆଲ୍‌ଫା' ଫିଲ୍ମରେ ନଜର ଆସିବେ। ଏହା ଏକ ଆକ୍ସନ୍ ଡ୍ରାମା ହେବ। ଏଥିରେ ଆଲିଆଙ୍କ ସହ ଶର୍ବରୀ ୱାଗ୍ ମଧ୍ୟ ନଜର ଆସିବେ।

## ବୟସ ବୃଦ୍ଧିକୁ ରୋକିବ ଭିଟାମିନ୍ ଡି'



ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଭିଟାମିନ୍ ଡି କେବଳ ହାଡ଼କୁ ମଜଭୁତ କରି ନ ଥାଏ ବରଂ ବୟସ ବଢ଼ିବା ପ୍ରକ୍ରିୟାକୁ ମଧ୍ୟ ଧୀମା କରିଦିଏ। ଏହି ଗବେଷଣାରେ ହଜାରେରୁ ଅଧିକ ବୟସ୍କଙ୍କୁ ସାମିଲ କରାଯାଇଥିଲା। ଗବେଷଣାରୁ ଜଣାପଡ଼ିଥିଲା ଯେ, ଯେଉଁମାନଙ୍କ ଶରୀରରେ ଭିଟାମିନ୍ ଡି'ର ସ୍ତର ଭଲ ଥିଲା, ସେମାନଙ୍କ ବୟସ ବଢ଼ିବା ଗତି ଧିମା ଥିଲା। ଏହି ଗବେଷଣା ଆଣ୍ଟି ଏଜିଂ ପାଇଁ ଚିନ୍ତାରେ ଥିବା ଲୋକଙ୍କ ପାଇଁ ଏକ ଆଶାର କିରଣ ନେଇ ଆସିଛି। ଭିଟାମିନ୍-ଡି ଡିଏନ୍‌ଏକୁ ସୁରକ୍ଷିତ ରଖେ ଏବଂ ଟେଲୋମେରିସ୍ (କ୍ରୋମୋଜୋମର ଶେଷ ମୁଣ୍ଡରେ ଥିବା ଡିଏନ୍‌ଏ ଏବଂ ପ୍ରୋଟିନ୍‌ର ଏକ ସଂରଚନା) ର ଲମ୍ବ ବଜାୟ ରଖେ। ଯଦ୍ୱାରା ବୟସ ବଢ଼ିବା ପ୍ରକ୍ରିୟା ବାଧାପ୍ରାପ୍ତ ହୁଏ। ଗବେଷଣାରୁ ଏକଥା ବି ଜଣାପଡ଼ିଛି ଯେ, ଭିଟାମିନ୍ ଡି' ହାଡ଼କୁ ମଜଭୁତ ରଖେ, ଇମ୍ୟୁନୋ ସିଷ୍ଟମକୁ ସୁସ୍ଥ ରଖେ ଏବଂ ଅକ୍ସିଡେଟିଭ୍ ଷ୍ଟ୍ରେସ୍‌ରୁ କୋଷକୁ ରକ୍ଷା କରିଥାଏ। ଏହା ମଧୁମେହ, ହୃଦ୍‌ରୋଗ ଏବଂ କର୍କଟ ଭଳି ରୋଗରୁ ମଧ୍ୟ ସୁରକ୍ଷା ପ୍ରଦାନ କରିଥାଏ। ଭିଟାମିନ୍ ଡି' ନିତିଦିନ ନେବା ଦ୍ୱାରା ଶରୀରର ଇନ୍‌ଫ୍ଲାମେଟାରି ମେକାନିଜିମ୍‌କୁ ଧୀମା କରିଥାଏ। ଏହାଦ୍ୱାରା ଅଟୋଇମ୍ୟୁନୋ ରୋଗ ଏବଂ କାର୍ଡିଓଭସ୍କୁଲାର ସମସ୍ୟା ଆଶଙ୍କା ହ୍ରାସ ପାଏ। ତେବେ ଭାରତରେ ୬୦-୭୦ ପ୍ରତିଶତ ଲୋକଙ୍କଠାରେ ଭିଟାମିନ୍-ଡିର ଅଭାବ ଦେଖିବାକୁ ମିଳେ। ଭାରତୀୟଙ୍କୁ ନିୟମିତ ଭାବେ ଭିଟାମିନ୍ ଡି'ର ସ୍ତର ପରୀକ୍ଷା କରାଇବା ଦରକାର। ଯଦି ଏହା ୨୦ ନାନୋଗ୍ରାମ ପ୍ରତି ମିଲିଲିଟରରୁ କମ୍ ହୁଏ, ତେବେ ଭିଟାମିନ୍ ଡି' ସପ୍ଲିମେଣ୍ଟ ନେବା ଜରୁରି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦିଅନ୍ତି। ଡାକ୍ତରଙ୍କ ପରାମର୍ଶ କ୍ରମେ ବିଶେଷକରି ଗର୍ଭବତୀ ମହିଳା, ବୟସ୍କ ଓ ଛୋଟ ପିଲାମାନେ ଭିଟାମିନ୍ ଡି' ସପ୍ଲିମେଣ୍ଟ ନେବା ଉଚିତ। ତେବେ ଭିଟାମିନ୍ ଡି' ଅଧିକ ସେବନ କରିବା ଦ୍ୱାରା ଶରୀରରେ କ୍ୟାଲସିୟମ୍ ଅସନ୍ତୁଳନ ରହେ। ଏହା ବୃକ୍କ ଓ ହୃଦ୍‌ଯନ୍ତ୍ର ପାଇଁ କ୍ଷତିକାରକ ହୋଇଥାଏ। ତେଣୁ ସନ୍ତୁଳିତ ଆହାର ଓ ସୂର୍ଯ୍ୟକିରଣ ଏ ଲାଗି ସବୁଠୁ ଉପଯୋଗୀ। ବିଶେଷଜ୍ଞଙ୍କ ମତରେ, ଭିଟାମିନ୍ ଡି' ବୟସ ବଢ଼ିବା ପ୍ରକ୍ରିୟାକୁ ଧିମା କରିବା ସହ ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆଣେ। ଏହି ଗବେଷଣା ଆମେରିକାନ ଜର୍ଣ୍ଣାଲ ଅଫ୍ କ୍ଲିନିକାଲ ନ୍ୟୁଟ୍ରିସନରେ ପ୍ରକାଶ ପାଇଛି।

## ମଶାଶୂନ୍ୟ ଦେଶ

ମଣିଷ ପାଇଁ ବିଶ୍ୱର ସବୁଠୁ ବିପଜ୍ଜନକ କୀଟ ହେଉଛି ମଶା। ସାରା ବିଶ୍ୱ ଏହାର ବାସସ୍ଥାନ। ମଶା ଯୋଗୁ ପ୍ରତିବର୍ଷ ମ୍ୟାଲେରିଆ ଓ ଡେଙ୍ଗୁରେ ଆକ୍ରାନ୍ତ ହୋଇ ହଜାର ହଜାର ଲୋକ ପ୍ରାଣ ହରାଇଥାନ୍ତି। ତେଣୁ ମଶା ଦାଉରୁ ରକ୍ଷା ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଲୋକଙ୍କୁ ମଶାରୀ ଟାଣି ଶୋଇବାକୁ ପରାମର୍ଶ ଦିଅନ୍ତି। ଏପରି ସ୍ଥଳେ ମଶା ନ ଥିବା ସ୍ଥାନ କଳ୍ପନା କରିବା ଅସମ୍ଭବ। ହେଲେ ଏକ ଦେଶ ରହିଛି, ଯେଉଁଠି ଗୋଟିଏ ହେଲେ ମଶା ଦେଖିବାକୁ ମିଳନ୍ତିନି। ଉତ୍ତର ଆଟଲାଣ୍ଟିକ୍ ମହାସାଗରସ୍ଥିତ ଆଇସ୍‌ଲ୍ୟାଣ୍ଡରେ ଏଭଳି ଭିନ୍ନତା ଦେଖାଯାଇଥାଏ। ଏହା ବିଶ୍ୱର ଏକମାତ୍ର ସ୍ଥାନ ଯେଉଁଠି ମଶା ନାହାଁନ୍ତି। ବୈଜ୍ଞାନିକ ଓ ବିଶେଷଜ୍ଞମାନେ ଆଇସ୍‌ଲ୍ୟାଣ୍ଡରେ ମଶା ନ ଥିବା ପଛରେ ଅନେକ କାରଣ ଥିବା କହିଛନ୍ତି। ସବୁଠୁ ମୁଖ୍ୟ କାରଣ ହେଉଛି, ଏହାର ପାଣିପାଗ ଓ ଭୌଗୋଳିକ ଅବସ୍ଥିତି। ଏହାର ପଡ଼ୋଶୀ ଦେଶ ନରୱେ, ସ୍କଟ୍‌ଲ୍ୟାଣ୍ଡ, ଡେନ୍‌ମାର୍କ, ଗ୍ରୀନ୍‌ଲ୍ୟାଣ୍ଡରେ ବହୁ ପରିମାଣରେ ମଶା ଦେଖାଯାଉଥିବାବେଳେ ଆଇସ୍‌ଲ୍ୟାଣ୍ଡରେ ଗୋଟିଏ ହେଲେ ମଶା ନାହିଁ। ଏହାର ମୁଖ୍ୟ କାରଣ ହେଉଛି ସାମୁଦ୍ରିକ ଜଳବାୟୁ। ଏଠାରେ ମଶା କେବଳ ନାଚୁରାଲ ହିଷ୍ଟ୍ରି ମ୍ୟୁଜିୟମ୍‌ରେ ଦେଖିବାକୁ ମିଳିଥାନ୍ତି। ମ୍ୟୁଜିୟମ୍‌ରେ ଏକ ମଦ ଜାର୍‌ରେ ମଶାଗୁଡ଼ିକୁ ରଖାଯାଇଛି। ସେହିପରି ଆଇସ୍‌ଲ୍ୟାଣ୍ଡର ତାପମାତ୍ରା



ସବୁବେଳେ ଖୁବ୍ କମ୍ ରହିଥାଏ। ବିଶେଷ କରି ଶୀତଦିନେ ଏହା ଶୂନରୁ ତଳକୁ ଚାଲିଯାଏ। ମଶାଙ୍କ ପ୍ରଜନନ ପାଇଁ ସ୍ଥିର ଜଳ ସମେତ ଏକ ନିର୍ଦ୍ଦିଷ୍ଟ ତାପମାତ୍ରାର ଆବଶ୍ୟକତା ଥାଏ। ଅତ୍ୟଧିକ ଥଣ୍ଡା କାରଣରୁ ଏଠାରେ ଥିବା ପାଣି ଜମାଟ ବାନ୍ଧିଯାଏ। ଫଳରେ ମଶାର ଡିମ୍ବ(ଲାର୍ଭା) ଗୁଡ଼ିକ ଜୀବିତ ରହିପାରନ୍ତିନି। ସେହିଭଳି ଅନ୍ୟ ଦେଶଗୁଡ଼ିକରେ ତାପମାତ୍ରାରେ ପରିବର୍ତ୍ତନ ଯୋଗୁଁ ମଶା ସେମାନଙ୍କ ବଂଶ ବିସ୍ତାର କରିପାରନ୍ତି। ଆଇସ୍‌ଲ୍ୟାଣ୍ଡରେ କିନ୍ତୁ ଏହା ସମ୍ଭବ ନୁହେଁ। ସେହିପରି ଏଠାକାର ମାଟିର ରାସାୟନିକ ସଂରଚନା ମଧ୍ୟ ମଶାଙ୍କ ପାଇଁ କ୍ଷତିକାରକ ହୋଇଥାଏ। ଜଳବାୟୁ ପରିବର୍ତ୍ତନ ଯୋଗୁ ଭବିଷ୍ୟତରେ ଏହି ଦେଶ ମଶା ମୁକ୍ତ ରହିବା ଅସମ୍ଭବ ବୋଲି ବୈଜ୍ଞାନିକ ଓ ପରିବେଶବିତ୍‌ମାନେ କହିଛନ୍ତି। ତାପମାତ୍ରାରେ ସାମାନ୍ୟ ପରିବର୍ତ୍ତନ ହେଲେ ଏଠାରେ ମଶା ସେମାନଙ୍କ ବଂଶ ବିସ୍ତାର କରିଦେବେ ବୋଲି ପରିବେଶବିତ୍‌ମାନେ ଚେତାଇ ଦେଇଛନ୍ତି।




## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ଷାର ସମ୍ଭାବନା ଥିବାରୁ ଫସଲରେ ସାର ଓ କୀଟନାଶକ ପ୍ରୟୋଗ ସାମୂହିକ ସ୍ଥଗିତ ରଖନ୍ତୁ।
- ବର୍ଷା ଛାଡ଼ିଗଲା ପରେ ଗେଣ୍ଡୁ ଓ ଗୋଲାପରେ ନାଲି ବୁଢ଼ିଆଣୀ ଅଷ୍ଟପଦୀର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ସଲ୍‌ଫର ସେଚିତ ଗୁଣ୍ଡ କିମ୍ବା ୨ ମିଲି ପ୍ରୋପାରଜାଇଟ ମିଶାଇ ସିଞ୍ଚନ କରନ୍ତୁ।
- ଶୁଖିଲା ପାଗ ଦେଖି ମୁଗ ଏବଂ ବିରି ଫସଲରେ ପ୍ରାଥମିକ ଅବସ୍ଥାରେ ଜଉପୋକ ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ୍ ଆଜାଡ଼ିରାକଟିନ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ବାଇଗଣ ଫସଲରେ ଝାଉଁଳା ରୋଗର ପରିଚାଳନା ପାଇଁ ଜମିରୁ ପାଣି ନିଷ୍କାସନ ବ୍ୟବସ୍ଥା କରନ୍ତୁ। ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍ ସହିତ ୧ ମିଲି ଟେବୁକୋନାଜୋଲ ମିଶାଇ ଗଛ ମୂଳ ଏବଂ ମାଟିକୁ ଭଲ ଭାବେ ଭିଜାନ୍ତୁ।
- ଶୁଖିଲା ପାଗ ଦେଖି ଝୁଡ୍ଙ୍ଗରେ ଛୁଇଁ ବିନ୍ଧା ପୋକର ପରିଚାଳନା ପାଇଁ ଇମାମେକ୍ଟିକ ବେଞ୍ଜୋଏଟ୍ ୮୦ ଗ୍ରାମ୍ ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।



## ବନ୍ୟା ପ୍ରଭାବିତ ଫସଲର ଯତ୍ନ

**ଚାଷୀଙ୍କ ପାଇଁ ବର୍ଷା ବରଦାନ ସଦୃଶ । ହେଲେ ଲଗାଣ ଲଘୁଚାପ ଜନିତ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ହୋଇ ଫସଲ ପାଣିରେ ବୁଡ଼ି ରୁହେ। ଏହାଦ୍ୱାରା ଫସଲ ମୂଳ ପଚିସଢ଼ି ଯିବା ସହିତ ଫସଲ ନଷ୍ଟ ହୋଇଥାଏ। ତେଣୁ ବନ୍ୟା ପାଣି ଛାଡିଲା ପରେ ଫସଲର ଯତ୍ନ କିପରି ନେବେ ଜାଣିବା।**

ବନ୍ୟା ପାଣିରେ ଦୀର୍ଘ ସମୟ ପନିପରିବା ଫସଲ ବୁଡ଼ି ରହିଲେ ମୂଳ ପଚି ସଢ଼ିଯାଏ। ଏଥିରେ ଅମୃତଭଣ୍ଡା ଗଛ ଅଧିକ ପ୍ରଭାବିତ ହୁଏ। ତେଣୁ ପ୍ରଥମେ ଜମିରୁ ଜଳ ନିଷ୍କାସନ ବନ୍ଦୋବସ୍ତ କରିବା ଆବଶ୍ୟକ। ରୋଗପୋକ ଲକ୍ଷଣ ଅନୁଯାୟୀ ଔଷଧ ପ୍ରୟୋଗ କରିପାରିବେ।

**ଧାନ ଫସଲର ଯତ୍ନ:** ବର୍ତ୍ତମାନ ଧାନ ଫସଲ ଅଙ୍ଗୀୟ ବୃଦ୍ଧ ଅବସ୍ଥାରେ ରହିଛି। ୬ରୁ୭ ଦିନ ଧାନଫସଲ ପାଣିରେ ବୁଡ଼ି ରହିଲେ ଧାନ ଫସଲ ଆଂଶିକ ଭାବେ କ୍ଷତି ହେବ। ଦୀର୍ଘ ସମୟ ପାଣିରେ ଗଛ ବୁଡ଼ି ରହିବା ଦ୍ୱାରା ଗଛକୁ ଅମ୍ଳଜାନ ମିଳି ପାରିବନି। ଏହାଦ୍ୱାରା ପତ୍ର ହଳଦିଆ ପଡ଼ିବା ସହ ମୂଳ ସଢ଼ି ଶେଷରେ ଗଛଟି ମରିଯିବ। ପତ୍ରାଚ୍ଛଦ ପୋଡ଼ାରୋଗର ଅଧିକ ଆଶଙ୍କା ମଧ୍ୟ ଥାଏ। ତେଣୁ ବିଭିନ୍ନ ଉପାୟ ଆପଣାଇ ଜମିରୁ ନାଳୀ କାଟି ଜଳ ନିଷ୍କାସନ କରିବା ଜରୁରି।

ସେହିପରି ବନ୍ୟାପାଣି ଯୋଗୁଁ ଫସଲରେ କାଦୁଅ ପାଣି ବା ପଟୁ ବସିଯାଇଥାଏ। ତେଣୁ ବନ୍ୟା ପରେ ସୁବିଧା ଥିଲେ ପତ୍ର ସଫା କରିପାରିବେ। ହାଲୁକା ବର୍ଷା ହୋଇଗଲେ ପତ୍ର ସଫା ହୋଇ ଆଲୋକଶ୍ଳେଷଣ କରିପାରେ।

**ଗଛ ବୃଦ୍ଧି ପାଇଁ ପୋଷକତତ୍ତ୍ୱ:** ସାଧାରଣତଃ ବନ୍ୟାପାଣି ଯୋଗୁଁ ମାଟି ଧୋଇଯାଇଥାଏ। ଗଛ ବୃଦ୍ଧି ପାଇଁ ମାଟିର ଯବକ୍ଷାରଜାନ ତଥା ଗୁରୁତ୍ୱପୂର୍ଣ୍ଣ ପୋଷକତତ୍ତ୍ୱ ହ୍ରାସ ପାଏ । ଏହାଦ୍ୱାରା ପତ୍ର ହଳଦିଆ ପଡ଼ିଯାଏ। ଗଛ ବଢ଼ିବାରେ ସମସ୍ୟା ହୁଏ। ତେଣୁ ଫସଲ ପାଇଁ ଜରୁରି ପୋଷକତତ୍ତ୍ୱ ଉପଲବ୍ଧ କରାଇବା ଆବଶ୍ୟକ। ଏନେଇ ବନ୍ୟା ଛାଡ଼ିଯିବା ପରେ ପାଗ ଶୁଖିଲା ଦେଖି ୧୦୦ଲିଟର ପାଣିରେ ୨ କିଗ୍ରା ୟୁରିଆ ପକାଇ ପତ୍ର ସିଞ୍ଚନ କରିପାରିବେ। ସେହିପରି ୟୁରିଆର ପିଲସାର ଓ ଥୋଡ଼ସାର ପ୍ରତି ଏକର ପିଛା ୨୫ରୁ ୩୦ କିଗ୍ରା ପ୍ରୟୋଗ କରିବା ଦ୍ୱାରା ଗଛକୁ ଯବକ୍ଷାରଜାନ ମିଳିବ। ଗଛ ବୃଦ୍ଧି ପାଇବ।




## କମ୍ ଖର୍ଚ୍ଚରେ କୀଟ ନିୟନ୍ତ୍ରଣ

**ଯେକୌଣସି ଫସଲରେ କୀଟ ଲାଗିବା ଦ୍ୱାରା ଗଛର ବିକାଶ ହୁଏନି। ଫୁଲ ଫଳ ଆସିବାରେ ବାଧା ସୃଷ୍ଟି ହୁଏ। ଏନେଇ ଅଳ୍ପ ଖର୍ଚ୍ଚରେ ଜୈବିକ ଉପାୟରେ କୀଟ ନିୟନ୍ତ୍ରଣ କରିପାରିବେ। ଏହା ପରିବେଶ ଅନୁକୂଳ।**



- ଗଛ ପତ୍ର ଉପରେ ପୋକ ଲାଗିଥିଲେ ଏକ ଚାମଚ ସର୍ଫରେ ଚାରି କପ୍ ପାଣି ମିଶାଇ ଗଛ ମୂଳରେ କିମ୍ବା ପତ୍ର ସିଞ୍ଚନ କରିପାରିବେ। ସପ୍ତାହକୁ ଥରେ ଦୁଇଥର ସିଞ୍ଚନ କଲେ, ଏହା ଦ୍ୱାରା ଜଉପୋକ, ବୁଢ଼ିଆଣୀ, ଅଷ୍ଟପଦୀ କୀଟ ଦୂର ହୋଇଥାନ୍ତି।
- ନିମ୍ବପତ୍ରରେ ଆଣ୍ଟି ବ୍ୟାକ୍ଟେରିଆଲ ଓ ଆଣ୍ଟି ଫଙ୍ଗାଲ ଗୁଣ ଥିବାରୁ ଏହି ପତ୍ରକୁ ପାଣିରେ ଫୁଟାଇ ଥଣ୍ଡା କରି ସପ୍ତାହକୁ ଥରେ ଗଛ ମୂଳେ ପ୍ରୟୋଗ କରିପାରିବେ। ଏହା ଫଳମାଛି, ଜଉପୋକ ନିୟନ୍ତ୍ରଣ କରେ। ରସୁଣ କୋଳାକୁ ଛେଚି ଏହାକୁ ସିଧାସଳଖ ମାଟିରେ ପୋତି ପାରିବେ। ରସୁଣ ଛେଚା ପାଣିକୁ ସିଞ୍ଚନ କରିବା ଦ୍ୱାରା ଫସଲରୁ କୀଟ ନିୟନ୍ତ୍ରଣ ହୋଇଥାଏ।
- ତୁଳସୀ, ପୁଦିନା, ଜୁଆଣି ଜଡିବୁଟି ପତ୍ରକୁ ପାଣିରେ ଭିଜାଇ ଏହାକୁ ପତ୍ରସିଞ୍ଚନ କରିପାରିବେ। ଏହାର ସୁଗନ୍ଧରେ ଗଛରୁ ପୋକ ଦୂର ହୋଇଥାଏ।

## ପାଞ୍ଚରଙ୍ଗର ମକା



ଉତ୍ତରପ୍ରଦେଶ, ସହରାନପୁରର ସଞ୍ଜୀୟ ସେନି ଜମିରେ ସ୍ୱତନ୍ତ୍ର ପ୍ରକାର ମକା ଫଳାଇ ଏବେ ଚର୍ଚ୍ଚାରେ ରହିଛନ୍ତି। ତାଙ୍କ ଦ୍ୱାରା ଫଳା ଯାଇଥିବା ମକାଟି ପାଞ୍ଚ ରଙ୍ଗର। ଏହା ଯେତିକି ସ୍ୱାଦିଷ୍ଟ, ଦେଖିବାକୁ ମଧ୍ୟ ବହୁତ ଆକର୍ଷଣୀୟ। ଏହି ମକାକୁ ସଞ୍ଜୀୟ ମହାରାଷ୍ଟ୍ର ପୁଣେରୁ ଆଣି ସହରାନପୁରରେ ପରୀକ୍ଷଣ କରିଥିଲେ। ପ୍ରାୟତଃ ୧୦ଟି କିସମ ମଧ୍ୟରୁ ସେ ଏଠାରେ ପାଞ୍ଚଟି କିସମ ଲଗାଇଥିଲେ। ସେଥିରେ ସେ ସଫଳ ହେଲେ। ଏହି ମକାରେ ଅନେକ ପୋଷକତତ୍ତ୍ୱ ରହିଛି। ଏହା ସ୍ୱାସ୍ଥ୍ୟ ପାଇଁ ହିତକର। ସାଧାରଣ ମକାଠାରୁ ଏହା ପାଖାପାଖି ୫ ଗୁଣ ଅଧିକ ମହଙ୍ଗା। ଏହି କିସମ ମକା ଗଛର ଉଚ୍ଚତା ପାଖାପାଖି ୧୦ ଫୁଟରୁ ଉର୍ଦ୍ଧ୍ୱ ହେବ। ବିଶେଷ କଥା ହେଉଛି, ଏହି ମକାର ଅଟା ମଧ୍ୟ ରଙ୍ଗବେରଙ୍ଗ ହୋଇଥାଏ। ତେଣୁ ଆଗକୁ ସେ ଏହି ରଙ୍ଗବେରଙ୍ଗର ମକା ଅଧିକ ମାତ୍ରାର ଚାଷ କରିବାକୁ ଆଶା ରଖିଛନ୍ତି। ଏହାଦ୍ୱାରା ସ୍ଥାନୀୟ ଚାଷୀଙ୍କ ଆୟ ଦ୍ୱିଗୁଣିତ ହେବ ବୋଲି ସଞ୍ଜୀୟ କୁହନ୍ତି।

# ଏସିଆ କପ୍ କ୍ରିକେଟ ଆଜିଠାରୁ

## ରାତି ୮ରୁ ମ୍ୟାଚ୍ ଆରମ୍ଭ, ୧୪ରେ ଭାରତ-ପାକ୍ ମୁକାବିଲା

ଦୁବାଇ,୮।୯(ଏଜେନ୍ସି)

ୟୁଏଇରେ ଏସିଆ କପ୍ ପୁରୁଷ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆସନ୍ତାକାଲିଠାରୁ ଆରମ୍ଭ ହେବ। ଏହି ପ୍ରତିଯୋଗିତାରେ ଏସିଆର ଶ୍ରେଷ୍ଠ ୮ଟି ଦଳ ଟି-୨୦ ଫର୍ମାଟରେ ଖେଳିବେ। ଭାରତ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜକ ହୋଇଥିଲେ ମଧ୍ୟ ପାକିସ୍ତାନ ଖେଳିବାକୁ ନ ଆସିବାରୁ ନିରପେକ୍ଷ ଦେଶ ୟୁଏଇରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଉଛି। ପୂର୍ବରୁ ଏକାଧିକ ହାଇପ୍ରୋଫାଇଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାର ଅଭିଜ୍ଞତା ଥିବାରୁ ଭାରତ ଏହି ଭେନ୍ୟୁରେ ଆୟୋଜନ କରିବାକୁ ରାଜି ହୋଇଛି। ଏହା ଫଳରେ ଦୁବାଇ ଓ ଆବୁଧାବିରେ ଥିବା ଦୁଇଟି ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଆୟୋଜନ କରାଯିବ। ଏସିଆ କପ୍‌ର ପୂର୍ବସଂସ୍କରଣ ଦିନିକିଆ ଫର୍ମାଟରେ ଖେଳାଯାଇଥିଲା। ଆସନ୍ତାବର୍ଷ ଟି-୨୦ ବିଶ୍ୱକପ୍ ଖେଳାଯିବ। ଏଥିଲାଗି ଚଳିତ ସଂସ୍କରଣର ଏସିଆ କପ୍ ଟି-୨୦ ଫର୍ମାଟରେ ଖେଳିବାକୁ ଏସୀୟ କ୍ରିକେଟ କାଉନ୍ସିଲ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା।

### ଭାରତ-ପାକ୍ ଗୋଟିଏ ଗ୍ରୁପ୍‌ରେ

ଟୁର୍ଣ୍ଣାମେଣ୍ଟରେ ଭାଗନେଇଥିବା ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଏହା ମଧ୍ୟରୁ ଗ୍ରୁପ୍-ଏ’ରେ ଭାରତ, ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ୟୁଏଇ ଏବଂ ଓମାନ ସ୍ଥାନ ପାଇଛନ୍ତି। ସେହିପରି ଗ୍ରୁପ୍-ବି’ରେ ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ ଓ ହଂକଂ ସ୍ଥାନ ପାଇଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଦଳଗୁଡ଼ିକ ଥରେ ଲେଖାଏଁ ମ୍ୟାଚ୍ ଖେଳିବେ। ଏହା ମଧ୍ୟରୁ ଦୁଇ ଶ୍ରେଷ୍ଠ ଦଳ ଗୋଟିଏ ଗ୍ରୁପ୍ ହୋଇଥିବା ସୁପର-୪’କୁ ଉନ୍ନୀତ ହେବେ। ସୁପର-୪’ରେ ମଧ୍ୟ ଗୋଟିଏ ଦଳ ଅନ୍ୟସହ ଥରେ ଲେଖାଏଁ ଖେଳିବେ। ଏହା ପରେ ପଏଣ୍ଟ ତାଲିକାରେ ସ୍ଥାନ ପାଇଥିବା ଦୁଇ ଶ୍ରେଷ୍ଠ ଦଳ ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ।

### ୯ରେ ଆରମ୍ଭ, ୨୮ରେ ଫାଇନାଲ

ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୯ରୁ ଆରମ୍ଭ ହୋଇ ୨୮ରେ ଶେଷ ହେବ। ମଙ୍ଗଳବାର ଏହି ଟୁର୍ଣ୍ଣାମେଣ୍ଟ ଗ୍ରୁପ୍-ବି’ରେ ସ୍ଥାନ ପାଇଥିବା ଆଫଗାନିସ୍ତାନ ଓ ହଂକଂ ମୁକାବିଲାରୁ ଆରମ୍ଭ ହେବ। ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଗୁଡ଼ିକ ସେପ୍ଟେମ୍ବର ୧୯ରେ ଶେଷ ହେବ। ସେପ୍ଟେମ୍ବର ୨୦ରୁ ୨୬ ତାରିଖଯାଏ ସୁପର-୪ ମୁକାବିଲା ଖେଳାଯିବ। ୨୮ରେ ଫାଇନାଲ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ସ୍ଥାନ ପାଇଥିବା ଭାରତ ସେପ୍ଟେମ୍ବର ୧୦ରେ ପ୍ରଥମ ମ୍ୟାଚ୍ ୟୁଏଇ, ୧୪ରେ ଦ୍ୱିତୀୟ ମ୍ୟାଚ୍ ପାକିସ୍ତାନ ଓ ତୃତୀୟ ମ୍ୟାଚ୍ ଓମାନ ସହ ୧୯ରେ ଖେଳିବ। ଭାରତ-ଓମାନ ମୁକାବିଲାଟି ମଧ୍ୟ ଲିଗ୍ ପର୍ଯ୍ୟାୟରେ ଶେଷ ମ୍ୟାଚ୍ ହେବ।



ନୂଆ ହେୟାର ଷ୍ଟାଇଲ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା

**ଗ୍ରୁପ୍: ‘ଏ’** ଭାରତ, ପାକିସ୍ତାନ, ଓମାନ, ୟୁଏଇ।

**ଗ୍ରୁପ୍: ‘ବି’** ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ, ହଂକଂ।

### ରାତି ୮ଟାରୁ ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କରେ ପ୍ରସାରଣ

ଏହି ମେଗା ଇଭେଣ୍ଟର ଟେଲିଭିଜନରେ ପ୍ରସାରଣ ଲାଗି ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ ଅଧିକାର ହାସଲ କରିଛି। ଏହା ଛଡ଼ା ସୋନି ଲାଇଭ୍ ଆପ୍‌ରେ ମଧ୍ୟ ମ୍ୟାଚ୍‌ର ଲାଇଭ୍ ଷ୍ଟ୍ରିମିଂ ଦେଖାଯାଇପାରିବ। ହଟ୍‌ଷ୍ଟାରରେ ମଧ୍ୟ ଲାଇଭ୍ ଷ୍ଟ୍ରିମିଂ ଦେଖିବାକୁ ମିଳିବ ବୋଲି ସୂଚନା ମିଳିଛି।

ସେହିପରି ଭାରତୀୟ ସମୟ ରାତି ୮ଟାରୁ ମ୍ୟାଚ୍ ଆରମ୍ଭ ହେବ। ଏସିଆ କପ୍‌ରେ ମୋଟ ୧୯ଟି ମ୍ୟାଚ୍ ଖେଳାଯିବ। ଏହା ମଧ୍ୟରୁ ସେପ୍ଟେମ୍ବର ୧୫ରେ ଖେଳାଯିବାକୁ ଥିବା ଗ୍ରୁପ୍-ବି’ର ଓମାନ-ୟୁଏଇ ମୁକାବିଲା ଭାରତୀୟ ସମୟ ଅପରାହ୍ନ ୪ଟାରୁ ଆରମ୍ଭ। ଟୁର୍ଣ୍ଣାମେଣ୍ଟରେ ଏହି ଗୋଟିଏ ଦିନ ଡବଲ ହେଡର ମ୍ୟାଚ୍ ଖେଳାଯିବ। ରାତି ୮ଟାରୁ ଶ୍ରୀଲଙ୍କା ଓ ହଂକଂ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ଅନ୍ୟ ସମସ୍ତ ମ୍ୟାଚ୍‌ଗୁଡ଼ିକର ଆରମ୍ଭ ସମୟ ରାତି ୮ଟା ରଖାଯାଇଛି।

### ଏସିଆ କପ୍ ଖେଳସୂଚୀ

ସେପ୍ଟେମ୍ବର ୯-୨୮, ଦୁବାଇ ଓ ଆବୁଧାବି

| ତାରିଖ | ମୁକାବିଲା | ଭେନ୍ୟୁ |
|---|---|---|
| ୦୯।୯ | ଆଫଗାନିସ୍ତାନ-ହଂକଂ | ଆବୁଧାବି |
| ୧୦।୯ | ଭାରତ-ୟୁଏଇ | ଦୁବାଇ |
| ୧୧।୯ | ବାଂଲାଦେଶ-ହଂକଂ | ଆବୁଧାବି |
| ୧୨।୯ | ପାକିସ୍ତାନ-ଓମାନ | ଦୁବାଇ |
| ୧୩।୯ | ଶ୍ରୀଲଙ୍କା-ବାଂଲାଦେଶ | ଆବୁଧାବି |
| ୧୪।୯ | ଭାରତ-ପାକିସ୍ତାନ | ଦୁବାଇ |
| ୧୫।୯ | ୟୁଏଇ-ଓମାନ | ଆବୁଧାବି |
| ୧୫।୯ | ଶ୍ରୀଲଙ୍କା-ହଂକଂ | ଦୁବାଇ |
| ୧୬।୯ | ବାଂଲାଦେଶ-ଆଫଗାନିସ୍ତାନ | ଆବୁଧାବି |
| ୧୭।୯ | ପାକିସ୍ତାନ-ୟୁଏଇ | ଦୁବାଇ |
| ୧୮।୯ | ଶ୍ରୀଲଙ୍କା-ଆଫଗାନିସ୍ତାନ | ଆବୁଧାବି |
| ୧୯।୯ | ଭାରତ-ଓମାନ | ଆବୁଧାବି |
| ସୁପର-୪ ମୁକାବିଲା | | |
| ୨୦।୯ | ୧. ବି୧ ବନାମ ବି୨ | ଦୁବାଇ |
| ୨୧।୯ | ୨. ଏ୧ ବନାମ ଏ୨ | ଦୁବାଇ |
| ୨୩।୯ | ୩. ଏ୨ ବନାମ ବି୧ | ଦୁବାଇ |
| ୨୪।୯ | ୪. ଏ୧ ବନାମ ବି୨ | ଦୁବାଇ |
| ୨୫।୯ | ୫. ଏ୨ ବନାମ ବି୨ | ଦୁବାଇ |
| ୨୬।୯ | ୬. ଏ୧ ବନାମ ବି୧ | ଦୁବାଇ |
| ୨୮।୯ | ଫାଇନାଲ | ଦୁବାଇ |

## ଅଂଶୁମାନ ରଥ ଏକମାତ୍ର ଓଡ଼ିଆ



ବାମହାତୀ ସ୍ପିନର ପ୍ରଜ୍ଞାନ ଓଝାଙ୍କ ପରେ ଭାରତୀୟ କ୍ରିକେଟ ଦଳରେ ଓଡ଼ିଆ ଛାପ କିମ୍ବା ଓଡ଼ିଶାର ପ୍ରତିନିଧିତ୍ୱ ବନ୍ଦ ହୋଇଯାଇଛି। କିନ୍ତୁ ଓଡ଼ିଶା ପକ୍ଷରୁ ଦୁଇ ସିଜନ ଧରି ଭାରତର ଘରୋଇ କ୍ରିକେଟ ଖେଳିଥିବା ଅଂଶୁମାନ ରଥ ହଂକଂ ଦଳରେ ସ୍ଥାନ ପାଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ସେ ଏକମାତ୍ର ଓଡ଼ିଆ ଖେଳାଳି। କିନ୍ତୁ ଓଡ଼ିଶା ଦଳରେ ହେଉଥିବା ହୀନମନ୍ୟତା, ଅତ୍ୟାଚାର, କୋଚ୍‌ମାନଙ୍କ ଅଶୋଭନୀୟ ବ୍ୟବହାର, ବରିଷ୍ଠ କନିଷ୍ଠ ଖେଳାଳିଙ୍କ ବିବାଦ ମଧ୍ୟରେ ପେସି ହୋଇଯାଇଥିବା ଅଂଶୁମାନ ଖେଳ ଛାଡିଦେଇଥିଲେ। ଭୁବନେଶ୍ୱର ଏହି ବାସିନ୍ଦା ପ୍ରଥମେ ହଂକଂ ପକ୍ଷରୁ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିଲେ ଓ ପରେ ଏହାର ନେତୃତ୍ୱ ମଧ୍ୟ ନେଇଥିଲେ। ଏହା ପରେ ଭାରତରେ ବଡ଼ ଧରଣର କ୍ରିକେଟ କ୍ୟାରିୟର ଗଢ଼ିବାକୁ ଆସି ଚାପି ହୋଇଯିବା ପରେ କ୍ରିକେଟ ଖେଳ ଛାଡ଼ିବାକୁ ଚିନ୍ତାକରିଥିଲେ। ଏବେ ପୁଣିଥରେ ହଂକଂ ପକ୍ଷରୁ ଖେଳିବାକୁ ମନୋନୀତ ହେବା ସହ ଅନ୍ତର୍ଜାତୀୟ କ୍ରିକେଟରେ ଓଡ଼ିଶାର ପରିଚୟ ପ୍ରକାଶ କରିବାରେ ସମର୍ଥ ହୋଇଛନ୍ତି।

## ଅଗଷ୍ଟ ମାସର ଶ୍ରେଷ୍ଠ କ୍ରିକେଟର ଦୌଡ଼ରେ ସିରାଜ୍



ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ଭାରତୀୟ ଫାଷ୍ଟବୋଲର ମହମ୍ମଦ ସିରାଜ୍ ଆଇସିସି ପକ୍ଷରୁ ଅଗଷ୍ଟ ମାସ ପାଇଁ ଶ୍ରେଷ୍ଠ କ୍ରିକେଟର ପୁରସ୍କାର ପାଇଁ ସଂକ୍ଷିପ୍ତ ତାଲିକାରେ ରହିଛନ୍ତି। ଓଭାଲ୍‌ରେ ଘରୋଇ ଇଂଲଣ୍ଡ ବିପକ୍ଷ ୫ମ ତଥା ଅନ୍ତିମ ଟେଷ୍ଟମ୍ୟାଚ୍‌ରେ ତାଙ୍କ ମ୍ୟାଚ୍ ବିଜୟୀ ପ୍ରଦର୍ଶନ ପାଇଁ ସିରାଜ୍‌ଙ୍କୁ ଏହି ତାଲିକାରେ ଆଇସିସି ରଖିଛି। ତାଙ୍କ ସହ ଏହି ତାଲିକାରେ ନ୍ୟୁଜିଲାଣ୍ଡର ଫାଷ୍ଟବୋଲର ମ୍ୟାଟ୍ ହେନ୍‌ରି ଓ ୱେଷ୍ଟଇଣ୍ଡିଜ୍‌ର ପେସ୍ ବୋଲର ଜେଡେନ୍ ସିଲ୍ ମଧ୍ୟ ରହିଛନ୍ତି। ଭୋଟିଂ ମାଧ୍ୟମରେ ଅଗଷ୍ଟର ଶ୍ରେଷ୍ଠ କ୍ରିକେଟର ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯିବ। ଇଂଲଣ୍ଡରେ ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫି ଶୃଙ୍ଖଳାରେ ସିରାଜ୍? ଏକମାତ୍ର ଭାରତୀୟ ପେସ୍ ବୋଲର ଭାବେ ୫ଟିଯାକ ଟେଷ୍ଟ ଖେଳିଥିଲେ। ପୂରା ସିରିଜ୍‌ରେ ସେ ୧୮୫ରୁ ଅଧିକ ଓଭର ବୋଲିଂକରି ସର୍ବାଧିକ ୨୩ଟି ୱିକେଟ୍ ନେଇଥିଲେ। ଶୃଙ୍ଖଳାରେ ଭାରତ ୧-୨ରେ ପଛୁଆ ଥିବା ବେଳେ ଅନ୍ତିମ ଟେଷ୍ଟରେ ୯ଟି ୱିକେଟ ନେଇ ସିରାଜ୍ ଭାରତକୁ ଜିତାଇବା ସହ ଶୃଙ୍ଖଳା ୨-୨ରେ ଡ୍ର ରଖି ପାରିଥିଲେ। ସେ ଏହି ଟେଷ୍ଟରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଥିଲେ। ୨ଟି ଟେଷ୍ଟରେ ଯଶପ୍ରୀତ ବୁମ୍‌ରା ନ ଥିବା ବେଳେ ସିରାଜ୍ ଭାରତୀୟ ପେସ୍ ଆକ୍ରମଣର ନେତୃତ୍ୱ ନେଇଥିଲେ। ଜିମ୍ବାୱେ ବିପକ୍ଷ ୨ ମ୍ୟାଚ୍‌ର ଟେଷ୍ଟ ଶୃଙ୍ଖଳାରେ ୧୬ଟି ୱିକେଟ୍ ନେଇଥିବା ନ୍ୟୁଜିଲାଣ୍ଡର ଫାଷ୍ଟବୋଲର ମ୍ୟାଟ୍ ହେନ୍‌ରି ଏହି ତାଲିକାରେ ଅଛନ୍ତି। ହେନ୍‌ରି ମାତ୍ର ୯ ଆଭ୍‌ରେଜରେ ୧୬ଟି ୱିକେଟ୍ ନେଇ ଦଳକୁ ୨-୦ରେ ଶୃଙ୍ଖଳା ଜିତାଇଥିଲେ। ଅଗଷ୍ଟରେ ଦୀର୍ଘ ୩୪ ବର୍ଷ ପରେ ପାକିସ୍ତାନ ମାଟିରେ ୱେଷ୍ଟଇଣ୍ଡିଜ୍ ଦିନିକିଆ ଶୃଙ୍ଖଳା ଜିତିଥିଲା। ଏହି ଶୃଙ୍ଖଳାର ୨ୟ ମ୍ୟାଚ୍‌ରେ ସିଲ୍‌ସ ୩ଟି ଏବଂ ନିର୍ଣ୍ଣାୟକ ୩ୟ ତଥା ଅନ୍ତିମ ଦିନିକିଆରେ ସିଲ୍‌ସ ୧୮ ରନ୍‌ଦେଇ ୬ଟି ୱିକେଟ୍ ନେଇ ଜୀବନର ଶ୍ରେଷ୍ଠ ବୋଲିଂ ସଫଳତା ହାସଲ କରିଥିଲେ। ଏହି ମ୍ୟାଚ୍‌ରେ ପାକିସ୍ତାନ ମାତ୍ର ୯୨ ରନ୍‌ରେ ଅଲ୍‌ଆଉଟ୍ ହେବାରୁ ୱେଷ୍ଟଇଣ୍ଡିଜ ଦିନିକିଆ ଶୃଙ୍ଖଳା ଜିତି ପାରିଥିଲା।

## ମହିଳା ଏସିଆ କପ୍ ହକି ପୁଲ-ବି’ ଶୀର୍ଷରେ ଭାରତ



ହାଙ୍ଗଝୋଉ,୮।୯(ଏଜେନ୍ସି): ଦୁର୍ବଳ ସିଙ୍ଗାପୁରକୁ ୧୨-୦ ଗୋଲରେ ହରାଇ ଭାରତ ଏଠାରେ ଚାଲିଥିବା ମହିଳା ଏସିଆ କପ୍ ହକି ପ୍ରତିଯୋଗିତାର ପୁଲ-ବି’ରେ ଶୀର୍ଷସ୍ଥାନ ହାସଲ କରିଛି। ଏହା ଫଳରେ ନଂ-୧ ଦଳ ଭାବେ ଭାରତ ମଧ୍ୟ ସୁପର-୪’ରେ ପ୍ରବେଶ କରିଛି। ପୂର୍ବରୁ ପୁଲ-ବି’ରେ ଭାରତ ଖେଳିଥିବା ପ୍ରଥମ ମ୍ୟାଚ୍‌ରେ ଥାଇଲାଣ୍ଡକୁ ୧୧-୦ରେ ପରାସ୍ତ କରିଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ଜାପାନ ସହ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖିଥିଲା। ସିଙ୍ଗାପୁର ବିପକ୍ଷ ବୃହତ ବିଜୟରେ ଭାରତ ପକ୍ଷରୁ ମମ୍‌ତାଜ୍ ଖାନ୍ ଓ ନବନିତ ହ୍ୟାଟ୍ରିକ୍ ଗୋଲ ସ୍କୋର କରିଥିଲେ। ନେହା ୨ଟି, ଲାଲରେମସିଆମି, ଉଦିତା, ଶର୍ମିଳା ଓ ଋତୁଜା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ପୁଲ-ବି’ରେ ଭାରତ ୨ ବିଜୟ ଓ ୧ ଡ୍ର କରିବା ଫଳରେ ଜାପାନ ସହ ସମାନ ପଏଣ୍ଟ ସଂଗ୍ରହ କରିଥିଲା। କିନ୍ତୁ ଗୋଲ ବ୍ୟବଧାନରେ ଭାରତ ପ୍ରଥମ ଓ ଜାପାନ ଦ୍ୱିତୀୟ ସ୍ଥାନ ଅଧିକାର କରି ସୁପର-୪’ରେ ପ୍ରବେଶ କରିଥିଲେ। ସେହିପରି ପୁଲ-ଏ’ରେ ଆୟୋଜକ ଚୀନ୍ ୩ଟି ମ୍ୟାଚ୍‌ରୁ ୩ଟିରେ ବିଜୟ ସହ ପ୍ରଥମ ଓ ୨ଟି ବିଜୟ ସହ ଦକ୍ଷିଣ କୋରିଆ ଦ୍ୱିତୀୟ ସ୍ଥାନ ଅଧିକାର କରି ଦ୍ୱିତୀୟ ସ୍ଥାନରେ ରହି ସୁପର-୪’କୁ ପ୍ରବେଶ କରିଛନ୍ତି। ଭାରତ ସୁପର୍-୪ରେ ପ୍ରଥମ ମ୍ୟାଚ୍ ୧୦ରେ ଦକ୍ଷିଣ କୋରିଆ, ୧୧ରେ ଚୀନ ଓ ୧୩ରେ ଜାପାନ ସହ ଖେଳିବ।

● ଓଡ଼ିଶା ପିକଲ୍‌ବଲ୍ ଓପନ ଉଦ୍‌ଯାପିତ

## ପ୍ରସିଦ୍ଧି ପୋଦ୍ଦାରଙ୍କୁ ତ୍ରିମୁକୁଟ





ଭୁବନେଶ୍ୱର,୮।୯(ସମିସ): ଓଡ଼ିଶା ପିକଲବଲ ସଂଘ ଓ ଭାରତୀୟ ପିକଲବଲ ମହାସଂଘର ମିଳିତ ଆନୁକୂଲ୍ୟରେ ଓଡ଼ିଶା ଓପନ ପିକଲବଲ ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଶତାଧିକ ପ୍ରତିଯୋଗୀ ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିବାରୁ ରାଜ୍ୟରେ ଏହାର ଲୋକପ୍ରିୟତା ବୃଦ୍ଧିପାଇଥିବା ଜଣାଯାଇଛି। ମହିଳା ଖେଳାଳି ପ୍ରସିଦ୍ଧି ପୋଦ୍ଦାର ଏହି ଟୁର୍ଣ୍ଣାମେଣ୍ଟରେ ମହିଳା ଓପନ ସିଙ୍ଗଲ୍ସ, ଡବଲ୍ସ ଓ ୧୮ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ ଚାମ୍ପିଅନ ହୋଇ ତ୍ରିମୁକୁଟ ହାସଲ କରିଛନ୍ତି। ପୁରୁଷ ବିଭାଗ ଓପନ ସିଙ୍ଗଲସରେ ସୁମିତ ପଣ୍ଡା ଓ ଅଂଶୁମାନ ବାବୁ, ଡବଲ୍ସରେ ଐଶ୍ୱଜିତ ଶାହା-ଅଂଶୁମାନ ବାବୁ ଓ ରୋହନ ମିଶ୍ର-ରାଜେଶ ପ୍ରଧାନ, ମହିଳା ଓପନ ସିଙ୍ଗଲ୍ସରେ ପ୍ରସିଦ୍ଧି ପୋଦ୍ଦାର ଓ ସ୍ୱୀକୃତି ଦାଶ, ଡବଲ୍ସରେ ସ୍ନେହା ଗର୍ଗ-ପ୍ରସିଦ୍ଧି ପୋଦ୍ଦାର ଓ ଅନିଶା ପାଣିଗ୍ରାହୀ-ଆଲିସ ମହାନ୍ତିଙ୍କ ଯୋଡି ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଛନ୍ତି। ୧୮ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ହର୍ନେକ ସିଂହ ଓ ଅକ୍ଷଜ କୁମାର, ବାଳିକା ସିଙ୍ଗଲ୍ସରେ ଅନିଶା ପାଣିଗ୍ରାହୀ ଓ ଆୟୁଷୀ ରାୟ, ପୁରୁଷ ଓପନ ମିକ୍ସଡ ଡବଲ୍ସରେ ଐଶ୍ୱଜିତ ଶାହା-ପ୍ରସିଦ୍ଧି ପୋଦ୍ଦାର ଓ ଅଂଶୁମାନ ବାବୁ-ଅନିଶା ପାଣିଗ୍ରାହୀଙ୍କ ଯୋଡି ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଥିଲେ। ୪୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ ବିଭାଗରେ ଆନନ୍ଦ ପୋଦ୍ଦାରଙ୍କୁ ହରାଇ ଦିଲୀପ ମହାନ୍ତି ଟାଇଟଲ ଜିତିଥିଲେ।

● କ୍ଲବ୍ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ

## ବରିଷ୍ଠ ବିଭାଗରେ ଅନୁପମା ଓ ଆଶିଷ ଶ୍ରେଷ୍ଠ





ଭୁବନେଶ୍ୱର,୮।୯(ସମିସ): ତୃତୀୟ ରାଜ୍ୟ କ୍ଲବ୍ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ମହିଳା ବିଭାଗରେ ଅନୁପମା ସ୍ୱାଇଁ ଓ ପୁରୁଷ ବିଭାଗରେ ଆଶିଷ ସାହୁ ଶକ୍ତିଶାଳୀ ମହିଳା ଓ ପୁରୁଷ ବିବେଚିତ ହୋଇଛନ୍ତି। ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ଓ ଉତ୍କଳ କରାଟେ ସ୍କୁଲ୍‌ର ମିଳିତ ସହଯୋଗରେ ୩ ଦିନ ଧରି ଆୟୋଜିତ ଏହି ପ୍ରତିଯୋଗିତାରେ ଆୟୋଜକ ଉତ୍କଳ କରାଟେ ସ୍କୁଲ୍ ୧୯ଟି ସ୍ୱର୍ଣ୍ଣ ସହ ପ୍ରଥମ, ଫିଟ୍‌ନେସ ମନ୍ତ୍ରା ୫ ସ୍ୱର୍ଣ୍ଣ ସହ ଦ୍ୱିତୀୟ ଓ ଡି ଜିମ୍ ୩ ସ୍ୱର୍ଣ୍ଣ ସହ ତୃତୀୟ ସ୍ଥାନ ଅଧିକାର କରିଥିଲା। ପ୍ରତିଯୋଗିତା ଶେଷରେ ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି, ସ୍ୱନସର ୱାର୍ଲ୍ଡ ଅଫ୍ ନ୍ୟୁଟ୍ରିସନର ଏମ୍‌ଡି ବିଜୟକୁମାର ମିଶ୍ର, ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ଡଃ ହରିପ୍ରସାଦ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ସ୍କୁଲ ଓପନ ଚେସ୍ : ସତ୍ୟମ ସ୍ୱରୂପ ଚାମ୍ପିଅନ




ଭୁବନେଶ୍ୱର,୮।୯(ସମିସ): କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ସ୍ୱରୂପ ସାହୁ ଡିଏଭି ପୋଖରୀପୁଟ ଆନୁକୂଲ୍ୟରେ ଅନୁଷ୍ଠିତ ଦ୍ୱିତୀୟ ରାଜ୍ୟ ସ୍କୁଲ୍ ଚେସ୍ ଚାମ୍ପିଅନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ସତ୍ୟମ ଓ ଭୁବନେଶ୍ୱର କେଭି ନଂ-୧ର ସ୍ୱସ୍ତିକ ତ୍ରିପାଠୀ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ବୁକୋଲଜ୍‌ରେ ସତ୍ୟମ ପ୍ରଥମ ହୋଇ ଚାମ୍ପିଅନ ଓ ସ୍ୱସ୍ତିକ ଦ୍ୱିତୀୟସ୍ଥାନରେ ରହି ରନର୍ସ ଅପ୍ ହୋଇଥିଲେ। ନୟାପଲ୍ଲୀ ନାରାୟଣ ଇ-ଟେକ୍ନୋ ସ୍କୁଲ୍‌ର ଆୟାବନ୍ତ ମହାନ୍ତି ତୃତୀୟ, ଏପିଜେ ସ୍କୁଲ୍‌ର ପ୍ରାଂଶୁ ସାହୁ ଚତୁର୍ଥ ଓ ୟୁନିଟ୍ ୮ ଡିଏଭିର ଆକର୍ଷ ପ୍ରକାଶ ୫ମ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରତିଯୋଗିତାକୁ ଡିଏଭି ପୋଖରୀପୁଟର ଅଧ୍ୟକ୍ଷ ବିପିନ ସାହୁ ଉଦ୍‌ଘାଟନ କରିଥିଲାବେଳେ ସ୍କୁଲ୍‌ର ଶିକ୍ଷକମାନେ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

ୟୁଏସ୍ ଓପନ୍ ଟେନିସ୍

## ଟାଇଟଲ ସହ ଆଲ୍‌କାରାଜ୍ ବିଶ୍ୱର ନଂ-୧

ନ୍ୟୁୟର୍କ,୮।୯(ଏଜେନ୍ସି)

ସ୍ପେନର୍ ଯୁବ ଟେନିସ ତାରକା କାର୍ଲୋସ ଆଲକାରାଜ ଚଳିତବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନ୍‌ରେ ଏଥର ବାଜି ମାରିଛନ୍ତି। ରବିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ପୁରୁଷ ଏକକ ଫାଇନାଲ ମୁକାବିଲାରେ ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ଆଲ୍‌କାରାଜ୍ ୬-୨, ୩-୬, ୬-୧, ୬-୪ ସେଟ୍‌ରେ ଟପ୍ ସିଡ୍ ଇଟାଲୀର ୟାନିକ ସିନରଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ଏଥିସହ ୨୨ ବର୍ଷୀୟ ଆଲାକାରାଜ ୟୁଏସ୍ ଓପନ୍‌ରେ ଦ୍ୱିତୀୟ ଓ କ୍ୟାରିଅରର ଷଷ୍ଠ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ସେ ଏହା ପୂର୍ବରୁ ୨୦୨୨ରେ ଚାମ୍ପିଅନ ହୋଇଥିଲେ। ପୂର୍ବରୁ ସେ ସେମିରେ ୭ମ ସିଡ୍ ଅଭିଜ୍ଞ ସର୍ବିୟ ଖେଳାଳି ନୋଭାକ ଜୋକୋଭିଚ୍‌ଙ୍କୁ ୬-୪, ୭-୬, ୬-୨ ସିଧାସଳଖ ସେଟ୍‌ରେ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଥିଲେ। ଅନ୍ୟପଟେ ସିନର ୬-୧, ୩-୬, ୬-୩, ୬-୪ ସେଟ୍‌ରେ ୨୫ତମ ସିଡ୍ କାନାଡାର ଫେଲିକ୍ସ ଅଗୁର-ଆଲିଆଜିମଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ଆଲକାରାଜ ଏଥିସହ ଦୁଇଥର ଲେଖାଏଁ ଫ୍ରେଞ୍ଚ୍ ଓପନ୍ (୨୦୨୪,୨୦୨୫), ୱିମ୍ବଲଡନ (୨୦୨୩-୨୦୨୪) ଓ ୟୁଏସ୍ ଓପନ (୨୦୨୨, ୨୦୨୩) ଟାଇଟଲ ହାସଲ କରିଛନ୍ତି। କ୍ୟାରିଅରରେ ସେ ମୋଟ୍ ଉପରେ ୨୩ତମ ଟାଇଟଲ ହାସଲ କରିଛନ୍ତି।



ଫାଇନାଲ ମ୍ୟାଚରେ ଶେଷ ପର୍ଯ୍ୟନ୍ତ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ପ୍ରଥମ ସେଟ୍‌ରେ ଆଲକାରାଜ, ଦ୍ୱିତୀୟରେ ସିନର, ତୃତୀୟ ଓ ଚତୁର୍ଥରେ ପୁଣି ଆଲକାରାଜ ଜିତି ଟାଇଟଲ ହାସଲ କରିଥିଲେ। ଏହି ବିଜୟ ସହ ସେ ଏଟିପି ର୍‍ୟାଙ୍କିଙ୍ଗ୍‌ରେ ସିନରଙ୍କୁ ହଟାଇ ବିଶ୍ୱର ନଂ୧ ସ୍ଥାନ ହାସଲ କରିଛନ୍ତି। ଅବଶ୍ୟ ପୂର୍ବରୁ ସେ ୨୦୨୩ରେ ନଂ୧ ସ୍ଥାନ ହାସଲ କରିଥିଲେ ଓ ୫ମଥର ପାଇଁ ର୍‍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନ ଦଖଲ କରିଛନ୍ତି। ଏହାପୂର୍ବରୁ ସେ ମୋଟ୍ ଉପରେ ୩୬ ସପ୍ତାହ ଧରି ନଂ୧ ସ୍ଥାନରେ ରହିଥିଲେ। ଚଳିତ ବର୍ଷ ତୃତୀୟଥର ପାଇଁ ଅଲକାରାଜ ଓ ସିନର ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟରେ ମୁହାଁମୁହିଁ ହୋଇଥିଲେ। ଗତ ଜୁନ୍‌ରେ ଆଲକାରାଜ ସିନରଙ୍କୁ ହରାଇ ଫ୍ରେଞ୍ଚ୍ ଓପନ୍ ଟାଇଟଲ ଜିତିଥିଲେ। ସେହିପରି ଜୁଲାଇରେ ସିନର ୱିମ୍ବଲଡନ ଫାଇନାଲରେ ଆଲକାରାଜଙ୍କୁ ହରାଇ ଟାଇଟଲ ଜିତିଥିଲେ। ଗତ ୮ଟି ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟରେ ଏହି ଦୁଇ ଖେଳାଳି ପତିଆରା ଜାହିର କରି ଆସିଛନ୍ତି। ସେହିପରି ସିନର ଫାଇନାଲ ଖେଳିବା ସହ ଏକ ବିରଳ ସଫଳତା ଅର୍ଜନ କରିଛନ୍ତି। ସେ ବିଶ୍ୱର ଚତୁର୍ଥ ଖେଳାଳି ଭାବେ ଗୋଟିଏ ବର୍ଷରେ ୪ଟି ଗ୍ରାଣ୍ଡସ୍ଲାମର ଫାଇନାଲ ଖେଳିବାର ଗୌରବ ଅର୍ଜନ କରିଛନ୍ତି। ତାଙ୍କ ପୂର୍ବରୁ ରଡ ଲିଭର (୧୯୬୯), ରୋଜର ଫେଡରର (୨୦୦୬, ୨୦୦୭, ୨୦୦୮) ଓ ଜୋକୋଭିଚ୍ (୨୦୧୫, ୨୦୨୧, ୨୦୨୩) ଏହି ସଫଳତା ହାସଲ କରିଥିଲେ। ସେହିପରି ଆଲକାରାଜ ମଧ୍ୟ ଏକ ରେକର୍ଡରୁ ବଞ୍ଚିତ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ସେ ମାତ୍ର ଗୋଟିଏ ସେଟ୍‌ରେ ହାରି ଟାଇଟଲ ଜିତିଥିଲେ। ଫାଇନାଲରେ ସିନରଙ୍କଠାରୁ ଦ୍ୱିତୀୟ ସେଟ୍‌ରେ ହାରି ନ ଥିଲେ ସେ ବିଶ୍ୱର ପ୍ରଥମ ଖେଳାଳି ଭାବେ କୌଣସି ସେଟ୍ ଡ୍ରପ୍ ନ କରି ଟାଇଟଲ ଜିତିବାରେ ରେକର୍ଡ କରିଥାନ୍ତେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS